# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ମେ ୧୦/୨୦୧୯ (୧୬ ପୃଷ୍ଠା) | Balasore, Friday, May 10/2019 | ★★★★

୪୫ଶ ଭାଗ ୧୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**'ହାଉସ୍‌ଫୁଲ୍ ୪'ରେ ନୱାଜୁଦ୍ଦିନ୍ ସିଦ୍ଦିକି**

'ହାଉସ୍‌ଫୁଲ୍-୪'ରେ ଅଭିନେତା ନୱାଜୁଦ୍ଦିନ୍ ସିଦ୍ଦିକିଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ସିଦ୍ଦିକି ୬ ସାଥୀ କଳାକାରଙ୍କ ସହ ଗୀତ ଶୁଟ୍ କରିବେ। ୦୨

୧୫ **ଶ୍ରୀୟଙ୍କାଙ୍କୁ ସ୍ୱର୍ଣ୍ଣ ପଦକ**

ଓଡ଼ିଶାର ଶ୍ରୀୟଙ୍କା ଷଡ଼ଙ୍ଗୀ ୨ଟି ଅନ୍ତର୍ଜାତୀୟ ଶୁଟିଂ ପ୍ରତିଯୋଗିତାରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି।



# ଉଜୁଡ଼ିଗଲା ୧.୫୨ ଲକ୍ଷ ହେକ୍ଟର ଫସଲ

**ଭୁବନେଶ୍ୱର, ୯।୫(ବ୍ୟୁରୋ)**

- କ୍ଷତି ଭରଣା ପାଇଁ ୧୪୫.୪୫ କୋଟି ଲୋଡ଼ା
- ନଡ଼ିଆ, ଆମ୍ବ, କଦଳୀ, କାଜୁ ବରବାଦ
- ସବୁ ଟେଲିକମ୍ ନେଟ୍‌ୱର୍କକୁ ଶେୟାର କରିପାରିବେ ଉପଭୋକ୍ତା
- ୧୨ରେ ସମସ୍ତଙ୍କୁ ବିଜୁଳି

**'ଫନୀ' ଚୋଟ**

**୧୫** ରେ କୋଣାର୍କରେ ଜଳିବ ଆଲୁଅ

**୮୭** ହଜାର ଉପଭୋକ୍ତାଙ୍କୁ ଭୁବନେଶ୍ୱରରେ ମିଳିଲା ବିଜୁଳି

ବାତ୍ୟା 'ଫନୀ' ୧୪ ଜିଲାର ୬୮ ବ୍ଲକରେ ୧ ଲକ୍ଷ ୫୨ ହଜାର ୯୮୫ ହେକ୍ଟର ଫସଲ ଉଜାଡି ଦେଇଛି। ସେଥିରୁ ୩୬ ହଜାର ୮୯୮ ଜଳସେଚିତ ଓ ୭୨ ହଜାର ୭୮୬ ଅଣ ଜଳସେଚିତ ଜମିରେ ଶସ୍ୟ ହାନି ହୋଇଛି। ବାତ୍ୟା ମାଡରେ ୩୩ ପ୍ରତିଶତରୁ କମ ୧ ଲକ୍ଷ ୨୧ ହଜାର ୯୬୧ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି। ଏହାଛଡା ନଡିଆ, ଆମ୍ବ, କଦଳୀ, କାଜୁ, ପାନବରଜ ଓ ଅନ୍ୟାନ୍ୟ ବାରମାସି ଫସଲ ୧୨ ହଜାର ୭୭୭ ହେକ୍ଟର ନଷ୍ଟ ହୋଇଛି। ଏହି କ୍ଷତି ଭରଣା ପାଇଁ ୧୪୫.୪୫ କୋଟି ଟଙ୍କାର ଆବଶ୍ୟକତା ରହିଛି। କୃଷି ଓ ରାଜସ୍ୱ ବିଭାଗ ଦ୍ୱାରା କରାଯାଇଥିବା ଯୁଗ୍ମ ପ୍ରାଥମିକ ଆକଳନ ରିପୋର୍ଟ ତଥ୍ୟରୁ ଏହା ଜଣାପଡିଛି।

ବାତ୍ୟା ମାଡରେ ଛାରଖାର ହୋଇଯାଇଥିବା ବିଦ୍ୟୁତ୍ ବ୍ୟବସ୍ଥାରେ ସୁଧାର ଆସିଛି। ଅନ୍ୟ ଜିଲାଗୁଡିକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିବା ବେଳେ ପୁରୀ ଓ ଖୋର୍ଦ୍ଧା ଜିଲାରେ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ ଜୋରଦାର ଚାଲିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଭୁବନେଶ୍ୱରର ୮୦ ପ୍ରତିଶତ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ଦିଆଯିବ। ୧୨ ତାରିଖରେ ଭୁବନେଶ୍ୱର ସହରାଞ୍ଚଳର ସମସ୍ତ ଅଞ୍ଚଳକୁ ଶତ ପ୍ରତିଶତ ବିଦ୍ୟୁତ୍ ଯୋଗାଇ ଦିଆଯିବ। ଏଭଳି ପ୍ରତିଶ୍ରୁତି ଦେଇଛି ଶକ୍ତି ବିଭାଗ। ରାଜଧାନୀରେ ଗୁରୁବାର ସୁଦ୍ଧା ୮୭ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି।

ବାତ୍ୟା ଯୋଗୁ ପୁରୀ ସହରର ବିଦ୍ୟୁତ୍ ଭିତ୍ତିଭୂମି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏହାକୁ ସଜାଡିବାକୁ ଅନେକ ସମୟ ଲାଗି ଯିବ। ତେବେ ପୁରୀ ବଡଦାଣ୍ଡ ଓ ହସ୍ପିଟାଲକୁ ମେ ୧୨ ତାରିଖରେ ବିଦ୍ୟୁତ୍ ସଂଯୋଗ ହେବ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ ସୂଚନା ଦେଇଛନ୍ତି।

ଗୁରୁବାର ସନ୍ଧ୍ୟା ସୁଦ୍ଧା ସେସୁ ଅଧୀନରେ ଥିବା ବିସିଡିଡି-୧ର ୪୬ଟି ୧୧ କେଭି ଫିଡରରୁ ୩୭ଟି କାର୍ଯ୍ୟକ୍ଷମ ହୋଇଥିବା ବେଳେ ବିସିଡିଡି-୨ର ୬୬ଟି ଫିଡରରୁ ୨୯ଟିରେ ବିଦ୍ୟୁତ୍ ଯୋଗାଣ କରାଯାଇଛି। ସେହିପରି ବିଇଡି ଡିଭିଜନର ୩୭ଟି ଫିଡରରୁ ୧୫ଟି ଚାଲୁ କରାଯାଇଛି। ମାତ୍ର ପୁରୀ ସହରରେ ଏ ପର୍ଯ୍ୟନ୍ତ କୌଣସି ସ୍ଥାନକୁ ବିଦ୍ୟୁତ୍ ସଂଯୋଗ ହୋଇ ନାହିଁ। ଆସନ୍ତା ୧୨ ତାରିଖରୁ ପ୍ରଥମକରି ପୁରୀ ବଡଦାଣ୍ଡ ଓ ହସ୍ପିଟାଲ ଏବଂ ୧୫ ତାରିଖରେ କୋଣାର୍କକୁ ବିଦ୍ୟୁତ୍ ଯୋଗାଣ ଆରମ୍ଭ ହେବ ବୋଲି ସିଂ ସୂଚନା ଦେଇଛନ୍ତି। ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ପୁରୀରେ ୧୭୫ ଗ୍ୟାଙ୍ଗ ଲାଗିଛନ୍ତି। ସେହିପରି ଖୋର୍ଦ୍ଧାରେ ୧୦୦ ଗ୍ୟାଙ୍ଗ ପୁନରୁଦ୍ଧାର କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ଗ୍ୟାଙ୍ଗରେ ୧୦ଜଣ କର୍ମଚାରୀ ଓ ଜଣେ ଅଫିସର ନିୟୋଜିତ ହୋଇଛନ୍ତି। ଆହୁରି ୩୦୦ ଗ୍ୟାଙ୍ଗ ବିଭିନ୍ନ ରାଜ୍ୟ ଆନ୍ଧ୍ର, ପଶ୍ଚିମବଙ୍ଗ, ତେଲେଙ୍ଗାନାରୁ ଆସି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଘରୋଇ ଉପଭୋକ୍ତାଙ୍କୁ ଏହି କାର୍ଯ୍ୟରେ ସହାୟତା ପାଇଁ ଆଇଟିଆଇ ଏବଂ ପଲିଟେକ୍‌ନିକ୍ ଛାତ୍ରୀଛାତ୍ରମାନଙ୍କୁ ଶୁକ୍ରବାରଠାରୁ ନିୟୋଜିତ କରାଯିବ ବୋଲି ସିଂ କହିଛନ୍ତି। ସମସ୍ତ ଘରୋଇ ହସ୍ପିଟାଲକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଭୂତଳ କେବୁଲ ଯୋଗୁ ବିଦ୍ୟୁତ ଯୋଗାଇବାରେ ସହଜ ହୋଇଛି ଏବଂ ଅଧିକ ଅଞ୍ଚଳକୁ ଯୋଗାଣ ଆରମ୍ଭ ହୋଇଛି। କଟକ ସହରରେ ୧୦୦ ପ୍ରତିଶତ ବିଦ୍ୟୁତ୍ ଯୋଗାଣ କରାଯାଇଛି। ଆସନ୍ତା ୧୪ ତାରିଖ ସୁଦ୍ଧା ଜଗତପୁର ଶିଳ୍ପାଞ୍ଚଳକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ।

ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ସୁଧାର ଆସିଛି। ପୁରୀରେ ୨୩୯ଟି ବ୍ୟାଙ୍କ ଶାଖାରୁ ୬୦ଟି ଶାଖା କାର୍ଯ୍ୟ କରୁଛି। ୨୭୩ଟି ଏଟିଏମ୍‌ରୁ ୨୦ଟି କାର୍ଯ୍ୟକ୍ଷମ ରହିଛି। କଟକରେ ୪୨୨ରୁ ୨୬୦ଟି ବ୍ୟାଙ୍କ ଓ ୫୯୩ ଏଟିଏମ୍‌ରୁ ୧୬୨ଟି ଚାଲୁ ରହିଛି। ସେହିପରି ଖୋର୍ଦ୍ଧାରେ ୭୦୭ ବ୍ୟାଙ୍କ ଶାଖାରୁ ୭୨ଟି କାର୍ଯ୍ୟ କରୁଥିବା ବେଳେ ୧୧୬୪ ଏଟିଏମ୍‌ରୁ ୧୯୭ଟି କାର୍ଯ୍ୟକ୍ଷମ ଅଛି। ଜଗତ୍‌ସିଂହପୁରରେ ☞ପୃଷ୍ଠା-୪



ଫନୀ ପ୍ରଭାବରେ ଭୁବନେଶ୍ୱର ଉପକଣ୍ଠ ପାଣ୍ଡରା ରୋଡ୍ ନିକଟରେ ଭାଙ୍ଗି ପଡ଼ିଥିବା ବିଦ୍ୟୁତ୍ ଟାୱାରର ମରାମତି କାର୍ଯ୍ୟ ଚାଲିଛି।

# ଆଖି ବୁଜିଲେ ବଳାତ୍କାର ପୀଡ଼ିତା ନାବାଳିକା

**ମାଲକାନଗିରି,(ସ୍ୱ.ପ୍ର.)/ ଭୁବନେଶ୍ୱର, ୯।୫ (ବ୍ୟୁରୋ)**

ଶେଷରେ ହାରିଗଲେ ମାଲକାନଗିରି ଜିଲା ଗୋବିନ୍ଦପାଲି ପୀଡିତା। ସେ ଦୀର୍ଘ ୨ ମାସ ଧରି ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସାଧୀନ ଥିଲେ ସେ। ନ୍ୟାୟ ପାଇଁ ଯୁଝିଯୁଝି ସେ ଆଖି ବୁଜିଲେ। ତାଙ୍କ ମୃତ୍ୟୁ ପ୍ରଶାସନିକ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଇଛି। ଖବରରୁ ଜଣାପଡିଛି ମାଲକାନଗିରି ଜିଲା ଗୋବିନ୍ଦପାଲି କଲେଜରେ ଅଧ୍ୟୟନ କରୁଥିବା ସମ୍ପୃକ୍ତା ନାବାଳିକାଙ୍କୁ କଲେଜର ଜଣେ ଅଧ୍ୟାପକ ପରୀକ୍ଷାରେ ଅଧିକ ମାର୍କ ଦେବାର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ତାଙ୍କ ସହ କେତେ ଜଣ ଛାତ୍ର ମଧ୍ୟ ଏଥିରେ ଜଡିତ ଥିଲେ। ନାବାଳିକାଙ୍କ ପରିବାର ଏନେଇ ମାଥିଲି ଥାନାରେ ଅଭିଯୋଗ କରିବା ପରେ ଅଧ୍ୟାପକ ଜଣକ ସେତେବେଳେ ଗିରଫ ହୋଇଥିଲେ। ମାତ୍ର ସମ୍ପୃକ୍ତ ଛାତ୍ରମାନେ ଆଗୁଆ ଜାମିନ ଆଣି ଗିରଫରୁ ବର୍ତ୍ତି ଯାଇଥିଲେ। ବର୍ତ୍ତମାନ ଏହି ମାମଲା କୋର୍ଟରେ ବିଚାରାଧୀନ ରହିଛି। ମାମଲାରେ ୨୭ ଜଣ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ଏପରି ସ୍ଥଳେ ପ୍ରଶାସନିକ ଓ ନ୍ୟାୟିକ ବ୍ୟବସ୍ଥା ପ୍ରତି ବୀତସ୍ପୃହ ହୋଇ ପୀଡିତା ଗତ ୨ ମାସ ତଳେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ମାଥିଲି ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଦୀର୍ଘ ଦିନ ଧରି ସେ କୋମା ଅବସ୍ଥାରେ ଚିକିତ୍ସିତ ହେଉଥିଲେ। ଗୁରୁବାର ସେ ଆଖିବୁଜି ଦେଇଛନ୍ତି।

# ସିଝୁଛି ଓଡ଼ିଶା

**ଭୁବନେଶ୍ୱର,୯।୫(ବ୍ୟୁରୋ)**

ବାତ୍ୟା 'ଫନୀ' ଚୋଟର କ୍ଷତ ଭରି ନ ଥିବା ବେଳେ ସାରା ରାଜ୍ୟ ପ୍ରଚଣ୍ଡ ଗ୍ରୀଷ୍ମ ବଳୟ ଭିତରକୁ ଚାଲି ଯାଇଛି। ସତେ ଯେମିତି ତତଲା ତାୱାରେ ରାଜ୍ୟବାସୀ ଭାଜି ହେଉଛନ୍ତି। ଉପକୂଳ ଓଡିଶାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଓ ପଶ୍ଚିମକୁ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିକୁ ଆହୁରି ବିଗାଡି ଦେଇଛି। ଆକାଶରୁ ଅଗ୍ନିବର୍ଷା ହେଉଛି। ଦେହ ମୁଣ୍ଡ ଜଳିପୋଡି ଗଲା ଭଳି ଲାଗୁଛି। ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିଥିବା ବେଳେ ☞ପୃଷ୍ଠା-୪

# ଅକର୍ମାଙ୍କୁ ଚିହ୍ନଟ ଚାଲିଛି

## ୧୨୦୦ ଆଇପିଏସ୍ ଅଫିସରଙ୍କ ଉପରେ ନଜର

**ନୂଆଦିଲ୍ଲୀ,୯।୫(ପି.ଟି.)**

କାମ କରୁ ନ ଥିବା ପାଖାପାଖି ୧୨୦୦ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସରଙ୍କ ଉପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନଜର ରଖିଛି। ସରକାରରେ ଥିବା ଅବାଞ୍ଛିତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଲାଗି ମନ୍ତ୍ରଣାଳୟ ଗତ ୩ ବର୍ଷରେ ୧୧୮୧ ଆଇପିଏସ୍ ଅଫିସରଙ୍କ ସେବା ରେକର୍ଡ ସୀମକ୍ଷା କରିଥିଲା। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଜନସ୍ୱାର୍ଥ ଦୃଷ୍ଟିରୁ କାର୍ଯ୍ୟକାଳ ଶେଷ ପୂର୍ବରୁ ଅବସର ପ୍ରଦାନ ପାଇଁ ସୁପାରିସ କରାଯାଇଛି।

ଏହି ସମୀକ୍ଷା ପ୍ରକ୍ରିୟା ଜାରି ରହିଲେ ଆହୁରି ଅଧିକ ଅଫିସର ମନ୍ତ୍ରଣାଳୟ ଯାଞ୍ଚ ତାଲିକାରେ ରହିବେ ବୋଲି ଜଣେ ଅଧିକାରୀ କହିଛନ୍ତି। ସର୍ବଭାରତୀୟ ସେବା (ମୃତ୍ୟୁ ତଥା ଅବସରକାଳୀନ ସୁବିଧା) ନିୟମାବଳୀ, ୧୯୫୮ର ନିୟମ ୧୬(୩) ଅନୁଯାୟୀ ୨୦୧୬ରୁ ୨୦୧୮ ମଧ୍ୟରେ ଆଇପିଏସ୍ ଅଫିସରମାନଙ୍କ ସେବା ରେକର୍ଡ ଯାଞ୍ଚ କରାଯାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଦେଶରେ ମୋଟ ୪୯୪୦ ଆଇପିଏସ୍ ଅଫିସରଙ୍କ ସ୍ଥାନରେ ୩୯୭୨ଜଣ କାର୍ଯ୍ୟ କରୁଛନ୍ତି। ସେମାନଙ୍କ କାର୍ଯ୍ୟଦକ୍ଷତା ସମୀକ୍ଷା ଲାଗି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଏକ ନୀତି କାର୍ଯ୍ୟକାରୀ କରିଛନ୍ତି। ସେହିପରି ୨୦୧୫ରୁ ୨୦୧୮ ମଧ୍ୟରେ ୧୧୪୩ ଆଇଏଏସ୍ ଅଫିସରଙ୍କ ସେବା ରେକର୍ଡ ଯାଞ୍ଚ କରାଯାଇ ୪ ଜଣଙ୍କୁ କାର୍ଯ୍ୟକାଳ ଶେଷ ପୂର୍ବରୁ ଅବସର ନେବା ଲାଗି ସୁପାରିସ କରାଯାଇଥିବା ଜଣାପଡିଛି।

**ଆଜିର ସମ୍ପାଦକୀୟ**

**ବାଣିଜ୍ୟିକ ଯୁଦ୍ଧ**

**ଆଜିର ମନ୍ତବ୍ୟ**

"ନରେନ୍ଦ୍ର ମୋଦିଙ୍କଠାରୁ ଦୁର୍ବଳ ଓ ଭୀରୁ ପ୍ରଧାନମନ୍ତ୍ରୀ କେବେ ଦେଖିନାହିଁ।

–ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନ ଅଭିବୃଦ୍ଧି ୧୩.୨୪% ଓ ଜମା ୧୦.୦୩% ହାରରେ ବଢ଼ିଛି। – ଆର୍‌ବିଆଇ


NECC NATIONAL EGG CO-ORDINATION COMMITTEE 09.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 109 | 170 | 180 |
| BDK | 112 | 174 | 184 |
| BLS | 112 | 174 | 184 |
| ANG | 109 | 170 | 180 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers








ଦାରିଦ୍ର୍ୟ ଦୂରୀକରଣର ସ୍ଲୋଗାନ ଦେଇ ନେହେରୁଙ୍କଠାରୁ ନେଇ ମନମୋହନଙ୍କ ଯାଏ କ୍ଷମତାସୀନ ହୋଇଛନ୍ତି। ହେଲେ ଏହି ପ୍ରସଙ୍ଗରେ କଂଗ୍ରେସ ନିଜ ବିଶ୍ୱସନୀୟତା ହରାଇଦେଇଛି।
-ନୀତୀନ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ





ଭୋପାଳ ଲୋକ ସଭା ଆସନର କଂଗ୍ରେସ ପ୍ରାର୍ଥୀ ଦିଗ୍‌ବିଜୟ ସିଂ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠରେ ଏକ ଗାଈକୁ ଫୁଲମାଳ ପିନ୍ଧାଉଛନ୍ତି। ଭାଜପା ପ୍ରାର୍ଥୀ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁରଙ୍କ 'ହିନ୍ଦୁତ୍ୱ' ପ୍ରସଙ୍ଗର ମୁକାବିଲା ପାଇଁ ଦିଗ୍‌ବିଜୟ ଏପରି ପନ୍ଥା ଆପଣାଇଛନ୍ତି।



ବିଶ୍ୱକବି ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ୧୫୮ତମ ଜନ୍ମବାର୍ଷିକୀ ପାଳନ ଅବସରରେ ନୂଆଦିଲ୍ଲୀର ପାର୍ଲାମେଣ୍ଟ ହାଉସ୍‌ସ୍ଥିତ ତାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡଭାନୀ।



ଥାଇଲାଣ୍ଡରେ ଅଖିମୁଠି ଅନୁକୂଳ ଉତ୍ସବ ପାଳନ ବେଳେ ରାଜଧାନୀ ବ୍ୟାଙ୍କକ୍‌ରେ ଜନସାଧାରଣଙ୍କୁ ସମ୍ବୋଧିତ କରୁଛନ୍ତି ରାଜା ମହା ବାଜିରାଲୋଙ୍ଗକୋର୍ଣ୍ଣ ଓ ରାଣୀ ସୁଥିଦା।

# ବାୟୁସେନା, ନୌସେନାକୁ ମଝିକୁ ଟାଣିଲେ

ନୂଆଦିଲ୍ଲୀ,୯।୫(ପି.ଟି.)

ଭାରତୀୟ ସଶସ୍ତ୍ର ବଳର ସଫଳତା କିମ୍ବା ସେନା ସମ୍ପର୍କିତ କୌଣସି ବିଷୟକୁ ନିର୍ବାଚନୀ ପ୍ରଚାରରେ ସାମିଲ ନ କରିବାକୁ ନିର୍ବାଚନ କମିଶନ(ଇସି)ଙ୍କ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏହାକୁ ବାରମ୍ବାର ଅବଜ୍ଞା କରିବାରେ ଲାଗିଛନ୍ତି ରାଜନୈତିକ ଦଳ। ବିଶେଷକରି ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ଏହି ପ୍ରସଙ୍ଗରେ ମୁହାଁମୁହିଁ ହୋଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତଥା ତାଙ୍କ କ୍ୟାବିନେଟ ସହଯୋଗୀମାନେ ବାରମ୍ବାର ପାକିସ୍ତାନ ଉପରେ ସର୍ଜିକାଲ ଷ୍ଟ୍ରାଇକ୍ ତଥା ଏୟାରଷ୍ଟ୍ରାଇକ୍‌କୁ ପୁଞ୍ଜିକରି ଭୋଟ ମାଗୁଥିବାବେଳେ କଂଗ୍ରେସ ମଧ୍ୟ ନିଜ ସରକାର ଅମଳରେ ଏପରି ଏକାଧିକ ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କଥା କହୁଛି। ଏହି କ୍ରମରେ ପ୍ରଚାରରେ ଏବେ ଯୋଡ଼ିହୋଇଛି ଭାରତୀୟ ବାୟୁସେନା (ଆଇଏଏଫ୍) ଏବଂ ଭାରତୀୟ ନୌସେନା ସେବା (ଆଇଏନ୍‌ଏସ୍)। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିବାକୁ ଯାଇ ତାଙ୍କ ବାପା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ଛୁଟି କାଟିବା ପାଇଁ ଆଇଏନ୍‌ଏସ୍ ବିରାଟ ଯୁଦ୍ଧଜାହାଜକୁ ବ୍ୟବହାର କରିଥିବା ମୋଦି ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ କଂଗ୍ରେସ ମୋଦିଙ୍କୁ ଏକ ଧାରାବାହିକ ମିଛୁଆ ଭାବେ ଅଭିହିତ କରି ପ୍ରଧାନମନ୍ତ୍ରୀ ଆଇଏଏଫ୍‌କୁ 'ନିଜ ଟ୍ୟାକ୍ସି' ଭାବେ ବ୍ୟବହାର କରୁଥିବା ସମାଲୋଚନା କରିଛି। ଦୁଇ ଦଳ ସଶସ୍ତ୍ର ବଳକୁ ପ୍ରଚାର ମଝିକୁ ଟାଣିବା ପରେ ଉଷ୍ମ



ହୋଇଛି ଜାତୀୟ ରାଜନୀତି।

ସେନାର ସଫଳତାକୁ ନେଇ ମୋଦି ଓ ଶାହ ନିର୍ବାଚନୀ ସଭାଗୁଡ଼ିକରେ ଭୋଟ ମାଗିବା ପରେ ବିବାଦ ଆରମ୍ଭ ହୋଇଥିଲା। ଭାରତୀୟ ସେନା କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ ବୋଲି କଂଗ୍ରେସ ମୁଖ୍ୟ ରାହୁଲ ସମାଲୋଚନା କରିଥିଲେ। ଏହାକୁ ନେଇ ପ୍ରଧାନମନ୍ତ୍ରୀ ମୋଦି ବୁଧବାର ନୂଆଦିଲ୍ଲୀର ରାମଲୀଳା ମଇଦାନରେ କହିଥିଲେ, ରାଜୀବ ଗାନ୍ଧୀ ନିଜ ପରିବାର ସହ ଛୁଟି କାଟିବା ପାଇଁ ଆଇଏନ୍‌ଏସ୍ ବିରାଟକୁ 'ବ୍ୟକ୍ତିଗତ ଟ୍ୟାକ୍ସି' ଭାବେ ବ୍ୟବହାର କରିଥିଲେ। ସେ ଇଟାଲୀରୁ ଆସିଥିବା ନିଜ ଶ୍ୱଶୁର ଘର ଲୋକଙ୍କ ସହ ଏକ ଦ୍ୱୀପକୁ ଛୁଟି କାଟିବା ଲାଗି ୧୦ ଦିନ ପାଇଁ ଯାଇଥିଲେ। ଯୁଦ୍ଧଜାହାଜରେ ବିଦେଶୀଙ୍କୁ ନେବା ଦ୍ୱାରା ଜାତୀୟ ନିରାପତ୍ତା ସହ ସାଲିସ କରାଯାଇନି କି ବୋଲି ମୋଦି ପ୍ରଶ୍ନ କରିଥିଲେ। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଗୁରୁବାର ଏହାର ଜବାବ ରଖିଛନ୍ତି। ସୁର୍ଜେୱାଲା ଏକ ଗଣମାଧ୍ୟମ ରିପୋର୍ଟର ଅବତାରଣା କରି କହିଛନ୍ତି, ପ୍ରଧାନମନ୍ତ୍ରୀ ବାୟୁସେନା ବିମାନଗୁଡ଼ିକୁ ମାତ୍ର ୭୪୪ ଟଙ୍କାରେ ଭଡ଼ାରେ ନେଉଛନ୍ତି। ନିର୍ବାଚନୀ ପ୍ରଚାର ପାଇଁ ଆଇଏଏଫ୍ ବିମାନଗୁଡ଼ିକୁ ସେ ନିଜ ବ୍ୟକ୍ତିଗତ ଟ୍ୟାକ୍ସିରେ ପରିଣତ କରିଛନ୍ତି। ମୋଦି ଅନ୍ୟମାନଙ୍କୁ ଅଙ୍ଗୁଳି ଦେଖାଇବା ଅତ୍ୟନ୍ତ ଲଜ୍ଜାଜନକ।

ପ୍ରକାଶ ଯେ, ସୂଚନା ଅଧିକାର (ଆର୍‌ଟିଆଇ) ତଥ୍ୟାନୁସାରେ ପ୍ରକାଶିତ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ଦିନଠାରୁ ୨୦୧୯ ଜାନୁୟାରୀ ମଧ୍ୟରେ ବାୟୁସେନା ବିମାନକୁ ନନ୍-ଅଫିସିଆଲ୍ ଘରୋଇ ଯାତ୍ରା ପାଇଁ ୨୪୦ ଥର ବ୍ୟବହାର କରିଛନ୍ତି। ଏଥିପାଇଁ ଭାଜପା ମୋଟ ୧.୪ କୋଟି ଟଙ୍କା ଆଇଏଏଫ୍‌କୁ ପଇଠ କରିଛି। ଅନେକ ସମୟରେ ପଇଠ ଅର୍ଥ ବହୁତ କମ। ଉଦାହରଣସ୍ୱରୂପ ଜାନୁୟାରୀ ୧୫ରେ ମୋଦି ଆଇଏଏଫ୍ ହେଲିକପ୍ଟରରେ ବଲାଙ୍ଗିରର ପଥରଚେପା ଆସିଥିଲେ। ଏଥିପାଇଁ ଆଇଏଏଫ୍‌କୁ ଭଡ଼ା ବାବଦରେ ମାତ୍ର ୭୪୪ ଟଙ୍କା ଭାଜପା ପଇଠ କରିଥିଲା ବୋଲି ଗତ ଏପ୍ରିଲ ୨୫ରେ ଏକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା।

## ଭାଜପା-କଂଗ୍ରେସ ମୁହାଁମୁହିଁ

- ରାଜୀବ ଗାନ୍ଧୀ ଛୁଟି କାଟିବା ପାଇଁ ଆଇଏନ୍‌ଏସ୍ ବିରାଟକୁ 'ବ୍ୟକ୍ତିଗତ ଟ୍ୟାକ୍ସି' ଭାବେ ବ୍ୟବହାର କରିଥିଲେ: ମୋଦି
- ପ୍ରଚାର ଲାଗି ଆଇଏଏଫ୍ ବିମାନଗୁଡ଼ିକୁ ନିଜ ବ୍ୟକ୍ତିଗତ ଟ୍ୟାକ୍ସିରେ ପରିଣତ କରିଛନ୍ତି ପ୍ରଧାନମନ୍ତ୍ରୀ: ସୁର୍ଜେୱାଲା
- ମୋଦିଙ୍କ ବଲାଙ୍ଗିର ଗସ୍ତ ପାଇଁ ବାୟୁସେନାକୁ ୭୪୪ ଟଙ୍କା ହେଲିକପ୍ଟର ଭଡ଼ା ପଇଠ କରିଛି ଭାଜପା: ଆର୍‌ଟିଆଇ ତଥ୍ୟ

## ଆର୍‌ଟିଆଇ ତଥ୍ୟ

| | | | | |
|---|---|---|---|---|
| 232 | 04-01-2019 | Imphal-Ramnagar-Kumbhigram | 72563 | Paid |
| 233 | 03-01-2019 | Phagwara-Gurdaspur-Pathankot | 10230 | Paid |
| 234 | 24/12/18 | Bhuwaneswar-Goshala Ground-Bhuwaneswar | 2139 | Paid |
| 235 | 15-01-19 | H/P Balangir-H/P Patharchera | 744 | Paid |

'ନାମଦାର୍‌ମାନେ' ନୌସେନା ଜାହାଜକୁ ଛୁଟି କାଟିବା ପାଇଁ ବ୍ୟବହାର କରୁଥିଲେ। ହେଲେ 'କାମଦାର୍‌ମାନେ' ଏହାକୁ ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଉପଯୋଗ କରୁଛନ୍ତି।
- ଅରୁଣ ଜେଟ୍‌ଲୀ, ବରିଷ୍ଠ ଭାଜପା ନେତା



## 'ମୋଦି ଧାରାବାହିକ ମିଛୁଆ'

ନୂଆଦିଲ୍ଲୀ,୯।୫(ପି.ଟି.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଧାରାବାହିକ ମିଛୁଆ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଆଇଏନ୍‌ଏସ୍ ବିରାଟକୁ ଛୁଟି କାଟିବା ପାଇଁ ବ୍ୟବହାର କରିଥିବା ନେଇ ମୋଦିଙ୍କ ମନ୍ତବ୍ୟ ମିଛ ବୋଲି କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। କଂଗ୍ରେସ ମୁଖପାତ୍ର ପବନ ଖେରା କହିଛନ୍ତି, ରାଜୀବ ଆଇଏନ୍‌ଏସ୍ ବିରାଟରେ ଛୁଟି କାଟିବା ପାଇଁ ନୁହେଁ, ବରଂ ଅଫିସିଆଲ୍ ଭିଜିଟରେ ଯାଇଥିଲେ ବୋଲି ଭାରତୀୟ ନୌସେନାର ଅବସରପ୍ରାପ୍ତ ଉପମୁଖ୍ୟ ଭାଇସ୍ ଆଡ୍‌ମିରାଲ ବିନୋଦ ପସ୍‌ରିଚା ସ୍ପଷ୍ଟ କରିସାରିଛନ୍ତି। ବେକାରି ଓ ବିମୁଦ୍ରୀକରଣ ଭଳି ପ୍ରସଙ୍ଗଗୁଡ଼ିକୁ ନେଇ ନିର୍ବାଚନ ଲଢ଼ିବା ପାଇଁ ତାଙ୍କର ସାହସ ନାହିଁ। ଏଥିପାଇଁ ସେ ମିଛର ଆଶ୍ରୟ ନେଇଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ଅହମ୍ମଦ ପଟେଲ କହିଛନ୍ତି, ମୋଦି ନିର୍ବାଚନ ପ୍ରଚାରବେଳେ ବାରମ୍ବାର



ପବନ ଖେରା

ରାଜୀବଙ୍କୁ ଟାର୍ଗେଟ କରୁଛନ୍ତି। ଜଣେ ଶହୀଦଙ୍କୁ ଅପମାନ କରିବା ପ୍ରଧାନମନ୍ତ୍ରୀଙ୍କ ଚରମ ଭୀରୁତାର ପରିଚୟ। କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ମୋଦିଙ୍କ ଭଳି ଭୀରୁ ଓ ଦୁର୍ବଳ ପ୍ରଧାନମନ୍ତ୍ରୀ ସେ କେବେ ଦେଖିନାହାନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ମଧ୍ୟ ଏହି ପ୍ରସଙ୍ଗରେ ମୋଦିଙ୍କୁ ସମାଲୋଚନା କରିଛନ୍ତି। ଜୀବିତ ନ ଥିବା ଜଣେ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏଭଳି ମନ୍ତବ୍ୟ ଦେବା ପ୍ରଧାନମନ୍ତ୍ରୀଙ୍କୁ ଶୋଭାପାଉନାହିଁ ବୋଲି ପାୱାର କହିଛନ୍ତି।

## ■ ଇରାନକୁ ଇୟୁର ଚେତାବନୀ
# ଆଣବିକ ପ୍ରତିଶ୍ରୁତି ବଜାୟ ରଖ

ବ୍ରସେଲ୍ସ,୯।୫(ଆଇଏଏନ୍‌ଏସ୍)

ଇରାନ ଅନ୍ୟ ବିଶ୍ୱଶକ୍ତିଗୁଡିକ ସହ ସ୍ୱାକ୍ଷର କରିଥିବା ଆଣବିକ ରାଜିନାମାର ପ୍ରତିଶ୍ରୁତି ବଜାୟ ରଖିବା ଲାଗି ୟୁରୋପୀୟ ସଂଘ (ଇୟୁ) ଗୁରୁବାର ଆହ୍ୱାନ ଦେଇଛି। ମିଳିତ ବିସ୍ତୃତ କାର୍ଯ୍ୟଯୋଜନା (ଜେସିପିଓଏ)ରେ ଇରାନ କରିଥିବା ପ୍ରତିଶ୍ରୁତିର କାର୍ଯ୍ୟକାରିତା ବଜାୟ ରଖିବା ଲାଗି ଆମେ ଦୃଢ଼ ଭାବେ ଆହ୍ୱାନ ଦେଉଛୁ ବୋଲି ଇୟୁର ବହିର୍ବ୍ୟାପାର ଉଚ୍ଚ ପ୍ରତିନିଧି ଫେଡେରିକା ମୋଗେରିନି ଏବଂ ଫ୍ରାନ୍ସ, ଜର୍ମାନୀ, ବ୍ରିଟେନର ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ଇରାନ ପୁନର୍ବାର ନିଜର ଆଣବିକ କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି ବୁଧବାର କହିବା ପରେ ୟୁରୋପୀୟ ସଂଘ ପକ୍ଷରୁ ତେହେରାନକୁ ଏଥିପାଇଁ ସତର୍କ କରିଦିଆଯାଇଛି। ଇରାନର ଚରମ ସର୍ତ୍ତକୁ ସଂଘ ପ୍ରତ୍ୟାଖ୍ୟାନ କରିଦେଇଛି। ତେହେରାନର ପ୍ରଦର୍ଶନ ଆଧାରରେ ଏହାର ଅନୁପାଳନକୁ ଆକଳନ କରାଯିବ ବୋଲି ୟୁରୋପୀୟ ସଂଘ ପକ୍ଷରୁ ମିଳିତ ବିବୃତିରେ କୁହାଯାଇଛି। ଆଣବିକ ଚୁକ୍ତିନାମାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓହରିଯିବା ସହ ଇରାନ ଉପରେ ଅର୍ଥନୈତିକ କଟକଣା ଲାଗୁ କରିବାରୁ ଏହାର ଅର୍ଥନୀତି କ୍ଷତିଗ୍ରସ୍ତ ହୋଇଛି।

# ଜଷ୍ଟିସ ବୋଷ, ବୋପାନ୍ନାଙ୍କ ନାମ ପୁନଃ ସୁପାରିସ କଲେ କଲେଜିୟମ୍

ନୂଆଦିଲ୍ଲୀ,୯।୫(ପି.ଟି.)

ସରକାରଙ୍କ ଆପତ୍ତିକୁ ଅଗ୍ରାହ୍ୟ କରି ସୁପ୍ରିମକୋର୍ଟ କଲେଜିୟମ୍ ସର୍ବୋଚ୍ଚ ଅଦାଲତର ବିଚାରପତି ଭାବେ ପଦୋନ୍ନତି ଲାଗି ଜଷ୍ଟିସ ଅନିରୁଦ୍ଧ ବୋଷ ଏବଂ ଏ.ଏସ୍. ବୋପାନ୍ନାଙ୍କ ନାମ ପୁନଃ ସୁପାରିସ କରିଛନ୍ତି। ସେମାନଙ୍କ ଦକ୍ଷତା, ବ୍ୟବହାର ଏବଂ ସାଧୁତା ବିରୋଧରେ କୌଣସି ସୂଚନା ମିଳି ନ ଥିବା କଲେଜିୟମ ଅନୁଭବ କରିଥିବା କହିଛନ୍ତି। ଏଥିସହିତ କଲେଜିୟମ ଜଷ୍ଟିସ୍ ବି.ଆର୍. ଗାଭାଇ ଏବଂ ସୂର୍ଯ୍ୟକାନ୍ତଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଁ ସୁପାରିସ୍ କରିଛନ୍ତି। କଲେଜିୟମର ଉପରୋକ୍ତ ଦୁଇ ପ୍ରସ୍ତାବ ସର୍ବୋଚ୍ଚ ଅଦାଲତଙ୍କ ୱେବ୍‌ସାଇଟରେ ଗୁରୁବାର ସ୍ଥାନ ପାଇଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ସଦସ୍ୟ ବିଶିଷ୍ଟ କଲେଜିୟମ ବୁଧବାର ବସି ଉପରୋକ୍ତ ୪ ବିଚାରପତିଙ୍କ ପଦୋନ୍ନତି ସମ୍ପର୍କରେ ବିଚାରବିମର୍ଶ କରାଯାଇଥିଲା।



# ଅଯୋଧ୍ୟା ଶୁଣାଣି ଆଜି

ନୂଆଦିଲ୍ଲୀ,୯।୫

ବହୁଚର୍ଚ୍ଚିତ ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ୍ ମାମଲାର ଶୁଣାଣି ଶୁକ୍ରବାର ସୁପ୍ରିମକୋର୍ଟରେ କରାଯିବ। ବିବାଦର ଆଶୁ ସମାଧାନ ଲାଗି ବିଭିନ୍ନ ପକ୍ଷ ସହ ଆଲୋଚନା କରି ସେମାନଙ୍କ ମତାମତ ସଂଗ୍ରହ କରିବାକୁ ଗଠିତ ହୋଇଥିବା ୩ଜଣିଆ ମଧ୍ୟସ୍ଥ ପ୍ୟାନେଲ୍‌ଙ୍କୁ ୮ ସପ୍ତାହ ସମୟ ଦିଆଯାଇଥିଲା। ଏହି ପ୍ୟାନେଲ ଶୁକ୍ରବାର ରିପୋର୍ଟ ଉପସ୍ଥାପନ କରିବ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏଫ୍‌ଏମ୍ ଇବ୍ରାହିମ୍ କାଲିଫୁଲ୍ଲା, ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ଓ ବରିଷ୍ଠ ଓକିଲ ଶ୍ରୀରାମ ପଞ୍ଚୁଙ୍କୁ ସିଜେଆଇ ଜଷ୍ଟିସ୍ ଗୋଗୋଇଙ୍କ ନେତୃତ୍ୱାଧୀନ ୫ଜଣିଆ ଖଣ୍ଡପୀଠ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରି ରିପୋର୍ଟ ଦେବାକୁ ଗତ ମାର୍ଚ୍ଚ ମାସରେ କହିଥିଲେ। ମେ ୩ରେ ନିର୍ଦ୍ଧାରିତ ୮ ସପ୍ତାହ ଶେଷ ହୋଇଥିଲାବେଳେ ଫୈଜାବାଦ୍‌ରେ ଏନେଇ ବୈଠକ କରାଯାଇଥିଲା।

# ଭାଜପାରେ ଜୈଲ୍ ସିଂଙ୍କ ଜ୍ୱାଇଁ

ନୂଆଦିଲ୍ଲୀ,୯।୫(ପି.ଟି.)

ପୂର୍ବତନ ରାଷ୍ଟ୍ରପତି ଜ୍ଞାନୀ ଜୈଲ୍ ସିଂଙ୍କ ଜ୍ୱାଇଁ ସର୍ବନ୍ତ ସିଂ ଚାନ୍ନି ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ଓ ଦଳର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ସେ ଦଳରେ ମିଶିଛନ୍ତି। ପଞ୍ଜାବ କ୍ୟାଡର ପୂର୍ବତନ ଆଇଏଏସ୍ ଅଧିକାରୀ ସର୍ବନ୍ତ ୨୦୧୪ରୁ ୨୦୧୯ ମେ ୩ ପର୍ଯ୍ୟନ୍ତ ପଞ୍ଜାବର ମୁଖ୍ୟ ସୂଚନା କମିଶନର ଭାବେ କାର୍ଯ୍ୟ କରିଥିଲେ। ଏହାସହ ସେ ରାଜ୍ୟର ଗୃହ ସଚିବ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ।

## ଇତିହାସର ଆଇନାରେ
### ମେ ୧୦ର ପ୍ରମୁଖ ଘଟଣା

୧୮୫୭ ମେ ୧୦ରେ ଭାରତରେ ସିପାହି ବିଦ୍ରୋହ ଆରମ୍ଭ ହୋଇଥିଲା। ଏହାକୁ ଦେଶର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ କୁହାଯାଏ। ଏହିଦିନ ଭାରତୀୟ ସିପାହୀମାନେ ମିରଟ କ୍ୟାଣ୍ଟନମେଣ୍ଟରେ ଅନେକ ବ୍ରିଟିଶ୍ ଅଫିସରଙ୍କୁ ହତ୍ୟା କରିଥିଲେ।

୧୯୯୪ ମେ ୧୦ରେ ନେଲ୍‌ସନ ମାଣ୍ଡେଲା ଦକ୍ଷିଣ ଆଫ୍ରିକାର ପ୍ରଥମ ଅଣଶ୍ୱେତାଙ୍ଗ ରାଷ୍ଟ୍ରପତି ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ସେ ୧୯୯୯ ଜୁନ ୧୪ ପର୍ଯ୍ୟନ୍ତ ଦେଶର ରାଷ୍ଟ୍ରପତି ରହିଥିଲେ।

# ତିରୁପତି ମନ୍ଦିରରେ ୯,୨୫୯ କେ.ଜି. ସୁନା

ତିରୁପତି,୯।୫(ପି.ଟି.): ତିରୁମାଲାସ୍ଥିତ ଶ୍ରୀଭେଙ୍କଟେଶ୍ୱର ମନ୍ଦିରର ବିଭିନ୍ନ ବ୍ୟାଙ୍କ ଏବଂ ଏହାର ନିଜସ୍ୱ ଟ୍ରେଜେରିରେ ଥିବା ସୁନା ପରିମାଣ ୯,୨୫୯ କିଲୋଗ୍ରାମ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି) ଦ୍ୱାରା ପରିଚାଳିତ ଏହା ଦେଶର ସବୁଠୁ ଧନୀ ମନ୍ଦିର। ଗୋଲ୍ଡ ଡିପୋଜିଟ୍ ସ୍କିମ୍‌ରେ ମନ୍ଦିରର ୫୩୮୭ କିଲୋଗ୍ରାମ ସୁନା ଷ୍ଟେଟ ବ୍ୟାଙ୍କରେ ଓ ୧୯୩୮ କିଲୋଗ୍ରାମ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କରେ ଜମା ହୋଇଛି। ସେହିପରି ୩ ବର୍ଷିଆ ଜମା ଅବଧି ଶେଷ ହେବା ପରେ ଗତ ମାସ ୨୦ରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ୧୩୮୧ କିଲୋଗ୍ରାମ ସୁନା ଫେରାଇଥିବା ଟିଟିଡିର କାର୍ଯ୍ୟନିର୍ବାହୀ ଅଧିକାରୀ ଅନିଲ କୁମାର ସିଙ୍ଗ୍‌ଲା କହିଛନ୍ତି। ଏପ୍ରିଲ ୧୭ରେ ଜବତ ହୋଇଥିବା ସୁନା ପିଏନ୍‌ବିର ଚେନ୍ନାଇ ଶାଖା ତିରୁପତିସ୍ଥିତ ଟିଟିଡି ଟ୍ରେଜେରିକୁ ଫେରାଇବାକୁ ନେଉଥିବା ବେଳେ ନିର୍ବାଚନ କମିଶନଙ୍କ ହାତରେ ଧରାପଡିଥିଲା। ସୁନା ପରିବହନ ଏବଂ ଏହାର ସୁରକ୍ଷା ପିଏନ୍‌ବିର ଦାୟିତ୍ୱ ହୋଇଥିବାରୁ ଏଥିପାଇଁ ଟିଟିଡି କର୍ତ୍ତୃପକ୍ଷ ଦାୟୀ ନୁହନ୍ତି ବୋଲି ସିଙ୍ଗ୍‌ଲା ଗଣମାଧ୍ୟମକୁ କହିଛନ୍ତି।



# 'ହାଉସ୍‌ଫୁଲ ୪'ରେ ନୱାଜୁଦ୍ଦିନ୍

ମୁମ୍ବାଇ,୯।୫(ପି.ଟି.): ଅକ୍ଷୟ କୁମାର ଅଭିନୀତ 'ହାଉସ୍‌ଫୁଲ ୪'ରେ ଅଭିନେତା ନୱାଜୁଦ୍ଦିନ୍ ସିଦ୍ଦିକିଙ୍କୁ ଦେଖିବାକୁ ମିଳିବ। ଫିଲ୍ମ ନିର୍ମାତା ସାଜିଦ୍ ନାଡିଆଡ୍‌ୱାଲା ଏହି ଫିଲ୍ମରେ ସିଦ୍ଦିକି ପ୍ରମୁଖ ଭୂମିକାରେ ଅଭିନୟ କରୁଥିବା କହିଛନ୍ତି। ନୱାଜୁଦ୍ଦିନ୍‌ଙ୍କ ସହ ୬ ସାଥୀ କଳାକାରଙ୍କୁ ନେଇ ଏକ ଗୀତ ଶୁଟ୍ କରାଯିବ, ଯେଉଁଥିରେ ସେ ପ୍ରମୁଖ ଭୂମିକାରେ ଅଭିନୟ କରିବେ ବୋଲି ସାଜିଦ୍ ପ୍ରକାଶ କରିଛନ୍ତି। ଏହି ଗୀତଟି ବହୁତ ବଡ଼ ଓ ଏଥିରେ ୫୦୦ ନର୍ତ୍ତକୀ ସେମାନଙ୍କର ନୃତ୍ୟାଭିନୟ ପ୍ରଦର୍ଶନ କରିବେ। ଗଣେଶ ମାଷ୍ଟର ଏହାର କୋରିଓଗ୍ରାଫି କରୁଥିବା ଜଣାପଡ଼ିଛି। ଏଥିଲାଗି ଆମେ ୫ ଦିନର ସମୟ ଧାର୍ଯ୍ୟ କରିଛୁ। ଟିମ୍ ସହ ନିର୍ଦ୍ଦେଶକ ଫର୍‌ହଦ୍ ସାମ୍‌ଜୀ ଗତ ୨ ସପ୍ତାହ ହେବ କିପରି ଏହାକୁ ସଠିକଭାବେ କରାଯାଇ ପାରିବ, ସେଥିଲାଗି ପ୍ରୟାସ କରୁଛନ୍ତି। ମେ ଶେଷବେଳକୁ ଏହା ଶୁଟିଂ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଫିଲ୍ମରେ ରିତେଶ ଦେଶ୍‌ମୁଖ୍, ବବି ଦେଓଲ୍, କ୍ରିତି ସାନୋନ୍, କ୍ରିତି ଖର୍‌ବନ୍ଦ ଓ ପୂଜା ହେଗ୍‌ଡେଙ୍କ ସହ ରାଣା ଦୁଗୁବତ୍ତି ଅଭିନୟ କରୁଛନ୍ତି।



# ଅମେଳ ହେଲେ ଭିଭିପିଏଟି ଗଣନା ବୈଧ

ନୂଆଦିଲ୍ଲୀ,୯।୫(ପି.ଟି.)

ଆସନ୍ତା ୨୩ ତାରିଖ ଭୋଟଗଣତି ଲାଗି ନିର୍ବାଚନ କମିଶନଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଯଦି ଇଭିଏମ୍ ଏବଂ ଭିଭିପିଏଟି ମେଶିନ୍ ଗଣନା ମଧ୍ୟରେ ପ୍ରାର୍ଥକ୍ୟ ଦେଖାଦିଏ, ତେବେ ଭିଭିପିଏଟି ଗଣନାକୁ ବୈଧ ଭାବେ ଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନ କହିଛନ୍ତି। ପୂର୍ବରୁ କେତେକ ବିଧାନସଭା ନିର୍ବାଚନରେ ଇଭିଏମ୍ ଫଳାଫଳ ସହ ଭିଭିପିଏଟି ପେପର ସ୍ଲିପ୍ ଗଣନା କରାଯାଇଥିଲେ ହେଁ ଏଥର ପ୍ରଥମ ଥର ଲାଗି ଲୋକ ସଭା ନିର୍ବାଚନରେ ଭିଭିପିଏଟି ଯାଞ୍ଚ କରାଯିବ।



## ଭୋଟଗଣତି ଲାଗି ଇସିଙ୍କ ପ୍ରସ୍ତୁତି

ଗଣନା ବେଳେ ଇଭିଏମ୍ ଫଳାଫଳ ଏବଂ ଭିଭିପିଏଟି ସ୍ଲିପ୍ ସଂଖ୍ୟା ମେଳ ନ ଖାଇଲେ, ଭିଭିପିଏଟି ସ୍ଲିପ୍ ପୁନର୍ବାର ଗଣନା କରିବାକୁ କୁହାଯାଇଛି। ଭିଭିପିଏଟି ସ୍ଲିପ୍ ଗଣନାକୁ ଚୂଡାନ୍ତ ସଂଖ୍ୟା ଭାବେ ଗ୍ରହଣ କରିବାକୁ ନିର୍ବାଚନ ନିୟମାବଳୀ ଆଚରଣ ନିୟମ ୫୬ଡି(୪) (ବି) ଏବଂ ୬୦ ଅନୁଯାୟୀ ସମସ୍ତ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ତେବେ ଯାଞ୍ଚରେ ଆଜି ପର୍ଯ୍ୟନ୍ତ ଅମେଳ ହୋଇ ନ ଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ପୂର୍ବରୁ ଗୋଟିଏ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଗୋଟିଏ ବୁଥ୍‌ର ଇଭିଏମ୍ ସହ ଭିଭିପିଏଟି ସ୍ଲିପ୍ ଯାଞ୍ଚ ବ୍ୟବସ୍ଥା ପ୍ରଚଳିତ ଥିଲା। ଏହି ବୁଥ୍‌କୁ ଲଟେରି ମାଧ୍ୟମରେ ବଛାଯାଉଥିଲା। ଏଥର ତାହା ୫ ବୁଥ୍‌କୁ ବୃଦ୍ଧି କରିବାକୁ ସୁପ୍ରିମକୋର୍ଟ ନିର୍ବାଚନ କମିଶନ(ଇସି)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଆସନ୍ତା ୨୩ ତାରିଖରେ ଲୋକ ସଭା ନିର୍ବାଚନ ଲାଗି ମୋଟ ୧୦.୩୫ ଲକ୍ଷ ବୁଥ୍ ମଧ୍ୟରୁ ୨୦,୬୦୦ ବୁଥ୍‌ରେ ଇଭିଏମ୍ ସହ ଭିଭିପିଏଟି ସ୍ଲିପ୍ ଯାଞ୍ଚ ହେବ। ଗୋଟିଏ ବୁଥ୍‌ରେ ଭିଭିପିଏଟି ସ୍ଲିପ୍ ଗଣନା ଲାଗି ଘଣ୍ଟାଏ ସମୟ ଲାଗୁଥିଲା। ଏଥର ୫ଟି ଭିଭିପିଏଟି ଗଣନା ଲାଗି ଆଉ ହାରାହାରି ୪ ଘଣ୍ଟା ଅଧିକ ସମୟ ଲାଗିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଦେଶର ମୋଟ ୪୧୨୦ ବିଧାନସଭା ଆସନ ପାଇଁ ଏହାର ୫ ଗୁଣ ଅର୍ଥାତ୍ ୨୦,୬୦୦ ବୁଥ୍‌ର ପେପର ସ୍ଲିପ୍ ଗଣନା କରାଯିବ।




# ମାଓବାଦୀଙ୍କୁ ମୂଳପୋଛ କରାଯିବ: ଡିଜିପି

କୋରାପୁଟ,୯।୫(ସ୍ୱ.ପ୍ର.)

ମାଓବାଦୀଙ୍କୁ ମୂଳପୋଛ କରିବା ଲାଗି ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉଛି। ଗୁରୁବାର କୋରାପୁଟଠାରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ପୋଲିସ ମହାନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ଶର୍ମା ଏହା କହିଛନ୍ତି। ପ୍ରାରମ୍ଭରେ ଡିଜିପି ମାଓବାଦୀଙ୍କ ଗତିବିଧି ଉପରେ ସମୀକ୍ଷା କରିଥିଲେ। କୋରାପୁଟ ଜିଲା ସୀମାନ୍ତ ପାଡୁଆ ଥାନାର କିତୱା ଜଙ୍ଗଲରେ ବୁଧବାର ଅପରାହ୍ଣରେ ପୋଲିସ ଓ ମାଓବାଦୀଙ୍କ ଗୁଳିବିନିମୟରେ ୫ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରେ ଜଣେ ଡିସିଏମ, ୩ ଜଣ ଏସିଏମ୍ ର୍ୟାଙ୍କ ଏବଂ ଅନ୍ୟ ଜଣେ ମିଲିସିଆ ସଦସ୍ୟ ଥିଲେ। ଏମାନେ ସମସ୍ତେ ଆନ୍ଧ୍ରର ଦୁଇ ବିଧାୟକଙ୍କ ହତ୍ୟା ମାମଲାରେ ସଂଶ୍ଲିଷ୍ଟ ଥିଲେ। ଗୁରବାର ଅପରାହ୍ଣରେ କୋରାପୁଟ ମେଡିକାଲରେ ମାଓବାଦୀଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି। ତାଙ୍କ ପରିବାର ବର୍ଗ ଆସିବା ପରେ ସେମାନଙ୍କୁ ତାହା ହସ୍ତାନ୍ତର କରାଯିବ ବୋଲି ଏସ୍‌ପି କନୱର୍ ବିଶାଳ ସିଂ ପ୍ରକାଶ କରିଛନ୍ତି।

# ସେବାକୁ ପ୍ରାଥମିକତା: ବାତ୍ୟା ମୁହଁରୁ ଉଦ୍ଧାର ପାଇଲେ ୨୨ ନବଜାତକ

ଭୁବନେଶ୍ୱର,୯।୫(ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲର ଡାକ୍ତର, ସେବିକା ଓ ସହାୟକମାନଙ୍କ ଅଦମ୍ୟ ସାହସ ଯୋଗୁ ବାତ୍ୟା 'ଫନୀ' ମୁହଁରୁ ୨୨ଜଣ ନବଜାତକ ଉଦ୍ଧାର ପାଇଛନ୍ତି। ଗତ ୩ତାରିଖ ଅପରାହ୍ଣ ୧୨ଟା ୩୦ରେ ବାତ୍ୟା ରାଜଧାନୀରେ ଧ୍ୱଂସର ତାଣ୍ଡବ ରଚୁଥିବା ବେଳେ ହସ୍ପିଟାଲ ଶିଶୁ ବିଭାଗର ଏସ୍‌ଏନ୍‌ସିୟୁ ମଧ୍ୟ ଏଥିରୁ ବର୍ତ୍ତିଯାଇ ନ ଥିଲା। ପ୍ରବଳ ବେଗରେ ପବନ ବହିବା ଫଳରେ ଏହାର ସିଲିଂଗୁଡ଼ିକ ଭାଙ୍ଗିରୁଜି ଯାଇଥିଲା। ବିଦ୍ୟୁତ୍ ସରଞ୍ଜାମ ସହ ସିଲିଂଗୁଡ଼ିକ ତଳେ ଥିବା ନବଜାତକମାନଙ୍କ ଉପରେ ପଡ଼ିବା ଆରମ୍ଭ ହେବା କ୍ଷଣି ଉପସ୍ଥିତ କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ ନବଜାତକମାନଙ୍କୁ ଉଠାଇ ଜାବୁଡ଼ି ଧରିଥିଲେ। ଏଥିସହିତ ଉପସ୍ଥିତ ବୁଦ୍ଧି ଖଟାଇ ଇନ୍‌କ୍ୟୁବେଟରୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ କାଟି ଦେଇଥିଲେ। ଫଳରେ ସେଥିରେ ଥିବା ନବଜାତକମାନେ ରକ୍ଷା ପାଇଯାଇଥିଲେ। ଯେତେବେଳେ ବାତ୍ୟା ପ୍ରକୋପକୁ ଦେଖି ଶିଶୁଙ୍କ ମାତାପିତା ଓ ଅନ୍ୟ ଲୋକେ ଆତଙ୍କିତ ହୋଇ ଜୀବନ ବଞ୍ଚାଇବାକୁ ଉଦ୍ୟମ ଚଳାଇଥିଲେ, ସେତେବେଳେ ଏସ୍‌ଏନ୍‌ସିୟୁରେ କର୍ତ୍ତବ୍ୟରତ ଡାକ୍ତର, ସେବିକା ଓ ସହାୟିକାମାନେ ସେବାକୁ ପ୍ରାଥମିକତା ଦେଇଥିଲେ। ସେମାନଙ୍କର ଏଭଳି ସାହସିକ କାର୍ଯ୍ୟ ଓ ସେବା ମନୋବୃତ୍ତିକୁ ସବୁଆଡୁ ପ୍ରଶଂସାର ସୁଅ ଛୁଟିଛି।








## ଭାରତୀୟ ରିଜର୍ଭ ବ୍ୟାଙ୍କ
www.rbi.org.in

**ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀମାନଙ୍କ ପାଇଁ ଉଦ୍ଦିଷ୍ଟ ଲୋକପାଳ ଯୋଜନା -୨୦୧୮**

ଭାରତୀୟ ରିଜର୍ଭ ବ୍ୟାଙ୍କ# ଦ୍ୱାରା ପଞ୍ଜିକୃତ ହୋଇଥିବା ଏବଂ ଉପରୋକ୍ତ ଯୋଜନାର^ ଧାରା 3(5) ଅନ୍ତର୍ଭୁକ୍ତ କୌଣସି ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ତାଙ୍କ ଦ୍ୱାରା ପ୍ରଦତ୍ତ ସେବା* ସମ୍ବନ୍ଧୀୟ ଅଭିଯୋଗକୁ ଯଦି ୩୦ ଦିନ ମଧ୍ୟରେ ସମାଧାନ କରି ନ ପାରନ୍ତି, ଅଥବା ଆପଣ ତାଙ୍କ ଉତ୍ତରରେ ସନ୍ତୁଷ୍ଟ ନୁହନ୍ତି, ତେବେ ଆପଣଙ୍କ ସଂପୂର୍ଣ ଠିକଣା ସହିତ "ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳ" ଙ୍କୁ ନିମ୍ନ ପ୍ରଦତ୍ତ ଠିକଣାରେ ଆବେଦନ କରି ପାରିବେ।

**The NBFC Ombudsman (East Zone)**
**C/o Reserve Bank of India**
**4th Floor, 15, N.S.Road, Kolkata-700001**
**Phone No.03322628772, Fax : 03322305899**
**E-mail- nbfcokolkata@rbi.org.in**

ପଶ୍ଚିମବଙ୍ଗ, ସିକ୍କିମ, ଓଡ଼ିଶା, ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା, ବିହାର ଓ ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟ ଗୁଡିକ ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳ (ପୂର୍ବକ୍ଷେତ୍ର)ଙ୍କର କାର୍ଯ୍ୟ ପରିସରଭୁକ୍ତ ଅଟନ୍ତି।

**ଦ୍ରଷ୍ଟବ୍ୟ :** ଅଭିଯୋଗ କରିବାର ବିଷୟ, ଅଭିଯୋଗ ଦାଖଲ କରିବା ଏବଂ ଅପିଲ କରିବାର ପ୍ରଣାଳୀ ସମ୍ବନ୍ଧରେ ସବିଶେଷ ବିବରଣୀ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ୱେବସାଇଟ **https://rbidocs.rbi.org.in/rdocs/Content/PDFs/NBFC23022018.pdf** ଏବଂ **https://www.rbi.org.in/Scripts/FAQView.aspx?Id=125** କୁ ଦେଖନ୍ତୁ।

* ଯେଉଁସବୁ ସେବା ପ୍ରଦାନ ତୃଟି ସମ୍ବନ୍ଧରେ ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳଙ୍କୁ ଆବେଦନ କରିପାରିବେ, ତାହା ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳ ଯୋଜନା-୨୦୧୮ ର ଧାରା-୮ରେ ଉପଲବ୍ଧ।

# ଆପଣ ନିବେଶ କରିଥିବା ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ, ରିଜର୍ଭ ବ୍ୟାଙ୍କ ଦ୍ୱାରା ପଞ୍ଜିକୃତ କି ନୁହେଁ ଜାଣିବା ପାଇଁ ଦୟାକରି ଭାରତୀୟ ରିଜର୍ଭ ବ୍ୟାଙ୍କ ୱେବସାଇଟ **https://rbi.org.in/Scripts/NBFCPub lic.aspx** କୁ ଦେଖନ୍ତୁ।

^ଜମା ଗ୍ରହଣକାରୀ ପଞ୍ଜିକୃତ ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଏବଂ ଜମା ଗ୍ରହଣ କରୁ ନଥିବା (ସମ୍ପତ୍ତି ପରିମାଣ ୧୦୦ କୋଟି ଟଙ୍କା କିମ୍ବା ତଦୁର୍ଦ୍ଧ) ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଗୁଡିକ ଯେଉଁ ମାନଙ୍କର ଗ୍ରାହକଙ୍କ ସହିତ ସମ୍ପର୍କ ଅଛି। ଆଇଏଫସି- ଏନ୍ ବି ଏଫ୍ ସି (IFC-NBFCs), ସିଆଇସି (CICs), ଆଇଡିଏଫ- ଏନ୍ ବି ଏଫ୍ ସି (IDF-NBFCs) ଏବଂ ପରିସମାପନ ପ୍ରକ୍ରିୟାଧୀନ ଏନ୍ ବି ଏଫ୍ ସି (NBFCs) ଗୁଡିକୁ ଯୋଜନାରୁ ବାଦ୍ ଦିଆଯାଇ ଅଛି।

**ସତର୍କତା : ଇ-ମେଲ୍/ଏସଏମଏସ/ଫୋନ କଲ୍ ମାଧ୍ୟମରେ ଟଙ୍କା ଦେବାର ପ୍ରତିଶୃତି ଭଳି ଠକାମିର ଶିକାର ହୁଅନ୍ତୁ ନାହିଁ।**


# ଓଡ଼ିଶାକୁ ସହାୟତା ପାଇଁ ଅପିଲ କରୁଛନ୍ତି ବଲିଉଡ୍ କଳାକାର

## ସୋନି ଟିଭି ଆରମ୍ଭ କଲା '# ୱିଥ୍ ୟୁ ଓଡ଼ିଶା' କ୍ୟାମ୍ପେନ୍

**ଭୁବନେଶ୍ୱର,୯।୫(ବ୍ୟୁରୋ):** ଓଡ଼ିଶାରେ ବାତ୍ୟା ପ୍ରଭାବିତଙ୍କୁ ସହାୟତା କରିବା ନିମନ୍ତେ ଜାତୀୟ ଟିଭି ଚ୍ୟାନେଲ 'ସୋନି ଟିଭି' ଏକ କ୍ୟାମ୍ପେନ୍ ଆରମ୍ଭ କରିଛି, ଯାହାର ନାଁ ରହିଛି '# ୱିଥ୍ ୟୁ ଓଡ଼ିଶା'। ଏହି କ୍ୟାମ୍ପେନ୍ ମାଧ୍ୟମରେ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଓ ଫିଲ୍ମ ନିର୍ଦ୍ଦେଶକ ଅନୁରାଗ ବାସୁ ସହଯୋଗର ହାତ ବଢ଼ାଇବା ପାଇଁ ଲୋକଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ସେମାନେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ସହାୟତା ପ୍ରଦାନ କରି ଓଡ଼ିଶାର ପୁନର୍ଗଠନରେ ଭାଗୀଦାର ହେବାକୁ ନିବେଦନ କରିଛନ୍ତି। ଏମାନଙ୍କ ସହିତ ଏହି କ୍ୟାମ୍ପେନ୍‌ରେ କପିଲ ଶର୍ମା, ଜାଭେଦ ଅଲ୍ଲୀ, କ୍ରୀଷ୍ଣା ଅଭିଷେକ, ଅବୀର ସୁଫୀ, ପରିତୋଷ ତ୍ରିପାଠୀ, ନୀତିନ କୁମାର, ରାକୁଲ ପ୍ରୀତ ପ୍ରମୁଖ ବଲିଉଡ୍ କଳାକାର ସାମିଲ ହୋଇଛନ୍ତି। ଏହାବ୍ୟତୀତ ଅମିତାଭ ବଚ୍ଚନ, ଅଭିଷେକ ବଚ୍ଚନ, ମାଧୁରୀ ଦୀକ୍ଷିତ, ଦିଶା ପଟ୍ଟାନୀ, ବରୁଣ ଧାୱନ, ରାଜକୁମାର ରାଓ, ସୋନା ମହାପାତ୍ରଙ୍କ ସମେତ ବହୁ ବଲିଉଡ୍ କଳାକାର ଓଡ଼ିଶାକୁ ସହଯୋଗ କରିବା ପାଇଁ ଅପିଲ କରିଛନ୍ତି। ସେହିପରି ପ୍ରବାସୀ ଓଡ଼ିଆଙ୍କ ପକ୍ଷରୁ ନଭି ମୁମ୍ବାଇସ୍ଥିତ କେରଳ ଭବନରେ 'ଫନୀ ରିଲିଫ୍ ସେଣ୍ଟର' ଖୋଲାଯାଇ ବିଭିନ୍ନ ବର୍ଗର ଲୋକଙ୍କଠୁ ବାତ୍ୟା ପ୍ରଭାବିତଙ୍କ ପାଇଁ ସହାୟତା ଲୋଡ଼ାଯାଉଛି। ବାଙ୍ଗାଲୋରର କୋରାମଙ୍ଗଳା, ଦିଲ୍ଲୀର ସାକେତ୍ ମେଟ୍ରୋ ଷ୍ଟେଶନସ୍ଥିତ ଓଡ଼ିଶା ହୋଟେଲ, ହାଇଦ୍ରାବାଦର କୋଣ୍ଡାପୁରର ପର୍ଲଭିଲେଜ୍ ରୋଡର କ୍ରିଏଟିଭ ସ୍ନେହା ଆପାର୍ଟମେଣ୍ଟ ଓ ଚେନ୍ନାଇର ଟି. ନଗରସ୍ଥିତ ସିକ୍ସଥ୍ ସେନ୍ସ ଫାଉଣ୍ଡେଶନ ଅଫିସ୍‌ରେ ରିଲିଫ୍ ସେଣ୍ଟର ଖୋଲାଯାଇଛି।

## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା

# ମୃତା ଜେମାଦେଈଙ୍କ ପରିବାରକୁ ୨ଲକ୍ଷ ଟଙ୍କା ସହାୟତା

ବଲାଙ୍ଗୀର ଅଫିସ, ୯।୫

ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ପ୍ରାଣ ହରାଇଥିବା ଜେମାଦେଈ ସାହୁଙ୍କ ପରିବାରକୁ ୨ଲକ୍ଷ ଟଙ୍କାର ସହାୟତା ମିଳିବ । ବଲାଙ୍ଗୀର ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଏ ସଂକ୍ରାନ୍ତରେ ଘୋଷଣା କରାଯାଇଛି । ଜେମାଦେଈଙ୍କ ଝିଅ ମହିମା ସାହୁଙ୍କୁ ଏହି ସହାୟତା ପ୍ରଦାନ କରାଯିବ। ଗୁରୁବାର ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଥିବା ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ର ମହିମାଙ୍କୁ ପ୍ରଥମ ପର୍ଯ୍ୟାୟରେ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି । ଏହି ଅବସରରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଆଶାପୂର୍ଣ୍ଣା ମହାପାତ୍ର, ସିଭିଲ କୋର୍ଟ ରେଜିଷ୍ଟ୍ରାର ସନ୍ତୋଷଦାସ ରାୟ, ଜିଲା ଆଇନସେବା ପ୍ରାଧିକରଣ କର୍ମକର୍ତ୍ତା ପ୍ରବୀଣ ଶତପଥୀ, ରଜନୀକାନ୍ତ ରଥ, ସୁବ୍ରତ ନେପାକ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ୨୦୧୮ ଫେବୃୟାରୀ ୨୩ରେ ପଟଣାଗଡ଼ ବ୍ଲକ ଛକ ନିକଟରେ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ପାର୍ସଲ ବୋମା ବିସ୍ଫୋରଣ ଘଟିଥିଲା । ଏଥିରେ ଅଧ୍ୟାପକ ସାହୁଙ୍କ ନବବିବାହିତ ପୁତ୍ର ସୌମ୍ୟଶେଖର ସାହୁ ଓ ପିଇସୀ ମା' ଜେମାଦେଈଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାକୁ ନେଇ ପାଟଣାଗଡ଼ ଥାନାରେ ଏକ ମାମଲା (ନଂ.୩୫/୧୮) ରୁଜୁ ହୋଇଥିଲା ।

## ବଳାତ୍କାର ପୀଡ଼ିତାଙ୍କ ମା'ଙ୍କୁ ମିଳିବ ୬ ଲକ୍ଷ ଟଙ୍କା

**ବଲାଙ୍ଗୀର ଅଫିସ, ୯।୫:** ବଲାଙ୍ଗୀର ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଗତ ଏପ୍ରିଲ ମାସରେ ବଳାତ୍କାରର ଶିକାର ହୋଇଥିବା ଜଣେ ୩ବର୍ଷର ଶିଶୁକନ୍ୟାଙ୍କ ପରିବାରକୁ ୬ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି । ଗୁରୁବାର ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ର ପୀଡିତାଙ୍କ ମା'ଙ୍କୁ ପ୍ରଥମ ପର୍ଯ୍ୟାୟରେ ୫୦ହଜାର ଟଙ୍କାର ଚେକ୍‌ପ୍ରଦାନ କରିଛନ୍ତି। ଗତ ଏପ୍ରିଲ ମାସ ୨୦ ତାରିଖରେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଏକ ଗାଁରେ ଉକ୍ତ ଶିଶୁକନ୍ୟାକୁ ସେହି ଗାଁର ଜଣେ ୧୪ ବର୍ଷର ନାବାଳକ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା । ଏନେଇ ସଦର ଥାନାରେ ଏକ ମାମଲା (ନଂ.୮୮/୧୯) ରୁଜୁ ହୋଇଥିଲା ।


# ପେମେଣ୍ଟରେ ବିଳମ୍ବ

ମୋର ସମ୍ମାନୀୟ ନିବେଶକର୍ତ୍ତା ସାଥୀଗଣ,

ସର୍ବପ୍ରଥମେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଛି କି ଆପଣଙ୍କର ଜୀବନ ସପରିବାର ସର୍ବଦା ସୁଖୀ ଏବଂ ସଂପନ୍ନ ରହୁ।

ଠିକ୍ ସମୟରେ ପେମେଣ୍ଟ କରିବାର ଯେଉଁ ସ୍ଥାପିତ ପରମ୍ପରା ଅଛି ତାହା ବିପରିତ ଏଠାରେ କିଛି ଜାଗାରେ ପେମେଣ୍ଟ କରିବାରେ ବିଳମ୍ବ ହେଉଅଛି କାରଣ ମାନନୀୟ ସର୍ବୋଚ୍ଚ ନ୍ୟାୟଳୟର ପ୍ରତିବନ୍ଧ (ଏମ୍ବର୍ଗୋ) କାରଣରୁ ଆମେ ନିଜର ପରିସଂପତ୍ତି ବିକ୍ରି କରି, ବନ୍ଧାରଖି କିମ୍ବା ଜଏଣ୍ଟ୍ ବେଞ୍ଚର୍‌ରେ ଧନ ଏକଜୁଟ୍ କରି ଏକଟଙ୍କା ମଧ୍ୟ ସଂସ୍ଥାଗତ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବୁ ନାହିଁ, ଏପରିକି ନିବେଶକଙ୍କର ପେମେଣ୍ଟ ପାଇଁ ମଧ୍ୟ ନୁହେଁ।

ଏହି ପ୍ରକାରର ଏକଜୁଟ୍ କରାଯାଇଥିବା ସମୁଦାୟ ଧନରାଶି ସାହାରା-ସେବି ଖାତାକୁ ଚାଲିଯାଇଥାଏ। ଏ ପର୍ଯ୍ୟନ୍ତ ସାହାରା-ସେବି ଖାତାରେ ମୋଟ ସୁଧ ସହ ପ୍ରାୟ **₹21,000** କୋଟି ଟଙ୍କା। ଜମା ହୋଇଯାଇଅଛି । ସେବି ଦ୍ୱାରା **4** ଥର **150** ଟି ଖବର କାଗଜ ଜରିଆରେ ପୁରା ଦେଶରେ, ବିଜ୍ଞାପନ ଦେବା ସତ୍ତ୍ୱେ ମଧ୍ୟ ସେବି କେବଳ **₹96** କୋଟି ଟଙ୍କା ସମ୍ମାନିତ ନିବେଶକମାନଙ୍କୁ ପ୍ରଦାନ କରିପାରିଛି । ଏହା ଏଥିପାଇଁ କି ଅଧିକାଂଶ ନିବେଶକମାନଙ୍କ ପେମେଣ୍ଟ ଆମେ ପ୍ରଥମରୁ ହିଁ କରିସାରିଅଛୁ।

ଏଣୁ ନ୍ୟାୟାଳୟ ନିର୍ଦ୍ଦେଶାନୁସାରେ ଯେମିତି ଖାତାଗୁଡିକର ଯାଞ୍ଚ୍ ହୋଇଯିବ, ଆମେ ଜମା କରିଥିବା ସମସ୍ତ ଧନରାଶି ଆମକୁ ଫେରସ୍ତ ମିଳିଯିବ, ଯାହାକୁ ଯାହା ଦେୟ ପାଇବାର ଅଛି, ତାର ତାହା ପୁରା ହୋଇଯିବ, ତା ସହିତ ଆଗକୁ ପ୍ରତିବନ୍ଧ ମଧ୍ୟ ହଟିଯିବ । ସେତେବେଳେ ଦେୟ ସମ୍ବନ୍ଧୀୟ ବିଳମ୍ବର ସମସ୍ୟା ଧିରେ ଧିରେ ସମାପ୍ତ ହୋଇଯିବ । ହଁ, ଏହି ପ୍ରକ୍ରିୟା ପୁରା କରିବାରେ କିଛି ସମୟ ଅବଶ୍ୟ ଲାଗିବ ଯାହା ସମ୍ପୁର୍ଣ୍ଣରୁପେ ସମ୍ମାନୀୟ ନ୍ୟାୟାଳୟ ଉପରେ ନିର୍ଭର କରିଥାଏ।

ଏହା ବ୍ୟତୀତ ସାହାରାର ପରିସଂପତ୍ତି ତାହାର ସମୁଦାୟ ଦେଣଦାରୀ/ଦେୟତା ତୁଳନାରେ ତିନି ଗୁଣା ଅଧିକ ଅଟେ । ଏଣୁ ନିବେଶକମାନଙ୍କ ଧନ ସଂପୁର୍ଣ୍ଣ ରୁପେ ସୁରକ୍ଷିତ ଅଟେ।

ବର୍ତ୍ତମାନ ଟିକିଏ ଅସୁବିଧା ତ ନିଶ୍ଚୟ ଅଛି। ଦୁଃଖର ବିଷୟ ଏହି କି ଯେ କଠିନ ପରିସ୍ଥିତିର ଲାଭ ନେବା ପାଇଁ ଆମର ଏଠାରୁ ନିଷ୍କାସିତ ହୋଇଥିବା କିଛି କର୍ମଚାରୀ କିମ୍ବା କିଛି କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତା ଯେଉଁମାନେ ସଂସ୍ଥାରୁ କାମ ଛାଡି ଦେଇଛନ୍ତି ସେମାନେ ପରିସ୍ଥିତିର ଫାଇଦା ଉଠାଇ କିଛି କୁଜୀ ନେତାମାନଙ୍କ ସହ ମିଶି ସମ୍ମନିତ ନିବେଶକର୍ତ୍ତା ସାଥୀମାନଙ୍କ ମଧ୍ୟରେ ଅପପ୍ରଚାର କରୁଛନ୍ତି, ଓ ସେମାନଙ୍କୁ ଭ୍ରମିତ କରୁଛନ୍ତି ତଥା ସଂସ୍ଥା ଏବଂ ସମ୍ମାନିତ ନିବେଶକାରୀମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଛନ୍ତି। ବ୍ଲାକ୍‌ମେଲର୍ ପରି ସଂସ୍ଥା ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଏପରି ଲୋକମାନଙ୍କ ପ୍ରତି ଆପଣମାନଙ୍କୁ ସମ୍ପୁର୍ଣ୍ଣ ସାବଧାନତା ଅବଲମ୍ବନ କରିବାର ଆବଶ୍ୟକତା ଅଛି।

ଆପଣ ନିବେଶକର୍ତ୍ତା ସାଥୀମାନଙ୍କର ହିତ ଆମ ପାଇଁ ସର୍ବଦା ସର୍ବୋଚ୍ଚ ରହିଅଛି ଏବଂ ସବୁବେଳେ ରହିବ ମଧ୍ୟ ।

ଆପଣମାନଙ୍କୁ ମୋର ଅନୁରୋଧ ଯେ ବିଚଳିତ ହୁଅନ୍ତୁ ନାହିଁ ଏବଂ ଧୈର୍ଯ୍ୟ ରଖନ୍ତୁ। ଆପଣଙ୍କୁ ଆପଣଙ୍କର ନିବେଶିତ ଧନ ସଂପୁର୍ଣ୍ଣ ସୁଧ ସହ ମିଳିଯିବ । ଯେଉଁ ବିଳମ୍ବ ହେଉଅଛି ତାକୁ ଆପଣ ଏହା ଭାବି ନିଅନ୍ତୁ ଯେ, ଆପଣ ଅଧିକ ସୁଧ ଅର୍ଜନ କରିବା ପାଇଁ ନିଜ ଧନକୁ ଟିକିଏ ଅଧିକ ସମୟ ନିବେଶିତ କରିଛନ୍ତି।

ମୁଁ ପୁଣି ଥରେ ଆପଣଙ୍କୁ ଆଶ୍ୱସ୍ତ କରୁଅଛିଯେ ଆପଣଙ୍କ ଧନ ପୁର୍ଣ୍ଣମାତ୍ରାରେ ସୁରକ୍ଷିତ ଏବଂ ଆପଣଙ୍କୁ କୌଣସି ପ୍ରକାରର କିଛି କ୍ଷତି ହେବନାହିଁ । ଆପଣମାନଙ୍କୁ ଅନୁରୋଧ ଆମ ସହିତ ସହଯୋଗ କରନ୍ତୁ ଓ ପୂର୍ବପରି ଆମଉପରେ ବିଶ୍ୱାସ ରଖନ୍ତୁ ।

ସମ୍ମାନ ଏବଂ ଶୁଭକାମନା ସହିତ

ସର୍ବଦା ଆପଣଙ୍କର
Saharasri
ସୁବ୍ରତ ରାୟ ସାହାରା

SAHARA
INDIA PARIWAR

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..........................


ଆଦ୍ୟାଶା
ପରିବାରବର୍ଗ


ସସ୍ମିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜମିବାଡ଼ି ବିବାଦର କରୁଣ ପରିଣତି
# ନାବାଳକଙ୍କୁ ଅପହରଣ ପରେ ହତ୍ୟା


ରିତେଶ ପ୍ରଧାନ (ଫାଇଲ ଫଟୋ)


ମୃତଦେହ ଉଦ୍ଧାର ପରେ ହତ୍ୟା ଘଟଣାର ଛାନଭିନ ଚାଲିଛି।

■ ଜଙ୍ଗଲରୁ ଉଦ୍ଧାର ହେଲା ଗଳିତ ମୃତଦେହ, ୨ ଗିରଫ
■ ଚାପା ଉତ୍ତେଜନା, ପୋଲିସ ମୁତୟନ

ଦାରିଙ୍ଗବାଡ଼ି,୯।୫(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା କଟାବାଡ଼ି ଗ୍ରାମର ଜଣେ ନାବାଳକଙ୍କୁ ଅପହରଣ ପରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ ଦେବାନନ୍ଦ ପ୍ରଧାନଙ୍କ ୮ ବର୍ଷୀୟ ପୁଅ ରିତେଶ। ରିତେଶ ଗତ ୫ଦିନ ତଳୁ ନିଖୋଜ ଥିଲେ। ଗୁରୁବାର ଗ୍ରାମ ନିକଟ ତଡ଼େଗାଣ୍ଡା ପାହାଡ଼ରୁ ପୋଲିସ ତାଙ୍କ ଗଳିତ ମୃତଦେହକୁ ମାଜିଷ୍ଟ୍ରେଟ ତଥା ଦାରିଙ୍ଗବାଡ଼ି ତହସିଲଦାର ନୀତୀଶ ତ୍ରିପାଠୀଙ୍କ ଉପସ୍ଥିତିରେ ଉଦ୍ଧାର କରିଛି। ଏହି ଘଟଣାରେ ଗ୍ରାମର ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମୀନକେତନ ପ୍ରଧାନ (୫୦) ଏବଂ ସାମସନ ପ୍ରଧାନ (୨୦)। ଉକ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତ ମୀନକେତନ ବୋଲି ପୋଲିସ କହିଛି। ମୀନକେତନଙ୍କ ସହ ଦେବାନନ୍ଦଙ୍କ ଜମିବାଡିକୁ ନେଇ ବିବାଦ ଲାଗି ରହିଥିଲା। ଦେବାନନ୍ଦଙ୍କ ପୁଅ ରିତେଶଙ୍କୁ ମୀନକେତନ ସହଯୋଗୀ ସାମସନଙ୍କ ସହ ମିଶି ଅପହରଣ ପରେ ହତ୍ୟା କରିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏ ନେଇ ଏକ ହତ୍ୟା ମାମଲା (ନଂ.୪୯/୧୯) ରୁଜୁ ହୋଇଛି। ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମୀନକେତନଙ୍କ ଜମିକୁ କୁଆଡ଼େ ଦେବାନନ୍ଦ ଅକ୍ତିଆର କରିନେଇଥିଲେ। ସେଥିପାଇଁ ଦୁଇ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଦେବାନନ୍ଦଙ୍କ ପରିବାରର ଏକମାତ୍ର ପୁଅ ରିତେଶଙ୍କୁ ରାସ୍ତାରୁ ହଟାଇ ଦେବାକୁ ମୀନକେତନ ବହୁଦିନରୁ ଯୋଜନା କରିଥିଲେ। ଏଥିରେ ସହଯୋଗ କରିବା ପାଇଁ ସାମସନଙ୍କୁ ସେ ଅର୍ଥ ଲୋଭ ଦେଖାଇଥିଲେ। ରିତେଶଙ୍କୁ ହତ୍ୟା କରିବା ଯୋଜନା ସଫଳ ହେଲେ ୫୦ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗତ ରବିବାର ମଧ୍ୟାହ୍ନରେ ଗାଁ ଦାଣ୍ଡ ଶୂନଶାନ ଥିଲା। ଏହି ସମୟରେ ରିତେଶ ଗାଁ ନିକଟ ଏକ ଗଛ ମୂଳରେ ଖେଳୁଥିବା ବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ କେନ୍ଦୁଫଳ ତୋଳିବା ବାହାନାରେ ତଡ଼େଗାଣ୍ଡା ପାହାଡ଼କୁ ଡାକି ନେଇଥିଲେ। ସେଠାରେ ଦୁହେଁ ରିତେଶଙ୍କ ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିଲେ। ରିତେଶ ଚିତ୍କାର କରିବାରୁ ମୀନକେତନ ତାଙ୍କ ପାଟିରେ ଗାମୁଛା ବାନ୍ଧି ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ରିତେଶ ଘରକୁ ନ ଫେରିବାରୁ ପରିବାର ଲୋକଙ୍କ ଚିନ୍ତା ବଢ଼ିଥିଲା। ବହୁ ଖୋଜାଖୋଜି ପରେ କୌଣସି ପତ୍ତା ନ ମିଳିବାରୁ ସୋମବାର ଥାନାରେ ଏ ନେଇ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରିତେଶଙ୍କୁ କେହି ଜଣେ ଅଚିହ୍ନା ବ୍ୟକ୍ତି ବାଇକରେ ବସାଇ ନେଉଥିବା ଦେଖିଛନ୍ତି ବୋଲି ନିଜକୁ ବଞ୍ଚାଇବା ପାଇଁ ମୀନକେତନ ଓ ସାମସନ ଗ୍ରାମବାସୀଙ୍କୁ ମିଥ୍ୟା ସୂଚନା ଦେଇଥିଲେ। ତେଣୁ ପୋଲିସ ସେ ଦିଗରେ ତଦନ୍ତ କରିଥିଲା। ସନ୍ଦେହରେ ୨ ବାଇକ ଆରୋହୀଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରିଥିଲା। ଏହାପରେ ମଧ୍ୟ ରିତେଶଙ୍କ ସମ୍ପର୍କରେ କୌଣସି ଠିକ୍ ସୂଚନା ମିଳି ନ ଥିଲା। ତେଣୁ ଅପହରଣ ଗୁଜବ ସୃଷ୍ଟି କରିଥିବା ମୀନକେତନ ଓ ସାମସନଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା। ଉଭୟଙ୍କୁ ଦାରିଙ୍ଗବାଡି ଥାନାକୁ ଆଣି ପୋଲିସ ପଚରାଉଚରା କରିବା ପରେ ସେମାନେ ରିତେଶଙ୍କୁ ହତ୍ୟା କରିଥିବା ଜଣାପଡିଥିଲା। ଅଭିଯୁକ୍ତଦ୍ୱୟ ମାଜିଷ୍ଟ୍ରେଟ ଏବଂ ପୋଲିସକୁ ମୃତଦେହ ଲୁଚାଇଥିବା ସ୍ଥାନ ଦେଖାଇବା ବେଳେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ସେଠାରେ ଅଧିକ ଫୋର୍ସ ମୁତୟନ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ତଥା ଆଇଆଇସି ଗରଡ଼ିଆ, ସବଇନ୍ସପେକ୍ଟର ଗୋପାଳକୃଷ୍ଣ ଆଗୁପାତ୍ର, ସୌମ୍ୟରଞ୍ଜନ ଜେନା, ଅନିଲ କୁମାର ଦେବତା, ହାବିଲଦାର ଗଜେନ୍ଦ୍ର ବିଶୋୟୀଙ୍କ ସମେତ ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ସହ ଯାଇ ପାହାଡ଼ର ଏକ ପଥର ଖୋଲରୁ ରିତେଶଙ୍କ ମୃତଦେହକୁ ଉଦ୍ଧାର କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଉଜୁଡ଼ିଗଲା ୧.୫୨ ଲକ୍ଷ...

୧୭୮ ବ୍ୟାଙ୍କରୁ ୧୨୩ କାର୍ଯ୍ୟକ୍ଷମ ରହିଥିବା ବେଳେ ୧୯୬ ଏଟିଏମ୍‌ରୁ ୧୧୨ ଚାଲୁ ରହିଛି। କେନ୍ଦ୍ରାପଡାରେ ୧୪୪ଟିବ୍ୟାଙ୍କ ଶାଖାରୁ ୧୧୩ଟି କାର୍ଯ୍ୟକ୍ଷମ ଥିବା ବେଳେ ୧୬୯ ଏଟିଏମ୍‌ରୁ ୧୦୫ଟି ଚାଲୁ ରହିଛି। ଇଣ୍ଟରନେଟ ନ ଥିଲେ ମଧ୍ୟ ସବୁ ବ୍ୟାଙ୍କ ଖୋଲା ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବୀମା କମ୍ପାନୀଗୁଡିକ ତୁରନ୍ତ କ୍ଷୟକ୍ଷତି ଆକଳନ କରିବାକୁ କୁହାଯାଇଛି। ଏଥିସହିତ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଡାକିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

ଟେଲିକମ୍ୟୁନିକେଶନ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ ସିଂ କହିଛନ୍ତି ଯେ ବାତ୍ୟା ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଟେଲିକମ୍ ସେବାରେ ସୁଧାର ଆସିଛି। ଭୁବନେଶ୍ୱରରେ ବିଭିନ୍ନ ଟେଲିକମ୍ କମ୍ପାନୀର ଷ୍ଟେଟ ଲେଭଲ ସୁଇଚିଂ ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି। ୪୫୪୩ଟି ବିଟିଏସ ସାଇଟରୁ ୧୪୫୦ଟି କାର୍ଯ୍ୟକ୍ଷମ ରହିଛି। ଫଳରେ ନେଟୱର୍କରେ ସମସ୍ୟା ଦେଖାଦେଇଛି। ତେବେ ଯେଉଁ ଟେଲିକମ୍ କମ୍ପାନୀର ସିଗ୍‌ନାଲ ଆସୁଛି ଅନ୍ୟ କମ୍ପାନୀର ଫୋନ ନମ୍ବରକୁ ସେହି ସିଗ୍‌ନାଲ ସହ ଶେୟାର କରି କଥାବାର୍ତ୍ତା କରିପାରିବେ। ସମସ୍ତ ଟେଲିକମ୍ କମ୍ପାନୀଗୁଡ଼ିକ ଏହି ସୁବିଧା ବାତ୍ୟା ପୀଡିତ ଗ୍ରାହକମାନଙ୍କୁ ଦେଇଛନ୍ତି। ପୁରୀ, କୋଣାର୍କ, ନିମାପଡା, ଭୁବନେଶ୍ୱର ସହରରେ ୧୦୦ ପ୍ରତିଶତ ପାନୀୟ ଜଳ ଯୋଗାଣ କରାଯାଇଛି। ପରିମଳ ବ୍ୟବସ୍ଥା ସୁଧାରିବାକୁ ଭୁବନେଶ୍ୱରରେ ୧୫୦ ଜଣ ଯନ୍ତ୍ରୀ, ପୌର କର୍ମଚାରୀ ଏବଂ ୩୨୦୦ କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ପୁରୀରେ ୪୦ ଜଣ ଯନ୍ତ୍ରୀ, ପୌର କର୍ମଚାରୀ ଓ ୪୧୦୦ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେହିପରି ନିମାପଡା ଓ କୋଣାର୍କରେ ୫୦୨ କର୍ମଚାରୀ ପରିମଳ ବ୍ୟବସ୍ଥା ସୁଧାରିବାରେ ନିୟୋଜିତ ହୋଇଛନ୍ତି। ପୁରୀ ସହରରେ ପାନୀୟ ଜଳ ଯୋଗାଣ ଶତ ପ୍ରତିଶତ କରାଯାଇଛି।

ସେହିପରି ଗ୍ରାମାଞ୍ଚଳରେ ୨୩୬୪ଟି ପାନୀୟ ଜଳ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି। ସେଥିରୁ ୧୫୫୦ଟିର ପୁନରୁଦ୍ଧାର କରାଯାଇଛି। ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ୭୪୧ଟି ଓଭର ହେଡ୍ ଟ୍ୟାଙ୍କକୁ ପାଣି ଭର୍ତ୍ତି କରିବା ଲାଗି ୩୦୦ ଡିଜି ସେଟ ଯୋଗାଇ ଦିଆଯାଇଛି। ଗାଁ ଗହଳିରେ ଥିବା ନଳକୂପଗୁଡିକୁ ଠିକ୍ କରିବା ପାଇଁ ମୋବାଇଲ ଟିମ୍ ପଠାଯାଇଛି। ଭଦ୍ରକରେ ୧୦୦ ପ୍ରତିଶତ ପାଇପ ଜଳ ଯୋଗାଣ କରାଯାଇଥିବା ବେଳେ ଯାଜପୁର, କେନ୍ଦ୍ରାପଡା, କଟକର ଆଠଗଡରେ ୭୦ରୁ ୮୦ ପ୍ରତିଶତ ପାନୀୟ ଜଳ ପ୍ରକଳ୍ପକୁ ପୁନରୁଦ୍ଧାର କରାଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ଗ୍ରାମାଞ୍ଚଳରେ ଥିବା ସମସ୍ତ ପାଇପ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ସିଂ ସୂଚନା ଦେଇଛନ୍ତି। ପୁରୀରେ ୭୧ଟି ପାଇପ ଜଳ ପ୍ରକଳ୍ପ ଥିବା ବେଳେ ଖୋର୍ଦ୍ଧାରେ ୨୨୬ ପ୍ରକଳ୍ପରୁ ପାଣି ଉଠାଇବା ପାଇଁ ୮୫ଟି ଡିଜି ସେଟ ଦିଆଯାଇଛି। କୌଣସି ରାସ୍ତାରେ ଅବରୋଧ ନାହିଁ, ଭଙ୍ଗା ଗଛକୁ ହଟାଇବା କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। ଟ୍ରାଫିକ୍ ବ୍ୟବସ୍ଥା ସ୍ୱାଭାବିକ ହୋଇଛି। ରିଲିଫ ଯୋଗାଣ ଆରମ୍ଭ ହୋଇଛି। ନିମ୍ନମାନର ଚାଉଳ ନ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବାତ୍ୟା ପ୍ରଭାବିତ ୫ ଜିଲା ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡାର ବିଭିନ୍ନ ମେଡିକାଲରେ ୭୦୩ ମେଡିକାଲ ଟିମ୍ କାମ କରୁଛନ୍ତି। ବାତ୍ୟା ବେଳେ ୩୭୧ ଜଣ ମହିଳା ଡାକ୍ତରଖାନାରେ ପ୍ରସବ କରିଛନ୍ତି। ୧୦ ହଜାର ୫୪୪ ଜଣ ଆହତଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଖୋର୍ଦ୍ଧା ଓ ପୁରୀ ବାତ୍ୟା ପ୍ରଭାବିତ ଅଞ୍ଚଳକୁ ୩୪୫୮ କୁଇଣ୍ଟାଲ ଚୁଡା, ୮୫୭ କୁଇଣ୍ଟାଲ ଗୁଡ ଯୋଗାଇ ଦିଆଯାଇଛି। ପୁରୀ ଓ ଖୋର୍ଦ୍ଧା ଜିଲାକୁ ୧ଲକ୍ଷ ୨୭ ହଜାର ୭୮ କୁଇଣ୍ଟାଲ ଲେଖାଏ ଚାଉଳ ଯୋଗାଇ ଦିଆଯାଇଥିବା ବେଳେ କଟକ ୧ ଲକ୍ଷ ୫୨ ହଜାର ୩୦୯, କେନ୍ଦ୍ରାପଡା ୯୭,୩୭୦, ଜଗତ୍‌ସିଂହପୁରକୁ ୭୦, ୬୮୧ କୁଇଣ୍ଟାଲ ଯୋଗାଇ ଦିଆଯାଇଛି।

### ସିଝୁଛି...

ଉପକୂଳ ଜିଲାବାସୀ ଗରମ ଓ ଗୁଳୁଗୁଳିରେ ଆଉଟପାଉଟ ହେଉଛନ୍ତି। ବାୟୁମଣ୍ଡଳରେ ଆର୍ଦ୍ରତା ବୃଦ୍ଧି ପାଇଥିବାରୁ ଦେହ ମୁଣ୍ଡରୁ ଗମ୍ ଗମ୍ ହୋଇ ଝାଳ ବୋହି ଚାଲିଛି। ପୂର୍ବାହ୍ନ ୧୦ଟା ବେଳକୁ ବାହାରେ ରହିବା ଏକପ୍ରକାର ମୁସ୍କିଲ ହୋଇ ପଡୁଛି। ଯେତେ ଥର ଗାଧୋଇଲେ ମଧ୍ୟ ଆଶ୍ୱସ୍ତି ମିଳୁନି। ପୁରୀ, ଖୋର୍ଦ୍ଧା ଓ ଭୁବନେଶ୍ୱରରେ ବିଦ୍ୟୁତ ନ ଥିବାରୁ ଗରମ ପ୍ରକୋପ ଲୋକମାନଙ୍କୁ ଆହୁରି ଚିଡିଚିଡା କରି ପକାଇଛି। ଅନ୍ୟପଟେ ପଶ୍ଚିମ ଓଡିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ତାତିକୁ ଉପରମୁହାଁ କରିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ରାଜ୍ୟରେ ୧୨ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ୩ଟି ସହରରେ ପାରଦ ୪୫ ଡିଗ୍ରୀ ଉପରେ ରହିଛି। ଟିଟିଲାଗଡରେ ସର୍ବୋଚ୍ଚ ତାପମାତ୍ରା ୪୫.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୫, ସୋନପୁର ୪୫, ସମ୍ବଲପୁର ୪୪.୬, ଝାରସୁଗୁଡା ୪୪.୮, ଅନୁଗୋଳ ୪୨.୭, ବାରିପଦା ୪୧.୬, ସୁନ୍ଦରଗଡ ୪୨, ହୀରାକୁଦ ୪୩.୧, ତାଳଚେର ୪୩.୫, ଭବାନୀପାଟଣା ୪୨.୫ ଏବଂ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତେବେ ଆସନ୍ତା ୩ ଦିନ ଯାଏ ପ୍ରଚଣ୍ଡ ଗ୍ରୀଷ୍ମରୁ ତ୍ରାହି ମିଳିବ ନାହିଁ। ଏହି ସମୟ ମଧ୍ୟରେ ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ବରଗଡ, ସୋନପୁର, ବୌଦ୍ଧ, କଳାହାଣ୍ଡି, ବଲାଙ୍ଗୀର, ନୂଆପଡା ଆଦି ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ଅସୁସ୍ଥ ଥିବା କିମ୍ବା ଦୁର୍ବଳ ବ୍ୟକ୍ତିଙ୍କ ପାଇଁ ଏହି ଗ୍ରୀଷ୍ମ ପ୍ରବାହ ଘାତକ ହୋଇପାରେ। ଏ ନେଇ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ୧୩ ତାରିଖ ପରେ ପାଗରେ ସାମାନ୍ୟ ପରିବର୍ତ୍ତନ ହେବ ବୋଲି ଅନୁମାନ କରାଯାଇଛି।

# ୧୨ସୁଦ୍ଧା ଟ୍ରେନ୍ ଚଳାଚଳ ସ୍ୱାଭାବିକ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୯।୫(ବ୍ୟୁରୋ)

ବାତ୍ୟା ଫନୀ ପରେ ଓଡ଼ିଶାରେ ଟ୍ରେନ ଚଳାଚଳରେ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଆସନ୍ତା ୧୨ତାରିଖ ସୁଦ୍ଧା ଟ୍ରେନ୍ ଚଳାଚଳ ସ୍ୱାଭାବିକ ହେବ। ଗୁରୁବାର ରେଳ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କ ସହ ସମୀକ୍ଷା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଘଡିସନ୍ଧି ମୁହୂର୍ତ୍ତରେ ରେଳ ମନ୍ତ୍ରଣାଳୟର କ୍ରାଇସିସ୍ ମ୍ୟାନେଜମେଣ୍ଟ ଭଲ କାମ କରିବାର ନଜିର ରହିଛି। ରାଜ୍ୟ ସରକାରଙ୍କ ସହ ମନ୍ତ୍ରଣାଳୟ କାନ୍ଧକୁ କାନ୍ଧ ମିଶାଇ କାମ କରୁଛି। ମନ୍ତ୍ରଣାଳୟ ପକ୍ଷରୁ ନିଆଯାଇଥିବା ପ୍ରସ୍ତୁତି ସନ୍ତୋଷଜନକ। ଫନୀ ପ୍ରଭାବରେ ଖୋର୍ଦ୍ଧା ଡିଭିଜନ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ଭୁବନେଶ୍ୱର, ଖୋର୍ଦ୍ଧା ରୋଡ, ପୁରୀ ଓ କଟକ ଷ୍ଟେଶନ ମଧ୍ୟ କ୍ଷତିଗ୍ରସ୍ତ ହେଇଥିଲା। ୧୮ ଟ୍ରେନ୍ ପୁରୀ ପର୍ଯ୍ୟନ୍ତ ଚାଲେ। ସେଥିମଧ୍ୟରୁ ୧୦ ଟ୍ରେନ୍ ପୁରୀକୁ ଚାଲିବା ଆରମ୍ଭ କରିଛି। ପୁରୀ ଏକ୍ସପ୍ରେସ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଛି। ୧୨ତାରିଖ ମଧ୍ୟରେ ସମସ୍ତ ଟ୍ରେନ୍ ଚଳାଚଳ କରିବା ପାଇଁ ରେଳ ମନ୍ତ୍ରଣାଳୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି। ବିଜୁଳି ସଂଯୋଗ କାମ ରେଲୱେ ଟ୍ରାକଶନରେ ପୁରୀ ପର୍ଯ୍ୟନ୍ତ ହୋଇସାରିଛି। ଭୁବନେଶ୍ୱର-ଖୋର୍ଦ୍ଧା ମଧ୍ୟରେ ବିଜୁଳି ଜଳିବା ଯୋଗୁ ପାଣି, ଚାର୍ଜିଂ ପଏଣ୍ଟ ବ୍ୟବସ୍ଥା ହୋଇସାରିଛି। ଯାହାଫଳରେ ଏହା ଆଶ୍ରୟ ଓ ଆସ୍ଥାର କେନ୍ଦ୍ର ଭାବେ କାମ କରିପାରିଛି। ରଥଯାତ୍ରା ସମୟରେ ରେଳ ବିଭାଗ ଯେତିକି ପ୍ରସ୍ତୁତି କରେ ଚଳିତବର୍ଷ ତାହାଠାରୁ ଅଧିକ କରିବ ବୋଲି ମନ୍ତ୍ରଣାଳୟ ଅଧିକାରୀ କହିଥିବା ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର ଗଣମାଧ୍ୟମ ପ୍ରଶ୍ନର ଉତ୍ତର ରଖି କହିଛନ୍ତି,ବାତ୍ୟା ବିପନ୍ନ ଅଞ୍ଚଳରେ ଟେଲଟାଙ୍କି ଚଳାଚଳ ହେବା ପ୍ରକ୍ରିୟା ସ୍ୱାଭାବିକ ହେଲାଣି।

# ମାଲକାନଗିରି ପୀଡ଼ିତାଙ୍କ ମୃତ୍ୟୁକୁ ନେଇ ରାଜ୍ୟ ସରକାରଙ୍କୁ ଭାଜପାର ଟାର୍ଗେଟ

ଭୁବନେଶ୍ୱର,୯।୫(ବ୍ୟୁରୋ)

ମାଲକାନଗିରି ଗୋବିନ୍ଦପାଲିର କଲେଜ ଛାତ୍ରୀ ଗଣବଳାତ୍କାର ପରେ ନ୍ୟାୟ ନ ପାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହାପରେ ସେ ଏମ୍ସ ହସ୍ପିଟାଲଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଗୁରୁବାର ପ୍ରାଣ ହରାଇଛନ୍ତି। ଏହା ଅତ୍ୟନ୍ତ ଲଜ୍ଜାଜନକ ଓ ମର୍ମନ୍ତୁଦ ବୋଲି ଭାଜପା ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଲେଖାଶ୍ରୀ କହିଛନ୍ତି, ମାଥିଲି ଥାନା ଆଇଆଇସି ବାମଦେବ ନନ୍ଦ ପୋକ୍ସୋ ଆଇନ ନ ଲଗାଇ କୋହଳ ଧାରା ଲଗାଇଥିବାରୁ ଅପରାଧୀମାନେ ଏହି ମାମଲାରେ ସହଜରେ ଜାମିନ ପାଇଥିଲେ। ଫଳରେ ପୀଡିତା ଲଜ୍ଜାରେ ଆତ୍ମହତ୍ୟା କରିଥିଲା। ଆଉ କେତେଦିନ ଓଡ଼ିଶାର ମା ଓ ଭଉଣୀମାନେ ନୀତି ବିହୀନ ନେତା, ସରକାରୀ ବାବୁ, ପ୍ରଶାସନ ଓ ପୋଲିସର ଦୟାରେ ରହିବେ ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଗୋଟିଏ ପଟେ ୩୩ ପ୍ରତିଶତ ମହିଳା ସଂରକ୍ଷଣ କଥା କହୁଥିବାବେଳେ ଅନ୍ୟପଟେ ଗଣବଳାତ୍କାର ପୀଡିତାଙ୍କୁ ନ୍ୟାୟ ମିଳୁନାହିଁ। ଏହା କ'ଣ ମୁଖ୍ୟମନ୍ତ୍ରୀଙ୍କ ମହିଳାଙ୍କୁ ସମ୍ମାନ କି ବୋଲି ସେ ପ୍ରଶ୍ନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ସହ ଘରୋଇ ଆଲୋଚନାରେ ନିମଗ୍ନ ରହିପାରନ୍ତି। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହିବାରୁ କେତେକ ବନ୍ଧୁ ମୁହଁ ଫେରାଇ ନେବାର ଆଶଙ୍କା ଉପୁଜିପାରେ। ସନ୍ଧ୍ୟାରେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବରେ ଆସିପାରେ। କର୍ମକ୍ଷେତ୍ରରେ କୌଣସି କର୍ମଚାରୀଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ।

**ବୃଷ** ଅନ୍ୟମାନଙ୍କ ସମର୍ଥନ ଲାଭ କରିବା ସହ ନିଜ ଲୋକମାନଙ୍କ ନିକଟରୁ ଦୂରେଇ ରହିବାକୁ ବାଧ ହେବେ। ଗାଡ଼ି, ମୋଟର, ପୁରୁଣା ଘର ମରାମତି ସକାଶେ ନୂତନ ଯୋଜନା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଟେନ୍‌ସନ ଦୂର ହେବ ଓ ଅଟକି ରହିଥିବା କାମଗୁଡିକ ଯଥାବିଧି ସମ୍ପନ୍ନ ହେବ। କଳା, ସାହିତ୍ୟ ଓ କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ** ଆନୁଷଙ୍ଗିକ ସହଯୋଗ, ସଦିଚ୍ଛା ଲାଭକରି ଦାୟିତ୍ୱ ସମ୍ପନ୍ନ କରିବାରେ କୌଣସି ଅସୁବିଧା ରହିବ ନାହିଁ। କେତେକ କ୍ଷେତ୍ରରେ ନିଜ ଲୋକମାନଙ୍କୁ ଛାଡ଼ିପାରିବେ ନାହିଁ। ସଭାସମିତି, ପରିବହନ, କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ବିଭିନ୍ନ ପ୍ରକାର ଯୋଜନା କରିବେ।

**କର୍କଟ** ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ଆଡ୍‌ଜଷ୍ଟ କରି ନେବା ଯୋଗୁ କୌଣସି ଅସୁବିଧା ହେବନାହିଁ। ଅତ୍ୟାବଶ୍ୟକ ଜିନିଷଟି ପରକୁ ଦେଇ ଅପଦସ୍ତ ହୋଇପାରନ୍ତି। ଅଟକି ରହିଯାଇଥିବା କାମ ସକାଶେ ମନ ଅସ୍ଥିର ରହିପାରେ। ପଡ଼ୋଶୀଙ୍କ ପରୋକ୍ଷ ଶତ୍ରୁତା ହେତୁ ସାମୟିକ ବାଧା ସୃଷ୍ଟି ହୋଇପାରେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିପାରନ୍ତି।

**ସିଂହ** ଆର୍ଥିକ ଉନ୍ନତି ସହ ବନ୍ଧୁମିଳନ ଓ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବ୍ୟସ୍ତ ରହିପାରନ୍ତି। ପରିବାରରେ ସମସ୍ୟା ସମାଧାନ, ପରିବହନରେ ଅର୍ଥଲାଭ, ନିର୍ମାଣ କାମରେ ଅଗ୍ରଗତି ଓ ଜମିଜମା ସମ୍ପର୍କିତ କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳିବ। ପ୍ରତ୍ୟୁଷ ଯାତ୍ରା କାଳରେ ପର କଥାରେ ମୁଣ୍ଡ ନ ପୂରାଇବା ଭଲ କାରଣ ଅଯଥା ଟେନ୍‌ସନ ବଢ଼ିବ।

**କନ୍ୟା** କର୍ମକ୍ଷେତ୍ରରେ ବ୍ୟତିକ୍ରମ ଯୋଗୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ପାରିବାରିକ ଦିଗ ପାଇଁ ବିଶେଷ କ୍ଷତିକାରକ ହେବନାହିଁ। କୌଣସି ନୂତନ କର୍ମାରମ୍ଭ ସକାଶେ ଅର୍ଥର ଆବଶ୍ୟକତା ବନ୍ଧୁଙ୍କ ମାଧ୍ୟମରେ ପୂରଣ ହୋଇଯିବ। ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି।

**ତୁଳା** ଆପଣ ପୂର୍ବରୁ ଯେଉଁ କାମଟିକୁ କରିବା ପାଇଁ ଅନିଚ୍ଛା ପ୍ରକାଶ କରୁଥିଲେ, ଆଜି ସେହି କାମଟି କରିବା ପାଇଁ ପ୍ରବଳ ଇଚ୍ଛା ମନରେ ଜାଗ୍ରତ ହେବ। ଅତି ପ୍ରିୟ ବ୍ୟକ୍ତିଟିର ଅନୁପସ୍ଥିତିଜନିତ ମନ ବ୍ୟାକୁଳିତ ରହିବ। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ଅଯାଚିତ ଭାବେ ପାଇବେ। କର୍ମକ୍ଷେତ୍ରରେ ବହୁ ଦାୟିତ୍ୱ ହାତକୁ ନେବାକୁ ପଡ଼ିବ।

**ବିଛା** ନୂତନ କର୍ମାରମ୍ଭ, ବନ୍ଧୁଙ୍କ ସହ ଆଲୋଚନା ଏବଂ ତୀର୍ଥାଟନ ସକାଶେ ଅନୁକୂଳ ବାତାବରଣ ଆନୟନ କରିବ। ବିଭିନ୍ନ ପ୍ରକାର ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ। ମାନସିକ ଚାପଗ୍ରସ୍ତ ହୋଇ ପାରିବାରିକ କ୍ଷେତ୍ର ପ୍ରତି ବୀତସ୍ପୃହ ରହିପାରନ୍ତି। କେତେକ କ୍ଷେତ୍ରରେ ନିଜର ସ୍ୱକୀୟ ମତ ପୋଷଣ କରି ସମାଲୋଚିତ ହେବାକୁ ପଡ଼ିପାରେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ, ନଚେତ୍ ମନସ୍ତାପ କରିବାକୁ ପଡିପାରେ। ଏକାଧିକ କାମରେ ହାତଦେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। କେତେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ। ଶାରୀରିକ ଅସୁସ୍ଥତାଜନିତ ପୀଡ଼ାରେ କଷ୍ଟ ପାଇପାରନ୍ତି। ମନର ଗୋପନ ବ୍ୟଥାକୁ ପ୍ରିୟଜନ ସମ୍ମୁଖରେ କହିପାରିବେ ନାହିଁ।

**ମକର** ଆଜିର ଦିନଟିରେ କେତେକ ସ୍ମରଣୀୟ ମୁହୂର୍ତ୍ତ ଆପଣଙ୍କୁ ଅପେକ୍ଷା କରି ରହିଛି। ଅନ୍ୟମାନଙ୍କୁ ସହଜରେ ଆକର୍ଷିତ କରି କାମ ହାସଲ କରିବେ। ଯାତ୍ରା ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବା ସକାଶେ ବହୁତ କଷ୍ଟ କରିବାକୁ ପଡିପାରେ। ପାରିବାରିକ ଅଶାନ୍ତି କ୍ରମଶଃ ବଢ଼ିପାରେ।

**କୁମ୍ଭ** ସାଧାରଣ କଥାକୁ କେନ୍ଦ୍ରକରି ଆତ୍ମୀୟଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ। ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ଜୋର୍‌ଦାର ଉଦ୍ୟମ କରିପାରନ୍ତି। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥକେନ୍ଦ୍ରିକ ହୋଇପଡିବ। ବ୍ୟବସାୟିକ ସଫଳତା ପାଇବେ। ନୂତନ କର୍ମାରମ୍ଭ ପାଇଁ ପ୍ରସ୍ତୁତିପର୍ବ ଆରମ୍ଭ କରିପାରନ୍ତି।

**ମୀନ** ଆଜି ପ୍ରତ୍ୟେକ ଦିଗରୁ ଦିନଟି ଉପଭୋଗ୍ୟ ରହିବ। ପାରିବାରିକ ଓ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହ ମତଭେଦ ଦୂରେଇ ଯିବାର ସମ୍ଭାବନା ରହିଛି। ବ୍ୟବସାୟରୁ ଲାଭବାନ୍ ହେବା ସହ ନୂତନ ବ୍ୟବସାୟାରମ୍ଭ ପାଇଁ ମଧ୍ୟ ଯୋଜନା କରିପାରନ୍ତି। ଦୀର୍ଘଦିନରୁ ଆଶା କରିଥିବା କୌଣସି ଖବର ଅପରାହ୍ନେ ପାଇ ଖୁସି ହୋଇପାରନ୍ତି।

ଆଜି ରାମାନୁଜାଚାର୍ଯ୍ୟ ଜୟନ୍ତୀ, ବୈଶାଖ ଶୁକ୍ଳ ଷଷ୍ଠୀ, ଶୁକ୍ରବାର, ମେ ୧୦ ତାରିଖ, ରାଶି ନକ୍ଷତ୍ର-ପୁନର୍ବସୁ/କର୍କଟ, ବିଛା, ଧନୁ ଓ ମୀନ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପ୍ରାତଃ ଘ୬।୫୯ମି. ଗତେ ଘ୯।୩୪ମି. ମଧ୍ୟେ, ଘ୧୨।୦୯ମି. ଗତେ ଘ୨।୪୪ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୦୭ମି. ଗତେ ଘ୧୧।୪୩ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302

**real estate**

**SALE**

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

SBI and RERA approved under-construction project at Patia, 3BHK 67lacs, 2BHK 56lacs at Tamando 3BHK 37 lacs, 2BHK 32 lacs. Contact: 9438749776, 9337951595. D-12452

ORERA registered 1BHK, Studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-66515

Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332. D-66366

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**healthcare**

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Newly opening ayurvedic body massage smart therapist, Shree herbal. 7750020754. D-66513

Full body massage with refreshment, expert therapist. 7381239385, 0674-2540855. D-66510

Herbal full body massage by smart/expert therapist. Contact: 8338067247. D-66512

Experience full body massage with us (expert). Call: 7377048581, 0674- 2597822. D-66511

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-12311

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

## ସଂକ୍ଷେପରେ

### ପ୍ରଶାସନିକସ୍ତରରେ ଅଦଳବଦଳ
### ଅନନ୍ୟା ଦାସ ବିଏମ୍‌ସି ଅତିରିକ୍ତ କମିଶନର

ଭୁବନେଶ୍ୱର,୯।୫(ବ୍ୟୁରୋ): ରାଜଧାନୀ ଭୁବନେଶ୍ୱର ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ବହୁଳ ଭାବେ ପ୍ରଭାବିତ ହୋଇଛି। ରାଜ୍ୟ ପ୍ରଶାସନ ପକ୍ଷରୁ ରିଲିଫ୍ ବଣ୍ଟନ ଏବଂ ପୁନରୁଦ୍ଧାର କାର୍ଯ୍ୟ ମଧ ଜାରି ରହିଛି। ପ୍ରଶାସନିକସ୍ତରରେ ଏହି କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଗୁରୁବାର ସାମାନ୍ୟ ଅଦଳବଦଳ କରାଯାଇଛି। କୋରାପୁଟ ଜିଲାର ନଗର ଉନ୍ନୟନ ସଂସ୍ଥା(ଡିୟୁଡିଏ) ଦାୟିତ୍ୱରେ ଥିବା ଅନନ୍ୟା ଦାସ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଅତିରିକ୍ତ କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି କୋରାପୁଟ ଜିଲା ଗ୍ରାମୀଣ ଉନ୍ନୟନ ସଂସ୍ଥା(ଡିଆର୍‌ଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ଭାବେ ଦାୟିତ୍ୱ ତୁଲାଉଥିବା ଅବ୍‌ଦଲ ଅଖ୍‌ତରଙ୍କୁ ଖୋର୍ଦ୍ଧା ଜିଲା ଡିୟୁଡିଏ ପିଡି ଭାବେ ଦାୟିତ୍ୱ ମିଳିଛି। ପୂର୍ବରୁ ଓଏଏସ୍ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏହି ଦାୟିତ୍ୱ ତୁଲାଉଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କୁ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତ କରାଯାଇଛି।


### ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ବିଭିନ୍ନ ସଂସ୍ଥାର ସହାୟତା

ଭୁବନେଶ୍ୱର,୯।୫(ବ୍ୟୁରୋ): ଫନୀ ଦ୍ୱାରା ହୋଇଥିବା କ୍ଷୟକ୍ଷତି ଜନିତ ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପଣ୍ଡକୁ ସହାୟତାର ସୁଅ ଛୁଟୁଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ପକ୍ଷରୁ ୧୦ କୋଟି ଟଙ୍କା ସିଏମ୍ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି। ବ୍ୟାଙ୍କର ବ୍ରାଞ୍ଚ ବ୍ୟାଙ୍କିଙ୍ଗ୍ (ପୂର୍ବାଞ୍ଚଳ) ମୁଖ୍ୟ ସନ୍ଦୀପ ଏସ୍. କୁମାର, ଆଞ୍ଚଳିକ ମୁଖ୍ୟ ରାଜେଶ ଶ୍ରୀବାସ୍ତବ ଓ ଡେପୁଟି ଭାଇସ୍ ପ୍ରେସିଡେଣ୍ଟ ଅନିମେଶ ବିଶ୍ୱାଳ ଗୁରୁବାର ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। କଳିଙ୍ଗ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ସିଏମ୍‌ଙ୍କ ରିଲିଫ୍ ଫଣ୍ଡକୁ ୩ ଲକ୍ଷ, କୋରେଇ ବିଧାୟକ ଆକାଶ ଦାସ ନାୟକ ଏକ ଲକ୍ଷ, ହିଞ୍ଜିଳି ପଞ୍ଚାୟତ ସମିତି ପକ୍ଷରୁ ୨ ଲକ୍ଷ ଏକ ହଜାର ଏବଂ ଭୁବନେଶ୍ୱରର ରଞ୍ଜିତ ଦାସ ୧୦,୦୦୦ ଟଙ୍କା ପ୍ରଦାନ କରିଛନ୍ତି।

### ଫନୀ ପ୍ରଭାବିତ ଶ୍ରୀମନ୍ଦିର, କୋଣାର୍କ ସୁରକ୍ଷା ପ୍ରସଙ୍ଗ
### କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର, ୯।୫(ବ୍ୟୁରୋ): ଫନୀ ଦ୍ୱାରା ପୁରୀ ଜିଲା ବହୁଳ ଭାବେ ପ୍ରଭାବିତ ହୋଇଛି। ଏହି ଜିଲାର ଦୁଇ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଶ୍ରୀମନ୍ଦିର ଏବଂ କୋଣାର୍କ ମନ୍ଦିର ମଧ କ୍ଷତିଗ୍ରସ୍ତ ହୋଇଛି। ଏହି ପୁରାତନ କୀର୍ତ୍ତିରାଜିର ମରାମତି ପାଇଁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମାଙ୍କୁ ଚିଠି ଲେଖିଛନ୍ତି। ଚିଠି ମାଧମରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଏଏସ୍‌ଆଇ ଦ୍ୱାରା ଉଭୟ ସ୍ଥାନର ଫନୀ ପ୍ରଭାବ ନେଇ ସର୍ଭେ କରାଯିବାର ଆବଶ୍ୟକତା ରହିଛି। ତେଣୁ ଫନୀ ପ୍ରଭାବକୁ ଠିକ୍ ଭାବେ ଆକଳନ କରିବା ପାଇଁ ଏଏସ୍‌ଆଇ ପକ୍ଷରୁ ଉଚ୍ଚସ୍ତରୀୟ ଟିମ୍ ପଠାଯାଉ। କ୍ଷୟକ୍ଷତି ଆକଳନ ପରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉ ବୋଲି ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଆସନ୍ତା ଜୁଲାଇ ୪ରେ ରଥଯାତ୍ରା ଅନୁଷ୍ଠିତ ହେବ। ଏହି ସମୟରେ ପୁରୀ ଏବଂ କୋଣାର୍କକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାଆନ୍ତି। ତେଣୁ ଏହା ପୂର୍ବରୁ ମରାମତି କାର୍ଯ୍ୟ ସାରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

## ବାତ୍ୟା ପରେ ଟ୍ୱିନ୍ ସିଟି ଅନ୍ଧକାର
# ଫଟୋ ଜାରି କଲା ‘ନାସା’




ଭୁବନେଶ୍ୱର,୯।୫(ବ୍ୟୁରୋ)

ବାତ୍ୟା ‘ଫନୀ’ ପ୍ରଭାବରେ ପ୍ରଭାବିତ ଟ୍ୱିନ୍ ସିଟି ଭୁବନେଶ୍ୱର ଓ କଟକ ସନ୍ଧ୍ୟା ପରେ ଅନ୍ଧକାରମୟ ରହୁଛି। ଯଦିଓ କେତେକ ଜାଗାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି, ତଥାପି ସମ୍ପୂର୍ଣ୍ଣ ସହରକୁ ୧୨ତାରିଖ ସୁଦ୍ଧା ବିଦ୍ୟୁତ୍ ଯୋଗାଣ କରାଯିବ ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି। ଇତିମଧରେ ଟ୍ୱିନ୍ ସିଟିର ଅନ୍ଧକାରକୁ ନେଇ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ‘ନାସା’ ପକ୍ଷରୁ କେତେଗୁଡ଼ିଏ ଫଟୋ ଜାରି କରାଯାଇଛି। ସାଟେଲାଇଟ୍ ଯୋଗେ ଏହି ଫଟୋଗୁଡ଼ିକୁ ଉଠାଯାଇଛି। ଏଥିରେ କଟକ ଓ ଭୁବନେଶ୍ୱରର ରାତ୍ରିକାଳୀନ ଫଟୋ ରହିଛି। ‘ନାସା’ର ଅଫିସିଆଲ୍ ୱେବ୍‌ସାଇଟ୍‌ରେ ଫଟୋଗୁଡ଼ିକୁ ସ୍ଥାନିତ କରାଯାଇଥିବା ବେଳେ ‘ନାସା’ ନିଜ ଟୁଇଟର ଆକାଉଣ୍ଟରେ ମଧ ପୋଷ୍ଟ କରିଛି। ‘ନାସା’ ଶେୟାର କରିଥିବା ଫଟୋଗୁଡ଼ିକ ବାତ୍ୟା ସ୍ଥଳଭାଗରେ ପ୍ରବେଶ କରିବାର ପୂର୍ବ ଓ ପରର ଦୃଶ୍ୟ ରହିଛି। ଏଥିରେ ଏକ ତୁଳନାତ୍ମକ ଚିତ୍ର ଦେବାକୁ ପ୍ରୟାସ କରାଯାଇଛି।

‘ନାସା’ ଭୁବନେଶ୍ୱରର ଦୁଇଟି ଓ କଟକର ଦୁଇଟି ଫଟୋ ପୋଷ୍ଟ କରିଛି। ଭୁବନେଶ୍ୱରର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ନେଇ ଏପ୍ରିଲ ୩୦ରେ ଗୋଟିଏ ଫଟୋ ଉଠାଯାଇଥିବା ବେଳେ ସେହି ଅଞ୍ଚଳକୁ ନେଇ ‘ଫନୀ’ ଯିବା ପରେ ମେ ୫ରେ ଆଉ ଗୋଟିଏ ଫଟୋ ଉଠାଯାଇଛି। ସେହିପରି କଟକର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ନେଇ ଏପ୍ରିଲ ୩୦ରେ ଗୋଟିଏ ଫଟୋ ଓ ମେ ୪ ଅର୍ଥାତ୍ ବାତ୍ୟା ପରଦିନ ସେହି ଅଞ୍ଚଳକୁ ନେଇ ଆଉ ଗୋଟିଏ ଫଟୋ ଉଠାଯାଇଛି। ସୂଚନାଯୋଗ୍ୟ, ମେ ୩ରେ ସାମୁଦ୍ରିକ ଝଡ଼ ‘ଫନୀ’ ଓଡ଼ିଶାରେ ଲ୍ୟାଣ୍ଡଫଲ୍ କରିଥିଲା।

# ରିଲିଫ ସହାୟତା ପାଇଁ ଅଭିନବ ପ୍ରୟାସ




ଗଜପତି ଜିଲା ଆରକ୍ଷୀ ଅଧୀକ୍ଷକ ସାରା ଶର୍ମାଙ୍କ ସହ ପୋଲିସ ପ୍ରଶାସନର ଅଧିକାରୀମାନେ ହାତରେ ଥାଳି ଧରି ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ରିଲିଫ୍ ସହାୟତା ପାଣ୍ଠି ସଂଗ୍ରହ କରୁଛନ୍ତି।

ପାରଳାଖେମୁଣ୍ଡି, ୯।୫ (ସ୍ୱ.ପ୍ର.)

ଫନୀ ପ୍ରଭାବରେ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲାରେ ହୋଇଥିବା କ୍ଷତିଗ୍ରସ୍ତ ଅଞ୍ଚଳକୁ ରିଲିଫ ଯୋଗାଇବା ସକାଶେ ଗଜପତି ପୋଲିସ ପ୍ରଶାସନ ସହାୟତାର ହାତ ବଢ଼ାଇଛି। ବୁଧବାର ରାତି ୮ଟାରେ ଗଜପତି ଜିଲା ଆରକ୍ଷୀ ଅଧୀକ୍ଷକ ସାରା ଶର୍ମା ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ ମାଧମରେ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଉପକୂଳ ଜିଲାଗୁଡ଼ିକରେ ବାତ୍ୟା ଫନୀ ବ୍ୟାପକ କ୍ଷୟକ୍ଷତି କରିଛି। ବର୍ତ୍ତମାନ ପ୍ରଭାବିତ ଅଞ୍ଚଳର ଲୋକଙ୍କ ପାଇଁ ଖାଦ୍ୟ, ପାନୀୟଜଳ ଏବଂ ଔଷଧ ଆଦିର ଜରୁରୀ ଆବଶ୍ୟକତା ରହିଛି। ଏସବୁ ଅତ୍ୟାବଶ୍ୟକ ସାମଗ୍ରୀ ଆମକୁ କ୍ଷତିଗ୍ରସ୍ତଙ୍କ ନିକଟରେ ପହଞ୍ଚାଇବା ଦରକାର। ଏହାବ୍ୟତୀତ ଯେ କୌଣସି ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ଅର୍ଥଦାନ କରିବାକୁ ଚାହିଁଲେ ସେମାନେ ସିଏମ୍‌ଆର୍‌ଏଫ୍‌କୁ ଚେକ୍ ମାଧମରେ ଦେଇପାରିବେ ବୋଲି ସେ କହିଛନ୍ତି। ଏସ୍‌ପି ନିଜ ଅଫିସିଆଲ ଟିମ୍‌ର ସହଯୋଗରେ ସହରରେ ଏକ ଶୋଭାଯାତ୍ରା କରି ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ସହ ସହରବାସୀଙ୍କୁ ସହାୟତା ପାଇଁ ନିବେଦନ କରିଥିବା ଜଣାପଡ଼ିଛି। ଏହାସହ ସେ ବ୍ୟକ୍ତିଗତ ଭାବେ ୧୦ହଜାର ଟଙ୍କା ଦେଇଛନ୍ତି। ୪ଦିନର ଦରମା ମଧ ପ୍ରଦାନ କରିଥିବା ଦେଖାଯାଇଛି। ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରୀକ୍ଷା ତାରିଖ ପୁନଃ ନିର୍ଦ୍ଧାରଣ

ଭୁବନେଶ୍ୱର,୯।୫(ବ୍ୟୁରୋ)

ବାତ୍ୟା ‘ଫନୀ’ ଯୋଗୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପରୀକ୍ଷା ସ୍ଥଗିତ ରଖାଯାଇଥିଲା। ପରୀକ୍ଷାଗୁଡ଼ିକୁ ପୁନଃ ପରିଚାଳିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ନିର୍ଦ୍ଦେଶ ଦେଇଛନ୍ତି। ୟୁଜି-ଚତୁର୍ଥ ସେମିଷ୍ଟର ଆସନ୍ତା ୧୫ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ୧୬ତାରିଖରୁ ୟୁଜି-ଦ୍ୱିତୀୟ ସେମିଷ୍ଟର ତଥା ବିଇଡି ପ୍ରଥମ ବର୍ଷ ଏବଂ ୧୭ତାରିଖରୁ ପିଜି-ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ବିଶ୍ୱବିଦ୍ୟାଳୟର ପରୀକ୍ଷା ତାରିଖ ପୁନଃ ନିର୍ଦ୍ଧାରଣ କରାଯାଇଥିବା ଗୁରୁବାର ପରୀକ୍ଷା ନିୟନ୍ତ୍ରକଙ୍କ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯାଇଛି।

## ନାଗ ପେଟରୁ ବାହାରିଲା ୨ ମଲା ଠେକୁଆ



ଉଦ୍ଧାର ନାଗ ଓ ୨ ମଲା ଠେକୁଆ।

ଅନୁଗୋଳ ଅଫିସ, ୯।୫

ଅନୁଗୋଳ ପଞ୍ଚମହଲା ନିକଟସ୍ଥ ଡାକ୍ତର ଦୀପକ ଗଡ଼ନାୟକଙ୍କ ଫାର୍ମ ହାଉସରୁ ଗୁରୁବାର ଏକ ୫ ଫୁଟର ନାଗ ଉଦ୍ଧାର କରାଯାଇଛି। ସାପଟି ୨ଟି ଠେକୁଆଙ୍କୁ ମାରିଥିବା ବେଳେ ଗୋଟିଏକୁ ସମ୍ପୂର୍ଣ୍ଣ ଗିଳି ଦେଇଥିଲା। ଆଉ ଗୋଟିଏକୁ ଗିଳୁଥିବା ଦେଖି ଡାକ୍ତର ଗଡ଼ନାୟକ ସର୍ପମିତ୍ର ଆଦିତ୍ୟ ବେହେରାଙ୍କୁ ଖବର ଦେଇଥିଲେ। ଆଦିତ୍ୟ ତୁରନ୍ତ ପହଞ୍ଚି ନାଗଟିକୁ ଧରିବା ସହ ଗିଳିଥିବା ମଲା ଠେକୁଆ ବାହାର କରିଥିଲେ। ପରେ ସୁରକ୍ଷିତ ସ୍ଥାନରେ ସାପଟିକୁ ଛାଡ଼ି ଦେଇଥିଲେ।

## ହାତୀର ଗଳିତ ମୃତଦେହ ଉଦ୍ଧାର

ଶେରଗଡ,୯।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ଅଧୀନ ନର୍ଲା ବନାଞ୍ଚଳ ଉର୍ଲାଦାନୀ ସଂରକ୍ଷିତ ଜଙ୍ଗଲ ଉତ୍ତେଇ ନଦୀ କୂଳରୁ ଏକ ଦାନ୍ତ ବିହୀନ ହାତୀର ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରେ ବନ ବିଭାଗର କେତେଜଣ କର୍ମଚାରୀ ମୃତଦେହକୁ ଜଗି ରହିଛନ୍ତି । କେଉଁଦିନ ହାତୀର ମୃତ୍ୟୁ ହୋଇଛି ତାହା ଜଣାପଡିନାହିଁ। ଗତ କିଛିଦିନ ତଳେ ନର୍ଲା ରେଞ୍ଜ ଅଞ୍ଚଳରେ ଏକ ଅସୁସ୍ଥ ଦନ୍ତା ହାତୀ ବୁଲୁଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ ନର୍ଲା ରେଞ୍ଜ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଥିଲା । କିନ୍ତୁ ସେ ଏହାକୁ ଅତି ହାଲୁକା ଭାବେ ନେଇ ଏଡାଇଯିବା ସହ ଲୋକେ ମିଛ ପ୍ରଚାର କରୁଛନ୍ତି ଏବଂ ଆମେ ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ନଜର ରଖିଛୁ ବୋଲି କହିଥିଲେ। କିନ୍ତୁ ବୁଧବାର ଦିନ ପ୍ରାୟ ୧୨ଟାରେ କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଖବର ପାଇ ବନବିଭାଗ କର୍ମଚାରୀମାନେ ଉତ୍ତେଇ ଉପକଣ୍ଠ ନର୍ଲା ରେଞ୍ଜ ଅଧୀନ ଉର୍ଲାଦାନୀ ଜଙ୍ଗଲ ନିକଟ ଚେରେଡୁଙ୍ଗୁରୀରେ ପହଞ୍ଚି ଥିଲେ । ସେଠାରେ ହାତୀର ମୃତଦେହ ପଡିଥିବା ଜଣାପଡିଥିଲା।

## ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସୁଧାର ଆଣିବାକୁ ଧର୍ମେନ୍ଦ୍ରଙ୍କ ସମୀକ୍ଷା
# ମୋବାଇଲ ଏଟିଏମ୍‌କୁ ଗୁରୁତ୍ୱ


- ପାସ୍‌ବୁକ୍ ଦେଖାଇ ଏସ୍‌ବିଆଇରୁ ଉଠାଇହେବ ୨୦୦୦ ଟଙ୍କା
- ଜେଟ୍‌ଲୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୯।୫(ବ୍ୟୁରୋ)

ବାତ୍ୟା ଯୋଗୁ ବହୁ ସ୍ଥାନରେ ବ୍ୟାଙ୍କ କ୍ଷତିଗ୍ରସ୍ତ ହୋଇଛି, ଏଟିଏମ୍‌ଗୁଡ଼ିକ କାମ କରୁନାହିଁ। ଟେଲି ଯୋଗାଯୋଗ ବାଧାପ୍ରାପ୍ତ ହୋଇଥିବାରୁ କ୍ୟାଶଲେସ୍ ବ୍ୟବସ୍ଥା ଗୁରୁତର ପ୍ରଭାବିତ ହୋଇଛି। ଏଣୁ ନଗଦ ଟଙ୍କାର ଆବଶ୍ୟକତା ରହିଛି। ଏଭଳିସ୍ଥିତିରେ ଲୋକଙ୍କୁ ତତ୍କାଳ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବା ଜରୁରୀ। ରାଜ୍ୟରେ ନଗଦ ଟଙ୍କାର ଅଭାବ ନାହିଁ ବୋଲି କହି ଆରବିଆଇ ଆଶ୍ୱସ୍ତି ଦେଇଛି। ସେହିପରି ପ୍ରଭାବିତ ଅଞ୍ଚଳରେ ମୋବାଇଲ ଏଟିଏମ୍ ବ୍ୟବସ୍ଥା ପ୍ରଚଳନ ପାଇଁ ସମସ୍ତ ବ୍ୟାଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଏଟିଏମ୍‌ଗୁଡ଼ିକ ମଧ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଯୋଜନା ଚାଲିଛି। ରାଜ୍ୟରେ ସମସ୍ତ ବ୍ୟାଙ୍କ ମଧରେ ସମନ୍ୱୟ ରକ୍ଷା କରିବା ପାଇଁ ଶୁକ୍ରବାର ଏକ କଣ୍ଟ୍ରୋଲ ରୁମ୍ ଖୋଲିବ। ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟରେ ବ୍ୟାଙ୍କର ଭୂମିକା ନେଇ ଗୁରୁବାର ଅନୁଷ୍ଠିତ ସମୀକ୍ଷା ବୈଠକ ଏଭଳି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଆର୍‌ବିଆଇ, ସମସ୍ତ ସରକାରୀ ଓ ଘରୋଇ ବ୍ୟାଙ୍କର ଅଧିକାରୀମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରିଛନ୍ତି।

ବୈଠକ ଶେଷରେ ଧର୍ମେନ୍ଦ୍ର କହିଛନ୍ତି, ପୁରୀ-ଭୁବନେଶ୍ୱର-ଖୋର୍ଦ୍ଧା ଆଦି ସ୍ଥାନରେ ମୋବାଇଲ ଏଟିଏମ୍ ଓ ପିଏସ୍‌ଓ ମେଶିନ୍ ଯୋଗାଇବା ପାଇଁ ବ୍ୟାଙ୍କଗୁଡ଼ିକୁ କୁହାଯାଇଛି। ଏହା ମଧରେ ଏସ୍‌ବିଆଇ ଏକ ମଡେଲ ଡେଭଲପ୍ କରିଛି, ଯଦ୍ୱାରା ବ୍ୟାଙ୍କ ପାସବୁକ୍ ଦେଖାଇ ଜଣେ ଗ୍ରାହକ ୨୦୦୦ ହଜାର ଟଙ୍କା ନଗଦ ପାଇପାରିବ। ଏହି ବ୍ୟବସ୍ଥାକୁ ଅନ୍ୟାନ୍ୟ ବ୍ୟାଙ୍କ ଅନୁକରଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଯେଉଁ ଦୁର୍ଗମ ଅଞ୍ଚଳକୁ ଗାଡ଼ି ଯାଇପାରୁ ନାହିଁ ସେଠାକୁ କିପରି ଯିବ ସେଥିପାଇଁ ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ାଯାଇଛି। ବ୍ୟାଙ୍କଗୁଡିକ ପକ୍ଷରୁ ଜେନେରେଟର ଲଗାଯାଇଥିବା ବେଳେ ସେଠାରେ ଡିଜେଲ ପହଞ୍ଚାଇବାକୁ ପେଟ୍ରୋଲିୟମ କମ୍ପାନୀଗୁଡିକ ତତ୍ପର ହେବେ ବୋଲି ଧର୍ମେନ୍ଦ୍ର କହିଛନ୍ତି ।

ବାତ୍ୟାରେ ପୁରୀର ହୋଟେଲ ଶିଳ୍ପ ଧ୍ୱଂସ ହୋଇଯାଇଛି। ଏଥିରେ କିପରି ସୁଧାର ଆସିପାରିବ ସେଥିପାଇଁ ବ୍ୟାଙ୍କ ସହଯୋଗର ଆବଶ୍ୟକତା ରହିଛି । ହୋଟେଲ ବ୍ୟବସାୟୀଙ୍କୁ ଋଣ ଦେବା ପ୍ରକ୍ରିୟାରେ କିପରି ସରଳୀକରଣ କରିହେବ ସେନେଇ ଦୃଷ୍ଟି ଦେବାକୁ ବ୍ୟାଙ୍କ ଅଧିକାରୀଙ୍କୁ କୁହାଯାଇଛି । ଏହାସହ ଏନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ମଧ ଧର୍ମେନ୍ଦ୍ର ଚିଠି ଲେଖିଛନ୍ତି। ଚିଠିରେ ଧର୍ମେନ୍ଦ୍ର ପୁରୀର ହୋଟେଲ ଭିତ୍ତିଭୂମିର ପୁନରୁଦ୍ଧାର ନିମନ୍ତେ ଉଲ୍ଲେଖ କରିବା ସହ କୃଷି, କୁକୁଡ଼ା ପାଳନ, ମତ୍ସ୍ୟ ଚାଷ ଓ ପଶୁ ପାଳନ ଆଦି କ୍ଷେତ୍ରରେ ବ୍ୟାପକ କ୍ଷତି ସମ୍ପର୍କରେ ଦର୍ଶାଇଛନ୍ତି। ଏହି ସବୁ ଚାଷୀଙ୍କୁ ଅଳ୍ପ ସୁଧରେ ସହଜ ଋଣ ଯୋଗାଇବା ଆବଶ୍ୟକ। ତେଣୁ ଏ ସମ୍ପର୍କରେ ବ୍ୟାଙ୍କଗୁଡିକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଉ । ଫନୀ ପ୍ରଭାବିତ ଅଞ୍ଚଳ ପାଇଁ ରାଜ୍ୟରେ କାମ କରୁଥିବା ବ୍ୟାଙ୍କଗୁଡ଼ିକ ସହ ସମୀକ୍ଷା ବୈଠକରେ ପାସ୍‌ବୁକ ଦେଖାଇଲେ ଏସ୍‌ବିଆଇ ୨ହଜାର ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛି। ସେହିପରି ଅନ୍ୟ ସମସ୍ତ ବ୍ୟାଙ୍କରେ ମଧ ସମାନ ସୁବିଧା ବାତ୍ୟା ପ୍ରଭାବିତ ଅଞ୍ଚଳରେ ଉପଲବ୍ଧ କରାଇବା ନେଇ ହୋଇଥିବା ଆଲୋଚନା ବିଷୟ ଚିଠିରେ ଉଲ୍ଲେଖ କରାଯାଇଛି।



ଧର୍ମର ବାହ୍ୟ ଆଚାର ବିଚାରର ଯଦି ତୁମେ କ୍ରୀତଦାସ ପାଲଟି ଯାଅ–ତେବେ ଧର୍ମ ତୁମ ପାଇଁ ହୋଇଉଠେ ଏକ ପ୍ରତିବନ୍ଧକ ଓ ଶୃଙ୍ଖଳ। କିନ୍ତୁ ତୁମେ ଯଦି ଧର୍ମର ଗୂଢ଼ ତତ୍ତ୍ୱଗୁଡ଼ିକୁ ଆବିଷ୍କାର ଓ ଅନୁଶୀଳନ କରିପାର– ତେବେ ଏହିଠାରୁ ତୁମେ ଈଶ୍ୱରଙ୍କ ରାଜ୍ୟକୁ କୁଦାମାରି ଯାଇପାର।

–ଶ୍ରୀମା



# ବାଣିଜ୍ୟିକ ଯୁଦ୍ଧ

କିଛିଦିନର ବିରତି ପରେ ଚାଇନା ସହିତ ଆମେରିକାର ମୁହାଁମୁହିଁ ବୃଦ୍ଧି ପାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ସ୍ପଷ୍ଟ ସଂକେତ ଦେବା ପାଇଁ ଏକ ଏୟାରକ୍ରାଫ୍ଟ କ୍ୟାରିୟର୍ ଷ୍ଟ୍ରାଇକ୍ ଗ୍ରୁପ୍ ଏବଂ ଏକ ବମ୍ବର ଟ୍ୟାସ୍କ ଫୋର୍ସ ପଠାଇ ମଧ୍ୟପ୍ରାଚ୍ୟ ପରିବେଶକୁ ପୂରା ବିଗାଡ଼ି ଦେଇସାରିଛନ୍ତି। ଗତମାସରେ ଟ୍ରମ୍ପ ଇରାନର ତୈଳ ରପ୍ତାନି ଶୂନ୍ୟ କରିବା ଲକ୍ଷ୍ୟରେ ଭାରତ ପରି ଦେଶକୁ ଇରାନରୁ ତେଲ କିଣିବା କଟକଣାରୁ ଛାଡ଼ କରିବାକୁ ମନା କରିଦେବା ପରେ ଏହହି ଘଟଣା ଘଟିଛି। ଆମେରିକାର କାର୍ଯ୍ୟକଳାପ ଓ ଏହାର ବାକ୍‌ଚାତୁରି ଇରାନୀୟମାନଙ୍କୁ ଏପରି ଉତ୍ତେଜିତ କରିଛି ଯେ ତାହା ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ଆଡ଼କୁ ମୁହାଁଇପାରେ। ଯଦି ତୁରନ୍ତ କିଛି ପ୍ରତିକାର କରା ନ ଯାଏ, ତେବେ ସାରା ବିଶ୍ୱରେ ଏହା ଶାନ୍ତି ବ୍ୟାହତ କରିବା ସହ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି କରିପାରେ। ଗତ ଦଶବର୍ଷରୁ ଅଧିକ କାଳ ହେଲା ବିଶ୍ୱରେ ଅର୍ଥନୈତିକ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଆମେରିକାର ଏଭଳି କାର୍ଯ୍ୟ ପରିସ୍ଥିତିରେ ସୁଧାର ଆଣିବା ପରିବର୍ତ୍ତେ ତାହାକୁ ଅଧିକ ବିପର୍ଯ୍ୟୟ ଆଡ଼କୁ ଠେଲିଦେଇଛି। ଉତ୍ତର କୋରିଆ ସହ ଶାନ୍ତି ପ୍ରତିଷ୍ଠା ପାଇଁ ଆମେରିକା କେତେଥର ଚେଷ୍ଟା କରିଥିଲେ ମଧ୍ୟ ଦୁଇ ଦେଶ ମଧ୍ୟ କୂଟନୈତିକ ସମ୍ପର୍କରେ ଉନ୍ନତି ଘଟିନାହିଁ। ଲାଟିନ ଆମେରିକୀୟ ଦେଶଗୁଡ଼ିକ ସହିତ ମଧ୍ୟ ଏହାର ସମ୍ପର୍କ ଭଲ ନାହିଁ। ପଡ଼ୋଶୀ ମେକ୍ସିକୋ ସହ ସମ୍ପର୍କ ମଳିନ ରହିଛି। ପାରମ୍ପରିକ ପ୍ରତିପକ୍ଷ ରୁଷିଆ ପରି ଦେଶ ସହିତ ମଧ୍ୟ ସମ୍ପର୍କର ସମୀକରଣ ପ୍ରତିକୂଳ ରହିଆସିଛି।

ଠିକ୍ ଯେତେବେଳେ ଆମେରିକା ଓ ଚାଇନା ମଧ୍ୟରେ ତିକ୍ତତା ହ୍ରାସ ପାଇବାକୁ ଆରମ୍ଭ କଲା ସେତିକିବେଳେ ହଠାତ୍ ଟ୍ରମ୍ପ ଟୁଇଟ କଲେ ଚାଇନାରୁ ଆମଦାନି ହେଉଥିବା ୩୨୫ ଶହ କୋଟି ଡଲାରର ସାମଗ୍ରୀ ଉପରେ ୧୦ ପ୍ରତିଶତ ବଦଳରେ ଆମେରିକା ୨୫ ପ୍ରତିଶତ ଆମଦାନୀ ଶୁଳ୍କ ଧାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛି। ଚାଇନା ୩୭୫ ଶହ କୋଟି ଡଲାରର ବାଣିଜ୍ୟିକ ନିଅଣ୍ଟକୁ ହ୍ରାସ କରୁ ଓ ଚାଇନା ବଜାରରେ ଆମେରିକୀୟ ଜିନିଷ ଅଧିକ ପରିମାଣରେ ବିକ୍ରି ହେବାର ସୁଯୋଗ ସୃଷ୍ଟି କରୁ ବୋଲି ଟ୍ରମ୍ପ ଇଚ୍ଛା କରୁଛନ୍ତି। ସେ ୨୫ ହଜାର କୋଟି ଚାଇନିଜ୍ ରପ୍ତାନି ଉପରେ ଶୁଳ୍କ ବୃଦ୍ଧି କରିସାରିଛନ୍ତି ଏବଂ ଆଉ ୨୦ ହଜାର କୋଟି ଚାଇନିଜ୍ ଆମଦାନି ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଧମକ ଦେଇଛନ୍ତି। ଏହାର ପ୍ରତିକ୍ରିୟା ସ୍ୱରୂପ ଚାଇନା ମଧ୍ୟ ଆମେରିକାରୁ ଚାଇନାକୁ ଆମଦାନି ହେଉଥିବା କେତେକ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି କରିଛି। ଉକ୍ତ ଦୁଇ ଦେଶ ଭିତରେ ଚାଲିଥିବା ଏହି ବାଣିଜ୍ୟିକ ଯୁଦ୍ଧ କିପରି ବନ୍ଦ ହେବ ସେ ନେଇ ଅନିଶ୍ଚୟତା ଦେଖାଦେଇଛି। ସେମାନଙ୍କର ଏହି ବାଣିଜ୍ୟିକ ଯୁଦ୍ଧର ପ୍ରଭାବ ଭାରତ ଉପରେ ପଡ଼ିବ କି ନାହିଁ 'ହଁ' ବା 'ନା'ରେ ଏହାର ଉତ୍ତର ଦେବା କଷ୍ଟକର। ଭାରତ ଉପରେ ଏହାର ପ୍ରଭାବ ଦୁଇ ପ୍ରକାର ହୋଇପାରେ: ଅନୁକୂଳ ଓ ପ୍ରତିକୂଳ। ଅନୁକୂଳ ହେଲା ଭାରତ ଏହି ବିବାଦରୁ ସୃଷ୍ଟି ହେଉଥିବା ଶୂନ୍ୟସ୍ଥାନ ପୂରଣ କରିବାକୁ ଯାଇ କିଛି ଫାଇଦା ଉଠାଇପାରେ।

## ଆଜିର ଅର୍ଥନୀତି

ପୋଷାକ, ରତ୍ନପଥର ଓ ଗହଣା ରପ୍ତାନି କରିବା କ୍ଷେତ୍ରରେ ଭାରତ ଅଧିକ ପ୍ରତିଯୋଗିତାକ୍ଷମ ହୋଇପାରେ। କାରଣ ଭାରତର ଏ କ୍ଷେତ୍ରରେ ଆଗରୁ ଦକ୍ଷତା ରହିଛି। ତେବେ ଚାଇନା ଯେଉଁ ବିପୁଳ ପରିମାଣର ସାମଗ୍ରୀ ଆମେରିକାକୁ ରପ୍ତାନି କରୁଥିଲା, ତାହା ହ୍ରାସ ପାଇବା ଫଳରେ ଆମେରିକାରେ ଯେଉଁ ଅଭାବ ସୃଷ୍ଟି ହେବ ଭାରତ ତାହା ପୂରଣ କରିବା କାଠିକର ପାଠ। ତେବେ ଏହାଦ୍ୱାରା ଭାରତକୁ ପୁଞ୍ଜି ପ୍ରବାହ ବୃଦ୍ଧି ପାଇବ, ଯାହାଦ୍ୱାରା ଟଙ୍କାର ମୂଲ୍ୟ ବଢ଼ିବ। ବର୍ତ୍ତମାନ ଟଙ୍କାର ମୂଲ୍ୟ ପ୍ରାୟ ମାସେ ହେଲା ୬୮ ପାଖାପାଖି ରହିଆସିଛି। ଦୁର୍ବଳ ଆମେରିକୀୟ ଡଲାର ଯୋଗୁ ଏହା ସମ୍ଭବ ହୋଇଥାଇପାରେ। ଏହା କେତେକ ପ୍ରକାର ଚେନ୍ ରିଆକ୍ସନ ସୃଷ୍ଟି କରି ଭାରତର ବାଣିଜ୍ୟିକ ନିଅଣ୍ଟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ଆମେରିକା ଓ ଚାଇନା ମଧ୍ୟରେ ପୂରା ଦମ୍‌ରେ ବାଣିଜ୍ୟିକ ଯୁଦ୍ଧ ଲାଗିଗଲେ ଅର୍ଥନୈତିକ ଅଭିବୃଦ୍ଧି ଓ ଆସେଟ୍ ମାର୍କେଟ ଉପରେ କୁପ୍ରଭାବ ପଡ଼ିବ। ବିଶ୍ୱର ଦୁଇଟି ବୃହତ୍ ଅର୍ଥନୀତି ଶିଙ୍ଗଲଢ଼େଇ ଜାରି ରଖିଲେ ବିଶ୍ୱ ଅର୍ଥନୀତି ବିପନ୍ନ ହୋଇପଡ଼ିବ। ଏହାର ପ୍ରଭାବ କେବଳ ବାଣିଜ୍ୟ ଓ ଅର୍ଥନୀତି ଉପରେ ସୀମିତ ରହିବ ନାହିଁ ଏବଂ ଏହାର ଭୂ-ରାଜନୈତିକ ପ୍ରଭାବ ଅଧିକ ମାରାତ୍ମକ ହୋଇପାରେ।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ମେ ୧୯୯୪

- ଚାଇନାର ପୂର୍ବାଞ୍ଚଳ ଜିଆଙ୍ଗ୍ସି ଏବଂ ଫୁଜିୟାଂ ପ୍ରଦେଶରେ ପ୍ରବଳ ବର୍ଷା ସହିତ ଘୂର୍ଣ୍ଣିବାତ୍ୟା ହେବା ଫଳରେ ୧୬୫ ଜଣଙ୍କ ପ୍ରାଣହାନି।
- ତୁରସ୍କର ଦକ୍ଷିଣ ପୂର୍ବାଞ୍ଚଳରେ ସରକାରୀ ସେନା ଏବଂ କୁର୍ଦ୍ଦ ବିଦ୍ରୋହୀଙ୍କ ମଧ୍ୟରେ ଘମାଘୋଟ ଲଢେଇରେ ୫୩ ଜଣ କୁର୍ଦ୍ଦ ବିଦ୍ରୋହୀ ନିହତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | | | | | 5 | | 8 | A | | | 4 | C | 1 |
| | | | | | | | A | 6 | 7 | 8 | 5 | | | |
| | D | | | | | | 1 | | | | 3 | | 2 | |
| 9 | | 0 | | | 4 | | | D | 1 | | 6 | 7 | | |
| | 1 | | A | | | | | 9 | 0 | | | | | 3 |
| | | | | B | D | | 0 | C | | | | | 6 | 7 |
| | | | | 9 | 3 | 7 | | 5 | 8 | E | B | C | A | |
| | | | | | 1 | | | A | | | | | B | |
| | | | | 0 | | | 6 | B | 5 | | | 3 | D | 9 |
| | | | | | | 8 | 3 | | 6 | 9 | | | 4 | |
| | | C | | | B | | | | 3 | A | 4 | 0 | | D |
| | | | | | 8 | | E | 4 | D | | 0 | | | |
| | | | | 3 | | | | | | 5 | | B | | |
| | 5 | | 2 | | A | | | | C | | | 6 | 7 | |
| 0 | | | | | | | 9 | | | | 1 | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 7 | 8 | 6 | D | 3 | A | 2 | E | 1 | 0 | 5 | C | 9 | 4 |
| 2 | C | 6 | 8 | 9 | A | 0 | 1 | 5 | 4 | 7 | 3 | D | B | E |
| 4 | D | 9 | 2 | 5 | 0 | 3 | 6 | C | E | A | B | 7 | 8 | 1 |
| 5 | 3 | 1 | 7 | C | E | B | 4 | D | 8 | 2 | 9 | A | 6 | 0 |
| A | E | 0 | 4 | B | 1 | 9 | 8 | 7 | C | 6 | D | 3 | 5 | 2 |
| E | B | 7 | A | 0 | 5 | 4 | 9 | 8 | 6 | 3 | C | 1 | 2 | D |
| 3 | 5 | 2 | D | E | C | 1 | 0 | 6 | A | B | 8 | 4 | 7 | 9 |
| 9 | A | C | 1 | 6 | 8 | E | 7 | 2 | 5 | D | 4 | B | 0 | 3 |
| 0 | 6 | D | B | 2 | 4 | 5 | 3 | A | 9 | 1 | 7 | E | C | 8 |
| 8 | 1 | 4 | 3 | 7 | 9 | C | D | B | 0 | E | 2 | 5 | A | 6 |
| 1 | 2 | A | E | 4 | B | 8 | 5 | 9 | 3 | C | 0 | 6 | D | 7 |
| 7 | 0 | B | 5 | 1 | 2 | 6 | A | 3 | D | 8 | E | 9 | 4 | C |
| C | 8 | 5 | 9 | 3 | 6 | D | E | 0 | 7 | 4 | A | 2 | 1 | B |
| D | 4 | 3 | 0 | A | 7 | 2 | C | 1 | B | 9 | 6 | 8 | E | 5 |
| 6 | 9 | E | C | 8 | D | 7 | B | 4 | 2 | 5 | 1 | 0 | 3 | A |

ଗତକାଲିର ଉତ୍ତର

# ଗାନ୍ଧୀ ଦେଖିଥିବା ସ୍ୱପ୍ନ



ଡ. ପ୍ରମୋଦିନୀ ଜେନା

ଆସନ୍ତାକାଲିକୁ ବହୁ ଆଗରୁ ଦେଖିପାରୁଥିବା ଚିନ୍ତାନାୟକ ମହାତ୍ମା ଗାନ୍ଧୀ କହିଥିଲେ 'ଆଗାମୀ ପୃଥିବୀ ନିଶ୍ଚିତ ଭାବେ ଏକ ହିଂସାମୁକ୍ତ ପୃଥିବୀ ଭାବେ ଗଢ଼ିଉଠିବ। ଏହା ପ୍ରାଥମିକ ଆଇନ, ଏଥିରୁ ଅନ୍ୟ ସମସ୍ତ ଶୁଭ ଆଶୀର୍ବାଦ ଛାଏଁ ପ୍ରବାହିତ ହେବ। ବ୍ୟକ୍ତି, ଗୋଷ୍ଠୀ ଏବଂ ରାଷ୍ଟ୍ର ଏହି ଅହିଂସାର ପଥ ଧରିବେ, ଯାହା ହେବ ପ୍ରେମମୟ ପଥ। ଆଗତ ପୃଥିବୀରେ ଦାରିଦ୍ର୍ୟ, ଯୁଦ୍ଧ, ବିପ୍ଳବ, ରକ୍ତପାତର ସମ୍ଭାବନା ମୁଁ ଦେଖୁନାହିଁ।'' ସାମ୍ପ୍ରତିକ ସମୟରେ ଏପରି ଏକ ସୁନ୍ଦର ସମ୍ଭାବନାର ପରିକଳ୍ପନା ଯେ କରିହେବ, ତାହା ଭାବିଲେ କାହିଁକି ପ୍ରତ୍ୟୟ ସୃଷ୍ଟି ହୋଇପାରେ ନାହିଁ। ଗାନ୍ଧୀଙ୍କର ଏ ସ୍ୱପ୍ନକୁ ଯଦି ଏକ ମୁକ୍ତ ବିତର୍କର ବିଷୟବସ୍ତୁ ରଖାଯାଏ, ତେବେ ବିତର୍କରେ ଭାଗ ନେଇଥିବା ପ୍ରବକ୍ତାମାନେ ଗାନ୍ଧୀବାଣୀର କାଣିଚାଏକୁ ବି ସମର୍ଥନ କରିବେ କି ନା ସନ୍ଦେହ।

ଆଜିର ଏ ବସ୍ତୁବାଦୀ ଭୋଗସର୍ବସ୍ୱ ବିଶ୍ୱରେ ଅପରାଧ, ଆପରାଧିକ ପୃଷ୍ଠଭୂମି ଓ ଅପରାଧପ୍ରବଣତା ଦାନବ ପରି କାୟାବିସ୍ତାର କରି ଦୁନିଆକୁ ଗ୍ରାସ କରିବାକୁ ଆଁ ମେଲାଇ ରହିଛି। ପ୍ରଗତିର ପଥ ଓଗାଳୁଛି ଦୁର୍ନୀତି ଓ ଭ୍ରଷ୍ଟାଚାର। ମିଥ୍ୟାଚାର ପରିବର୍ତ୍ତିତ ପରିସ୍ଥିତିରେ କୂଟନୈତିକ ବିଚାରଧାରାର ପ୍ରମୁଖ ଅଙ୍ଗରେ ପରିଣତ ହୋଇଛି। କେବଳ ବ୍ୟକ୍ତି ନୁହନ୍ତି, ସଙ୍ଗଠନ ନୁହେଁ, ଆନ୍ତର୍ଜାତିକ ସ୍ତରରେ ରାଷ୍ଟ୍ରମାନେ ମଧ୍ୟ ସେମାନଙ୍କ ବୈଦେଶିକ ନୀତିରେ ଫେଣ୍ଟି ଦେଇଛନ୍ତି ଅବାଞ୍ଛିତ କପଟାଚାର। ସନ୍ତ୍ରାସବାଦ, ଉଗ୍ରବାଦ, ମୌଳବାଦ, ଜାତିବାଦ ନାଁରେ ଚାଲିଛି ନରସଂହାର। ଜାତିର ଦ୍ୱାହିଦେଇ ଆଞ୍ଚଳିକତା, ବର୍ଣ୍ଣବୈଷମ୍ୟ ଓ ଅସହିଷ୍ଣୁତା ଏଭଳି ଚରମସୀମାରେ ପହଞ୍ଚିଛି, ଯେଉଁଥିରେ ଲହୁଲୁହାଣ ହୋଇ ତ୍ରାହି ତ୍ରାହି ଡାକୁଛନ୍ତି ବିଶ୍ୱ ସମୁଦାୟ। ରାଜରାସ୍ତାରେ ନାରୀଟିଏ ମଧ୍ୟ ସୁରକ୍ଷିତ ନୁହେଁ, ଏପରି କି ଅପ୍ରାପ୍ତବୟସ୍କା ଓ ଶିଶୁକନ୍ୟା ମଧ୍ୟ ପାଶବିକତାର ଯୂପକାଠରେ ବଳିପଡୁଛି। ଲଜ୍ଜା ମଧ୍ୟ ମୁହଁ ଲୁଚେଇଲାଣି ଅବିବେକିତା ପାଖରେ। ଏହା କୌଣସି ଆଞ୍ଚଳିକ ସମସ୍ୟା ନୁହେଁ। ସାରା ପୃଥିବୀ ଆଜି ଏଥିରେ ଆତଙ୍କିତ।

ଦୁର୍ନୀତି ଓ ଦୁର୍ଗତି ସବୁ ଯୁଗରେ ଥିଲା, ଏହା ସ୍ୱୀକାର୍ଯ୍ୟ। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଆତଙ୍କବାଦ ବ୍ୟାପିଛି ଚାରିଆଡ଼କୁ ବିଭିନ୍ନ ନାଁରେ। ଅକ୍ଟୋପସ୍ ପରି ତା'ର ଦୁର୍ଦ୍ଦାନ୍ତ ପଞ୍ଝାରୁ ମଣିଷ ଖସିବା ସମ୍ଭବ ନୁହେଁ। ଏଭଳି ଏକ ବିଷମୟ ପରିସ୍ଥିତିରେ ଗାନ୍ଧିଜୀଙ୍କ ଏହି ଆପ୍ତବାଣୀର ମୂଲ୍ୟାୟନ କରିବା ଏକ ଆୟାସସାଧ୍ୟ ବ୍ୟାପାର। ଏହାର କାରଣ ମଧ୍ୟ ଅତିସ୍ପଷ୍ଟ। ଗାନ୍ଧିଜୀ ସ୍ୱାଧୀନତାର ପ୍ରାକ୍‌କାଳରେ ଯେତେବେଳେ ଅନୁଭବ କଲେ ଯେ ଭାରତ ବ୍ରିଟିଶ ଶାସନମୁକ୍ତ ହେବାକୁ ଯାଉଛି, ସେ ସ୍ୱାଧୀନ ଭାରତ ପାଇଁ ସ୍ୱରାଜର ସ୍ୱପ୍ନ ଦେଖିଥିଲେ। ତାଙ୍କ ବିଚାରରେ ବହୁବର୍ଷ ହେବ ପରାଧୀନ ରହି ରହି ଏ ଦେଶର ଜନତାଙ୍କ ନୈତିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଅତ୍ୟାଚାରିତ ଓ ନିଷ୍ପେଷିତ ହୋଇ କେବଳ ଉଦରଜ୍ୱାଳା ପ୍ରଶମିତ କରିବାକୁ ଭାରତବାସୀଙ୍କୁ କଠିନ ପରିଶ୍ରମ କରିବାକୁ ପଡୁଛି। ବିଦେଶୀମାନେ ସେମାନଙ୍କ କଷ୍ଟଲବ୍ଧ ରୋଜଗାରର ସିଂହଭାଗ ନିଜ ଦେଶକୁ ନେଇଯାଇଛନ୍ତି। ସ୍ୱରାଜ ଆସିଲେ ଦେଶବାସୀ ସ୍ୱାବଲମ୍ବୀ ହେବେ ଓ ସେମାନଙ୍କ ନୈତିକ ବଳ ବଢ଼ିବ। ନିଜ ପାଇଁ ନିଜର ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ଭାରତବାସୀ ଉଦ୍ୟମ କରିବେ। ଫଳରେ ଉଭୟ ଶାରୀରିକ ଓ ମାନସିକ ସୁସ୍ଥ ଥିବା ଏ ଜାତି ନିଜ ପାଇଁ ଏକ ଗୌରବମୟ ପରମ୍ପରା ସୃଷ୍ଟି କରିବ। ନିଜ ବିଦେଶ ରହଣି କାଳରେ ପୃଥିବୀର ରାଜା ବୋଲାଉଥିବା ଇଂରେଜ ସଭ୍ୟତା ବିରୋଧରେ ବିଶ୍ୱସାରା ଲଢ଼େଇ ଚାଲିଥିବା ଓ ବର୍ଣ୍ଣବୈଷମ୍ୟର ଶିକାର ହୋଇଥିବା କଳା ଲୋକମାନଙ୍କର ସ୍ୱାଧୀନତା ସୂର୍ଯ୍ୟ ଉଦିତ ହେବା ଆସନ୍ନ ଜାଣି ବିଶ୍ୱର ଏକ ସୁନ୍ଦର ଭବିଷ୍ୟତ କାମନା କରିବା କିଛି ବିଚିତ୍ର ନ ଥିଲା।

ସ୍ୱାଧୀନତାର ପ୍ରାକ୍‌କାଳରେ ଗାନ୍ଧୀ ଦେଖିଥିବା ସ୍ୱପ୍ନଗୁଡିକ ହେଲା– ମନ୍ତ୍ରୀ କିମ୍ବା ଲୋକପ୍ରତିନିଧିମାନେ ଦେଶର ମାଲିକ ନୁହନ୍ତି, ସେମାନେ ଜନତାଙ୍କର ପ୍ରତିନିଧି ଓ ସେବକ ମାତ୍ର। ଶାସନ ଚଳାଇବା ପାଇଁ ଲୋକେ ସେମାନଙ୍କୁ ବାଛିଥାନ୍ତି। ସରକାର ହେଉଛି ଜନସାଧାରଣଙ୍କ ମାଲିକାନାରେ ଏକ ଟ୍ରଷ୍ଟବୋର୍ଡ। ପ୍ରଧାନମନ୍ତ୍ରୀ, ମନ୍ତ୍ରୀ ଓ ଅନ୍ୟ ପ୍ରତିନିଧିଙ୍କ ସମେତ ଅଧିକାରୀମାନେ ହେଉଛନ୍ତି ଏହି ଟ୍ରଷ୍ଟବୋର୍ଡର ଜଣେ ଜଣେ ଟ୍ରଷ୍ଟି ଓ ସହକାରୀ। ତେଣୁ ମନ୍ତ୍ରୀ, ଅନ୍ୟ ପ୍ରତିନିଧି ଓ ଅଧିକାରୀମାନେ ଯେତେସବୁ ସୁବିଧାସୁଯୋଗ ପାଉଛନ୍ତି ତାହାକୁ ଆରାମଦାୟକ ଜୀବନଯାପନ କିମ୍ବା ବ୍ୟକ୍ତିଗତ ସ୍ୱାର୍ଥ ସାଧନ, ନିଜସ୍ୱ ପ୍ରତିଷ୍ଠା, ପାଣ୍ଠି ଓ ସମ୍ପତ୍ତି ବୃଦ୍ଧି ଲାଗି ବ୍ୟବହାର କରିବା ଠିକ୍ ନୁହେଁ। ପକ୍ଷପାତିତା କିମ୍ବା ଅନୁଗ୍ରହ ପ୍ରଦର୍ଶନ କରି ଏମାନେ ସରକାରୀ ଚାକିରି ବା ଅନ୍ୟ ପଦପଦବୀରେ ନିଜ ସମ୍ପର୍କୀୟମାନଙ୍କୁ ରଖନ୍ତୁ ନାହିଁ। ଯିଏ ଯୋଗ୍ୟ ସେ କେବଳ ନିଯୁକ୍ତି ପାଉ। ମନ୍ତ୍ରୀ ଓ ଅନ୍ୟ ଲୋକପ୍ରତିନିଧିମାନେ ନିଜ ପଦପଦୀବରୁ ଇସ୍ତଫା ଦେଇ ସାଧାରଣ କ୍ଷେତ୍ରରେ କାମ କରିବାକୁ ପ୍ରତିମୁହୂର୍ତ୍ତରେ ପ୍ରସ୍ତୁତ ହୋଇ ରୁହନ୍ତୁ। ମନ୍ତ୍ରିତ୍ୱକୁ ନେଇ କେହି ଏକ ପୁରସ୍କାର କିମ୍ବା ବ୍ୟକ୍ତିଗତ ପ୍ରତିଷ୍ଠା ବୋଲି ଭାବନ୍ତୁ ନାହିଁ। ଏ କାମ କରିବା ଲାଗି ସେମାନଙ୍କଠାରୁ ଢେର୍ ଅଧିକ ଦକ୍ଷ ଓ ଯୋଗ୍ୟ ବ୍ୟକ୍ତି ବି ଅଛନ୍ତି। ମଦ, ଜୁଆ, କ୍ଷୁଧା ଓ ଦାରିଦ୍ର୍ୟର ବିଲୋପ ପାଇଁ ସଂଘବଦ୍ଧ ଓ ସଙ୍କଳ୍ପବଦ୍ଧ ହୋଇ କାମ କରନ୍ତୁ। ସମାଜସେବା ଲାଗି ରାଜନୀତି କ୍ଷେତ୍ରକୁ ଆସିଥିବାରୁ ମୋଟା ଅଙ୍କର ବେତନ, ଭତ୍ତା, ଉପୁରି ଆଦି ପ୍ରତି ସେମାନେ ନଜର ଦିଅନ୍ତୁ ନାହିଁ।

୧୯୨୧ ଅଗଷ୍ଟ ୧୪ ତାରିଖ ନବଜୀବନ ପତ୍ରିକାରେ ସ୍ୱରାଜର ସଂଜ୍ଞା କ'ଣ ହେବ ଦର୍ଶାଇବାକୁ ଯାଇ ଗାନ୍ଧିଜୀ ଏହି ମର୍ମରେ ପ୍ରକାଶ କରିଥିଲେ। ଗାନ୍ଧିଜୀ ଏହା ମଧ୍ୟ ଆଶା କରିଥିଲେ ଯେ ଦେଶ ସ୍ୱାଧୀନ ହେଲେ ସାଧାରଣ ଲୋକଙ୍କ ହାତରେ ଶାସନର ଡୋରି ରହିବ। କେବଳ ପ୍ରତିରକ୍ଷା, ଆଇନ, ଆର୍ଥିକ ବ୍ୟବସ୍ଥା, ଆମଦାନି ଓ ରପ୍ତାନି ଏବଂ ସାର୍ବଭୌମତ୍ୱ ଉପରେ ରାଷ୍ଟ୍ରର ପୂର୍ଣ୍ଣ ନିୟନ୍ତ୍ରଣ ରହିବ। ନିଜ ପାଇଁ ଲୋକେ ଯୋଜନା ପ୍ରସ୍ତୁତ କରିବେ। ଦେଶସେବୀମାନେ ସର୍ବଦା ଲୋକମତକୁ ସମ୍ମାନ ଦେବେ। ସାଧାରଣ ଲୋକଙ୍କ ପାଇଁ ଖାଦ୍ୟ, ବସ୍ତ୍ର ଓ ବାସଗୃହର କୌଣସି ସମସ୍ୟା ରହିବ ନାହିଁ। ସ୍ୱାଧୀନ ଭାରତର ଆଇନ ଶୃଙ୍ଖଳା ଏପରି ହେବ ଏବଂ ସାଧାରଣ ନାଗରିକମାନଙ୍କର ଚରିତ୍ର ଏତେ ଉନ୍ନତ ଓ ସୁସଂହତ ହେବ ଯେ ନିଶାର୍ଦ୍ଧରେ ବି ଜଣେ ଯୁବତୀ ରାଜରାସ୍ତାରେ ନିରାପଦରେ ଯାଇ ଫେରିଆସି ପାରିବ। ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟମାନଙ୍କ ମଧ୍ୟରେ ସଦ୍‌ଭାବନା ରହିବ। ସର୍ବତ୍ର ନିଶା ନିବାରଣ ହେବ। ସମସ୍ତେ ସାଧାରଣ ଆଇନକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ମାନି ଚଳିବେ। ସମସ୍ତେ କର୍ତ୍ତବ୍ୟପରାୟଣ ହେବେ ଓ ସେମାନଙ୍କ ଶ୍ରମର ଉପଯୁକ୍ତ ପାରିଶ୍ରମିକ ପାଇବେ। ଦେଶୀୟ ଶାସନ ବ୍ୟବସ୍ଥା ସ୍ୱଚ୍ଛ ଓ ସେବାଭିମୁଖୀ ହେବ। ଦେଶର ସର୍ବୋଚ୍ଚ କର୍ତ୍ତା ଓ ସର୍ବନିମ୍ନ କର୍ମଚାରୀଙ୍କ ରୋଜଗାରରେ ଭାରସାମ୍ୟହୀନ ପାର୍ଥକ୍ୟ ରହିବ ନାହିଁ। କର୍ମଚାରୀମାନଙ୍କ ବେତନ ସର୍ବସାଧାରଣଙ୍କ ମୁଣ୍ଡପିଛା ଆୟ ଆଧାରରେ ନିର୍ଦ୍ଧାରିତ ହେବ। ନାରୀପୁରୁଷଙ୍କ ମଧ୍ୟରେ ଅଧିକାର ସମାନ ରହିବ ଓ ନାରୀ ସମ୍ମାନଜନକ ଭାବେ ଉପଯୁକ୍ତ ସ୍ନେହ ଓ ଆଦର ପାଇବେ। ଧର୍ମନିରପେକ୍ଷତା ସ୍ୱରାଜର ମୁଖ୍ୟ ଆଧାର ହେବ। ଅସ୍ପୃଶ୍ୟତା ରହିବ ନାହିଁ।

ପ୍ରତ୍ୟେକ ଭାରତୀୟ ଏକାଦଶ ବ୍ରତ ପାଳିବାକୁ ଓ ସାତଟି ପାପ ନ କରିବାକୁ ଗାନ୍ଧୀ ଆହ୍ୱାନ ଦେଇଛନ୍ତି। ସେଇ ସାତଟି ପାପ ହେଲା– ନୀତିବିହୀନ ରାଜନୀତି, ନୈତିକତାବିହୀନ ବାଣିଜ୍ୟ, ଚରିତ୍ରବିହୀନ ଶିକ୍ଷା, ଶ୍ରମବିହୀନ ସମ୍ପଦ, ବିବେକବିହୀନ ବିଳାସ, ମାନବିକତାବିହୀନ ବିଜ୍ଞାନ ଓ ତ୍ୟାଗବିହୀନ ଉପାସନା। ଗାନ୍ଧୀ ବିଚାରର ସର୍ବୋତ୍କୃଷ୍ଟ ମନ୍ତ୍ର ହେଲା ଜଣେ ବ୍ୟକ୍ତି କିପରି ତା' ନିଜ ଚରିତ୍ରକୁ ସୁଧାରିପାରିବ। ଏ ସମ୍ବନ୍ଧରେ ମହାତ୍ମା କହନ୍ତି– ''ଆପଣ ଯେତେବେଳେ ଦ୍ୱିଧାରେ ପଡ଼ିଛନ୍ତି ବା ନିଜ କଥା ଆପଣଙ୍କୁ ବେଶି ଘାରୁଛି, ସେତେବେଳେ ନିମ୍ନ କଥାଟି ପ୍ରୟୋଗ କରନ୍ତୁ। ଆପଣ ଯେଉଁ ଦରିଦ୍ରତମ ଓ ଦୁର୍ବଳତମ ଲୋକକୁ କେବେ ଦେଖିଥିବେ ତାହାରି ଚେହେରାକୁ ମନକୁ ଆଣନ୍ତୁ। ନିଜେ ନିଜକୁ ପଚାରନ୍ତୁ, ଆପଣ ଯାହା କରିବାକୁ ଯାଉଛନ୍ତି ତାହା ସେହି ଲୋକଟିର କିଛି ଉପକାର କରିବ କି? ଆପଣଙ୍କ ନାମ ସେହି ଲୋକର ଜୀବନ ଓ ଭବିଷ୍ୟତକୁ ବଦଳାଇବା ପାଇଁ କିଛି ଶକ୍ତି ବା ସାମର୍ଥ୍ୟ ଦେଇପାରିବ କି? ଅର୍ଥାତ୍ ଦେଶର ଅଗଣିତ ଭୋକିଲା ଓ ଆଧ୍ୟାତ୍ମିକତା ଦୃଷ୍ଟିରୁ ଅଧଃପତିତ ଲୋକଙ୍କ ପାଇଁ ସ୍ୱରାଜ୍ୟ ପ୍ରତିଷ୍ଠା କରିବା ଦିଗରେ ଆପଣଙ୍କ କାମ କିଛି ସାହାଯ୍ୟ କରିବ କି? ସେତେବେଳେ ଦେଖିବେ ଆପଣଙ୍କ ସନ୍ଦେହ ଓ ସ୍ୱାର୍ଥ ଭାବନା କୁଆଡେ ଉଭେଇ ଗଲାଣି।'' ସାଧନା ସବୁବେଳେ ନିଜଠାରୁ ଆରମ୍ଭ ହେବା ଉଚିତ– ଏହା ହିଁ ଗାନ୍ଧୀ ଦର୍ଶନ।

ଅଧ୍ୟାପିକା, କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର,
ମୋ–୯୮୬୧୨୫୬୭୦୯୯

# ଫନୀ ଦେଖାଇଲା ଗାଁକୁ ବାଟ



ମନ-ମାନଚିତ୍ର

ଡ. ନରହରି ବେହେରା

ବଡ଼ ବଡ଼ ସହରରେ ରହିବାକୁ କିଏ ବା ଭଲ ନ ପାଏ? ସେମିତି ସହର ନିଶାରେ ମଦନବାବୁ ଏବଂ ଚମ୍ପାବତୀ ଗାଁକୁ ପଛକରି ଚାଲି ଆସିଥିଲେ। ଲକ୍ଷ୍ୟ ଥିଲା, ସ୍ମାର୍ଟ ସିଟିରେ ରହିବେ, ପୁଅକୁ ଭଲ ସ୍କୁଲରେ ପାଠ ପଢ଼ାଇବେ। ଏଥିପାଇଁ ମଦନ ବାବୁ ଭୁବନେଶ୍ୱରକୁ ବଦଳି ହେଇ ଆସିବା ପାଇଁ ଗଳଦ୍‌ଘର୍ମ ହୋଇ ଶେଷକୁ ସଫଳ ହୋଇଥିଲେ। ସ୍ୱାମୀଙ୍କ ବଦଳି ପରେ ଚମ୍ପାବତୀ ଆଉ ଥୟ ହୋଇ ରହିପାରିଲେନି। ଶାଶୁ ବେଙ୍ଗବତୀଙ୍କୁ ଏକାକୀ ଗାଁରେ ଛାଡ଼ି ଭୁବନେଶ୍ୱର ଚାଲି ଆସିଲେ।

ସବୁ ଠିକ୍ ହେଲା। ବୋହୂ ସହର ନିଶାରେ କୁରୁଳି ଉଠୁଥିଲା ବେଳେ ବେଙ୍ଗବତୀ ଅସହାୟତାରେ ଗୁମୁରି ଗୁମୁରି କାନ୍ଦୁଥିଲା। ଏତେ ବଡ଼ ସଂସାରରେ ନିଜ ପୁଅନାତିକୁ ଛାଡ଼ି ଏକାକୀ ବିଧବା ବୁଢ଼ୀଟା କିପରି ବଞ୍ଚିବ? କିନ୍ତୁ ତା' ମନର ଏ ଦୁଃଖକୁ ବୁଝିବା ପାଇଁ କାହାରି ଅବକାଶ ନ ଥିଲା। ଅବଶ୍ୟ ମଦନବାବୁ ମାଆକୁ ପର କରିଦେଇ ନ ଥିଲେ। ପ୍ରତି ରବିବାର କିମ୍ବା ଛୁଟି ଦିନରେ ଗାଁକୁ ଆସି ମାଆର ଭଲମନ୍ଦ ବୁଝି ଯାଉଥିଲେ। ମାତ୍ର ଦୁଇ ତିନି ମାସ ପରେ ମଦନବାବୁ ଆଉ ପ୍ରତି ସପ୍ତାହରେ ଆସିପାରିଲେ ନାହିଁ। ଚମ୍ପାବତୀ ତାଙ୍କୁ ବୁଝାଇଦେଲେ, ଗାଁରେ ଦାଦାଖୁଡ଼ୀ ଆଉ ଅନ୍ୟମାନେ ଅଛନ୍ତି। ଏକଲା ମଣିଷ ସେ କ'ଣ ଚଳିଯିବେନି? ପ୍ରତି ସପ୍ତାହରେ ନ ଯାଇ ଦି' ସପ୍ତାହରେ ଥରେ ଗଲେ କ'ଣ ଅସୁବିଧା ହେବ? ମଦନବାବୁ ଶ୍ରୀମତୀଙ୍କ ଯୁକ୍ତିକୁ ନିର୍ବିବାଦରେ ଗ୍ରହଣ କରିନେଲେ। ମନେ ମନେ ଭାବିଲେ, ବୋଉକୁ ତ ଫୋନ୍ ନମ୍ବର ଦେଇଛି, ଅସୁବିଧା ହେଲେ ବଳେ ଫୋନ୍ କରିବ।

ପ୍ରତି ଶନିବାର ସଂଧ୍ୟା ଥିଲା ବେଙ୍ଗବତୀ ପାଇଁ ଆନନ୍ଦର ମୁହୂର୍ତ୍ତ। ପୁଅ ଆସିବ ବୋଲି ଭଲ ଶାଗ, ବଡ଼ି ଚୂରା, ସଜ ପଖାଳ ସହ ଆଚାର, କଞ୍ଚା ଲଙ୍କା ପ୍ରଭୃତି ସଜାଡ଼ି ରଖିଥାଏ। ନାତିଆ କଥା ଟିକିଏ ପଚାରି ବୁଝିବ ବୋଲି ତା'ର ଭାରି ଉତ୍କଣ୍ଠା। ମଦନବାବୁ ଆସିବାରେ ବିଳମ୍ବ ହେବାରୁ ପୁଅ ଦେଇଥିବା ଫୋନ୍ ନମ୍ବରଟାକୁ ନେଇ ଏ ଘର ସେ ଘର ବୁଲେ। ସେମାନେ ପ୍ରଥମେ ପ୍ରଥମେ ଥରେ ଅଧେ ଫୋନ୍ କରୁଥିଲେ। ମାତ୍ର କିଛିଦିନ ପରେ ବୁଢ଼ୀର ଫୋନ୍ କଥା ଶୁଣିବାମାତ୍ରେ ମୁହଁଟାକୁ ବିରୁଡ଼ି ମାରିବା ପରି କରି ନେଟୱର୍କ ନାହିଁ କିମ୍ବା ଫୋନ୍ କେହି ଉଠାଉ ନାହାନ୍ତି ବୋଲି କହି ବୁଢ଼ୀକୁ ନିରାଶ କରି ଦିଅନ୍ତି। ଅବଶ୍ୟ ସେମାନେ ସବୁବେଳେ ମିଛ କହନ୍ତି ନାହିଁ। ଅନେକ ସମୟରେ ଚମ୍ପାବତୀ ଫୋନ୍‌ଟା ପାଇଗଲେ କଲ୍‌ଟାକୁ କାଟି ଦିଅନ୍ତି। ପୁଅ ବୋହୂ ଯେତେବେଳେ ତାଙ୍କ ଆଡୁ ଫୋନ୍ କରି ମାଆର ଭଲ ମନ୍ଦ ପଚାରନ୍ତି ନାହିଁ, ଅନ୍ୟମାନେ କାହିଁକି ବା ଏତେ ଅନୁକମ୍ପା ଦେଖାଇବେ। ସଞ୍ଜବେଳେ ସବୁଆଡୁ ନିରାଶ ହୋଇ ବେଙ୍ଗବତୀ କାଲେ ପୁଅ ଡେରିରେ ଆସିବ ବୋଲି ଭାବି ପଖାଳ କଂସାକୁ ଘୋଡ଼ାଇ ଦେଇ ସେଇଠି ଶୋଇଯାଏ। ରାତି ପାହିଯାଏ, କିନ୍ତୁ ପୁଅ ଆସେନାହିଁ। ସକାଳୁ ଦୀର୍ଘଶ୍ୱାସ ଛାଡ଼ି ବେଙ୍ଗବତୀ ପୁଣି ଶନିବାର ଯାଏ ଅପେକ୍ଷା କରେ। ବେଳେ ବେଳେ ପଡ଼ିଶା ଘରକୁ ନେହୁରା ହୋଇ ଫୋନ୍ କରେ। ମଦନ ବାବୁ ହାତରେ ଫୋନ୍‌ଟା ପଡ଼ିଗଲେ ଦି'ପଦ ସୁଖ ଦୁଃଖ କଥା ହୁଏ, କେବେ ଆସିବୁ ବୋଲି ପଚାରେ। ମଦନ ବାବୁ ଯିବା ତାରିଖ ଜଣାଇ ଦିଅନ୍ତି। କେବେ ଆସନ୍ତି କେବେ ବି ଆସନ୍ତି ନାହିଁ। ବର୍ଷେ ଦି' ବର୍ଷ ପରେ ମଦନ ବାବୁ କେବେ ଫୋନ୍‌ରେ କଥା ହୁଅନ୍ତି, କିନ୍ତୁ ଗାଁକୁ ଆସନ୍ତି ନାହିଁ। ମାଆର ଦେଖାଶୁଣା କରିବା ପାଇଁ ସମ୍ପର୍କୀୟ ଭାଇ ଭାଉଜଙ୍କୁ ଅନୁରୋଧ କରି ମାତା ପ୍ରତି ଥିବା ପୁତ୍ରର କର୍ତ୍ତବ୍ୟ ନିର୍ବାହ କରନ୍ତି।

ବେଙ୍ଗବତୀ ଏକଲା। ଭାଗଚାଷରୁ ଯାହା ଧାନ ମିଳେ ତାକୁ ବିକ୍ରିବଟା କରି ଚଳେ। କାହାକୁ ନେହୁରା ହୋଇ ଘରକୁ ଜାଳ, ପରିବା କି ସଉଦା ଆଣେ। ବାଡ଼ି ଶାଗ ମୁଗରେ ନିଜକୁ ବଞ୍ଚାଇ ରଖେ। ବେଳେବେଳେ ସଞ୍ଜବେଳେ ଲୁଚାଇ ଲୁଚାଇ ଢେର୍ କାନ୍ଦେ। ନିଃସଙ୍ଗତାର ଯାତନା କେତେ ଦୁର୍ବିସହ ଏ କଥା ଅନୁଭବୀ ବ୍ୟତୀତ କେହି କହିପାରିବେ ନାହିଁ। ଦେହ ଅସୁଖ ହେଲେ ବେଙ୍ଗବତୀ ଭାଇ ଘରିଆଙ୍କୁ କହି କା'ଘରେ ଖଣ୍ଡେ ରୁଟି କି ଦି' ମୁଠା ଭାତ ଖାଇ ଦିନ କାଟେ। କାଳ ତ କାହାକୁ ଅପେକ୍ଷା କରେ ନାହିଁ। ସେହି କାଳ ସହିତ ଭାସିଯାଏ ବେଙ୍ଗବତୀ।

ଏ ବର୍ଷ ଆସିଲା ଫନୀ। ଚାରିଆଡ଼େ ଫନୀର ଉଗ୍ରତାକୁ ନେଇ ପ୍ରଚାର ଚାଲିଲା। ଓଡ଼ିଶାର ସ୍ମାର୍ଟ ସିଟି ଭୁବନେଶ୍ୱର ଉପରେ ସେ ଦାଉ ସାଧିଲା। ସତେ ଯେମିତି ବେଙ୍ଗବତୀର ଆଖି ଲୁହ ଏବଂ ଦୀର୍ଘଶ୍ୱାସକୁ ଏକତ୍ର କରି ଫନୀ ଆକ୍ରମଣ କଲା ମଦନବାବୁଙ୍କ ଘରକୁ। ଗଛ ପଡ଼ି ଘରଟା ଫାଟିଗଲା। ଅଳ୍ପକେ ବର୍ତ୍ତିଗଲେ ମଦନ ବାବୁଙ୍କ ପରିବାର। ତା'ପରେ ବାତ୍ୟା ନୀରବୀ ଗଲା, ଠିକ୍ ସବୁ କଷ୍ଟ ସହି ଗାଁର କା'ଘରେ ନୀରବରେ ପଡ଼ିଥିବା ବେଙ୍ଗବତୀ ପରି। ଏଥର ଚମକିଲେ ଚମ୍ପାବତୀ। ପାଣି ନାହିଁ, ବିଜୁଳି ନାହିଁ, ତାତିରେ ମୁଣ୍ଡ ଫାଟୁଛି। ପୁଅଟା ଟିକିଏ ଶୋଇପାରୁନି। ମନେପଡ଼ିଗଲେ ଶାଶୁ ବେଙ୍ଗବତୀ। ଯିଏ ଦିନେ କଳିହୁଡ଼ି ମନେ ହେଉଥିଲେ, ସେ ଏବେ ଖୁବ୍ ସୁଧାର ଏବଂ ଶାନ୍ତଶିଷ୍ଟ ଜଣାଗଲେ। ସ୍ୱାମୀଙ୍କୁ ମନକଥା ଜଣାଇ କହିଲେ– ଚାଲ ଗାଁକୁ ପଳାଇବା। ଗାଁରେ ଯଦି ବିଜୁଳି ନ ଥିବ ଗଛବୃଛ ତ ଅଛି, ଥଣ୍ଡା ଲାଗିବ। ପାଣିର ଅସୁବିଧା ନାହିଁ। ଶାଗ ପଖାଳରେ ଚଳି ହେବ। ଏଠି ତ କିଛି ମିଳୁନି। ମଦନବାବୁ ସବୁ ଶୁଣି ଗୁମ୍ ମାରିଗଲେ। ଯେଉଁ ଗାଁରେ ଦି'ବର୍ଷ ହେଲା ପାଦ ଦେଇ ନାହାନ୍ତି, ବୁଢ଼ୀ ମାଆର ଖବର ରଖିନାହାନ୍ତି, ଆଜି କୋଉ ମୁହଁରେ ସେହି ଗାଁକୁ ଯିବେ? କିନ୍ତୁ ଉପାୟ ନ ଥିଲା।

ମଦନବାବୁ ସପରିବାର ଘରେ ପହଞ୍ଚିବାବେଳକୁ ବେଙ୍ଗବତୀ ଫନୀର ଆଘାତ ସହି ନ ପାରି ତାଳପତ୍ର ହରାଇ ଥୁଣ୍ଟା ଗଛଟିଏ ପରି ବେକ ଭାଙ୍ଗି ପିଣ୍ଡାରେ ବସିଥିଲା। କେହି ଜଣେ ମଦନବାବୁ ଆସିବା ଖବର ଦେବାରୁ ଧଡ଼ପଡ଼ ହୋଇ ଉଠି ଆସିଲା। ଆନନ୍ଦରେ ଭୋଭୋ ହୋଇ କାନ୍ଦି ବି ପକାଇଲା। ନାତିଟାକୁ ଧରି ଚୁମା ଦେଲା। ବୋହୂ ସାଆନ୍ତାଣୀ ବି ଶାଶୁଙ୍କୁ ଧରି ସୁଁ ସୁଁ ହୋଇ କାନ୍ଦିଲେ। କାଠ ପାଲଟି ଯାଇଥିଲେ ସାଇଲୋକେ ଏବଂ ମଦନବାବୁ। ଏ ମିଳନ ପର୍ବରେ ମଦନବାବୁ ଭାବୁଥିଲେ, ନିଜ ଜନ୍ମମାଟି ଏବଂ ଜନ୍ମଦାତ୍ରୀଙ୍କ ସହିତ ସମ୍ପର୍କ ଛିନ୍ନ କରି, ସେମାନଙ୍କୁ ଏକାନ୍ତ ପର କରି ସେ କେତେ ଭୁଲ କରି ନ ଥିଲେ ସତେ!

ମୋ– ୭୯୭୮୯୦୩୫୦୯

## ଏଇ ଭାରତରେ

ଶତାୟୁଙ୍କୁ ସମ୍ମାନ। ଶହେ ବର୍ଷ ଓ ଏହାଠୁ ଅଧିକ ବୟସର ଭୋଟରଙ୍କୁ ଭିଭିଆଇପି ଭଳି ସମ୍ମାନ ପ୍ରଦର୍ଶନ କରାଯିବ। ଭୋଟଦିନ ସେମାନଙ୍କୁ ଫୁଲତୋଡା ଉପହାର ଦିଆଯାଇ ସେମାନଙ୍କ ସହ ସେଲ୍‌ଫି ଉଠାଇବେ ପୋଲିଂ କର୍ମଚାରୀ। ଏଥିପାଇଁ ଦିଲ୍ଲୀରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନଙ୍କୁ ସୁବିଧାରେ ଭୋଟଦାନ କେନ୍ଦ୍ରକୁ ନିଆଯିବା ସହିତ ଘରେ ମଧ୍ୟ ଛାଡିବା ବ୍ୟବସ୍ଥା କରାଯିବ। ଭାରତ ସ୍ୱାଧୀନତାପ୍ରାପ୍ତି ପୂର୍ବରୁ ଜନ୍ମ ହୋଇଥିବା ଏବଂ ୧୯୫୨ରେ ପ୍ରଥମ ସାଧାରଣ ନିର୍ବାଚନରେ ମତଦାନ କରିଥିବା ଏହି ବ୍ୟକ୍ତିମାନଙ୍କୁ ସମ୍ମାନ ପ୍ରଦର୍ଶନ ପାଇଁ ପ୍ରଥମ କରି ଏଭଳି ଏକ ପଦକ୍ଷେପ ନିଆଯାଇଛି। ଦିଲ୍ଲୀରେ ମେ ୧୨ରେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ହେଉଥିବା ବେଳେ ମୁଖ୍ୟ ନିର୍ବାଚନ ଅଧିକାରୀ ଶତାୟୁ ଭୋଟରଙ୍କ ସୁବିଧାଜନକ ଭୋଟଦାନ ନିମନ୍ତେ ଏଭଳି ଏକ ନିଷ୍ପତ୍ତି ନେଇଛନ୍ତି। ଦିଲ୍ଲୀ ମହାନଗରୀରେ ୯୬ ଶତାୟୁ ମହିଳା ଓ ପୁରୁଷ ଭୋଟର ଅଛନ୍ତି। ଏଥିପାଇଁ ସେମାନଙ୍କୁ ଚିହ୍ନଟ ଲାଗି ୪ମାସ ତଳୁ ଉଦ୍ୟମ ହୋଇଥିଲା। ଏହି ଶତାୟୁଙ୍କ ମଧ୍ୟରୁ ୪୨ ପୁରୁଷ ହୋଇଥିବା ବେଳେ ୫୪ ମହିଳା ଭୋଟର। ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କ ଘରକୁ ଜଣେ ଲେଖାଏ ବରିଷ୍ଠ ଅଫିସର ଯାଇ ତାଙ୍କୁ ବୁଥ୍‌କୁ ଆଣିବାର ବ୍ୟବସ୍ଥା କରିବେ।

## ଚିରନ୍ତନୀ

ରଖି ଦେବ ନାହିଁ କି ଆଜି ଏ ବାଆ ?
ତିଳେ ହେଲେ ତାର ଗୋ ନାହିଁ ତ ମାୟା।
ଦିନେ ପରା ବଇଁଶୀ ଶବଦ ଶୁଣି
ତିଆରିଲେ ଲାଜ ଗୋ ଗୋପ ତରୁଣୀ।
ଫିଟିଗଲା କବରୀ ତୁଟିଲା ହାର
ପୁଲକରେ ଝରିଲା ଲୋତକ ଧାର,
ତୁଆ ତୁଆ ହୋଇ ଯେ ଶୁଭିଲା 'ସ୍ୱନ'
ଛନ ଛନ ହୋଇଲା ପରାଣ ମନ।
ଖସିଗଲା କଳସୀ କାଖରୁ ତଳେ
ଚରଣ ଯୁଗଳ ଯେ ତିନ୍ତିଲା ଜଳେ,
ଅଯତନ ବେଶ ଗୋ ବାସ ଭୂଷଣ
କି ଶବଦ ବିହିଲା ଏତେ କଷଣ !

(ବଂଶୀ ଧ୍ୱନି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମିଛ ବାହାଦୁରି

ମହାଶୟ,

ଫନୀ ବାତ୍ୟା ପରେ ସରକାରୀ କଳ ଯେପରି ସ୍ଥାଣୁ ପାଲଟିଯାଇଛି। ଭୁବନେଶ୍ୱରରେ ଏବେ ୭ ଦିନ ପରେ ମଧ୍ୟ କୁଢ଼ କୁଢ଼ ଅଳିଆ ରାସ୍ତା କଡ଼ରେ ପଡ଼ିରହିଛି। ନିର୍ବାଚନ ସରିଯାଇଥିବାରୁ କୌଣସି ରାଜନୈତିକ ଦଳଙ୍କର ଟିକିଏ ହେଲେ ସୋରଶବ୍ଦ ନାହିଁ। ରାସ୍ତାକଡରୁ ଗଛ କାଟିବା ଏବଂ ବିଦ୍ୟୁତ୍ ଖୁଣ୍ଟ ସଜାଡିବାରେ ୭ ଦିନ ବିତିଗଲାଣି। ଓପିଟିସିଏଲ୍ ତରଫରୁ ଗତ ୬ ମାସ ତଳେ ରାସ୍ତା ପାର୍ଶ୍ୱରେ ପୋତା ଯାଇଥିବା କେବୁଲର ଏପର୍ଯ୍ୟନ୍ତ ସଦୁପଯୋଗ ହୋଇପାରିନାହିଁ। ବଡ ବଡ ଫ୍ଲାଟ୍‌ରେ, ଯେଉଁଠି ଅଲଗା ଟ୍ରାନ୍ସଫର୍ମର ଅଛି, ସେଠାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନିଜ ସଫଳତାର ଡିଣ୍ଡିମ ପିଟାଯାଉଛି। ୧୯୯୯ରେ ୮ ଦିନରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ହୋଇଥିବା ବେଳେ ଏବେ ଫନୀ ଯିବାର ୭ ଦିନ ପରେ ମଧ୍ୟ କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇନାହିଁ। ପାଣି ଓ ବିଜୁଳି ଅଭାବରେ ଚଳି ନ ପାରି ବସ୍ ଓ ରେଳରେ ବହୁ ଲୋକ ପିଲାଛୁଆଙ୍କୁ ଧରି ଗାଁକୁ ପଳାଇ ଯାଉଛନ୍ତି। ତା' ସତ୍ତ୍ୱେ ସରକାର ବାତ୍ୟାର ସଫଳ ମୁକାବିଲା କରିଛନ୍ତି ବୋଲି ବାହାଦୁରି ନେଉଛନ୍ତି।

ଗୋପବନ୍ଧୁ ମହାପାତ୍ର, ଝାରପଡା, ଭୁବନେଶ୍ୱର

### ମେଣ୍ଟ ସରକାରର ସ୍ଥାୟିତ୍ୱ

ଆମ ଦେଶରେ ମେଣ୍ଟ ସରକାର ପୂର୍ଣ୍ଣକାଳ ତିଷ୍ଠିବା ନେଇ ସନ୍ଦେହ ରହିଥାଏ। ନିର୍ବାଚନ ପରେ ସଂଖ୍ୟା ଯୋଗାଡ଼ ପାଇଁ ଘୋଡ଼ାବେପାର ହୁଏ। ସ୍ୱାର୍ଥରେ ବାଧା ଉପୁଜିଲେ ସମର୍ଥନ ପ୍ରତ୍ୟାହାର ବା ସରକାରରୁ ଓହରିବା ପରି ପରିସ୍ଥିତି ସୃଷ୍ଟି ହୁଏ। ତା'ପରେ ରାଷ୍ଟ୍ରପତି ଶାସନ କିମ୍ବା ପୁନଃନିର୍ବାଚନ। କେନ୍ଦ୍ରରେ ଆଞ୍ଚଳିକ ଦଳ ସରକାର ତ ଗଢ଼ିପାରନ୍ତି ନାହିଁ, କିନ୍ତୁ ଅସ୍ଥିରତା ସୃଷ୍ଟି କରିପାରନ୍ତି। ଥରେ ସମର୍ଥନ ପ୍ରତିଶ୍ରୁତିବଦ୍ଧ ହେଲେ ଅବଧି ଶେଷ ପର୍ଯ୍ୟନ୍ତ ତାହା ଅବ୍ୟାହତ ରହିବା ଉଚିତ। ଏଥିପାଇଁ ଆଇନ ହେବା ଆବଶ୍ୟକ। ମନ୍ତ୍ରିପଦ ସହମତିରେ ଆନୁପାତିକ ଭିତ୍ତିରେ ଭାଗବଣ୍ଟାଆରା ହେବା ଯୁକ୍ତିଯୁକ୍ତ। ଏହି ନିୟମ କଡ଼ାକଡ଼ି ପାଳନ ହେଲେ ମେଣ୍ଟ ସରକାର ଚାଲିବାରେ କିଛି ବାଧା ରହିବ ନାହିଁ।

ଅର୍ଜୁନ ରଣା, ବାଲିଶଙ୍କରା, ସୁନ୍ଦରଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପଟିଦିଅଁ ଅଙ୍କନ ପାଇଁ ୬ ଚିତ୍ରକରଙ୍କୁ ସ୍ୱୀକୃତି

**ବାଲେଶ୍ୱର ଅଫିସ, ୯।୫**

ବାଲେଶ୍ୱରରେ ବାଲେଶ୍ୱରୀ କଳାକେନ୍ଦ୍ର ଓ ନୋସି କଲଚରାଲ ଏକାଡେମୀର ମିଳିତ ସହଯୋଗରେ ବାଲେଶ୍ୱରରେ ପ୍ରଥମଥର ଗତ ୨୦୧୫ ଶ୍ରୀଜଗନ୍ନାଥଙ୍କ ନବକଳେବର ବର୍ଷ ବାମପଦାସ୍ଥ ନୋସି ବିଜନେସ୍ ପାର୍କସ୍ଥିତ ଉତ୍କଳା ଶିଳ୍ପଗ୍ରାମରେ ଆରମ୍ଭ ହୋଇଥିଲା ପଟଦିଅଁ ଅଙ୍କନ ଉତ୍ସବ। ଏହି ବିଧି ଓ ପରମ୍ପରା ଅନୁସାରେ ପୁରୀର ପାରମ୍ପରିକ ଚିତ୍ରକରମାନେ ପୁରୀ ଶ୍ରୀମନ୍ଦିର ରୀତିନୀତି ଅନୁସାରେ ପବିତ୍ର ଅକ୍ଷୟ ତୃତୀୟାରେ ଜଗନ୍ନାଥ ମନ୍ଦିରରୁ ଜଗନ୍ନାଥଙ୍କୁ ଅନନ୍ତ ନାରାୟଣ, ବଳଭଦ୍ରଙ୍କୁ ଅନନ୍ତ ବାସୁଦେବ ଓ ମା' ସୁଭଦ୍ରାଙ୍କୁ ଭୁବନେଶ୍ୱରୀ ରୂପରେ ଆଙ୍କିବା ପାଇଁ ସ୍ୱୀକୃତି ପାଇଥାନ୍ତି। ଶ୍ରୀମନ୍ଦିର ତରଫରୁ ଚିତ୍ରକରମାନଙ୍କୁ ପାରମ୍ପରିକ ରୀତିରେ ସ୍ୱୀକୃତି ପ୍ରଦାନ କରାଯାଏ। କପଡ଼ାରେ ପଟି ବା ପଟ ଉପରେ ଦିଅଁମାନଙ୍କ ଚିତ୍ର ଜ୍ୟେଷ୍ଠ ଶୁକ୍ଳପକ୍ଷ ଏକାଦଶୀରୁ ଦେବସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଆଙ୍କି ଅଣସର ସମୟରେ ଜଗନ୍ନାଥ ମନ୍ଦିରରେ ପୂଜା ପାଇଁ ପ୍ରଦାନ କରନ୍ତି।

ଚଳିତବର୍ଷ ପଟିଦିଅଁ ଅଙ୍କନ ପାଇଁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବାଲେଶ୍ୱରର ୫ ଜଗନ୍ନାଥ ମନ୍ଦିର ଯଥା ନୀଳଗିରିର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିରରୁ ଚିତ୍ରକର ଅରୁଣ କୁମାର ବାରିକ ଜଗନ୍ନାଥଙ୍କ ଅନନ୍ତ ନାରାୟଣ, ଶୁଭମ କୁମାର ନାୟକ ବଳଭଦ୍ରଙ୍କ ଅନନ୍ତ ବାସୁଦେବ ଓ ଆଦିତ୍ୟ ଉପାଧ୍ୟାୟ ସୁଭଦ୍ରାଙ୍କ ଭୁବନେଶ୍ୱରୀ ଚିତ୍ର ଆଙ୍କିବା ପାଇଁ ମନ୍ଦିରମାନଙ୍କରୁ ବିଧି ପୂର୍ବକ ସ୍ୱୀକୃତି ମିଳିଛି। ସେହିପରି ମୋତିଗଞ୍ଜର ବାଣ୍ଡିଆ ଜଗନ୍ନାଥ ମନ୍ଦିର, ଶାସଙ୍ଗର ଜଗନ୍ନାଥ ମନ୍ଦିର, ଜୟଦେବ କସବାର ଜଗନ୍ନାଥ ମନ୍ଦିର ଓ ଦୁବଲାଗଡିର ପତିତପାବନ ଶ୍ରୀ ଜଗନ୍ନାଥଙ୍କର ଶିଳ୍ପୀ କେଶୁଦାସ ଜଗନ୍ନାଥଙ୍କ ଅନନ୍ତ ନାରାୟଣ, ଭବାନୀ ଶଙ୍କର ନାୟକ ବଳଭଦ୍ରଙ୍କ ଅନନ୍ତ ବାସୁଦେବ ଓ ଦେବାଶିଷ ପତି ସୁଭଦ୍ରାଙ୍କ ଭୁବନେଶ୍ୱରୀ ଚିତ୍ର ଆଙ୍କିବା ପାଇଁ ମନ୍ଦିରମାନଙ୍କରୁ ବିଧି ପୂର୍ବକ ସ୍ୱୀକୃତି ପ୍ରଦାନ କରାଯାଇଛି। ନୀଳଗିରି ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ, ରାଜା ଜୟନ୍ତ ମର୍ଦ୍ଦରାଜ, ଠାକୁର ମାହାଲର ଭୋଳାନାଥ ମହାନ୍ତି, ମୋତିଗଞ୍ଜ ବାଣ୍ଡିଆ ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ଶ୍ରୀନିବାସ ପଣ୍ଡା, ଶାସଙ୍ଗ ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ପ୍ରଭାସ ଦାସ, ବିକାଶ କୁମାର ଦାସ, ଜୟଦେବକସବାର ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିଜୟ ଶତପଥୀ, ଜୀବନ କୁମାର ଶତପଥୀ ଓ ଦୁବଲାଗଡିର ପତିତପାବନ ଶ୍ରୀ ଜଗନ୍ନାଥଙ୍କର ମୁଖ୍ୟ ପୂଜକ ଆରତୀ ଦାସ, କାହ୍ନୁ ଚରଣ ଦାସ ଅଂଶଗ୍ରହଣ କରିଥିବାବେଳେ ଗଦାଧର ମହାନ୍ତି, ସରିତା ସିଂ, ସ୍ୱାତିପ୍ରଜ୍ଞା ନାୟକ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ଜୁନ୍ ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ୬ ଦିନ ବ୍ୟାପୀ ବାମପଦାସ୍ଥ ନୋସି ବିଜନେସ୍ ପାର୍କସ୍ଥିତ ଉତ୍କଳା ଶିଳ୍ପଗ୍ରାମରେ ଏକ କଳାତ୍ମକ ତଥା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପଟିଦିଅଁ ଅଙ୍କନ କାର୍ଯ୍ୟକ୍ରମ ଚାଲିବା ସହ ଉତ୍କଳୀୟ ପଟ୍ଟଚିତ୍ରର କର୍ମଶାଳା ଓ ପ୍ରଦର୍ଶନୀ, ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନଙ୍କର ପ୍ରଶିକ୍ଷଣ ଶିବିର, ପ୍ରତି ସନ୍ଧ୍ୟାରେ ଆଲୋଚନାଚକ୍ର ତଥା ଜଗନ୍ନାଥ ପ୍ରେମୀଙ୍କ ଦ୍ୱାରା ଭଜନ କୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଅନୁଷ୍ଠାନ ତରଫରୁ ମୁଖ୍ୟ ଆୟୋଜକ ଶିଳ୍ପୀ କେଶୁ ଦାସ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।



ମୁଖ୍ୟ ଆୟୋଜକ ଶିଳ୍ପୀ କେଶୁ ଦାସଙ୍କ ସହ ୬ ଚିତ୍ରକର।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ

**ବାଲେଶ୍ୱର ଅଫିସ, ୯।୫:** ବାଲେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ସ୍ଥାନୀୟ ନୃତ୍ୟ ସଙ୍ଗୀତ କଳାମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ 'ଫନୀ'ରେ ମୃତ୍ୟୁବରଣ କରିଥିବା ମୃତକଙ୍କ ଉଦ୍ଦେଶ୍ୟରେ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ଶୋକପ୍ରସ୍ତାବ ଆଗତ କରିବା ପରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟାନ୍ୟ ପ୍ରସ୍ତାବଗୁଡ଼ିକ ମଧ୍ୟରେ ବାଲେଶ୍ୱର ସରକାରୀ ମେଡିକାଲ୍ କଲେଜ ଓ ହସ୍ପିଟାଲର ବହିର୍ବିଭାଗରେ ବୟୋଜ୍ୟେଷ୍ଠ ରୋଗୀଙ୍କୁ ଟିକେଟ୍ ପ୍ରଦାନ ଉଦ୍ଦେଶ୍ୟରେ ସ୍ୱଳ୍ପ ଦିନ ତଳେ ଖୋଲାଯାଇଥିବା ସ୍ୱତନ୍ତ୍ର କାଉଣ୍ଟରକୁ ହଠାତ୍ ବନ୍ଦ କରିଦିଆଯିବା ଏବଂ ଜରାରୋଗୀଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ୱାର୍ଡ ଖୋଲାଯିବାକୁ ଅଣଦେଖା ନେଇ ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। ଦହପଡ଼ାଠାରେ ଅସହାୟ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମମାନଙ୍କ ଥଇଥାନ ଉଦ୍ଦେଶ୍ୟରେ ୨୦ଏକର ଜମି ଉପରେ ନିର୍ମିତ ହେବାକୁ ଥିବା ସାମାଜିକ ସୁରକ୍ଷା କେନ୍ଦ୍ର ଓ ରେମୁଣାରେ ପ୍ରସ୍ତାବିତ ୫୦ ଶଯ୍ୟା ବିଶିଷ୍ଟ ଆୟୁଷ ହସ୍ପିଟାଲର ଜମି ଅଧିଗ୍ରହଣ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକ ପରେ କର୍ମକର୍ତ୍ତାମାନେ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ଜୁନ୍ ୧୬ ତାରିଖରେ ବାଲେଶ୍ୱର ଗାନ୍ଧୀସ୍ମୃତି ଭବନଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ବରିଷ୍ଠ ନାଗରିକମାନଙ୍କ ଜିଲାସ୍ତରୀୟ ସମ୍ମିଳନୀକୁ ସଫଳ କରିବା ଓ ଏଥିଲାଗି ପ୍ରକାଶ ପାଇବାକୁ ଥିବା ସ୍ମରଣିକା 'ସାୟାହ୍ନ'ର ପ୍ରକାଶନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଡ. ହରିଶ ଚନ୍ଦ୍ର ବେହେରା, ଶିରୀଶ ଚନ୍ଦ୍ର ଜେନା, ଶରତ ଚନ୍ଦ୍ର ଦାଶ, ଡ. ପଦ୍ମଲୋଚନ ପାତ୍ର, ଗିରୀଶ ଚନ୍ଦ୍ର ଦାଶ, ପଣ୍ଡିତ ସୁରେନ୍ଦ୍ରନାଥ କର, ବସନ୍ତଲତା ପଟ୍ଟନାୟକ, ଗୌରାଙ୍ଗ ପାଣିଗ୍ରାହୀ, ରେଣୁବାଳା ଦାସ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଅପର୍ଣ୍ଣା କର, ଗୋପୀନାଥ ଦାସ, ବୀରେନ୍ଦ୍ର ନାରାୟଣ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରବାସିନୀ କର, ଯଶୋଦା ନନ୍ଦନ ଆଶ୍, ମଧୁସୂଦନ ଜେନା, ମନୋରଂଜନ ପାଲ୍, ରବୀନ୍ଦ୍ର ପ୍ରହରାଜ ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଜଳେଶ୍ୱରରେ ଥଣ୍ଡା ପାନୀୟଜଳ ବ୍ୟବସ୍ଥା



ବାସନ୍ତୀପଡ଼ିଆଠାରେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇଛି।

**ଜଳେଶ୍ୱର, ୯।୫(ଡି.ଏନ.ଏ.)**

ଜଳେଶ୍ୱର ସହର ବାସନ୍ତୀପଡ଼ିଆସ୍ଥିତ ଜଳେଶ୍ୱର କେବୁଲ ଲିଙ୍କ (ଜେସିଏଲ୍) ତରଫରୁ ତୃଷାର୍ତ୍ତ ବାଟୋଇମାନଙ୍କ ପାଇଁ ସବୁଦିନିଆ ସ୍ୱଚ୍ଛ ଥଣ୍ଡା ପାନୀୟଜଳ ବ୍ୟବସ୍ଥା ସ୍ଥାନୀୟ ଜଳେଶ୍ୱର ଏସ୍‌ଡିପିଓ ସୁଦର୍ଶନ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଜେସିଏଲ୍‌ର ମାଲିକ କୁମାରେଶ ଦିନ୍ଦା(ନନୀ) ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାସନ୍ତୀ ପୂଜା କମିଟିର ସମ୍ପାଦକ ଦୁର୍ଜୟ ପାଣିଗ୍ରାହୀ, ଜେସିଏଲ୍ ଟିଭି ଚ୍ୟାନେଲର ମୁଖ୍ୟ ସୌମ୍ୟସାଗର କାମିଲା, ସରୋଜ ପାଣିଗ୍ରାହୀ, ନୀରଜ ପାଣିଗ୍ରାହୀ, ବିଶେଶ୍ୱର ରାଓ, ଶଙ୍କର ପାତ୍ର ଓ ଜେସିଏଲ୍‌ର ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ତଥା ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଇତିହାସ ସମ୍ମାନ ଟପ୍ପର ଜ୍ୟୋତ୍ସ୍ନାଞ୍ଜଳିଙ୍କୁ ସମ୍ବର୍ଦ୍ଧନା

**ଔପଦା, ୯।୫(ଡି.ଏନ.ଏ.)**

ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନ ଔପଦା ଯୁକ୍ତ ୩ ମହାବିଦ୍ୟାଳୟର ଛାତ୍ରୀ ଜ୍ୟୋତ୍ସ୍ନାଞ୍ଜଳି ସାହୁ ଇତିହାସ ସମ୍ମାନରେ ଟପ୍ପର ହୋଇଥିବାରୁ ସୋମବାର ମହାବିଦ୍ୟାଳୟ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ମୋହନ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କ ଉପସ୍ଥିତିରେ ଜ୍ୟୋତ୍ସ୍ନାଞ୍ଜଳିଙ୍କ ଉତ୍ତରୋତ୍ତର କାମନା କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ଇତିହାସ ସମ୍ମାନରେ ମୋଟ ୧୮୦୦ ନମ୍ବରରୁ ୧୩୨୩ ନମ୍ବର ରଖି ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ତାଙ୍କ ପିତା ରାମଚନ୍ଦ୍ର ସାହୁ ନାଗପୁର ରେମଣ୍ଡ କମ୍ପାନୀର କର୍ମଚାରୀ ଥିବାବେଳେ ମା' ମୀନତି ସାହୁ ଗୃହିଣୀ ଅଛନ୍ତି। ଔପଦା ସଦର ବଜାର ନିକଟସ୍ଥ ଖଇରା ବ୍ଲକର ନରମା ଗ୍ରାମରେ ତାଙ୍କର ଘର। ସେ ଅଧ୍ୟାପିକା ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଜ୍ୟୋତ୍ସ୍ନାଞ୍ଜଳି ଔପଦା ମହାବିଦ୍ୟାଳୟର ଗର୍ବ ଓ ଗୌରବ ବୋଲି ଇତିହାସ ବିଭାଗର ମୁଖ୍ୟ ତଥା ଅଧ୍ୟକ୍ଷ ସାହୁ କହିଛନ୍ତି। ଜ୍ୟୋତ୍ସ୍ନାରାଣୀ ତାଙ୍କ ସଫଳତାର ଶ୍ରେୟକୁ ଅଧ୍ୟକ୍ଷ ତଥା ମୁଖ୍ୟ ଅଧ୍ୟାପକଙ୍କୁ ଦେଇଛନ୍ତି।



ଜ୍ୟୋତ୍ସ୍ନାଞ୍ଜଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


**ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା**



**ସ୍ୱସ୍ତିକ ସୁମନ ପାଣିଗ୍ରାହୀ (କାହ୍ନା)**
ବଡ଼ଗଡ଼ ବ୍ରିଟ କଲୋନି, ଭୁବନେଶ୍ୱର

ଆଜି ତୁମର ଅଷ୍ଟମ ଜନ୍ମବାର୍ଷିକ ଅବସରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭେ ପ୍ରାର୍ଥନା କରୁଛୁ କି ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଦୀର୍ଘାୟୁ କରନ୍ତୁ ଏବଂ ସର୍ବଦା ବିଦ୍ୟା ବୁଦ୍ଧି ପ୍ରଦାନ କରନ୍ତୁ।

ଶୁଭେଚ୍ଛା ସହ
ପାପା, ମାମା, ଜେଜେ, ମା, ପିଉସା, ପିଉସୀ, ମାମୁ, ଆଣ୍ଟି, ଆଇ, ବଡ଼ଆଇ, ଗୁରୁଜନ, ବନ୍ଧୁ ଓ ପରିବାରବର୍ଗ। ଧ-୪୮୭୧୫



## Khallikote University, Berhampur-760001, Odisha
## Post Graduate Admission Notice 2019-20

**No.KUB/PGC/ADMN.19-20/209** **Date: 30.04.2019**

Khallikote University, Berhampur, Odisha invites application(s) from eligible candidates for admission to the following Post Graduate (Master Degree) courses for the Academic year **2019-20.**

Courses offered

- M.Sc. in Biosciences and Bioinformatics
- Master in Natural Resources Management and Geoinformatics
- Master in Library and Information Science
- Master in Economics and Management
- MBA in Travel and Tourism Management
- Master in Mass Communication and Media Technology

The application form is available on the University website **(www.khallikoteuniversity.ac.in)** from 30th April 2019 onwards. Candidates may also obtain the application form and prospectus by requesting the email: **admission@khallikoteuniversity.ac.in**; admission.kub@gmail.com. Admission will be done through entrance examination (70%) and career assessment (30%). Entrance test will be conducted at Berhampur, Bhubaneswar, Rourkella, Rayagada, Balasore and Keonjhar.

For relevant information the candidates are advised to go through the prospectus and read the instructions carefully before filling up the application form. **The last date of submission of application form** along with relevant documents by post is **7th June 2019.**

Date of Entrance Examination: 23rd June 2019.

***Chairman, PG Council***



## ODISHA STATE ROAD TRANSPORT CORPORATION, BHUBANESWAR

No. 5464 Date: 08.05.19

**ADVERTISEMENT FOR THE POST OF CIVIL ENGINEER CONSULTANT & H.R. CONSULTANT**

Applications are invited from the O.A.S. Officers (Retired) & Civil Engineers (Retired) (not below the rank of Executive Engineer) upto 65 years on contractual basis for the post of H.R. Consultant & Civil Engineer Consultant respectively in OSRTC for a period of one year subject to renewal each year considering their performance. The applications in the format appended to this notice should reach the General Manager (A), OSRTC, A.G. Square, Bhubaneswar- 751009 on or before 15.05.2019 with offering their monthly remuneration.

The details of the term & conditions of engagement for each post along with the Application format is available in OSRTC website i.e. **www.osrtc.nic.in.**

**ELIGIBILITY CRITERIA:**

1. The candidate must be Citizen of India.
2. He must be less than 65 years of age.
3. He should have the requisite qualification/ Equivalent to the above.
4. The application must be affixed with the copy of the requisite documents/ testimonials / certificates of merit in support of the Educational/ Technical Qualification/ Details of service rendered and Two P.P. size photograph.

*By order of the Chairman-cum-Managing Director*
***Sd./- General Manager(A), OSRTC***



## FORM G
## INVITATION FOR EXPRESSION OF INTEREST

(Under Regulation 36A (1) of the Insolvency and Bankruptcy (Insolvency Resolution Process for Corporate Persons) Regulations, 2016

**RELEVANT PARTICULARS**

| | | |
|---|---|---|
| 1 | Name of the corporate debtor | Sri Ganesh Sponge Iron Pvt. Ltd. |
| 2 | Date of incorporation of corporate debtor | 10-10-2001 |
| 3 | Authority under which corporate debtor is incorporated / registered | Registrar of Companies -CUTTACK |
| 4 | Corporate identity number / limited liability identification number of corporate debtor | U27102OR2001PTC006622 |
| 5 | Address of the registered office and principal office (if any) of corporate debtor | PO Joda Dist Keonjhar. Orissa. 758034.India |
| 6 | Insolvency commencement date of the corporate debtor | 18-02-2019 being date of delivery of order by Hon'ble NCLT, Kolkata |
| 7 | Date of invitation of expression of interest | 10-05-2019 |
| 8 | Eligibility for resolution applicants under section 25(2)(h) of the Code is available at: | www.optimusresolution.net (under Announcements and Downloads) |
| 9 | Norms of ineligibility applicable under section 29A are available at: | (www.optimusresolution.net (under Announcements and Downloads) |
| 10 | Last date for receipt of expression of interest | 25-05-2019 |
| 11 | Date of issue of provisional list of prospective resolution applicants | 04-06-2019 |
| 12 | Last date for submission of objections to provisional list | 09-06-2019 |
| 13 | Date of issue of final list of prospective resolution applicants | 19-06-2019 |
| 14 | Date of issue of information memorandum, evaluation matrix and request for resolution plans to prospective resolution applicants | 24-06-2019 |
| 15 | Manner of obtaining request for resolution plan, evaluation matrix, information memorandum and further information | Request should be sent by e-mail to rp.shriganeshsponge@gmail.comwith subject line that starts with "Request from potential Resolution Applicant........." |
| 16 | Last date for submission of resolution plans | 24-07-2019 |
| 17 | Manner of submitting resolution plans to resolution professional | In electronic form to the email IDs mentioned against Sl.No. 21. An additional physical copy may also be submitted in a sealed envelope containing duly signed hard copy at the address mentioned against Sl.No. 21 so as reach on or before the last date |
| 18 | Estimated date for submission of resolution plan to the Adjudicating Authority for approval | 02-08-2019 |
| 19 | Name and registration number of the resolution professional | Avishek Gupta( Interim Resolution Professional ) Reg. No. - IBBI/IPA- 003/IP- N000135/2017-2018/11499 |
| 20 | Name, Address and e-email of the resolution professional, as registered with the Board | CK-104, Salt Lake City, Sector-2, Kolkata-700091 E-mail : ho@optimumresolution.net Contact:+91 03323340941 |
| 21 | Address and email to be used for correspondence with the resolution professional | CK-104, Salt Lake City, Sector-2, Kolkata-700091 E-mail : rp.shriganeshsponge@gmail.com |
| 22 | Further Details are available at or with | www.optimusresolution.net (under Announcements and Downloads) |
| 23 | Date of publication of Form G | 10-05-2019 |

Avishek Gupta
Reg No. - IBBI/IPA- 003/IP- N000135/2017-2018/11499
Interim Resolution Professional for Sri Ganesh Sponge Iron Pvt. Ltd
Date: 10-05-2019.Place: Kolkata



## କର୍ପୋରେଶନ ବ୍ୟାଙ୍କ
कार्पोरेशन बैंक Corporation Bank
(ସାର୍ବଜନିକ କ୍ଷେତ୍ରର ଅଗ୍ରଣୀ ବ୍ୟାଙ୍କ)

ଭୁବନେଶ୍ୱର ମୁଖ୍ୟ ଶାଖା, ଫ୍ଲାଟ୍ ନଂ.: ୧୨୧ ଏବଂ ୧୨୨, ଖାରବେଳ ନଗର, ଷ୍ଟେସନ ସ୍କୋୟାର, ଭୁବନେଶ୍ୱର

### ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍

ଏହି ନୋଟସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ କର୍ପୋରେଶନ ବ୍ୟାଙ୍କ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ "ଗଠନାତ୍ମକ / ଭୌତିକ/ସାଙ୍କେତିକ ଦଖଲ" ନେଇ "ଯାହାବି ସେଠାରେ ଅଛି", ଯେଉଁଠାରେ ଯେପରି ଅଛି" ଏବଂ ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ନିମ୍ନଲିଖିତ ତାରିଖ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ କର୍ପୋରେଶନ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

| ଋଣଗ୍ରହୀତା, କୋ-ଆପ୍ଲିକାଣ୍ଟ ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ଋଣଗ୍ରହୀତା: ମେସର୍ସ ଷ୍ଟପ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ, ପ୍ଲଟ୍ ନଂ.: ବି-୬୩, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭, କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତା: ଡଃ. ଅରୁଣ ସାମଲ, ପିତା: ଡଃ. ସର୍ବେଶ୍ୱର ସାମଲ, ପ୍ଲଟ୍ ନଂ.: ୧୦୬/୧୫୦୩, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୨୨ | ୩୦.୦୮.୨୦୧୧ ସୁଦ୍ଧା ଟ.୫୭,୬୭,୩୭୬.୦୦ ସହିତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ: ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୭୪୪/୧୩୯୦, ଖାତା ନଂ.: ୪୮୩/୨, କ୍ଷେତ୍ର: ୧.୫୦ଏକର (୬୫୩୪୦ ବର୍ଗଫୁଟ), ମୌଜା: ମହୁରା, ଥାନା: ଖଣ୍ଡଗିରି, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ: ୨୯.୦୫.୨୦୧୯ ପୂର୍ବାହ୍ନ ୧୧.୪୫ ଘଟିକାରୁ ଅପରାହ୍ନ ୧.୧୫ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ ସମୟ ସହିତ)

ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୪୦,୦୦,୦୦୦/- / ଅମାନତ ଜମା: ଟ.୪,୦୦,୦୦୦/- / ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ବିବରଣୀ ନିମନ୍ତେ ୱେବ୍‌ସାଇଟ୍: https://corpbank.com/sites/default/files/corpbank-page-files/tender/m_s_stop.pdf ଲିଙ୍କ୍ ଦେଖନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୯.୦୫.୨୦୧୯ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କର୍ପୋରେଶନ ବ୍ୟାଙ୍କ



## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା: ଭଦ୍ରକ,
ମାଷ୍ଟର ବାବୁ କମ୍ପ୍ଲେକ୍ସ, ଛପୁଲିଆ, ବାଏପାସ୍ ରୋଡ୍, ଜିଲ୍ଲା: ଭଦ୍ରକ
ଶାଖା ଫୋନ୍ ନଂ.: ୦୬୭୮୪-୨୫୦୩୫୩, ଶାଖା ଇ-ମେଲ: sbi.18397@sbi.co.in

### ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ, ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୦.୦୬.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

**କ୍ଷମତାପ୍ରାପ୍ତ ଅଧିକାରୀ: ଜାମିନୀ ରଞ୍ଜନ ସାହୁ, ଇ-ମେଲ: jamini.sahu@sbi.co.in, ମୋ: ୯୪୩୭୦୪୯୭୦୫୩**

| କ୍ର. ନଂ. | ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | କଲରଙ୍ଗିଅତା ଶାଖା / ଋଣଗ୍ରହୀତା: ମେସର୍ସ ରାଉତ ଇଞ୍ଜିନିୟରିଂ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅଲେଖ କୁମାର ରାଉତ, ପିତା: ଅଭିମନ୍ୟୁ ରାଉତ, କଣ୍ଟ୍ରାକ୍ଟର୍ସ କଲୋନୀ, ଟିସ୍କୋ କ୍ୟାମ୍ପସ୍, କଲରଙ୍ଗିଅତା, ଜିଲ୍ଲା: ଯାଜପୁର (ଓଡ଼ିଶା), ପିନ୍-୭୫୫୦୨୮ / ଆକାଉଣ୍ଟ ନଂ.: ୩୧୭୫୨୮୭୪୦୦୮, ୩୨୯୫୪୯୧୧୬୩୬ ଏବଂ ୩୨୯୫୪୯୨୩୫୩୯ | ଜାମିନ୍‌ଦାର: ଶ୍ରୀ ପ୍ରଫୁଲ୍ଲ କୁମାର ଧିର, ପିତା: ଅନନ୍ତ ଚରଣ ଧିର, କ୍ୱାର୍ଟର ନଂ.: ବି୫/୮, ଏସ୍‌ସିଏମ୍, ଟିସ୍କୋ, କଲରଙ୍ଗିଅତା, ଜିଲ୍ଲା: ଯାଜପୁର | ଶ୍ରୀ ଅଲେଖ କୁମାର ରାଉତ, ପିତା: ଅଭିମନ୍ୟୁ ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ମୌଜା: ୟୁନିଟ୍-୧୬, ସୋବରା, ତହସିଲ: ବ୍ୟାସନଗର, ଟାଉନ୍: ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର ଠାରେ ପଞ୍ଜିକୃତ, ଖାତା ନଂ.: ୩୭୨/୬୭୯, ପ୍ଲଟ୍ ନଂ.: ୬୭୭/୨୩୮୬, କ୍ଷେତ୍ର: ଏକର୦.୦୮ଡିସିମିଲି, କିସମ: ଘରବାରି | ୩୧.୦୧.୨୦୧୮ ସୁଦ୍ଧା ଟ.୮୦,୭୦,୮୬୮/- + ୦୧.୦୨.୨୦୧୮ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୩୧.୦୧.୨୦୧୮ | ଟ.୭୧,୦୦,୦୦୦/- / ଟ.୭,୧୦,୦୦୦/- / ଟ.୫୦,୦୦୦/- |
| ୨. | ଏସ୍‌ଏଲ୍ ମାଇନିଂ ଶାଖା, ଜୁରୁଡି / ଋଣଗ୍ରହୀତାମାନେ: ୧) ରୋଜ୍ ମହମ୍ମଦ, ପିତା: ଅବଦୁଲ ସତାର, ୨) ଶେହନାଜ୍ ବାନୋ, ସ୍ୱାମୀ: ରୋଜ୍ ମହମ୍ମଦ, ଉଭୟଙ୍କ ଠିକଣା: ସା: ଜୁରୁଡି, ପୋ: ଜଜାଙ୍ଗ, ଭାୟା: ଯୋଡା, ଜିଲ୍ଲା: କେନ୍ଦୁଝର-୭୫୮୦୩୪ / ଆକାଉଣ୍ଟ ନଂ.: ୩୦୯୬୧୮୩୩୮୬୬ | | ରୋଜ୍ ମହମ୍ମଦ ଏବଂ ଶେହନାଜ୍ ବାନୋଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜାରୋଲି, ଖାତା ନଂ.: ୮୬/୨୨୭, ପ୍ଲଟ୍ ନଂ.: ୩୭୨/୭୪୩, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରୀ | ୩୦.୦୪.୨୦୧୬ ସୁଦ୍ଧା ଟ.୬୩,୮୭,୯୦୬/- + ୦୧.୦୫.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୦୨.୦୫.୨୦୧୬ | ଟ.୯୭,୪୦,୦୦୦/- / ଟ.୯,୭୪,୦୦୦/- / ଟ.୫୦,୦୦୦/- |

ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ତା.୦୩.୦୬.୨୦୧୯ରିଖ ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୪.୦୦ ଘଟିକା

ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୦୭.୦୬.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ

ନିଲାମର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ୱେବସାଇଟ୍ www.sbi.co.in at link https://bank.sbi/portal/web/home/auction-notices ଦେଖନ୍ତୁ

ତାରିଖ : ୦୯.୦୫.୨୦୧୯
ସ୍ଥାନ: ଭଦ୍ରକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



# CLASSIFIED DISPLAY

**MORE SPACE • SAME PRICE**
**CLASSIFIED DISPLAY**
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

**Life Care Emporium** Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

## ସଂକ୍ଷେପରେ

### ବାଲେଶ୍ୱର ଜିଲା ବ୍ରାହ୍ମଣ ସମିତିର ପ୍ରତିଷ୍ଠା ଦିବସ

**ବାଲେଶ୍ୱର ଅଫିସ, ୯।୫:** ଅକ୍ଷୟ ତୃତୀୟାରେ ଜିଲା ବ୍ରାହ୍ମଣ ସମିତିର ପ୍ରତିଷ୍ଠା ଦିବସ ବାଲେଶ୍ୱର ସହରର ଦାମୋଦରପୁରସ୍ଥିତ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସମିତି ସମ୍ପାଦକ ଗୌରଚନ୍ଦ୍ର ଦାଶଙ୍କ ଆବାହକତ୍ୱରେ ସମିତି ପରିଚାଳନା କମିଟି କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ଉପସ୍ଥିତିରେ ଏହି ଦିବସ ପାଳନ କରାଯାଇଥିଲା। ପ୍ରାରମ୍ଭରେ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଉପସ୍ଥିତ ବ୍ରାହ୍ମଣ ପଣ୍ଡିତମାନେ ସମୂହ ବେଦପାଠ କରିଥିଲେ। ଏହି ଅବସରରେ ବିଷ୍ଣୁଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞର ପୂର୍ଣ୍ଣାହୁତି ପରେ ଉପସ୍ଥିତମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ପ୍ରତିଷ୍ଠା ଉତ୍ସବରେ ଡ. କ୍ଷୀତିଶ୍ୱର ଦାଶ, ଚିନ୍ମୟ ପାଣିଗ୍ରାହୀ, ରାଧାକୃଷ୍ଣ ଆଚାର୍ଯ୍ୟ, ଶକ୍ତିପଦ ପଣ୍ଡା, ସର୍ବେଶ୍ୱର ପତି, ହରେକୃଷ୍ଣ ପଣ୍ଡା, ନିରାକାର ଦାଶ, କ୍ଷିତୀଶ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ଶତପଥୀ ଓ ଅଜୟ ପାଣିଗ୍ରାହୀ ପ୍ରମୁଖ ବ୍ରାହ୍ମଣ ପଣ୍ଡିତମାନେ ଯୋଗଦାନ ପୂର୍ବକ ପ୍ରତିଷ୍ଠା ଉତ୍ସବ ପରିଚାଳନା କରିଥିଲେ।

### ଜୁନ୍ ଦ୍ୱିତୀୟ ସପ୍ତାହରୁ ବାଲେଶ୍ୱର ଫୁଟ୍‌ବଲ ଲିଗ୍

**ବାଲେଶ୍ୱର ଅଫିସ, ୯।୫:** ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆସନ୍ତା ଜୁନ୍ ଦ୍ୱିତୀୟ ସପ୍ତାହରୁ ବାଲେଶ୍ୱର ସିନିୟର ଫୁଟ୍‌ବଲ ଲିଗ୍ ଅନୁଷ୍ଠିତ ହେବ। ଆଗ୍ରହୀ କ୍ଲବଗୁଡ଼ିକ ଆସନ୍ତା ମେ' ୨୫ତାରିଖ ସୁଦ୍ଧା ପ୍ରବେଶ ଦେୟ ସହିତ ଏଣ୍ଟ୍ରି ଫର୍ମରେ କ୍ରୀଡା ସଂଘକୁ ଆବେଦନ କରିବାକୁ ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ଜଣାଇଛନ୍ତି। ସବିଶେଷ ବିବରଣୀ ନିମନ୍ତେ ସହସମ୍ପାଦକ ପଦ୍ମଲୋଚନ ଲେଙ୍କାଙ୍କ ସହିତ ଯୋଗାଯୋଗ(୯୩୩୭୮୯୧୭୪୯) କରିବାକୁ ଅନୁରୋଧ କରାଯାଇଛି। ମେ' ୨୫ ତାରିଖ ପରେ କୌଣସି ଦଳର ଏଣ୍ଟ୍ରି ନିଆଯିବ ନାହିଁ କିମ୍ବା ଆସନ୍ତା ମେ' ୩୦ ତାରିଖ ସୁଦ୍ଧା ଖେଳାଳିମାନଙ୍କର ପଞ୍ଜୀକରଣ ନ କଲେ ଉକ୍ତ ଦଳକୁ ଖେଳିବାକୁ ସୁଯୋଗ ମିଳିବ ନାହିଁ। ଖେଳାଳିମାନେ ସେମାନଙ୍କର ଆଧାରକାର୍ଡ଼ ପଞ୍ଜୀକରଣ ସମୟରେ ଦାଖଲ କରିବେ ଓ ଆସୋସିଏଶନର ନିୟମାବଳୀ ମାନିବାକୁ ବାଧ ହେବେ।

### ୧୮ରୁ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍

**ବାଲେଶ୍ୱର ଅଫିସ, ୯।୫:** ବାଲେଶ୍ୱର ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଆସନ୍ତା ୧୮ରୁ ୨୦ତାରିଖ ୩ଦିନ ଧରି ୧୭ବର୍ଷରୁ କମ୍ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍ ବାଲେଶ୍ୱର ଆଇନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏ ନେଇ ଆସୋସିଏଶନ ପକ୍ଷରୁ ଏକ ବୈଠକ ଆୟୋଜିତ ହୋଇଥିଲା। ଆସୋସିଏଶନ ସମ୍ପାଦକ ମନୋରଞ୍ଜନ ପଣ୍ଡା, ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, ଐଶ୍ୱର୍ଯ୍ୟ କୁମାର ସେନାପତି, ପ୍ରବାଳକାନ୍ତ ମାଇତି ଓ ସନ୍ଦୀପ କୁମାର ସାମନ୍ତରାୟ ପ୍ରମୁଖ ବୈଠକରେ ଉପସ୍ଥିତ ରହି ପ୍ରତିଯୋଗିତା ସମ୍ପର୍କିତ ଆଲୋଚନାରେ ଭାଗ ନେଇଥିଲେ। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଉଭୟ ବାଳିକା ଓ ବାଳକ ବିଭାଗରୁ ସର୍ବଶ୍ରେଷ୍ଠ ଦୁଇଜଣ ଲେଖାଏଁ ଖେଳାଳି ଆସନ୍ତା ଜୁନ୍ ୨୯ତାରିଖରେ କେରଳର କୋଚିଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଚେସ୍ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ପ୍ରତିଯୋଗୀମାନେ ୨୦୦୨ ଜାନୁୟାରୀ ପରେ ଜନ୍ମଗ୍ରହଣ କରିଥିବେ ଏବଂ ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ନିଜର ବୟସ ପ୍ରମାଣପତ୍ରର ନକଲ ଦାଖଲ କରିବା ବାଧତାମୂଳକ କରାଯାଇଛି। ସମସ୍ତ ଖେଳାଳି ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ପଞ୍ଜୀକୃତ ସଦସ୍ୟ ହେବା ଆବଶ୍ୟକ। ବାଳିକା ଓ ବାଳକ ବିଭାଗର ଉଭୟ ୧୦ଟି ପୁରସ୍କାର ସହ ୭ ବର୍ଷରୁ କମ୍, ୯ବର୍ଷରୁ କମ୍, ୧୧ ବର୍ଷରୁ କମ୍, ୧୩ବର୍ଷରୁ କମ୍ ବୟସର ଖେଳାଳିଙ୍କ ସହ ସ୍ଥାନୀୟ ଖେଳାଳିଙ୍କ ପାଇଁ ୩୫ଟି ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବ। ପ୍ରବେଶିକା ମୂଲ୍ୟ ୩ଶହ ଟଙ୍କା ଧାର୍ଯ୍ୟ ରହିଛି। ପ୍ରତିଯୋଗୀମାନେ ଅଧିକ ବିବରଣୀ ଲାଗି ଜିଲା ଚେସ୍ ଆସୋସିଏଶନ ସହ ଯୋଗାଯୋଗ କରିପାରିବେ।

# ଉଜୁଡ଼ିଲା ରବି ଫସଲ, ଚାଷୀ ଚିନ୍ତାରେ

**ଔପଦା, ୯।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକରେ 'ଫନୀ' ପ୍ରଭାବରେ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଛୋଟବଡ ଅସଂଖ୍ୟ ଗଛ ଭୁପଡ଼ି ପଡିବା ସହ ଶହ ଶହ ଏକର ରବି ଫସଲ ଉଜୁଡ଼ି ଯାଇଛି। ପ୍ରଶାସନ ତରଫରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇ ପ୍ରାୟ ସମସ୍ତ ପଞ୍ଚାୟତର ଛଣଛପର ମାଟି ଘରୁ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ଅଣାଯାଇ ରନ୍ଧା ଓ ଶୁଖିଲା ଖାଦ୍ୟ ଦିଆଯାଇଥିଲା। ଶୁକ୍ରବାର ଅପରାହ୍ନ ଓ ସନ୍ଧ୍ୟାରେ ପବନର ବେଗ ପ୍ରାୟ ୧୦୦ କି.ମି.ରୁ ଊର୍ଦ୍ଧ୍ୱ ଥିବାବେଳେ ବଡ଼ବଡ଼ ଗଛ ଉପୁଡ଼ିବା ଓ ଡାଳ ଭାଙ୍ଗିବା ସହ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଥିଲା। ମୂଷଳ ଧାରାରେ ବର୍ଷା ଓ ପବନ ହେତୁ ଆଶ୍ରୟସ୍ଥଳୀରେ ରାତିରେ ରନ୍ଧା ଖାଦ୍ୟ ପ୍ରଦାନ କରାଯିବା ସମ୍ଭବ ହୋଇ ନ ଥିଲା। ମୋଟ ୫୬ଟି ଆଶ୍ରୟସ୍ଥଳୀରେ ମହିଳା ଓ ପୁରୁଷ ୫୩୪୩ ଜଣ ଥିବାବେଳେ ୨୦୬୮ ନାବାଳକ ଥିବା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ବ୍ଲକର ୧୧ଟି ପଞ୍ଚାୟତରେ ୧୨୯ ହେକ୍ଟର ଜମିରେ ରବି ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ସରକାରୀ ଭାବେ କୃଷି ବିଭାଗ ତରଫରୁ ଆକଳନ କରାଯାଇଛି। ଗଡ଼ସାହି ପଞ୍ଚାୟତର ପାହାଡ଼ତଳି ପଶ୍ଚିମା ନିକଟସ୍ଥ ଶହ ଶହ ଏକର କଲରା କ୍ଷେତରେ ପାହାଡ଼ ଉପରୁ ବର୍ଷାଜଳ ବୋହି ଆସି ପଶିଯାଇଛି। ପ୍ରାୟ ସବୁ ପଞ୍ଚାୟତରେ କଲରା, ଭେଣ୍ଡି, ସୂର୍ଯ୍ୟମୁଖୀ, ମୁଗ, ବିରି ଆଦି ରବି ଫସଲ ପ୍ରଭାବିତ ହେବା ସହ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ିଯାଇଛି। ଅନେକ ସାଧାରଣ ବର୍ଗର ଗରିବ ଲୋକମାନଙ୍କ ଛଣଛପର ମାଟିଘର ପ୍ରଭାବିତ ହୋଇଛି। ଏ ବିଷୟରେ ଔପଦା ବିଡ଼ିଓ ତଥା ତହସିଲଦାର ପିତାମ୍ବର ଭୋଇଙ୍କ ସହ ଯୋଗାଯୋଗ କରିବାରୁ ସେ କ୍ଷୟକ୍ଷତିର ଆକଳନ ଚାଲିଥିବା ବେଳେ ସରକାରୀ ସହାୟତା ପାଇଁ ଆନୁଷଙ୍ଗିକ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।



ଗଡ଼ସାହି କଲରା ଚାଷୀଙ୍କର ଜଳ ପ୍ଲାବିତ ଉଜୁଡ଼ା କ୍ଷେତ।

# କଂଗ୍ରେସ ସଙ୍ଗଠନକୁ ମଜବୁତ୍ କରିବାକୁ ଆହ୍ୱାନ

**ବାଲେଶ୍ୱର ଅଫିସ, ୯।୫**

ବାଲେଶ୍ୱର ଜିଲାର ବସ୍ତା ଓ ଭୋଗରାଇ ନିର୍ବାଚନମଣ୍ଡଳୀକୁ କଂଗ୍ରେସ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଗସ୍ତ କରି ବିଭିନ୍ନ ପଞ୍ଚାୟତରେ 'ଫନୀ' କ୍ଷତିଗ୍ରସ୍ତ ଲୋକଙ୍କୁ ସାକ୍ଷାତ୍ କରି ଆଶ୍ୱାସନା ଦେଇଥିଲେ।

ଏହି ଅବସରରେ ପୃଥକ୍ କର୍ମୀ ସମାବେଶରେ ଯୋଗଦେଇ ସଦ୍ୟ ସମାପ୍ତ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନଙ୍କୁ ଅକୁଣ୍ଠ ସହାୟତା କରିଥିବାରୁ ସେମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ। ଦଳମତ ନିର୍ବିଶେଷରେ ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀର ମତଦାତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ଫଳାଫଳ ଯାହା ହେଉନା କାହିଁକି ଦଳକୁ ତୃଣମୂଳସ୍ତରରେ ସଙ୍ଗଠିତ କରି ପଞ୍ଚାୟତଠାରୁ ବ୍ଲକସ୍ତର ପର୍ଯ୍ୟନ୍ତ ଚାଲିଥିବା ପିସି କାରବାର ବନ୍ଦ କରିବା ପାଇଁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ। ଜଳେଶ୍ୱର ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସୁଦର୍ଶନଙ୍କ ଦାସଙ୍କ ନେତୃତ୍ୱରେ କର୍ମୀମାନେ ଏକ ଟିମ୍ ଗଠନ କରି କଟକ, ପୁରୀ, ଭୁବନେଶ୍ୱର ଯାଇ 'ଫନୀ' କ୍ଷତିଗ୍ରସ୍ତଙ୍କୁ ଭେଟିବାକୁ ସ୍ଥିର କରାଯାଇଛି। ଉଭୟ କର୍ମୀ ସମାବେଶରେ ଦଳର ଭୋଗରାଇ ବିଧାନସଭା ନିର୍ବାଚମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସତ୍ୟଶିବ ଦାସ, ଭୋଗରାଇ ବ୍ଲକ କମିଟି ପୂର୍ବତନ ସଭାପତି ଆଶୀଷ ପାତ୍ର, ହରମୋହନ ଦାଶ, ବସ୍ତା ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରାର୍ଥୀ ତଥା ବାଲିଆପାଳ ବ୍ଲକ ଚେୟାରମ୍ୟାନ୍ ବିଜନ ନାୟକ, ସତ୍ୟନାରାୟଣ ଗୁପ୍ତା, ଦେବରଞ୍ଜନ ଦେ, ଜଗବନ୍ଧୁ ବିଶ୍ୱାଳ, ଛାତ୍ର କଂଗ୍ରେସ, ଯୁବକଂଗ୍ରେସ ଓ ମହିଳା କଂଗ୍ରେସର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।



କଂଗ୍ରେସର କର୍ମୀ ସମାବେଶରେ ନବଜ୍ୟୋତି ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

## ୨୭ରୁ ଭ୍ରାମ୍ୟମାଣ ବ୍ରହ୍ମଯଜ୍ଞ

**ଖଇରା, ୯।୫(ଡି.ଏନ.ଏ.)**

ଆଞ୍ଚଳିକ ବ୍ରାହ୍ମଣ ସମିତି ଆନୁକୂଲ୍ୟରେ ପ୍ରତ୍ୟେକ ବର୍ଷ ପରି ଆସନ୍ତା ୨୭ତାରିଖରୁ ଖଇରା ବ୍ଲକ ଶିରିପୁର ଗ୍ରାମର ତାରକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ୨ଦିନ ଧରି ଚାଲିବାକୁ ଥିବା ଏହି ଯଜ୍ଞରେ ଯଜ୍ଞ ସାଙ୍ଗକୁ ଧର୍ମ ମହାସଭା, ଗୀତା ଭାଗବତ ପାଠ, ନିଶୁଳ୍କ ବ୍ରତୋପନୟନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ପଣ୍ଡିତମାନେ ଯୋଗଦାନ କରିବେ। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଖଇରା କାର୍ଯ୍ୟାଳୟରେ ଜଳଧର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଛି। ବୈଠକରେ ବୁଦ୍ଧିରାମ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପତ୍ରୀ, ରମାକାନ୍ତ ଶତ୍‌ପଥୀ, ବିଭୁତି ଭୂଷଣ ତ୍ରିପାଠୀ, ମୁକ୍ତିକାନ୍ତ ପାଠୀ, ବାଞ୍ଛାନିଧି ଦାଶ, ସଙ୍କୀର୍ତ୍ତନ ପଣ୍ଡା ଓ ଆକାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

■ ଜଗତ କ୍ରିକେଟ ଏକାଡେମୀର କ୍ରିକେଟ ପାଠଶାଳା

# ଯୋଗଦେଲେ ୭୦ ବାଳିକାବାଳକ

**ବାଲେଶ୍ୱର ଅଫିସ, ୯।୫**

ଜଗତ କ୍ରିକେଟ ଏକାଡ଼େମଈ ତରଫରୁ ଗ୍ରୀଷ୍ମକାଳୀନ କ୍ରିକେଟ ପାଠଶାଳା ଗୁରୁବାର ବାଲେଶ୍ୱର ପରମିଟ୍ ପଡ଼ିଆଠାରେ ଶୁଭାରମ୍ଭ ହୋଇଛି। ଏହା ଆସନ୍ତା ମେ' ୨୫ ତାରିଖ ଯାଏ ଚାଲୁ ରହିବ। ଏଥିରେ ମୟୂରଭଞ୍ଜ, କେନ୍ଦୁଝର, ଖଡ଼ଗପୁର, ବେଲଦା ଅଞ୍ଚଳରୁ ୭୦ଜଣ ବାଳିକାବାଳକ ଯୋଗଦେଇଥିବା କ୍ରିକେଟ୍ ଏକାଡ଼େମୀ ନିର୍ଦ୍ଦେଶକ ଜଗତରଞ୍ଜନ ଦାସ ପ୍ରକାଶ କରିଛନ୍ତି।

୧୦, ୧୨, ୧୫, ୧୮, ୨୦ ବର୍ଷରୁ କମ୍ ବାଳିକା ଓ ବାଳକମାନଙ୍କ ପାଇଁ ଏହି ପାଠଶାଳା ଆୟୋଜନ କରାଯାଉଛି। ଏହି ପାଠଶାଳାରେ ପିଲାମାନଙ୍କର ମାନସିକ ଦକ୍ଷତା, ଶାରୀରିକ ଦକ୍ଷତା ସହିତ କ୍ରିକେଟ ଦକ୍ଷତାର ପ୍ରଶିକ୍ଷଣ ଦିଆଯିବ। ବିଗତ ୧୧ବର୍ଷ ହେଲା ଓଡ଼ିଶା କ୍ରିକେଟ ଆସୋସିଏଶନ ୧୯ ବର୍ଷରୁ କମ୍ କ୍ରିକେଟ୍ ଟିମ୍ ସହିତ ଜଡ଼ିତ ଥିବା ଜଗତରଞ୍ଜନ ଶିବିରକୁ ପରିଚାଳନା କରିବେ। ସେ ମଧ୍ୟ ୧୯ ବର୍ଷରୁ କମ୍ ରାଜ୍ୟସ୍ତରର ପିଲାମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।



ଶିବିରରେ ଯୋଗ ଦେଇଥିବା ବାଳିକାବାଳକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସବୁ କାଳେ ନ ପଡ଼ଇ ପ୍ରାଣୀଙ୍କୁ ପ୍ରମାଦ,**
**ସବୁଦିନେ ପ୍ରାଣୀଙ୍କର ନ ଥାଏ ସମ୍ପଦ।**

ସମୟ ଓ ପରିସ୍ଥିତି ଚିର ପରିବର୍ତ୍ତନଶୀଳ। ସବୁଦିନ ସମାନ ଯାଇ ନ ଥାଏ। ଦିନରାତି, ଖରାଛାଇ ଭଳି ଦୁଃଖସୁଖ ଆଗପଛ ଲାଗି ରହିଥାଏ। ଆଜି ଯେ ଦୁଃଖରେ ଅଛି କାଲି ହୁଏତ ସୁଖଭୋଗ କରିପାରେ। ସେହିପରି ସୁଖସ୍ୱାଚ୍ଛନ୍ଦ୍ୟରେ ବୁଡ଼ି ରହିଥିବା ବ୍ୟକ୍ତି ବେଳ ପଡ଼ିଲେ ଦୁଃଖଶୋକରେ ଘାଣ୍ଟି ହେବା କିଛି ବି ଅସମ୍ଭବ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସାଣ୍ଟ ବୋଲି ଏତିକି**
**ବାଣ୍ଟ କରିବି କେତିକି ?**

ଧନର ସ୍ୱଳ୍ପତା ମନର ବ୍ୟସ୍ତତାକୁ ବଢ଼ାଇଦିଏ। ଅଳପ ଧନ ମଣିଷର ଆବଶ୍ୟକତାକୁ କେବେହେଲେ ପୂରଣ କରିପାରି ନ ଥାଏ। ଧନ ଦରବ କମ୍ ଥିଲେ ମଣିଷର ଅକଲ୍ ଗୁଡୁମ୍ ହୋଇଯାଏ, ବୁଦ୍ଧିବାଟ ମିଳି ନ ଥାଏ। ଏତିକି ଧନରେ କାହାକୁ କେମିତି ତୃପ୍ତି କରାଇବ ସେ ନେଇ ମନରେ ଭାଳେଣି ଅବସ୍ଥା ସୃଷ୍ଟି ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା. ଲି.



ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

## ବିଚାର ବିଭାଗୀୟ କର୍ମଚାରୀ ସଂଘ ପକ୍ଷରୁ

# ୨୧ଜଣଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ, ୯।୫**

ବାଲେଶ୍ୱର ଜିଲା ଅଦାଲତ ପରିସରରେ ନିଖିଳ ଓଡ଼ିଶା ବିଚାର ବିଭାଗୀୟ କର୍ମଚାରୀ ସଂଘ ଜିଲା ଶାଖା ପକ୍ଷରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ୨୧ଜଣ କର୍ମଚାରୀଙ୍କୁ ଏକକାଳୀନ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ସାଧାରଣ ସମ୍ପାଦକ ତଥା ଶିରସ୍ତାଦାର ସରୋଜ କୁମାର ବେହେରା ସଂଯୋଜନା କରିଥିଲେ। ଅତିଥି ଭାବେ ଜିଲାଜଜ୍ ରାମଶଙ୍କର ହୋତା ଯୋଗଦେଇ ବିଚାର ବିଭାଗ ଆମକୁ ଶୃଙ୍ଖଳା, ଧୈର୍ଯ୍ୟ ଓ ସମୟାନୁବର୍ତ୍ତିତା, ଶିକ୍ଷାଲାଭ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ।

ଅନ୍ୟତମ ଅତିଥି ଭାବେ ପରିବାର ଅଦାଲତର ବିଚାରପତି ଅନିତା ସାହୁ, ସ୍ଥାୟୀ ଲୋକ ଅଦାଲତର ବିଚାରପତି ଅଜୟ କୁମାର ମହାନ୍ତି, ଅନୁସୂଚିତ ଜାତି ଓ ଜନଜାତି ଅଦାଲତର ସ୍ୱତନ୍ତ୍ର ବିଚାରପତି ପ୍ରଶାନ୍ତ କୁମାର ମିଶ୍ର, ଅତିରିକ୍ତ ଜିଲା ଓ ଦୌରାଜଜ୍ (ତୃତୀୟ) ସୁବାସ କୁମାର ବିହାରୀ, ଚିଟ୍‌ଫଣ୍ଡ ସ୍ୱତନ୍ତ୍ର ଅଦାଲତର ବିଚାରପତି ସୋନାଲୀ ପଟ୍ଟନାୟକ, ସିଜେଏମ୍ ସୁବ୍ରତ କୁମାର ପଟ୍ଟନାୟକ ଯୋଗଦେଇ ନିଜର ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଦେୱାନୀ ବିଚାରପତି ସେକ୍ ମହମ୍ମଦ କ୍ୱାଇସ୍, ରେଜିଷ୍ଟ୍ରାର ଆରାଧନା ଷଡ଼ଙ୍ଗୀ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ସର୍ବେଶ୍ୱର ଦାସ, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ସୁନୀତା ପଟ୍ଟନାୟକ, ଦେୱାନୀ ବିଚାରପତି ଲିପା ମହାନ୍ତି, ଏସ୍‌ଡିଜେଏମ୍ ମୋନାଲିସା ପଟ୍ଟନାୟକ, ଜେଏମଏଫସି ନିରଞ୍ଜନ ଦାଶ, ସୁଦେଷ୍ଣା ପଟ୍ଟନାୟକ, ସୁଶ୍ରୀ ସୁବାସିନୀ ବେହେରା, ଇପ୍ସିତା ନନ୍ଦଙ୍କ ସମେତ ବିଭିନ୍ନ ଅଦାଲତରେ କାର୍ଯ୍ୟରତ କର୍ମଚାରୀ ଓ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଗୁରୁ ବନମାଳୀ ଜେନା ଓ ସାଥୀଙ୍କ ପକ୍ଷରୁ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ ବିଭିନ୍ନ ଅଦାଲତରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ୨୧ କର୍ମଚାରୀ ଅତିଥିଙ୍କଠାରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଅବସରରେ ଉତ୍ତରୀୟ, ଗୀତା ଗ୍ରହଣ କରିଥିଲେ। ବିଦାୟକାଳୀନ ସମ୍ବର୍ଦ୍ଧନାରେ ବିଚାରପତିଙ୍କଠାରୁ ଉତ୍ତରୀୟ ଗ୍ରହଣ ବେଳେ ଅବସର ନେଇଥିବା କର୍ମଚାରୀମାନେ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିବା ଦେଖାଯାଇଥିଲା। କାର୍ଯ୍ୟକ୍ରମରେ ନିର୍ମଳ କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

DHARITRI Career appointment Every Wednesday and Saturday

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ। ଠକଙ୍କ ଠାରୁ ସାବଧାନ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

FINANCE
ବିଶ୍ୱାସର ପ୍ରତୀକ, ଲୋନ୍‌ର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, ଆଧାରକାର୍ଡ ଲୋନ୍ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9910673658
Address: Vishal Enclave, New Delhi

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BUSINESS BUSINESS

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office
G-79 Aadrsh Nagar Karol Bagh
8676907143, 9348274623

ASTROLOGY ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାବିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁ ଲୋକ ସାହସୀ ନୁହେଁ, ସେ କେବେହେଲେ ବିବେକର ନିର୍ଦ୍ଦେଶମାନି କାମ କରିପାରିବ ନାହିଁ।

-ଲୁଇସ୍ ବ୍ରାଣ୍ଡିସ୍



## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ

**ବେତନଟୀ,୯।୫(ଡି.ଏନ୍.ଏ.):** ବୈଶିଙ୍ଗା ଥାନା ଅଧିନ ୧୮ ନଂ ଜାତୀୟ ରାଜପଥର ବୈଶିଙ୍ଗା ବଜାର ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ଦ୍ୱୟଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାଲେଶ୍ୱର ଓ ପରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକ ବୈଶିଙ୍ଗା ଥାନା ଅଧିନ ବାଲିଚିତ୍ରି ଗ୍ରାମର କାଳିଆ ମାଝି ବୋଲି ଜଣାପଡିଛି। ବୁଧବାର ବିଳମ୍ବିତ ରାତିରେ କାଳିଆଙ୍କ ସମେତ ଛୁଟା ମାଝି ଓ କାନ୍ଦୁ ସିଂ ବାଇକରେ ଆସୁଥିବା ବେଳେ ବୈଶିଙ୍ଗା ବଜାର ନିକଟସ୍ଥ ଜାତୀୟ ରାଜପଥରେ ନିର୍ମାଣାଧିନ ଏକ ଓଭରବ୍ରିଜରେ ପିଟି ହୋଇଯାଇଥିଲେ। ବୈଶିଙ୍ଗା ପୋଲିସ (ନଂ.୯୫/୨୦୧୯) ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ପୋଖରୀକୁ ଗାଧୋଇବାକୁ ଯାଇ ବ୍ୟକ୍ତିଙ୍କ ମୃତ୍ୟୁ

**ଯୋଡ଼ା, ୯।୫(ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ବେଲଦା ମୁଣ୍ଡାସାହିରେ ପୋଖରୀକୁ ଗାଧୋଇବାକୁ ଯାଇ ଜଣେ ବ୍ୟକ୍ତିଙ୍କର ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ବେଲଦା ମୁଣ୍ଡା ସାହିର ଗମା ମୁଣ୍ଡା(୫୦)। ବୁଧବାର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ତେବେ ସନ୍ଧ୍ୟା ସମୟରେ ସ୍ଥାନୀୟ ଲୋକେ ଉକ୍ତ ପୋଖରୀରେ କେହି ଜଣେ ଭାସୁଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ବିଆର୍‌ସିସିଙ୍କୁ ବିଦାୟ ସମ୍ବର୍ଦ୍ଧନା



**କପ୍ତିପଦା,୯।୫(ଡି.ଏନ.ଏ):** କପ୍ତିପଦା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସମ୍ବଳ ସାଧନ କେନ୍ଦ୍ର ସଂଯୋଜକ ବଳରମା ବେହେରା ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ କପ୍ତିପଦା ଉନ୍ନୀତ ମଇ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀ ଶଶୀଧର ସିଂଙ୍କ ସଭାପତିତ୍ୱରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କପ୍ତିପଦା ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତାଭାବେ ପୂର୍ବତନ କପ୍ତିପଦା ବିଆର୍‌ସିସି ରାମଚନ୍ଦ୍ର ଦାସ ,ସମ୍ମାନିତ ଅତିଥିଭାବେ ଏବିଇଓ ଶତ୍ରୁଘ୍ନ ସ୍ୱାଇଁ ଓ ଜଗନମୋହନ ବେହେରା ଯୋଗ ଦେଇଥିଲେ । ଶିକ୍ଷକ ସନ୍ତୋଷ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବତନ ସିଆର୍‌ସିସି ଅରୁଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। । ସନ୍ତୋଷ କୁମାର ବେହେରା, ଚିତ୍ତରଞ୍ଜନ ମହାନ୍ତି, ପ୍ରଫୁଲ୍ଲ ବରାଳ, ଶଶୀକାନ୍ତ ଭୋଇ, ସୁଦାମ କୁମାର ସେଠୀ, ସଞ୍ଜୀବ ସାହୁ, ପଞ୍ଚାନନ ବେହେରା ଓ ଘନଶ୍ୟାମ ବେହେରା ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସମସ୍ତ ଅତିଥି ବିଦାୟୀ ବିଆରସିସିଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ନୂତନ ଭାବେ ଯୋଗ ଦେଇଥିବା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ପୂର୍ବତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ କାର୍ଯ୍ୟରତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ତଥା ଅଫିସ୍‌ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

■ ପିଆରଏମ ମେଡିକାଲ କଲେଜ

# ଲିଫ୍ଟ ଅଚଳ, ରୋଗୀ ହନ୍ତସନ୍ତ

**ବାରିପଦା ଅଫିସ,୯।୫**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ(ପିଆରଏମ) ମେଡିକାଲ କଲେଜ ଓ ହସ୍ପିଟାଲ ବର୍ତ୍ତମାନ ଅବ୍ୟବସ୍ଥାରେ ଗତି କରୁଛି। କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଏହି ମେଡିକାଲ କଲେଜର ୭ ମହଲା ବିଶିଷ୍ଟ ମଦର ଚାଇଲ୍ଡ ହେଲ୍‌ଥ କେୟାର ବିଲ୍ଡିଂ(ଏମସିଏଚ ବିଲ୍ଡିଂ)ରେ ଥିବା ଲିଫ୍ଟ ଦୀର୍ଘଦିନ ହେବ ଅଚଳ ହୋଇ ପଡ଼ିଥିବାରୁ ଡାକ୍ତରଖାନା କର୍ମଚାରୀ, ରୋଗୀ ତଥା ସେମାନଙ୍କ ସମ୍ପର୍କୀୟ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବାରିପଦା ସହରଠାରୁ ୬ କି.ମି ଦୂର ରଙ୍ଗାମାଟିଆଠାରେ ୨୦୧୫ ମେ ୧୮ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମେଡିକାଲ କଲେଜର ଶିଳାନ୍ୟାସ କରିଥିଲେ। ମୋଟ ୨୨ ଏକର ଜାଗାରେ ମେଡିକାଲ କଲେଜ କୋଠା ନିର୍ମାଣ କରାଯାଇଛି। ଏହି




ଲିଫ୍ଟ ବନ୍ଦ ହୋଇ ରହିଛି।

■ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି

■ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ- ହସ୍ପିଟାଲ ମ୍ୟାନେଜର

ମେଡିକାଲ କଲେଜର ୭ ମହଲା ବିଶିଷ୍ଟ ମଦର ଚାଇଲ୍ଡ ହେଲ୍‌ଥ କେୟାର ବିଲ୍ଡିଂ(ଏମସିଏଚ ବିଲ୍ଡିଂ)ରେ ଥିବା ଲିଫ୍ଟ ଦୀର୍ଘଦିନ ହେବ ଅଚଳ ହୋଇ ପଡିଥିବାବେଳେ ମେଡିକାଲ କଲେଜ କର୍ତ୍ତୃପକ୍ଷ ଚୁପହୋଇ ବସି ରହିଛନ୍ତି। ଏହି ବିଲ୍ଡିଂର ପ୍ରବେଶ କୋଠାରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଓ ବିଜୁ କୃଷକ କଲ୍ୟାଣ ଯୋଜନା, ପ୍ରଥମ ମହଲାରେ ନିରାମୟ, ବହିଃ ବିଭାଗ(ମହିଳା ଓ ଶିଶୁଙ୍କ ପାଇଁ), ଦ୍ୱିତୀୟ ମହଲାରେ ଲେବର ରୁମ, ତୃତୀୟ ମହଲାରେ ଲେବର ରୁମ ଓଟି, ଚତୁର୍ଥ ମହଲାରେ ଶିଶୁ ବିଭାଗ, ପଞ୍ଚମ ମହଲାରେ ସ୍ତ୍ରୀ ଓ ପ୍ରସୂତି ବିଭାଗ, ଷଷ୍ଠ ମହଲାରେ କ୍ୟାବିନ ଗୁଡ଼ିକ ରହିଛି। ତେବେ ଏଥିରେ ଲିଫ୍ଟ ଚାଲୁ ନ ଥିବାରୁ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି।

ସୂଚନା ଅନୁଯାୟୀ ଏହି ଏମସିଏଚ ବିଲ୍ଡିଂରେ ଦୁଇଟି ଲିଫ୍ଟ ରହିଛି। ଗୋଟିଏରେ ରୋଗୀଙ୍କୁ ନେବା ଆଣିବା କରାଯାଉଥିବାବେଳେ ଅନ୍ୟଟିରେ ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ଯିବା ଆସିବା କରିଥାନ୍ତି। ହେଲେ ରୋଗୀଙ୍କୁ ନେବା ଆଣିବା ପାଇଁ ବ୍ୟବହୃତ ଲିଫ୍ଟ ଗତ ଏପ୍ରିଲ ୧୦ ତାରିଖରୁ ଏବଂ ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ଯିବା ଆସିବା କରୁଥିବା ଥିବା ଲିଫ୍ଟ ମଧ୍ୟ ଗତ ୩ ତାରିଖରୁ ଖରାପ ହୋଇଯାଇଛି। ଏ ସମ୍ପର୍କରେ ହସ୍ପିଟାଲ ମ୍ୟାନେଜର ଡାକ୍ତର ସମୀର କୁମାର ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହାକୁ ଶୀଘ୍ର ମରାମତି କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।



ମୃତ ଶିଶୁ ସହ ପରିବାର।

## ମୃତ ଶିଶୁକୁ ଅଧାବାଟରେ ଛାଡ଼ି ଚାଲିଗଲା ଆମ୍ବୁଲାନ୍ସ

**ବିଶୋଇ,୯।୫(ଡି.ଏନ.ଏ)**

ମେଡିକାଲକୁ ଯାଉଥିବା ବେଳେ ମୃତ୍ୟୁବରଣ କରିଥିବା ଏକ ଶିଶୁ ଓ ତାଙ୍କ ପରିବାର ଲୋକଙ୍କୁ ୧୦୨ ଆମ୍ବୁଲାନ୍ସର କର୍ମଚାରୀମାନେ ଅଧାବାଟରେ ଛାଡି ଚାଲିଯାଇଛନ୍ତି। ଏଥିନେଇ ରାଇରଙ୍ଗପୁର ଥାନାରେ ଅଭିଯୋଗ ହୋଇଥିବା ବେଳେ ପ୍ରଶାସନର ହସ୍ତକ୍ଷେପ ଯୋଗୁ ନିରୀହ ପରିବାର ଅନ୍ୟ ଏକ ଗାଡିରେ ଗାଁରେ ପହଞ୍ଚିଛନ୍ତି। ମୟୂରଭଞ୍ଜ ଜିଲା ବିଶୋଇ ଅଞ୍ଚଳରେ ଏହି ଘଟଣା ଘଟିଥିବା ଜାଣିବାକୁ ମିଳିଛି।

ଜାମଦା ବ୍ଲକ ଅନ୍ତର୍ଗତ ମାନବୀର ଗ୍ରାମର ଗଣେଶ ମହାକୁଡ଼ଙ୍କ ୬ ମାସର ଶିଶୁ ପୁତ୍ର ବିବେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଗୁରୁବାର ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ଶିଶୁଟିର ସ୍ୱାସ୍ଥ୍ୟ ଅତିଗୁରୁତର ହେବାରୁ ଡାକ୍ତର ତାକୁ ବାରିପଦା ପିଆରଏମ ମେଡିକାଲକୁ ରେଫର କରିଥିଲେ। ଶିଶୁଙ୍କୁ ୧୦୨ ଆମ୍ବୁଲାନ୍ସ ଯୋଗେ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ବାଙ୍ଗିରିପୋଷି ନିକଟରେ ମୃତ୍ୟୁ ଘଟିବାରୁ ଆମ୍ବୁଲାନ୍ସଟି ପୁଣି ରାଇରଙ୍ଗପୁରକୁ ଫେରି ଆସୁଥିଲା। ତେବେ ଆମ୍ବୁଲାନ୍ସଟି ରାଇରଙ୍ଗପୁରରେ ପହଞ୍ଚିବା ପୂର୍ବରୁ ସକାଳ ୯ଟା ସମୟରେ ବିଶୋଇ ଅନ୍ତର୍ଗତ ସାରନା ଛକ ନିକଟସ୍ଥ ଏକ ନିଛାଟିଆ ସ୍ଥାନରେ ୫୦ ନମ୍ବର ରାଜ୍ୟ ରାଜପଥରେ ମୃତ ଶିଶୁପୁତ୍ର ଓ ତାଙ୍କ ପରିବାର ଲୋକଙ୍କୁ ଏକାକି ଛାଡି ଆମ୍ବୁଲାନ୍ସ କର୍ମଚାରୀମାନେ ଚାଲି ଯାଇଥିଲେ। ରାସ୍ତା କଡରେ ବସି ମୃତ ଶିଶୁଙ୍କ ମାଆ ବାପା ଓ ଅନ୍ୟ ଜଣେ ସମ୍ପର୍କୀୟ ମହିଳା କାନ୍ଦୁଥିବା ଦେଖି ସ୍ଥାନୀୟ ଲୋକ ପ୍ରଥମେ ବିଶୋଇ ବ୍ଲକ ବିଡ଼ିଓ ବିବୁଧ ଗଡ଼ନାୟକଙ୍କୁ ଖବର ଦେଇଥିଲେ। ବିଡ଼ିଓଙ୍କ ସମେତ ବ୍ଲକ ଜିପିଟିଏ ସୁବ୍ରତ କୁମାର ନାଥ, ଜିଆରଏସ ନଟବର ନାଏକ ଘଟଣାସ୍ଥଳରେ ପହଞ୍ଚି ଥିଲେ। ବିଡ଼ିଓ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ପରେ ଉପଜିଲ୍ଲାପାଳ ରାଇରଙ୍ଗପୁରରୁ ସ୍ୱର୍ଗରଥ ପଠାଇବାରୁ ଏଥିରେ ମୃତ ଶିଶୁକୁ ପ୍ରଥମେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଗାଁକୁ ପଠାଯାଇଥିଲା। ଏହି ବିଷୟରେ ରାଇରଙ୍ଗପୁର ଥାନାରେ ଅଭିଯୋଗ ହୋଇଥିବା ବେଳେ ଆମ୍ବୁଲାନ୍ସଟି ଗୋରୁମହିଷାଣି ଅଞ୍ଚଳର ବୋଲି ଜଣାପଡ଼ିଛି। ଆମ୍ବୁଲାନ୍ସରେ ଥିବା କର୍ମଚାରୀମାନେ କୁଆଡେ ମୃତ ଶିଶୁପୁତ୍ରକୁ ପହଞ୍ଚାଇବା ପାଇଁ ପ୍ରଥମେ ୧୫ ଶହ ଟଙ୍କା ଓ ପରେ ଅଧିକ ଟଙ୍କା ମାଗିଥିଲେ। ଶିଶୁପୁତ୍ରର ବାପା ଅଧିକ ଟଙ୍କା ଦେବାକୁ ମନା କରିବାରୁ ଆମ୍ବୁଲାନ୍ସର କର୍ମଚାରୀମାନେ ତାଙ୍କୁ ଅଧାବାଟରେ ଛାଡି ଚାଲିଯାଇଥିଲେ ବୋଲି ମୃତ ଶିଶୁପୁତ୍ରର ବାପା ଗଣେଶ ଅଭିଯୋଗ କରିଛନ୍ତି।

## ବନ ସହାୟିକା ଓ ସହାୟକଙ୍କ ତାଲିମ ଶିବିର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବାଙ୍ଗିରିପୋଷି,୯।୫(ଡି.ଏନ.ଏ.)**

ବାଙ୍ଗିରିପୋଷି ବନାଞ୍ଚଳ ଅଧୀନସ୍ଥ ୨୦ଟି ବନ ସୁରକ୍ଷା ସମିତିର ବନ ସହାୟିକା ଓ ସହାୟିକମାନଙ୍କ ପାଇଁ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ବାଙ୍ଗିରିପୋଷିସ୍ଥିତ ଖଇରୀ ରିସୋର୍ଟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବାରିପଦା ବନଖଣ୍ଡ ସହକାରୀ ବନ ସଂରକ୍ଷକ ବିନୋଦ ବିହାରୀ ସ୍ୱାଇଁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବାଙ୍ଗିରିପୋଷି ବନାଞ୍ଚଳ ଅଧିକାରୀ ତପନ କୁମାର ଦାସ ତାଲିମ ଶିବିରର ଆଭିମୁଖ୍ୟ ବିଷୟରେ ଦର୍ଶାଇଥିଲେ। ବାରିପଦା ଖଣ୍ଡୀୟ ପରିଚାଳନା ଏକକର ବିଷୟ ବସ୍ତୁ ବିଶେଷଜ୍ଞ ଅଜିତ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ଦାସ ଏବଂ ବାଙ୍ଗିରିପୋଷି କ୍ଷେତ୍ର ପରିଚାଳନା ଏକକର କ୍ଷେତ୍ର ସଂଯୋଜକ ଶମ୍ଭୁଦତ୍ତ ମହାପାତ୍ର ଓ ଆଶିଷ କୁମାର ସାହୁ ତାଲିମ ପ୍ରଦାନ କରିଥିଲେ। ବାଙ୍ଗିରିପୋଷି ବନାଞ୍ଚଳର ପ୍ରକଳ୍ପ ହିସାବ ରକ୍ଷକ, ଡି.ଇ.ଓ ଏବଂ ଅନ୍ୟ କର୍ମକର୍ତ୍ତାମାନେ ତାଲିମ କାର୍ଯ୍ୟ ପରିଚାଳନା କରିଥିଲେ। ସହକାରୀ କ୍ଷେତ୍ର ପରିଚାଳନା ଏକକ ମୁଖ୍ୟ ଇବତୀଶାମ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଆହତ

**ଖୁଣ୍ଟା,୯।୫(ଡି.ଏନ.ଏ)**

ଖୁଣ୍ଟା ଥାନା ଅଧୀନ ତାଡକି -ଡୁକୁରା ରାସ୍ତାର ଅଙ୍ଗାରକୁଣ୍ଡିଆ ଛକରେ ବୁଧବାର ଏକ ଦୁର୍ଘଟଣାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଆହତ ହୋଇଛନ୍ତି। ତାଡକି ଗ୍ରାମର ଭାସ୍କର ସାହୁ ସ୍କୁଟିରେ ପତ୍ନୀ ପ୍ରମିଳା ସାହୁଙ୍କୁ ବସାଇ ବୁଧବାର ସକାଳେ ଡୁକୁରା ଅଭିମୁଖେ ଯାଉଥିବା ବେଳେ ଅଙ୍ଗାରକୁଣ୍ଡିଆ ଗ୍ରାମ ଛକ ନିକଟରେ ପଛପଟୁ ଏକ ଇଣ୍ଡିଗୋ କାର ତାଙ୍କୁ ଧକ୍କା ଦେଇଥିଲା। ଭାରସାମ୍ୟ ହରାଇ ସ୍ୱାମୀ ସ୍ତ୍ରୀ ରାସ୍ତା ଉପରେ ଛିଟିକି ପଡିଥିଲେ। ଉଭୟଙ୍କୁ ଆହତ ଅବସ୍ଥାରେ ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରମିଳାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଖୁଣ୍ଟା ଥାନାରେ (ନଂ.୫୩/୧୯) ଏକ ମାମଲା ରୁଜୁ ହୋଇଛି । ପୋଲିସ ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିଛି ।

## ବାତ୍ୟା ବିପନ୍ନଙ୍କୁ ୧୦ ଲକ୍ଷ ଟଙ୍କାର ସହାୟତା

**ବାରିପଦା ଅଫିସ,୯।୫**

ପ୍ରଳୟଙ୍କରୀ ବାତ୍ୟା ଫନୀ ପ୍ରଭାବିତ ତଥା କ୍ଷତିଗ୍ରସ୍ତଙ୍କୁ ବାରିପଦା ଆଇସିଆଇସିଆଇ ବ୍ୟାଙ୍କ ଶାଖା ପକ୍ଷରୁ ୧୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ବାରିପଦା ବ୍ରାଞ୍ଚର ଶାଖା ପ୍ରବନ୍ଧକ ଚନ୍ଦନ ନାୟକ, ଜିଲାପାଳ ବିନିତ ଭରଦ୍ୱାଜଙ୍କୁ ସାକ୍ଷାତ କରି ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ବ୍ୟାଙ୍କର ଏହି ଉଦ୍ୟମକୁ ଜିଲାପାଳ ଭରଦ୍ୱାଜ ପ୍ରଶଂସା କରିଛନ୍ତି। ବ୍ୟାଙ୍କଗୁଡିକ କେବଳ ବ୍ୟବସାୟିକ ସେବା ବ୍ୟତୀତ ଦୁର୍ଦ୍ଦିନରେ ସାଧାରଣ ଜନତାଙ୍କୁ ସାହାଯ୍ୟ ଓ ସେବା ଯୋଗାଇବା କର୍ତ୍ତବ୍ୟ ରହିଛି ବୋଲି ଶାଖା ପ୍ରବନ୍ଧକ ନାୟକ କହିଛନ୍ତି।




ଜିଲାପାଳଙ୍କୁ ଚେକ୍ ପ୍ରଦାନ କରାଯାଉଛି।

### ବୁଢ଼ାବଳଙ୍ଗରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ବାରିପଦା ଅଫିସ,୯।୫**

ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ବୁଢ଼ାବଳଙ୍ଗ ନଦୀରୁ ଗୁରୁବାର ଅପରାହ୍ନରେ ଜଣେ ଅଜଣା ଯୁବକଙ୍କ ମୃତଦେହ ବାରିପଦା ଟାଉନ ଥାନା ପୋଲିସ ଉଦ୍ଧାର କରିଛି। ମୃତ ଯୁବକଙ୍କ ବୟସ ୩୦ ରୁ ୩୫ ବର୍ଷ ମଧ୍ୟରେ ହେବ । ଏନେଇ ବାରିପଦା ଟାଉନ ଥାନାରେ (ନଂ.୬୪/୧୯) ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ମେଡିକାଲକୁ ପଠାଯାଇଛି।

## ବିଶ୍ୱ ରେଡକ୍ରସ୍ ଦିବସ



ରେଡକ୍ରସ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

**କପ୍ତିପଦା,୯।୫,(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟରେ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଯାଇଛି। +୨ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ +୨ ରେଡକ୍ରସ୍ କାଉନ୍‌ସେଲର ହରମୋହନ ଜେନା, +୩ ରେଡକ୍ରସ୍ କାଉନ୍‌ସିଲର ଚନ୍ଦ୍ରମୋହନ ପରିଡ଼ା, +୩ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍ ଅଫିସର ସଞ୍ଜୟ କୁମାର ସେନାପତି ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଉପସ୍ଥିତ ସ୍ୱେଚ୍ଛାସେବୀମାନେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ।

## କେନାଲ ମରାମତି ପାଇଁ ଜିଲାପାଳଙ୍କୁ ଗୁହାରି

**ବାରିପଦା ଅଫିସ,୯।୫**

ମୟୂରଭଞ୍ଜ ଜିଲା ବଡ଼ଯୋଡ ଜଳଭଣ୍ଡାରର ବାମ କେନାଲର ପୋଲ ଭୁଶୁଡି ପଡ଼ିଛି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଦୀର୍ଘ ଦିନ ହେବ ଅଭିଯୋଗ କରାଯାଇଥିଲେ ମଧ୍ୟ ମରାମତି ହୋଇ ପାରୁନାହିଁ। ମରାମତି ପାଇଁ କାର୍ଯ୍ୟାଦେଶ ଦିଆ ସରିଥିବା ଏବଂ ୧ ସପ୍ତାହ ମଧ୍ୟରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ କହିଥିଲେ ମଧ୍ୟ କାମ ଆରମ୍ଭ ହୋଇ ପାରୁନାହିଁ । ଏହାର ମତାମତି ପାଇଁ ବଡଯୋଡ ପାଣି ପଞ୍ଚାୟତ ପକ୍ଷରୁ ଗୁରୁବାର ଜିଲାପାଳ ବିନିତ ଭରଦ୍ୱାଜଙ୍କୁ ଲିଖିତ ଭାବେ ଗୁହାରି କରାଯାଇଛି। ଚାଷ କାମ ଆରମ୍ଭ ହେବା ପୂର୍ବରୁ ମରାମତି ନ ହେଲେ ଗ୍ରାମର ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ବଡ଼ଯୋଡ ପାଣି ପଞ୍ଚାୟତର ସଭାପତି ସର୍ବେଶ୍ୱର ମହାନ୍ତ, ସମ୍ପାଦକ ନାଗାର୍ଜ୍ଜୁନ ନାଏକ ପ୍ରମୁଖ ଚେତାବନୀ ଦେଇଛନ୍ତି। ବଡଯୋଡ ଜଳଭଣ୍ଡାର ଉପରେ ବଡ଼ଯୋଡ, ଗୋଡାଲାଡିହା, ସାଗବାଡିଆ ଆଦି ଗ୍ରାମର ସମସ୍ତ ଚାଷୀ ଭରସା କରୁଥିବା ସେମାନେ ଦର୍ଶାଇଛନ୍ତି।



ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଦିଆଯାଉଛି।

■ ମିଳୁନି ବିଲ୍, ଚିନ୍ତାରେ ହିତାଧିକାରୀ

# ଦିବ୍ୟାଙ୍ଗ ମଞ୍ଚର ଧାରଣା ଚେତାବନୀ

**କପ୍ତିପଦା,୯।୫(ଡ଼ି.ଏନ୍.ଏ)**

କପ୍ତିପଦା ବ୍ଲକ୍‌ର ପ୍ରଶାସନିକ ଅଧିକାରୀମାନଙ୍କ ଅବହେଳା ଯୋଗୁ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏଥିରୁ ଦିବ୍ୟାଙ୍ଗମାନେ ମଧ୍ୟ ବାଦ୍ ପଡି ନାହାନ୍ତି। ଯାହାଫଳରେ ପୁଞ୍ଜିଭୂତ ଅସନ୍ତୋଷ ଉଗ୍ରରୂପ ନେବାକୁ ବସିଛି । କପ୍ତିପଦା ଦିବ୍ୟାଙ୍ଗ ମଞ୍ଚ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଅଣ୍ଟା ଭିଡିଛି। ମଞ୍ଚ ପକ୍ଷରୁ ସଭାପତି ମନୋରଞ୍ଜନ ଜେନା, ସଂପାଦକ ସଞ୍ଜୟ ସ୍ୱାଇଁ, ରାଜେନ୍ଦ୍ର ନାୟକ ଓ ଭାନୁଚରଣ ଦାସ ଗୁରୁବାର ବିଡିଓ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ହିତାଧିକାରୀମାନଙ୍କୁ ସେମାନଙ୍କର ବିଲ୍ ପ୍ରଦାନ କରା ନ ଗଲେ ମଞ୍ଚ ପକ୍ଷରୁ ବ୍ଲକ୍ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

୨୦୧୬-୧୭ ଓ ୨୦୧୮-୧୯ରେ ବିଜୁ ପକ୍କାଘର କାର୍ଯ୍ୟାଦେଶ ପାଇ କାର୍ଯ୍ୟ କରିଥିବା କେତେକ ଦିବ୍ୟାଙ୍ଗ ଅଦ୍ୟାବଧି ମନରେଗା ଯୋଜନାରେ ସେମାନଙ୍କର ମଜୁରି ବିଲ୍ ପାଇବାରୁ ବଞ୍ଚିତ ହୋଇଛନ୍ତି । ସରକାରୀ ଭାବେ ପ୍ରତ୍ୟେକ ଘର ପାଇଁ ୯୦ ଦିନର ଶ୍ରମିକ ମଜୁରି ଧାର୍ଯ୍ୟ ହୋଇଛି । ମାତ୍ର ୨୦୧୬-୧୭ରେ କିଛି ହିତାଧିକାରୀଙ୍କୁ ଅଳ୍ପ କିଛି ଦିନର ମଜୁରି ପ୍ରଦାନ କରାଯାଇଛି। ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିବା ବେଳେ ଅଦ୍ୟାବଧି ସେମାନଙ୍କୁ ବକେୟା ମଜୁରି ପ୍ରଦାନ ନ କରି ବିଭିନ୍ନ ଆଳ ଦେଖାଇ ହଇରାଣ ହରକତ କରାଯାଉଛି । ସେହିପରି ୨୦୧୮-୧୯ରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନଙ୍କୁ ଆଦୌ ଶ୍ରମିକ ମଜୁରି ପ୍ରଦାନ କରାଯାଇ ନ ଥିବାର ଅଭିଯୋଗ ହୋଇଛି। ବାଲି, ରଡ୍, ସିମେଣ୍ଟ ଓ ଚିପ୍‌ସ ଆଦି ବାକିରେ ଆଣି ସେମାନେ ଘର କାମ କରିଥିବା ବେଳେ ମଜୁରି ବିଲ୍ ନ ପାଇ ସେମାନେ ଲୋକଙ୍କ ରୋଷର ଶିକାର ହେଉଛନ୍ତି । ତେଣୁ ବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ଏ ସମ୍ପର୍କରେ ବିଡିଓ ମଲ୍ଲିକ୍‌ଙ୍କୁ ପଚାରିବାରୁ ଅଭିଯୋଗ ପାଇଛି ଓ ସମସ୍ୟା କେଉଁଠି ରହିଛି ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



ଦିବ୍ୟାଙ୍ଗ ମଞ୍ଚର କର୍ମକର୍ତ୍ତା ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

## ଆଜି କ'ଣ କେଉଁଠି

**ଭଦ୍ରକ**

-ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସାଳନ୍ଦୀ ହସ୍ପିଟାଲ ପରିସର, ସମୟ: ପୂର୍ବାହ୍ଣ ୧୦ଟା।

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ରାସ୍ତା ଅବରୋଧ
### ଏସ୍‌ଡିଓଙ୍କୁ ଭେଟିଲେ ଗାଁ ଲୋକେ

ତିହିଡ଼ି, ୯।୫ (ଡି.ଏନ.ଏ.) : ଭଦ୍ରକ ଜିଲା ତିହିଡ଼ି ବ୍ଲକ ବାରସର ପଞ୍ଚାୟତ ଅଧୀନ ତଳଦପା ମଙ୍ଗଳାସାହିରେ ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ି ରାସ୍ତା ଅବରୋଧ ହୋଇଛି। ଗ୍ରାମବାସୀ ଗୁରୁବାର ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଭଙ୍ଗା ଖୁଣ୍ଟକୁ ବଦଳାଇ ନୂତନ ଖୁଣ୍ଟ ବସାଯିବା ପାଇଁ ସେମାନେ ଦାବି ଜଣାଇଛନ୍ତି। ଗ୍ରାମର ହୃଷୀକେଶ ମଲିକଙ୍କ ଘର ନିକଟ ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ବିଦ୍ୟୁତ୍ ସଂଯୋଗ ହେଲେ ଏହା ଗ୍ରାମବାସୀ ଓ ଗୋରୁଙ୍କ ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଗାଁର ଦେବେନ୍ଦ୍ର ମଲିକ, ମହେନ୍ଦ୍ର ମଲିକ, ଯୋଗେନ୍ଦ୍ର ମଲିକ, ଧନେଶ୍ୱର ମଲିକ, ମନ୍ମଥ ମଲିକ, କାର୍ତ୍ତିକ ମଲିକ ଓ ଯଦୁନାଥ ମଲିକ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରିୟବ୍ରତ ନାୟକଙ୍କୁ ପଚାରିବାରୁ ଭଙ୍ଗା ଖୁଣ୍ଟକୁ ତୁରନ୍ତ ବଦଳାଯାଇ ନୂତନ ଖୁଣ୍ଟ ଦିଆଯିବ ବୋଲି କହିଛନ୍ତି।

### 'ଗୋବିନ୍ଦ ଥିଲେ ବହୁମୁଖୀ ପ୍ରତିଭା'

**ଭଦ୍ରକ ଅଫିସ, ୯।୫ :** ଭଦ୍ରକ ଓକିଲ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ଗୋବିନ୍ଦ ପ୍ରସାଦ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ସଂଘର ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦିଲୀପ କୁମାର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଭଦ୍ରକ ଜିଲା ଜଜ୍ ଶୋଭନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ମହାପାତ୍ର ଜଣେ ଉଚ୍ଚାଭିଳାଷୀ ଓ ସ୍ୱାଭିମାନୀ ବ୍ୟକ୍ତି ଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଜଜ୍ ପ୍ରଣତି ସାହୁ, ଏସ୍‌ଡିଜେଏମ୍ ଶୁଭଗୌତମ ମିଶ୍ର, ରେଜିଷ୍ଟ୍ରାର ଜନକ ରାଉତଙ୍କ ସମେତ ସମସ୍ତ ବିଚାରପତି ଯୋଗ ଦେଇଥିଲେ। ସ୍ୱର୍ଗତ ମହାପାତ୍ର ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ନିରାକାର ଜେନା, ଗୋଲକ ପ୍ରସାଦ ରାୟ, ବସନ୍ତ ଦାସ, ରାଏ ରାମାନନ୍ଦ ମହାପାତ୍ର, ଅରୁଣ ଚାନ୍ଦ, ପବନ ଶର୍ମାଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ। ଓକିଲ ସଂଘର ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର ସଭା ପରିଚାଳନା ଓ ଆଇନଜୀବୀ ରାମଚନ୍ଦ୍ର ବେହେରା ଆବାହକତ୍ୱ କରିଥିଲେ। ସମସ୍ତ ବିଚାରପତି ଓ ଆଇନଜୀବୀ ସ୍ୱର୍ଗତ ମହାପାତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

### ଶିକ୍ଷାନୁଷ୍ଠାନରେ ଲିଙ୍ଗଗତ ବୈଷମ୍ୟ ଦୂର ପାଇଁ ତାଲିମ

**ପଦ୍ମପୁର, ୯।୫ (ଡି.ଏନ.ଏ.):** ଭଦ୍ରକ ସଦର ବ୍ଲକ ଅନ୍ତର୍ଗତ ସାହାଡା ଲକ୍ଷ୍ମୀନାରାୟଣ ପବ୍ଲିକ୍ ସ୍କୁଲରେ ଗୁରୁବାର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିବିଏସ୍‌ଇ ଭୁବନେଶ୍ୱରର ଅତିରିକ୍ତ ସମ୍ପାଦକ ସଞ୍ଜୀବ ଶ୍ରୀବାସ୍ତବ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସଭାପତି ଡ. ପୂର୍ଣ୍ଣଚନ୍ଦ୍ର ଦାସ, ନିର୍ଦ୍ଦେଶକ ଡା. ଶରତ କୁମାର ଦାସ, ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପୁହାଣ, ଉପାଧ୍ୟକ୍ଷା ସତ୍ୟଭାମା ଦାସ, ପରିଚାଳନା କମିଟି ଉପାଦେଷ୍ଟା ଦୁଃଶାସନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ରିସୋର୍ସ ପର୍ସନ ଭାବେ ପାରାଦୀପ ଡିଏଭି ସ୍କୁଲର ଧନଞ୍ଜୟ ପାନ ଓ ବର୍ଷା ବିଶ୍ୱାଳ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ବିଦ୍ୟାଳୟରେ ଲିଙ୍ଗଗତ ବୈଷମ୍ୟ, ସାମାଜିକ କୁସଂସ୍କାର, ଅନ୍ଧବିଶ୍ୱାସ, ସାମାଜିକ ପ୍ରଥା, ସାମାଜିକ ଓ ପାରିବାରିକ ହିଂସା ଆଦିକୁ ଦୂର କରି ଛାତ୍ରୀମାନଙ୍କୁ ଛାତ୍ରଙ୍କ ସମକକ୍ଷ କରି ଶିକ୍ଷାଦାନ ଲାଗି ତାଲିମଦାତାମାନେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ବାଲେଶ୍ୱର ଜିଲାରୁ ରେଞ୍ଜସ୍କୁଲ, ଥମାସ୍ କନଭେଣ୍ଟ ସ୍କୁଲ, ଢେଙ୍କାନାଳରୁ ଅକ୍ସଫୋର୍ଡ ପବ୍ଲିକ ସ୍କୁଲ ଓ ଡିପିଏସ୍ ସ୍କୁଲ, ଭଦ୍ରକର ଅକ୍ସଫୋର୍ଡ ଓ ଏନ୍‌ଆର୍‌ଆଇ ସ୍କୁଲ ଏବଂ ମୟୂରଭଞ୍ଜରୁ ଜାଭିୟର ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଲକ୍ଷ୍ମୀନାରାୟଣ ପବ୍ଲିକ ସ୍କୁଲର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଥିବା ୯ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଅପରାଧୀଙ୍କ କବ୍‌ଜାରେ ଭଦ୍ରକ

- ପ୍ରଶାସନ ଜାଣି ଅଜଣା
- ରୋକିବାରେ ପୋଲିସ ବିଫଳ

**ଭଦ୍ରକ ଅଫିସ, ୯।୫**

କଳା, ସଂସ୍କୃତିର ମାଟି ଭଦ୍ରକ। ମାତ୍ର ଦିନକୁ ଦିନ ଏହି ଜିଲାରେ ଅପରାଧିକ କାର୍ଯ୍ୟକଳାପ କାୟାବିସ୍ତାର କଲାଣି। ପ୍ରଶାସନର ନାକ ତଳେ ଚାଲିଛି କଳା କାରବାର। ନକଲି କାରଖାନା, ନକଲି ନୋଟ୍, ବେଆଇନ ଗୋରୁ ଚାଲାଣ, କୋଇଲା ଚୋରି, ଛିନ୍‌ତାଇ, ରାହାଜାନୀ ଓ ଦୁର୍ନୀତିଖୋରଙ୍କ କବଜାକୁ ଚାଲିଗଲାଣି ଭଦ୍ରକ ଜିଲା। ଆଉ ଏସବୁକୁ ରୋକିବାରେ ପୋଲିସ ପ୍ରଶାସନ ବିଫଳ ହୋଇଛି।

ଦୈନିକ ହଜାର ହଜାର ଲିଟର ଚୋରାମଦ ପଡ଼ୋଶୀ ବାଲେଶ୍ୱର ଜିଲାରୁ ଦାମୀ ଗାଡ଼ିରେ ଭଦ୍ରକ ଜିଲାକୁ ଚାଲାଣ କରାଯାଉଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ପୋଲିସ ଚୋରାମଦ ମାଫିଆଙ୍କୁ କାବୁ କରିପାରି ନାହିଁ। ପରିଣାମ ସ୍ୱରୂପ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ମଦମୃତ୍ୟୁ ଘଟଣାରେ ୧୦ ଜଣଙ୍କ ଜୀବନ ଚାଲିଗଲା। ଅଦ୍ୟାବଧି ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ସକ୍ଷମ ହୋଇପାରିନାହିଁ ପୋଲିସ। ନକଲି ବିଦେଶୀ ମଦ ଅସଲି ଦରଠାରୁ ଅଧିକା ଦାମ୍‌ରେ ବିକ୍ରି କରାଯାଉଛି। ହେଲେ ଅବକାରୀ ବିଭାଗ ଜାଣି ଅଜଣା ରହୁଛି। ଅପରପକ୍ଷେ ଭଦ୍ରକକୁ ବ୍ରାଉନସୁଗାରର ହବ୍ କୁହାଗଲାଣି। ଏଠି ମହିଳାମାନେ ମୁଖ୍ୟ କାର୍ପଟଦାର ସାଜୁଥିବାବେଳେ ପୋଲିସର କେତେକ ତଳିଆ କର୍ମଚାରୀଙ୍କୁ ହାତକରି ସହରର କିଛି ନିର୍ଦ୍ଦିଷ୍ଟ ଗ୍ୟାଙ୍ଗ ଏହି ବ୍ୟବସାୟ ଚଳାଇ ଆସୁଥିବା ଅଭିଯୋଗ ହେଉଛି। ଚରମ୍ପା ଷ୍ଟେଶନ ଅଞ୍ଚଳ, ବନ୍ତଛକ ବସ୍‌ଷ୍ଟାଣ୍ଡ, ମହିଳା ମହାବିଦ୍ୟାଳୟ ରୋଡ୍, ପୁରୁଣାବଜାର ଅଞ୍ଚଳରେ ଖୋଲାଖୋଲି ଭାବେ ବ୍ରାଉନସୁଗାର ବିକ୍ରି କରାଯାଉଛି। ସେହିପରି ପୁରୁଣାବଜାର ଅଞ୍ଚଳକୁ ନକଲି ହବ୍ ବୋଲି କୁହାଯାଉଛି। ନକଲି ସାମଗ୍ରୀ ବିକ୍ରି ଓ ଉତ୍ପାଦନ ପାଇଁ ଏହି ଅଞ୍ଚଳର ବେଶ୍ ନାଁ ହେଲାଣି। ପୋଲିସ କିମ୍ବା ଯୋଗାଣ ବିଭାଗ ଏହି ଅଞ୍ଚଳରେ ଚଢ଼ାଉ କରିବାକୁ କୁଆଡ଼େ ଭୟ କରୁଥିବା ନେଇ ଚର୍ଚ୍ଚା ହେଉଛି। ଦୈନିକ ଏହି ଅଞ୍ଚଳରୁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ନକଲି ଜର୍ଦ୍ଦା, ଗୁଟ୍‌ଖା, ଶିଶୁ ଖାଦ୍ୟ, ନାମୀଦାମୀ କମ୍ପାନୀର ଚକୋଲେଟ୍ ଇତ୍ୟାଦି ସାମଗ୍ରୀ ଚାଲାଣ ହେଉଥିବା ନଜିର ରହିଛି। ପୋଲିସ କିଛିମାସ ମଧ୍ୟରେ ୭ଟି ଜର୍ଦ୍ଦା କାରଖାନା ଠାବ କରି ୧୨ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଗିରଫ କରିଥିବାର ରେକର୍ଡ ମଧ୍ୟ ରହିଛି। ହେଲେ ଏହାର ମାଷ୍ଟରମାଇଣ୍ଡକୁ ଧରିବାରେ ପୋଲିସ ବିଫଳ ହୋଇଛି। ଜିଲାରେ ବେଆଇନ କରତକଳ ସଂଖ୍ୟା ୨୦ ରୁ ଊର୍ଦ୍ଧ୍ୱ। କେବଳ ଭଦ୍ରକ ସହରର ବିଭିନ୍ନ ସ୍ଥାନରେ ୧୦ ରୁ ଊର୍ଦ୍ଧ୍ୱ କରତକଳ ଚାଲୁଛି। ଜିଲା ମୁଖ୍ୟାଳୟ ନିକଟବର୍ତ୍ତୀ ଅଞ୍ଚଳରେ ଏତେସଂଖ୍ୟକ କରତକଳ କାର୍ଯ୍ୟ କରିବା ବନ ବିଭାଗ ଓ ଜିଲା ପ୍ରଶାସନର ପାରିବାପଣିଆକୁ ନେଇ ପ୍ରଶ୍ନ ଉଠୁଛି। ଦୈନିକ ବିଭିନ୍ନ ଜିଲାରୁ ୧୦ରୁ ଊର୍ଦ୍ଧ୍ୱ ବୋଲେରୋରେ ଚୋରାକାଠ ସହର ମଧ୍ୟକୁ ବିଳମ୍ବିତ ରାତିରେ ପ୍ରବେଶ କରୁଛି। ଚୋରା କୋଇଲା କାରବାରର ପେଣ୍ଠସ୍ଥଳୀ ପାଲଟିଲାଣି ଭଦ୍ରକ। ଚଳନ୍ତା ଟ୍ରେନରୁ ଧାମରା ରେଳଧାରଣା ଉପରୁ କୌଶଳକ୍ରମେ କୋଇଲା ଚୋରି କରିବା ଘଟଣା ବେଶ୍ ଚର୍ଚ୍ଚିତ। ଧାମରା ରେଳଧାରଣା ପାର୍ଶ୍ୱବର୍ତ୍ତୀ ଗାଁର ଛୋଟ ଠୁ ବଡ଼ ପର୍ଯ୍ୟନ୍ତ ଏହି କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ଏପରିକି ଏହି ଚୋରା କାରବାରରେ ଧାମରାର ଜଣେ ଉଚ୍ଚପଦସ୍ଥ ସୁରକ୍ଷା ଅଧିକାରୀ ସାମିଲ ଥିବା ନେଇ ଥାନାରେ ଏତଲା ହୋଇଛି। ଏଥିପ୍ରତି ପୋଲିସ ଓ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଏ ସମ୍ପର୍କରେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ପଚାରିବାରୁ କହିଛନ୍ତି, ପ୍ରଶାସନ ବେଶ୍ ସଚେତନ ଅଛି। ଆବଶ୍ୟକ ସ୍ଥଳେ ଚଢ଼ାଉ କରାଯାଉଛି। ସେହିଭଳି ଏସ୍‌ଡିପିଓ ଜଳନ୍ଧର ଜାଲି କହିଛନ୍ତି, ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରୁଛି। ଲୋକ ସଚେତନ ନ ହେବା ପର୍ଯ୍ୟନ୍ତ ପରିସ୍ଥିତି ସୁଧୁରିବ ନାହିଁ ବୋଲି ସେ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି।



ଭଦ୍ରକ ପୁରୁଣାବଜାର ଥାନାରେ ଜବତ ନକଲି ସାମଗ୍ରୀ ପଡିରହିଛି।

# 'ଅଧ୍ୟାପିକା ହେବାକୁ ଲକ୍ଷ୍ୟ'

**ଭଦ୍ରକ ଅଫିସ, ୯।୫**

ଭଦ୍ରକ ମହିଳା ମହାବିଦ୍ୟାଳୟର ସମାଜ ବିଜ୍ଞାନ ସମ୍ମାନର ଛାତ୍ରୀ ଶଶିପ୍ରଭା ପଣ୍ଡା ଚଳିତବର୍ଷ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଟପ୍ପର ହୋଇ କଲେଜ ତଥା ଡିପାର୍ଟମେଣ୍ଟ ପାଇଁ ଗୌରବ ଆଣିଛନ୍ତି। ଭଦ୍ରକ ମହିଳା ମହାବିଦ୍ୟାଳୟର ଇତିହାସରେ ପ୍ରଥମ ଥର ପାଇଁ ସମାଜ ବିଜ୍ଞାନ ବିଭାଗର ଏହି ଛାତ୍ରୀ ସର୍ବୋଚ୍ଚ ୧୮୩୬ ମାର୍କ ରଖି ଟପ୍ପର ହୋଇଛନ୍ତି। ଭବିଷ୍ୟତରେ ଜଣେ ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଥିବା ଶଶିପ୍ରଭା ତାଙ୍କ ପ୍ରତିକ୍ରିୟାରେ ଆମ ପ୍ରତିନିଧିଙ୍କୁ କହିଛନ୍ତି।

ଶଶିପ୍ରଭାଙ୍କ ଘର ଭଦ୍ରକ ସହର ଉପକଣ୍ଠ ଗେଲପୁର ତିହିଡ଼ି ଗ୍ରାମରେ। ତାଙ୍କ ବାପା ବାଳକୃଷ୍ଣ ପଣ୍ଡା ପୋଷ୍ଟାଲ ପିଅନ ଓ ମା' ମନୋରମା ପଣ୍ଡା ଗୃହିଣୀ। ଝିଅର ଏହି ସଫଳତା ପାଇଁ ପରିବାର ଲୋକେ ଖୁସି ଅଛନ୍ତି। ସମାଜ ବିଜ୍ଞାନ ବିଭାଗର ନିୟମିତ କ୍ଲାସ ଏବଂ ସାପ୍ତାହିକ ୟୁନିଟ୍ ଟେଷ୍ଟ ତାଙ୍କ ସଫଳତାର ସବୁଠୁ ବଡ଼ କାରଣ। ନିୟମିତ କ୍ଲାସ କଲେ ଟ୍ୟୁଶନର କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ଦିନକୁ ପ୍ରାୟ ୧୦ରୁ ୧୨ ଘଣ୍ଟା ସେ ପାଠପଢ଼ାରେ ସମୟ ଦେଉଥିବା କହିଛନ୍ତି। ବିଭାଗର ମୁଖ୍ୟ ଡ. ଶୁଭଶ୍ରୀ ବେହେରାଙ୍କ ପାଠପଢା ଶୈଳୀ ଓ ଉପସ୍ଥାପନାକୁ ସେ ପ୍ରଶଂସା କରିଛନ୍ତି। ନୂଆ ସିବିସିଏସ୍ ପାଟର୍ନରେ ପାଠ ପଢ଼ି ସଫଳତା ପାଇବାର ଶ୍ରେୟ ସେ ବିଭାଗର ମୁଖ୍ୟ ଡ. ବେହେରାଙ୍କୁ ଦେଇଛନ୍ତି। ତାଙ୍କର ଏହି ସଫଳତା ପାଇଁ କଲେଜ ଅଧ୍ୟକ୍ଷ ତୀର୍ଥବାସୀ ଦାସ, ସାମାଜିକ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଶୁଭଶ୍ରୀ ବେହେରା, ଇଂଲିଶ ବିଭାଗ ମୁଖ୍ୟ ଡ. ଅପରାଜିତା ସ୍ୱାଇଁ, ରାଜନୀତି ବିଜ୍ଞାନର ମୁଖ୍ୟ ମନୋଜ ସ୍ୱାଇଁ ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



ସମାଜ ବିଜ୍ଞାନରେ ଟପ୍ପର ଶଶିପ୍ରଭା ପଣ୍ଡା।

## ବିଦ୍ୟାଳୟ ନିକଟରେ ବିପଦସଙ୍କୁଳ ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ଭଦ୍ରକ ଅଫିସ, ୯।୫**

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ବଣିଆଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ଏହାକୁ ନେଇ ସ୍କୁଲ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଛାତ୍ରୀଛାତ୍ର ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଥିବାରୁ ତୁରନ୍ତ ଉକ୍ତ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ନିଆଯିବାକୁ ଅଭିଭାବକ ଓ ଶିକ୍ଷକ ମହଲରୁ ଦାବି କରାଯାଇଛି। ଯେକୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ତାର ଛିଣ୍ଡି କିମ୍ବା ସଂସ୍ପର୍ଶରେ ଆସି ପ୍ରାଣହାନି ଘଟିବା ପୂର୍ବରୁ ପଦକ୍ଷେପ ନେବା ପାଇଁ ବିଦ୍ୟୁତ୍ ବିଭାଗ ଓ ଜିଲା ପ୍ରଶାସନର ଦୃଷ୍ଟିଆକର୍ଷଣ କରାଯାଇଛି।

# ଭଦ୍ରକ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ୧୦ ଲକ୍ଷ ସହାୟତା

**ଭଦ୍ରକ ଅଫିସ, ୯।୫**

ଫନୀରେ କ୍ଷତିଗ୍ରସ୍ତ ପରିବାରଙ୍କ ପାଇଁ ଭଦ୍ରକ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ବ୍ୟାଙ୍କର ଶାଖା ପରିଚାଳକ ରଞ୍ଜନ ସିଂ ବୁଧବାର ଏହି ଚେକ୍ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ପ୍ରଦାନ କରିଛନ୍ତି। ବ୍ୟାଙ୍କ କେବଳ ବ୍ୟବସାୟିକ ଭିତ୍ତିରେ ସେବା ଯୋଗାଇବା ବ୍ୟତୀତ ଜରୁରୀ ସମୟରେ ସାଧାରଣ ଜନତାଙ୍କୁ ସାହାଯ୍ୟ ଓ ସେବା ଯୋଗାଇଦେବା ପରମ କର୍ତ୍ତବ୍ୟ ଓ ମାନବିକତା ବୋଲି ଜିଲାପାଳ କହିଥିଲେ। ଏହି ଚେକ୍ ପ୍ରଦାନ ବେଳେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଉପସ୍ଥିତ ଥିଲେ।




ବ୍ୟାଙ୍କ ପରିଚାଳକ ରଞ୍ଜନ ସିଂ(ବାମରୁ ୨ୟ) ଜିଲାପାଳଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ବ୍ୟାଙ୍କ ପରିଚାଳକ ରଞ୍ଜନ ସିଂ ଜିଲାପାଳଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

# ନିମ୍ନମାନର ରାସ୍ତାକାର୍ଯ୍ୟ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ

**ଭଦ୍ରକ ଅଫିସ, ୯।୫**

ଭଦ୍ରକ ଦିଗଛିଆଠାରୁ ବାଁଶଡ଼ା ଭାୟା ଯଶିପୁର ପୂର୍ତ୍ତ ବିଭାଗ ଅଧୀନ ରାସ୍ତାକାର୍ଯ୍ୟ ନିମ୍ନମାନର ହେଉଥିବା ନେଇ କେତେକ ଗ୍ରାମବାସୀ ଗୁରୁବାର ମଧ୍ୟାହ୍ନରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ଭେଟି ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଏହି ୧୦ କି.ମି. ରାସ୍ତା ଅତ୍ୟନ୍ତ ନିମ୍ନମାନର କରାଯାଉଛି। ଠିକାଦାର ଜଣଙ୍କ ଉକ୍ତ ରାସ୍ତାରେ ୩ ମାସ ପୂର୍ବେ ପଙ୍କୁଆ ମାଟି ପକାଇ ରାସ୍ତାକାର୍ଯ୍ୟ କରୁଥିବା ବେଳେ ଲୋକେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏବେ ଉକ୍ତ ରାସ୍ତାରେ ପୁରୁଣା ପିଚୁକୁ ଜେସିବି ଲଗାଇ ଖୋଳି ବାହାରେ ପକାଇଦେବା ପରିବର୍ତ୍ତେ ତା ସହ ଡଷ୍ଟ ମିଶାଇ ସେହି ରାସ୍ତାରେ ପକାଯାଉଛି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ। ଏହାର ତଦନ୍ତ କରାଯାଇ ଠିକ୍ ଭାବେ କାର୍ଯ୍ୟ କରାଯିବା ସକାଶେ ସେମାନେ ଦାବି କରିଛନ୍ତି। ଜଳେଶ୍ୱରପୁର, କୁଦକାଣ୍ଠି, ଯଶିପୁର, ବଳସାହି, ଶୁଭଦିଆ, ଘଣ୍ଟେଶ୍ୱରୀ, ବିସିବନ୍ଧ, ଜନ୍ତୁଆଳି, ନୂଆଗାଁ, ବାଁଶଡା, ଛେଡାକ, ଧାମରା, ଦୋସିଙ୍ଗା ଆଦି ଗାଁର ପ୍ରାୟ ୪୦ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବାରୁ ପୂର୍ତ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଜିଲାପାଳ ଦାସ ଏ ନେଇ ତଦନ୍ତ ପରେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।



ପୁରୁଣା ପିଚୁ ଉପରେ ହେଉଥିବା ରାସ୍ତାକାର୍ଯ୍ୟ।

## ଶ୍ରୀଜଗନ୍ନାଥ ମନ୍ଦିର ବାର୍ଷିକ ଉତ୍ସବ

**ଭଦ୍ରକ ଅଫିସ, ୯।୫**

ଭଦ୍ରକ ରମ୍ଭିଳା ଶ୍ରୀଜଗନ୍ନାଥ ମନ୍ଦିରର ୩ ଦିନିଆ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମ ଦିନରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜାର୍ଚ୍ଚନା ଓ ଷୋଡ଼ଶ ଉପଚାର ସମାପନ ପରେ ଘଟୋତ୍ତଳନ, ଗ୍ରାମ୍ୟ ପରିକ୍ରମା ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ ସାଙ୍ଗକୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦୁଇଦିନ ଯାଜପୁରର ପଣ୍ଡିତ ଅଭୟ କୁମାର ପଣ୍ଡା ପ୍ରବଚନ ଦେଇଥିବା ବେଳେ ଶେଷ ସନ୍ଧ୍ୟାରେ ଭୁବନେଶ୍ୱର ଶ୍ରୀକ୍ଷେତ୍ର ଭଜନ ଗ୍ରୁପ ସଙ୍ଗୀତ ପରିବେଷଣ କରିଥିଲେ। ପବିତ୍ର ଅକ୍ଷୟତୃତୀୟା ଦିନ ମା' ବିମଳା ମନ୍ଦିର ପ୍ରତିଷ୍ଠା ଓ ମୂର୍ତ୍ତି ସ୍ଥାପନ, ଅତିଥିଶାଳା ପ୍ରତିଷ୍ଠା, ରଥ ପାଇଁ ପ୍ରସ୍ତୁତି ପର୍ବ, ପୂର୍ଣ୍ଣାହୁତି, ଭଜନ କୀର୍ତ୍ତନ ଆଦି ଉତ୍ସବ ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପାଳିତ ହୋଇଥିବା ମନ୍ଦିର ପରିଚାଳନା ସମିତି ସଭାପତି ବାବୁଲାଲ ଦାସ ଜଣାଇଛନ୍ତି। ସମ୍ପାଦକ ପଦ୍ମଲୋଚନ ମହାପାତ୍ର, କୋଷାଧ୍ୟକ୍ଷ ବିଜୟ ଶୁକ୍ଳ, ଗଣେଶ ପଣ୍ଡା, ଅନନ୍ତ ପଣ୍ଡା, ପୂର୍ଣ୍ଣ ପଣ୍ଡା, ଗଜେନ୍ଦ୍ର ବେହେରା, ଉଦୟ ମହାପାତ୍ର, ଶମ୍ଭୁନାଥ ଶୁକ୍ଳ, ପ୍ରକାଶ ମିଶ୍ର, ଶତ୍ରୁଘ୍ନ ମହାପାତ୍ର, ଗୋପାଳ ମହାନ୍ତି ଓ ଗୋପାଳ ମହାପାତ୍ର ପ୍ରମୁଖ ସେବକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସେଲ୍‌ଫି କର୍ଣ୍ଣର




ରାକେଶ



ରଶ୍ମିତା



ଜାଫର



ନିର୍ମାଲ୍ୟ



ରଶ୍ମି



ୱାଶିମ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ରିୟଲ୍ ହିରୋ



'ଫନୀ'ରେ ଭୁଶୁଡ଼ିପଡ଼ିଛି ବିଦ୍ୟୁତ୍ ଭିତ୍ତିଭୂମି। ଫଳରେ ଦିନବେଳା ଅସହ୍ୟ ତାତି ଓ ରାତିରେ ଗୁଲୁଗୁଲିରେ ବାତ୍ୟା ପ୍ରଭାବିତ ଅଞ୍ଚଳର ଜନଜୀବନ ହେଉଛି ଦହଗଞ୍ଜ। କେବେ ଘରକୁ ବିଦ୍ୟୁତ୍ ଆସିବ, ଆଲୁଅ ଜଳିବ, ପଙ୍ଖା ବୁଲିବ ସେହି ଚିନ୍ତାରେ ରହିଛନ୍ତି ଲୋକେ। ଗତ ୩ ତାରିଖଠାରୁ ଏଭଳି ଦୁର୍ଦ୍ଦଶା ଲାଗି ରହିଥିବାବେଳେ ରାଜ୍ୟ ଓ ରାଜ୍ୟ ବାହାରର କେତେଜଣ ବିଦ୍ୟୁତ୍ କର୍ମଚାରୀ, ଶ୍ରମିକଙ୍କ ନିଷ୍ଠାପର କାର୍ଯ୍ୟ ଯୋଗୁ କଟକ, ଭୁବନେଶ୍ୱର ସହର ସମେତ ଅନ୍ୟ କେତେକ ଅଞ୍ଚଳର ନିର୍ଦ୍ଦିଷ୍ଟ ସ୍ଥାନରେ ଲୋକେ ବିଦ୍ୟୁତ୍ ପାଇବାରେ ସକ୍ଷମ ହୋଇଛନ୍ତି। ସମସ୍ତ ବାତ୍ୟା ପ୍ରଭାବିତ ଅଞ୍ଚଳକୁ ଯଥାଶୀଘ୍ର ବିଦ୍ୟୁତ୍ ପହଞ୍ଚାଇବାକୁ ପଣ ନେଇ କାର୍ଯ୍ୟ କରୁଥିବା ଏହି ରିୟଲ୍ ହିରୋମାନଙ୍କୁ ବିଭିନ୍ନ ମହଲରୁ ମିଳୁଛି ପ୍ରଶଂସା। ଅନ୍ୟପକ୍ଷରେ ଦୁର୍ଦ୍ଦଶାରେ ପଡ଼ି ଧୈର୍ଯ୍ୟହରା ହୋଇପଡ଼ିଥିବା କେତେଜଣ ଲୋକଙ୍କ ଆକ୍ରୋଶର ସେମାନେ ଶିକାର ହେଉଛନ୍ତି। ମାଡ଼, ଗାଳିକୁ ମଧ ସାମ୍ନା କରୁଛନ୍ତି। କିନ୍ତୁ ନିଜ କର୍ତ୍ତବ୍ୟ ପଥରୁ ନ ହଟି ଅବିଶ୍ରାନ୍ତ କାର୍ଯ୍ୟ ଜାରି ରଖି ସେମାନେ ଅନ୍ୟମାନଙ୍କ ପାଇଁ ସାଜିଛନ୍ତି ଉଦାହରଣ।

ଫଟୋ
ବିକାଶ ନାୟକ
ମନୋରଞ୍ଜନ ମିଶ୍ର


ଭୁବନେଶ୍ୱର ହାଇଟେକ୍ ରୋଡ୍


ଭୁବନେଶ୍ୱର ଶହୀଦନଗର






ଭୁବନେଶ୍ୱର ରସୁଲଗଡ଼


ଭୁବନେଶ୍ୱର ରସୁଲଗଡ଼


ଭୁବନେଶ୍ୱର ପାଣ୍ଡରା


ଭୁବନେଶ୍ୱର କୋରଡ଼ କଣ୍ଡା ରାସ୍ତା


ପୁରୀ ସତ୍ୟବାଦୀ

ଧରିତ୍ରୀ DHARITRI
ଶୁକ୍ରବାର, ୧୦ ମେ , ୨୦୧୯






ଗ୍ରାଣ୍ଡମାଷ୍ଟର ନର୍ମ ପ୍ରମାଣପତ୍ର ହାସଲ ଅବସରରେ ସ୍ୱୟମ୍ଭ (ଡାହାଣ)।



# ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ


ସାମୁଦ୍ରିକ ଝଡ଼ ଫନୀର ପ୍ରଭାବରେ ରାଜ୍ୟର ଅନେକ ଅଞ୍ଚଳ ପ୍ରପୀଡ଼ିତ ଥିବାବେଳେ ଓଡ଼ିଶା ଚେସ୍‌କୁ ଆସିଥିଲା ଏକ ବଡ଼ ଖବର। ଦୀର୍ଘଦିନର ପ୍ରତୀକ୍ଷା ପରେ ରାଜ୍ୟର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର(ଜିଏମ୍) ପାଇଥିଲା ଓଡ଼ିଶା। ୨୦୧୩ ଅକ୍ଟୋବର ୧୮ରେ ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ହେବାର ସୌଭାଗ୍ୟ ପାଇଥିଲେ ଦେବାଶିଷ ଦାସ। ଗ୍ରାଣ୍ଡମାଷ୍ଟର ଟାଇଟଲ ଓଡ଼ିଶା ଖେଳାଳିଙ୍କ ପାଇଁ ଯେ ଅପହଞ୍ଚ ଇଲାକା ନୁହେଁ ତାହା ପ୍ରଥମେ ଦେବାଶିଷ ପ୍ରମାଣିତ କରିଥିଲେ। ଏହା ଦୀର୍ଘ ୬ ବର୍ଷର ବ୍ୟବଧାନ। ୨୦୧୯ ମେ ୫ରେ ଏହି ସଫଳତାକୁ ଦୋହରାଇ ଓଡ଼ିଆଙ୍କ ଛାତିକୁ କୁଣ୍ଢେମୋଟ କରିଥିବା ଖେଳାଳି ହେଲେ ସ୍ୱୟମ୍ଭ ମିଶ୍ର। ସେ ହେଲେ ଓଡ଼ିଶାର ଦ୍ୱିତୀୟ ଓ ଭାରତର ୬୨ତମ ଗ୍ରାଣ୍ଡମାଷ୍ଟର। କଠିନ ପରିଶ୍ରମ କେବେ ବ୍ୟର୍ଥ ଯାଏ ନାହିଁ। ନିଷ୍ଠା ଏବଂ ଧୈର୍ଯ୍ୟର ସହିତ ଯେ କୌଣସି କାର୍ଯ୍ୟ କରାଯିବ ସଫଳତା ଅବସମ୍ଭାବୀ ବୋଲି କାମରେ କରି ଦେଖାଇଛନ୍ତି ଓଡ଼ିଶା ଚେସ୍‌ର ଏହି ଉଜ୍ଜ୍ୱଳ ତାରକା।

ଜଣେ ସ୍ୱଳ୍ପଭାଷୀ, ସରଳ ନିଷ୍କପଟ ବ୍ୟକ୍ତିତ୍ୱଭାବେ ସ୍ୱୟମ୍ଭ ପରିଚିତ। ମାତ୍ର ଚେସ୍ ବୋର୍ଡରେ ଏହାର ବିପରୀତ ଧର୍ମ ଦେଖିବାକୁ ମିଳେ। ସାଧାରଣରେ ବେଶ୍ ଧୀର ସ୍ଥିର ଓ ଚୁପଚାପ ପ୍ରକୃତିର ସ୍ୱୟମସ୍ଙ୍କର ଚେସ୍ ବୋର୍ଡ କିନ୍ତୁ କୁହେ ଅନେକ କଥା । ତାହା ଏବେ ଫଳରେ ରୂପାନ୍ତରିତ ହୋଇଛି। ନିକଟରେ ପୋଲାଣ୍ଡରେ ଅନୁଷ୍ଠିତ ପୋଲୋନିଆ ରୋକ୍ଲ ମାଷ୍ଟର୍ସ କପ୍‌ରେ ସେ କ୍ୟାରିୟରର ତୃତୀୟ ତଥା ଅନ୍ତିମ ଜିଏମ୍ ନର୍ମ ହାସଲ କରିବା ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ସ୍ୱୟମ୍ଭଙ୍କୁ କେବଳ ଯେ ଗ୍ରାଣ୍ଡମାଷ୍ଟର ଟାଇଟଲ ଦେଇଥିଲା ତା' ନୁହେଁ ସେଥିରେ ୭ ପଏଣ୍ଟ ହାସଲ କରି ସେ ଚାମ୍ପିୟନ ମଧ୍ୟ ହୋଇ ଥିଲେ। ୨୦୧୪ରେ ଭୁବନେଶ୍ୱରରେ ଅନୁଷ୍ଠିତ କିଟ୍ ଓପନରେ ପ୍ରଥମ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିଥିବା ସ୍ୱୟମ୍ଭ ଏହାର ଗୋଟିଏ ବର୍ଷ ପରେ ଆଇଜଲ ଅଫ୍ ମ୍ୟାନ୍‌ଠାରେ ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ନର୍ମ ପାଇଥିଲେ। ଏବେ ତାଙ୍କର ରେଟିଂ ୨୪୭୩ ଥିଲେ ହେଁ ୨୦୧୪ରେ ସେ ମ୍ୟାଜିକ୍ ସଂଖ୍ୟା ୨୫୦୦ ସ୍ପର୍ଶ କରିଥିବାରୁ ଗ୍ରାଣ୍ଡମାଷ୍ଟର ଟାଇଟଲର ହକ୍‌ଦାର ହୋଇ ଯାଇଛନ୍ତି। ୧୯୯୭ରେ ରାଜ୍ୟସ୍ତରରେ ପ୍ରଥମ ପଦକ, ୨୦୦୨ରେ ଜାତୀୟ ଚେସ୍ ଓ ୨୦୦୫ରେ ଅନ୍ତର୍ଜାତୀୟ ଚେସ୍‌ରେ ପଦାର୍ପଣ, ୧୯୯୭ ଓଡ଼ିଶାର ପ୍ରଥମ ଓଡ଼ିଆ କ୍ରୀଡ଼ାବିତ୍ ଭାବେ ବିଶ୍ୱ ଯୁବ ଚେସ୍ ଅଲିମ୍ପିଆଡରେ ଦଳଗତ ସ୍ୱର୍ଣ୍ଣ ଜିତିବା, ସମ୍ମାନଜନକ ମୁମ୍ବାଇ ମେୟର୍ସ କପ୍ ଗ୍ରାଣ୍ଡମାଷ୍ଟର ଚେସ୍‌ରେ ପ୍ରଥମ ଓଡ଼ିଆ ଭାବେ ତୃତୀୟ ସ୍ଥାନ ଲାଭ କରିବା ତାଙ୍କ ଦକ୍ଷତାର ପରିଚୟ ଦିଏ। ଏହାଛଡ଼ା ଭାରତ ପକ୍ଷରୁ ସେ ବହୁବାର ବିଶ୍ୱ ଯୁବଚେସ୍‌ରେ ଭାଗ ନେଇ ସଫଳତାର ଶୀର୍ଷରେ ପହଞ୍ଚିପାରିଥିଲେ। ୨୦୧୨ରେ ରାଜ୍ୟଗୋଷ୍ଠୀ ଚେସ୍‌ରେ ରୌପ୍ୟ ପଦକ ଜିତିଥିବା ସ୍ୱୟମ୍ଭ ସେହିବର୍ଷ ଓଡ଼ିଶାର ୫ମ ଓଡ଼ିଆ ଭାବେ ସମ୍ମାନଜନକ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ଲାଭ କରିଥିଲେ। ଜଣେ ସଫଳ ଖେଳାଳି ବ୍ୟତୀତ ସେ ଅନ୍ ଲାଇନ୍ ଓ ଅଫ୍ ଲାଇନ୍ କୋଚ୍ ଭାବେ ମଧ୍ୟ ବିଶେଷ ପରିଚିତ।

## ବାତ୍ୟା ସହ ସମ୍ପର୍କ

ଚେସ୍ ଇତିହାସରେ ଓଡ଼ିଶା ଏପର୍ଯ୍ୟନ୍ତ ମାତ୍ର ୨ ଜଣ ଗ୍ରାଣ୍ଡମାଷ୍ଟରଙ୍କୁ ପାଇଛି। ପ୍ରଥମେ ଦେବାଶିଷ ଦାସ ଓ ଏବେ ସ୍ୱୟମ୍ଭ ମିଶ୍ର ଏହି ମାଇଲଖୁଣ୍ଟ ସ୍ପର୍ଶ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ତେବେ ସଂଯୋଗବଶତଃ ଓଡ଼ିଶାରେ ବାତ୍ୟାର ବିଭୀଷିକା ଦେଖା ଦେଇଥିବାବେଳେ ଏହି ଦୁଇଟି ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ ହୋଇଛି। ୨୦୧୩ ଅକ୍ଟୋବର ପ୍ରଥମ ଭାଗରେ ଫାଇଲିନ୍ ବାତ୍ୟାରେ ଓଡ଼ିଶା ପ୍ରଭାବିତ ହୋଇଥିଲା। ସେହିବର୍ଷ ଅକ୍ଟୋବର ୧୮ରେ ଦେବାଶିଷ ହାସଲ କରିଥିଲେ ଗ୍ରାଣ୍ଡମାଷ୍ଟର ଟାଇଟଲ। ସେତେବେଳେ ଓଡ଼ିଶାରେ ବାତ୍ୟା ସହ ଦେବାଶିଷଙ୍କ ସଫଳତା ଚର୍ଚ୍ଚାର କେନ୍ଦ୍ରରେ ରହିଥିଲା। ୨୦୧୯ ମେ ୩ରେ ସାମୁଦ୍ରିକ ଝଡ଼ ଫନୀର କୋପରେ ଓଡ଼ିଶାର ଅନେକ ଅଞ୍ଚଳ ପ୍ରଭାବିତ ହୋଇଥିବାବେଳେ ମେ ୫ରେ ବିରଳ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି ସ୍ୱୟମ୍ଭ ମିଶ୍ର। ମେଟ୍ରୋ ସହର ବିଶେଷ ପ୍ରଭାବିତ ହୋଇଥିବାରୁ ସ୍ୱୟମ୍ଭଙ୍କ ଏହି ସଫଳତା ଯେପରି ପ୍ରଚାର ଓ ପ୍ରସାର ହେବାକଥା ତାହା ହୋଇପାରି ନ ଥିଲେ ହେଁ ଚେସ୍ ମହଲ ବେଶ୍ ଆନନ୍ଦିତ।

**୨୦୧୩ ଅକ୍ଟୋବର ୧୮ରେ ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ହେବାର ସୌଭାଗ୍ୟ ପାଇଥିଲେ ଦେବାଶିଷ ଦାସ। ଗ୍ରାଣ୍ଡମାଷ୍ଟର ଟାଇଟଲ ଓଡ଼ିଶା ଖେଳାଳିଙ୍କ ପାଇଁ ଯେ ଅପହଞ୍ଚ ଇଲାକା ନୁହେଁ ତାହା ପ୍ରଥମେ ଦେବାଶିଷ ପ୍ରମାଣିତ କରିଥିଲେ। ଏହାପରେ ଦୀର୍ଘ ୬ ବର୍ଷର ବ୍ୟବଧାନ। ୨୦୧୯ ମେ ୫ରେ ଏହି ସଫଳତାକୁ ଦୋହରାଇ ଓଡ଼ିଆଙ୍କ ଛାତିକୁ କୁଣ୍ଢେମୋଟ କରିଥିବା ଖେଳାଳି ହେଲେ ସ୍ୱୟମ୍ଭ ମିଶ୍ର...**



ଭାରତର ପ୍ରଥମ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ୍ ଆନନ୍ଦଙ୍କ ସହ।

## ପରିଶ୍ରମ ସହ ଧୈର୍ଯ୍ୟ ହିଁ ମାପକାଠି

**ପ୍ରଃ** ପ୍ରଥମେ ତୁମକୁ ଅଭିନନ୍ଦନ। ଦୀର୍ଘ ୬ ବର୍ଷ ବ୍ୟବଧାନରେ ଓଡ଼ିଶାକୁ ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ମିଳିଲା। ଅନୁଭବ କେମିତି ଥିଲା ?

**ଉଃ** ଆପଣଙ୍କୁ ଧନ୍ୟବାଦ। ଭଲ ଅନୁଭବ ରହିଲା। ଓଡ଼ିଶାକୁ ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ମିଳିଥିବାରୁ ପିଲାମାନଙ୍କୁ ନିଶ୍ଚିତ ଉତ୍ସାହ ମିଳିବ। କଠିନ ପରିଶ୍ରମର ଫଳ ମୋତେ ମିଳିଛି। ଚେସ୍ ଏକ ଲମ୍ବା ଗେମ୍। ଏଥିରେ ଧୈର୍ଯ୍ୟ ଧରିବାକୁ ହୁଏ। ସେହିପରି ଜୀବନରେ ମଧ୍ୟ ଧୈର୍ଯ୍ୟର ବହୁତ ବଡ଼ ଫାଇଦା ରହିଛି ବୋଲି ମୁଁ ଅନୁଭବ କଲି।

**ପ୍ରଃ** ଟାଇଟଲ ଜିତିବା ସମୟର ଅନୁଭବ ସମ୍ପର୍କରେ କ'ଣ କହିବେ ?

**ଉଃ** ମୁଁ ବହୁତ ଖୁସି ହୋଇ ଯାଇଥିଲି। ଦୀର୍ଘଦିନ ପ୍ରତୀକ୍ଷାର ଅବସାନ ଘଟିଥିଲା।

**ପ୍ରଃ** ପୋଲାଣ୍ଡ ଟୁର୍ନାମେଣ୍ଟ କେତେ ଟପ୍ ଥିଲା ?

**ଉଃ** ପୋଲାଣ୍ଡରେ ମୁଁ ଯେତେ ପ୍ରତିଯୋଗିତା ଖେଳିଛି ତା'ଠାରୁ ଏହା ସବୁଠାରୁ ଟପ୍ ଥିଲା ଏବଂ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଜଣେ ହେଲେ ଦୁର୍ବଳ ଖେଳାଳି ଏଥିରେ ନ ଥିଲେ। ସବୁ ଶକ୍ତିଶାଳୀ ଖେଳାଳିଙ୍କୁ ନେଇ ଏହି ପ୍ରତିଯୋଗିତା ହୋଇଥିଲା। ୧୮ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ଖେଳାଳି ମଧ୍ୟ ଏଥିରେ ଖେଳୁଥିଲେ। ତେଣୁ ଟୁର୍ନାମେଣ୍ଟ ସହଜ ନ ଥିଲା।

**ପ୍ରଃ** ଗ୍ରାଣ୍ଡମାଷ୍ଟର ପାଇଁ ଅପରିହାର୍ଯ୍ୟ ୨୫୦୦ ଏଲୋ ରେଟିଂର ମ୍ୟାଜିକ୍ ସଂଖ୍ୟାକୁ କେବେ ଛୁଇଁଥିଲେ ?

**ଉଃ** ୨୦୧୪ରେ ମୁଁ ବୁଲଗେରିଆରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୨୫୦୦ ରେଟିଂ ଛୁଇଁଥିଲି।

**ପ୍ରଃ** ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ନର୍ମ ପରେ ଦୀର୍ଘ ଦିନର ପ୍ରତୀକ୍ଷା, ମନରେ କ'ଣ ଚାଲିଥିଲା ?

**ଉଃ** ମୋର ଦୃଢ଼ ଆତ୍ମବିଶ୍ୱାସ ଥିଲା। କାରଣ ନିକଟ ଅତୀତରେ ମୁଁ ପ୍ରାୟ ସମସ୍ତ ଟୁର୍ନାମେଣ୍ଟରେ ଭଲ ଖେଳିଥିଲି। ଗତ ଜାନୁୟାରୀରେ ଅନୁଷ୍ଠିତ ୨ଟି ଟୁର୍ନାମେଣ୍ଟରେ ମାତ୍ର ୦.୫ ପଏଣ୍ଟ ପାଇଁ ଟାଇଟଲ ହାତଛଡ଼ା କରିଥିଲି। ମୁଁ ପାରିବି ବୋଲି ଭଲଭାବେ ଜାଣିଥିଲି। ମାନସିକ ସ୍ତରରେ ମୋତେ ପୂର୍ବରୁ ଆଉଟିକେ ଦୃଢ଼ ହେବାର ଥିଲା। ଏବେ ତାହା କରିବାରୁ ମୁଁ ସଫଳ ହେଲି।

**ପ୍ରଃ** ଟାଇଟଲ ସ୍ପଷ୍ଟ ହେବାପରେ ପ୍ରଥମେ କାହା ସହିତ ଶେୟାର କରିବାକୁ ଇଚ୍ଛା କରିଥିଲେ ?

**ଉଃ** ଓଡ଼ିଶାରେ ବାତ୍ୟା ଫନୀ ପାଇଁ କାହା ସହିତ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ତେବେ ମୁଁ ପ୍ରଥମେ ମୋ ପରିବାର ସହିତ ଭାବାବେଗକୁ ଶେୟାର କରିବାକୁ ଚାହିଁଥିଲି। ମାତ୍ର ତାହା ହେବା ପୂର୍ବରୁ ମୋ ସାଙ୍ଗମାନେ ଇଣ୍ଟରନେଟ୍‌ରେ ମୋ ସହିତ କଥା ହୋଇଥିଲେ।

**ପ୍ରଃ** ପରବର୍ତ୍ତୀ ଲକ୍ଷ୍ୟ କ'ଣ ରହିଛି ?

**ଉଃ** ରେଟିଂ ବଢ଼ାଇବା ମୋର ପ୍ରଥମ ଲକ୍ଷ୍ୟ। ଏଥିପାଇଁ ବଡ଼ ଟୁର୍ନାମେଣ୍ଟରେ ଖେଳିବାକୁ ହେବ।

**ପ୍ରଃ** ଜଣେ ଖେଳାଳି ସହ ଫିଡେ ଟ୍ରେନରଭାବେ ତୁମର ଖ୍ୟାତି ରହିଛି। ଏ ଭୂମିକାକୁ କେମିତି ନିର୍ବାହ କରୁଛନ୍ତି, ଏବେ କେତେ ପିଲା ତୁମ ପାଖରୁ ଟ୍ରେନିଂ ନେଉଛନ୍ତି ?

**ଉଃ** ସର୍ବଭାରତୀୟ ସ୍ତରରେ ଏବଂ ଭାରତ ବାହାରର ପିଲାଙ୍କୁ ମୁଁ ଇଣ୍ଟରନେଟ୍‌ରେ କୋଚିଂ ଦେଉଛି। ବିଶେଷ କରି ମୁମ୍ବାଇ, ଦିଲ୍ଲୀ, ହାଇଦ୍ରାବାଦ,ନାଗପୁର ଓ ଓଡ଼ିଶା ପିଲାମାନେ ମୋ ସହିତ ଟଚ୍‌ରେ ଅଛନ୍ତି। ମୋ ନିକଟରୁ ଟ୍ରେନିଂ ନେଇ ବହୁତ ପିଲା ସଫଳ ହେଲେଣି।

**ପ୍ରଃ** ତୁମ ଅଧୀନରେ ଟ୍ରେନିଂ ନେଇଥିବା ପିଲାଙ୍କ ମଧ୍ୟରୁ କିଏ ତୁମକୁ ଅଧିକ ଖୁସି କରିଛନ୍ତି ?

**ଉଃ** ପଙ୍କଜ ଗୁପ୍ତା। ସେ ଏବେ ଆଇଏମ୍ (ଇଲେକ୍ଟ) ଅଛନ୍ତି। ସେ ଜାତୀୟ ୧୫ ବର୍ଷରୁ କମ ଟାଇଟଲ ଜିତିବା ସହ ରାଜ୍ୟଗୋଷ୍ଠୀ ଚେସ୍‌ରେ ମଧ୍ୟ ପଦକ ପାଇଛନ୍ତି।

**ପ୍ରଃ** ଏବେ କେତେ ପିଲା ତୁମ ନିକଟରୁ ଟ୍ରେନିଂ ନେଉଛନ୍ତି ?

**ଉଃ** ପାଖାପାଖି ୧୦ରୁ ୧୫।

**ପ୍ରଃ** ଜଣେ ଟ୍ରେନର ହେଲେ ମଧ୍ୟ ସ୍ୱୟମ୍ଭ ଏବେ ନିଜେ କାହା ନିକଟରୁ କୋଚିଂ ନେଉଛନ୍ତି। କେମିତି ଅଭ୍ୟାସ କରୁଛନ୍ତି ?

**ଉଃ** ମୁଁ ପିଲାବେଳେ ସତ୍ୟରଞ୍ଜନ ପଟ୍ଟନାୟକ, ରାଜେନ୍ଦ୍ର ସାହୁ, ମନୋଜ ପାଣିଗ୍ରାହୀ, ସୁବାସ ସାହୁ ପ୍ରଭୃତିଙ୍କଠାରୁ କୋଚିଂ ନେଇଥିଲି। ପରେ ଶେଖର ସାହୁ ଓ ନୀରଜ ମିଶ୍ରଙ୍କଠାରୁ କୋଚିଂ ନେଲି। ତା ପରେ ମୁଁ ନିଜେ ଅଭ୍ୟାସ କରି ୨ଟି ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କଲି। ପରେ ୩-୪ ଜଣ ଗ୍ରାଣ୍ଡମାଷ୍ଟରଙ୍କ ସଂସ୍ପର୍ଶରେ ଆସିଥିଲି। ଗତ ୬ ମାସଧରି ମୁଁ ଆଉ ଜଣେ କୋଚ୍‌ଙ୍କ ସଂସ୍ପର୍ଶରେ ଆସିବାଦ୍ୱାରା ପ୍ରଦର୍ଶନରେ ଉନ୍ନତି ଆସିଲା ଏବଂ ୩ୟ ନର୍ମ ସମ୍ଭବ ହୋଇ ପାରିଲା। ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ମୋତେ ସବୁବେଳେ ସପୋର୍ଟ କରି ଆସିଛନ୍ତି। ମୋତେ ଗାଇଡ୍ କରନ୍ତି। ଚେସ୍‌ରେ ହେଉ କି ସାଧାରଣ ଜୀବନରେ କିଛି ସମସ୍ୟା ହେଲେ ସେ ସମାଧାନର ବାଟ ବତାନ୍ତି।

**ପ୍ରଃ** ଅଭ୍ୟାସ ପାଇଁ କେଉଁ ସଫ୍ଟୱେର ବ୍ୟବହାର କରୁଛନ୍ତି ?

**ଉଃ** ଚେସ୍ ବେସ୍ ସଫ୍ଟୱେର ବହୁତ ଆଧୁନିକୀକରଣ ହୋଇଛି। ଏହା ଚେସ୍ ପାଇଁ ବହୁତ ଭଲ। ଅନେକ ପେସାଦାର ଖେଳାଳି ଏହାକୁ ବ୍ୟବହାର କରୁଛନ୍ତି। ମୁଁ ଏହାକୁ ବ୍ୟବହାର କରେ ଏବଂ ଅନ୍ୟ ଖେଳାଳିମାନେ ମଧ୍ୟ ଏହା କରିବା ଉଚିତ ବୋଲି ମୋର ମତ।

**ପ୍ରଃ** ଏବେ ଏଜୁକେଶନ କ'ଣ କେମିତି ଚାଲିଛି ?

**ଉଃ** ମୁଁ ବିଟେକ୍ ଶେଷ କରିଛି। କିଟ୍ ପକ୍ଷରୁ ମୋତେ ବହୁତ ସପୋର୍ଟ ମିଳିଛି। ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ମୋତେ ବହୁତ ସହଯୋଗ କରିଛନ୍ତି।

**ପ୍ରଃ** ସ୍ୱୟମ୍ଭ ଆଜି ଯେଉଁଠି ପହଞ୍ଚିଛନ୍ତି ତା'ର ଶ୍ରେୟ କାହାକୁ ଦେବାକୁ ଚାହିଁବେ ?

**ଉଃ** ଶ୍ରେୟ ସମସ୍ତଙ୍କ ନିକଟକୁ ଯିବ। ଏହା ମଧ୍ୟରେ ମୋ କୋଚ୍, ପରିବାର, ବନ୍ଧୁ ଏବଂ ଷ୍ଟୁଡେଣ୍ଟମାନେ ଯିବେ।

**ପ୍ରଃ** ପରିବାରରୁ କିପରି ସପୋର୍ଟ ମିଳୁଛି ?

**ଉଃ** ପରିବାରରୁ ମୋତେ ଭରପୂର ସମର୍ଥନ ମିଳିଥିଲା ଏବଂ ଏବେ ମଧ୍ୟ ଜାରି ରହିଛି। କୌଣସି ଟୁର୍ନାମେଣ୍ଟରେ ଖରାପ ହେଲେ ସେମାନେ ମୋତେ ବୁଝାଇଥାନ୍ତି।

**ପ୍ରଃ** ଏବେ ଓଡ଼ିଶା ଚେସ୍‌ର ସ୍ଥିତି କିପରି ଅଛି, ଉନ୍ନତି ପାଇଁ ଆଉ କ'ଣ ଆବଶ୍ୟକ ଅଛି ?

**ଉଃ** ତାମିଲନାଡୁ, ମହାରାଷ୍ଟ୍ର ରାଜ୍ୟରେ ଚେସ୍ ଏବେ ବହୁତ ଆଗକୁ ଯାଇଛି। ସେହି ତୁଳନାରେ ଆମେ ପଛରେ। ତେବେ ଏଠାରେ ସୁଯୋଗ ରହିଛି।

**ପ୍ରଃ** ଓଡ଼ିଶାର ପରବର୍ତ୍ତୀ ଗ୍ରାଣ୍ଡମାଷ୍ଟର କି'ଏ ବୋଲି ସ୍ୱୟମ୍ଭ ଭାବୁଛନ୍ତି ?

**ଉଃ** ଓଡ଼ିଶାରେ ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରଜ୍ଞ ୪ଟି ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରି ସାରିଛନ୍ତି। ଆଇଏମ ପଦ୍ମିନୀ ରାଉତ ଗୋଟିଏ ନର୍ମ କରିଛନ୍ତି, ଅବଶିଷ୍ଟ ନର୍ମ ଓ ରେଟିଂ ବାକିଅଛି। ରାକେଶ ଜେନା, ସିଦ୍ଧାନ୍ତ ମହାପାତ୍ର, ଉତ୍କଳ ରଞ୍ଜନ ସାହୁଙ୍କୁ ନେଇ ଆମେ ପରବର୍ତ୍ତୀ ଜିଏମ ସ୍ୱପ୍ନ ଦେଖି ପାରିବା। ଏମାନଙ୍କ ନିକଟରେ ଭଲ ସୁଯୋଗ ଅଛି। କେବଳ ସେତିକି ନୁହେଁ ଯିଏବି କଠିନ ପରିଶ୍ରମ କରିବ ସେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ। ଅସମ୍ଭବ କିଛି ନାହିଁ।

**ପ୍ରଃ** ଜଣେ ଚେସ୍ ଖେଳାଳି ପାଇଁ ପ୍ରାୟୋଜକ କେତେ ଆବଶ୍ୟକ ?

**ଉଃ** ପ୍ରାୟୋଜକ ମିଳିଲେ ଭଲ କଥା, ନ ହେଲେବି ସଫଳତା ପାଇହେବ। ମୁଁ ବିନା ପ୍ରାୟୋଜକରେ ଆଜି ଏଠାରେ ପହଞ୍ଚିଛି। ପରିବାର ଓ କିଟ୍‌ର ସମର୍ଥନ ଯୋଗୁ ମୁଁ ଆଗକୁ ବଢ଼ି ପାରିଛି।

**ପ୍ରଃ** ଓଡ଼ିଶା ଚେସ୍‌କୁ ନେଇ ସ୍ୱୟମ୍ଭଙ୍କର କ'ଣ ଭବିଷ୍ୟତ ଲକ୍ଷ୍ୟ ରହିଛି ?

**ଉଃ** ମୁଁ ଏବେ ୩ ଜଣ ଓଡ଼ିଶା ପିଲାଙ୍କୁ କୋଚିଂ ଦେଉଛି। ମୁଁ ଓ ସ୍ୱୟଂଶୁ ସତ୍ୟପ୍ରଜ୍ଞ ମିଶି ମେ ୧୭ରୁ ୨୦ ପର୍ଯ୍ୟନ୍ତ ଓଡ଼ିଶା ଖେଳାଳିଙ୍କ ପାଇଁ ଏକ କ୍ୟାମ୍ପ କରିବା ଲକ୍ଷ୍ୟ ରହିଛି। ଭବିଷ୍ୟତରେ ମଧ୍ୟ ସେପରି କିଛି କରିବି। ଏବେ ଆମ ରାଜ୍ୟରେ ୨ ଗ୍ରାଣ୍ଡମାଷ୍ଟର, ୭ ଅନ୍ତର୍ଜାତୀୟ ମାଷ୍ଟର ଏବଂ ଅନ୍ୟ ଟାଇଟଲଧାରୀ ଅଛନ୍ତି। ତାମିଲନାଡୁରେ ପ୍ରତିବର୍ଷ ୩ରୁ ୪ ଜଣ ଜିଏମ ହେଉଛନ୍ତି। ଜାତୀୟ ସ୍ତରରେ ମଧ୍ୟ ସବୁବେଳେ ତାମିଲନାଡୁ, ମହାରାଷ୍ଟ୍ର ଆଦି ଖେଳାଳିମାନେ ଚାମ୍ପିୟନ ହେଉଛନ୍ତି। ଆମ ଓଡ଼ିଶାରେ ପିଲାମାନେ ଏଜ୍ ଗ୍ରୁପରେ ଭଲ କରୁଛନ୍ତି ମାତ୍ର ତା'ପରେ ପ୍ରଦର୍ଶନରେ ଅବନତି ଘଟୁଛି। ଏଥର ରାକେଶ ଜେନା ଜାତୀୟ ୧୯ ବର୍ଷରୁ କମ୍ ଚେସ୍‌ରେ ଚମ୍ପର ହୋଇଥିଲେ। ସେ ଓ ସାଇନା ସାଲୋନିକା ଏବେ ଉଚ୍ଚସ୍ତରରେ ଭଲ ପ୍ରଦର୍ଶନ କରୁଛନ୍ତି। ଏହା ଆମପାଇଁ ଶୁଭ ସୂଚନା।

**ପ୍ରଃ** ଚେସ୍‌କୁ କ୍ୟାରିୟର କରୁଥିବା ପିଲାମାନଙ୍କୁ ସ୍ୱୟମ୍ଭ କ'ଣ କହିବାକୁ ଚାହିଁବେ ?

**ଉଃ** କଠିନ ପରିଶ୍ରମ କରିବା ସହ ଧୈର୍ଯ୍ୟ ନିହାତି ଜରୁରୀ। ବିନା ଧୈର୍ଯ୍ୟରେ କିଛି ହୋଇ ପାରିବ ନାହିଁ। ଏହା ବ୍ୟତୀତ ଏଜୁକେଶନକୁ ଗୁରୁତ୍ୱ ଦିଅନ୍ତୁ। ଏଜୁକେଶନ ଭବିଷ୍ୟତରେ ସେମାନଙ୍କୁ ବହୁତ ସାହାଯ୍ୟ କରିବ। ପଢ଼ା ଓ ଚେସ୍ ଏକ ସଙ୍ଗେ ସମ୍ଭବ ବୋଲି ଅନେକ ଖେଳାଳି ପ୍ରମାଣିତ କରି ସାରିଛନ୍ତି।


**ପ୍ରଃ** ସ୍ୱୟମ୍ଭ ଖାଦ୍ୟପ୍ରିୟ ବୋଲି ସମସ୍ତେ ଜାଣନ୍ତି, କେଉଁ ଖାଦ୍ୟପ୍ରତି ଅଧିକ ରୁଚି ରହିଛି ?

**ଉଃ** ସେମିତି କିଛି ନିର୍ଦ୍ଦିଷ୍ଟ ଖାଦ୍ୟପ୍ରତି ରୁଚି ନାହିଁ। ନିଜେ ରାନ୍ଧି ଖାଇବା ପାଇଁ ମୋତେ ଭଲ ଲାଗେ। ନିଜେ ରୋଷେଇ କରିବାକୁ ମୁଁ ପସନ୍ଦ କରେ।

**ପ୍ରଃ** ପରବର୍ତ୍ତୀ ଟୁର୍ନାମେଣ୍ଟ କ'ଣ ଅଛି ?

**ଉଃ** ନିକଟରେ ଜଳନ୍ଧରରେ ଆସନ୍ତା ୨୫ରୁ ୨୭ ପର୍ଯ୍ୟନ୍ତ ନ୍ୟାଶନାଲ ଚେସ୍ ଟୁର୍ନାମେଣ୍ଟ ଅଛି। ମୁଁ ସେଥିପାଇଁ ପ୍ରସ୍ତୁତ ହେବି।

-ପ୍ରସ୍ତୁତିଃ ତପନ ସ୍ୱାଇଁ



ହଜିଲା ଅତୀତ: ଜେଜେବାପା ଓ ଭଉଣୀଙ୍କ ସହ ସ୍ୱୟମ୍ଭ (ମଝି)।

### ସଂକ୍ଷେପରେ ସ୍ୱୟମ୍ଭ

ନାମ: ସ୍ୱୟମ୍ଭ ମିଶ୍ର
ଡାକନାମ: ଗୁରୁ
ଜନ୍ମ: ୧୯୯୨ ଅଗଷ୍ଟ ୧୩, କଟକ
ପରିବାର: ମା'-ପ୍ରତିଭା ମିଶ୍ର, ପିତା-ଦିଲୀପ ମିଶ୍ର, ଭଉଣୀ-ସୌମ୍ୟା।
ଘର: କୃତ୍ତିବାସ ଭବନ, ଚରମ୍ପା, ଭଦ୍ରକ।
ବର୍ତ୍ତମାନ ରହଣି: କଟକ
ଫିଡେ ରେଟିଂ: ୨୪୭୩
ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ: ୨୦୧୨
ପ୍ରଥମ ଗ୍ରାଣ୍ଡମାଷ୍ଟର ନର୍ମ: ୨୦୧୪, ଭୁବନେଶ୍ୱର
ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ନର୍ମ: ୨୦୧୫, ଆଇଜଲ ଅଫ୍ ମ୍ୟାନ୍
ତୃତୀୟ ଗ୍ରାଣ୍ଡମାଷ୍ଟର ନର୍ମ: ୨୦୧୯, ପୋଲାଣ୍ଡ
ଗ୍ରାଣ୍ଡମାଷ୍ଟର ଟାଇଟଲ: ୨୦୧୯



ଓଡ଼ିଶାର ୩ ଶ୍ରେଷ୍ଠ ତାରକା(ବାମରୁ) ସ୍ୱୟଂଶୁ ସତ୍ୟପ୍ରଜ୍ଞ, ସ୍ୱୟମ୍ଭ ମିଶ୍ର ଓ ଦେବାଶିଷ ଦାସ।

### ରିୟଲ

ବାତ୍ୟା ଫନୀ ଏବେ ଉଡ଼ାଇ ନେଇଛି
ବିଜୁଳି, ବିଜୁଳି ଖୁଣ୍ଟ
ରାଜଧାନୀ ସହ ବାତ୍ୟା ଅଞ୍ଚଳରେ
ଲାଗୁନି ଇଣ୍ଟରନେଟ
କ୍ରୀଡ଼ାପ୍ରେମୀ ଛଟପଟ
ଆଇପିଏଲରେ ଧୂଆଁଧାର ମାଡ଼
ଯାଇଅଛି କେତେବାଟ।
ଫନୀ ଧୂଆଁଧାର ମାଡ଼ରେ ବେହାଲ
କୋଣାର୍କ, କଟକ, ପୁରୀ
ସବୁଜ ସୁନ୍ଦର ପର୍ଯ୍ୟଟନ କ୍ଷେତ୍ର
ହରାଇଛି ତା'ର ଶିରି
ଗ୍ଲୋବାଲ ୱାର୍ମିଂ ଘୂରି
ଏହିପରି ପ୍ରାକୃତିକ ବିପର୍ଯ୍ୟୟ
ଡାକି ଆଣିଥାଏ ହରି।
ନିଜକଥା ଭୁଲି ଅନ୍ୟକୁ ସୁରକ୍ଷା
ଦେଇ ଯିଏ ଆନନ୍ଦିତ
ଫନୀପରି ବିପର୍ଯ୍ୟୟ ବେଳେ ଯିଏ
ଶ୍ରମଦାନ କରେ ମିତ
ଦେଶ ମା' ବୀର ପୁତ
ପରି ଟିମ୍ ସବୁ ରିୟଲ ଖେଳାଳି
ପ୍ରଣିପାତ ଘେନ ସତ।

-ସୁବାସଚନ୍ଦ୍ର ପ୍ରଧାନ

| Dollar | Sensex | Nifty | Gold | Silver |
|---|---|---|---|---|
| 69.94 (23) | 37,558.91 (230.22) | 11,301.80 (57.65) | 32,890.00 (₹40) | 38,220.00 (₹0) |

"ବିଶାଖାପାଟନାମ ପୋର୍ଟ ଟ୍ରଷ୍ଟର କାର୍ଗୋ ହ୍ୟାଣ୍ଡଲିଂ କ୍ଷମତା ଦ୍ୱିଗୁଣିତ ହୋଇଥିବା ବେଳେ ଆସନ୍ତା ୨ବର୍ଷରେ ଏହାକୁ ୧୪୫ ମିଲିୟନ ଟନରେ ପହଞ୍ଚାଇବାର ଲକ୍ଷ୍ୟ ରହିଛି।

– ଏମ୍.ଟି.କ୍ରିଷ୍ଣା ବାବୁ, ଅଧ୍ୟକ୍ଷ, ଭାଇଜାଗ୍ ପୋର୍ଟ



"ମାନୁଫାକ୍ଚରିଂ କ୍ଷେତ୍ରରେ ନିରନ୍ତର ପ୍ରୟାସ ଏବଂ ନୂଆ ଔଷଧ ନିର୍ମାଣରେ ସଫଳତା ଯୋଗୁ ଗ୍ରାନ୍ୟୁଲ୍ସ ଇଣ୍ଡିଆ ଲାଭ ବଢ଼ିବାରେ ଲାଗିଛି।

–କ୍ରିଷ୍ଣ ପ୍ରସାଦ ଛିଗୁରୁପତି, ସିଏମ୍ଡି, ଗ୍ରାନ୍ୟୁଲ୍ସ ଇଣ୍ଡିଆ ଲିମିଟେଡ



## ସଂକ୍ଷେପରେ

### ୩ ଲକ୍ଷ କୋଟି ଟପିବ ମୁଦ୍ରା ଋଣ

ନୂଆଦିଲ୍ଲୀ,୯-୫: ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ଦିଆଯାଉଥିବା ଋଣ ପରିମାଣ ଚଳିତ ଆର୍ଥିକ ବର୍ଷରେ ୩ ଲକ୍ଷ କୋଟି ଟଙ୍କା ଟପିଯିବ ବୋଲି ଆଶାକରାଯାଉଛି। ଗୁରୁବାର ଅର୍ଥ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇଛି। ଗତ ଆର୍ଥିକ ବର୍ଷରେ ମାର୍ଚ୍ଚ ୨୨,୨୦୧୯ ସୁଦ୍ଧା ଉକ୍ତ ଯୋଜନାରେ ୫୪୧.୨୭ ଲକ୍ଷ ଋଣଗ୍ରହୀତାଙ୍କୁ ୨.୮୨ ଲକ୍ଷ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ସୂଚନାଥାଉ କି, ପ୍ରାରମ୍ଭିକ ସ୍ତରରୁ ବ୍ୟବସାୟ ଆରମ୍ଭ କରିବା କ୍ଷେତ୍ରରେ ମୁଦ୍ରା ଋଣ ଦିଆଯାଇଥାଏ। ଏହା ଔପଚାରିକ ବ୍ୟାଙ୍କିଙ୍ଗ କ୍ରେଡିଟ ଚ୍ୟାନେଲ ଅନ୍ତର୍ଗତରେ ମିଳେ। ସର୍ବାଧିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯାଏ। ଏହି ଋଣକୁ ୩ ଶ୍ରେଣୀରେ ବଣ୍ଟା ଯାଇଛି। ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣକୁ 'ଶିଶୁ', ୫୦୦୦୧ରୁ ୫ ଲକ୍ଷ ଟଙ୍କା ଋଣକୁ 'କିଶୋର' ଏବଂ ୫.୦୧ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣକୁ 'ତରୁଣ' ଭାବେ ଉଲ୍ଲେଖ କରାଯାଉଛି।

### ନୂଆ ପ୍ରିମିୟମରେ ଏସ୍ବିଆଇ ଲାଇଫର ଅଭିବୃଦ୍ଧି

ନୂଆଦିଲ୍ଲୀ,୯-୫:ନୂଆ ବୀମା ପ୍ରିମିୟମ ସଂଗ୍ରହରେ ଏସ୍ବିଆଇ ଲାଇଫ ଇନସ୍ୟୁରାନ୍ସ ୨୬% ଅଭିବୃଦ୍ଧି ହାସଲ କରିଛି। ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଏସ୍ବିଆଇ ଲାଇଫ ନୂଆ ପ୍ରିମିୟମ ବାବଦକୁ ୧୩,୭୯୨ କୋଟି ଟଙ୍କା ସଂଗ୍ରହ କରିଛି। ଏହାର ପୂର୍ବବର୍ତ୍ତୀ ବର୍ଷ ସମାନ ସମୟରେ ଏହା ୧୦,୯୬୬ କୋଟି ଟଙ୍କା ରହିଥିଲା। କମ୍ପାନୀର ପ୍ରୋଟେକ୍ସନ ନିୟୁ ବିଜନେସ ପ୍ରିମିୟମ ୧୬୪୩ କୋଟି ଟଙ୍କା ଥିବା ବେଳେ ଏଥିରେ ୧୭୪% ବୃଦ୍ଧି ଘଟିଛି। ଏହା ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ୬୦୦ କୋଟି ଟଙ୍କା ଥିଲା। ବ୍ୟକ୍ତିଗତ ନୂଆ ବିଜନେସ୍ ପ୍ରିମିୟମ ସଂଗ୍ରହ ୧୫% ବୃଦ୍ଧି ଘଟି ୯,୬୩୭ କୋଟି ଟଙ୍କା ରହିଛି। ସେହିଭଳି ଟିକସ ପରବର୍ତ୍ତୀ ଲାଭ ୧୩୨୭ କୋଟି ଟଙ୍କା ରହିଥିବା ଏସ୍ବିଆଇ ଲାଇଫ ପକ୍ଷରୁ ସୂଚନା ରହିଛି।

### ସ୍ପାଇସ୍ଜେଟ୍ ବିଜ୍ନେସ କ୍ଲାସ୍ ଯାତ୍ରା ୧୧ରୁ

ନୂଆଦିଲ୍ଲୀ,୯-୫: ଶସ୍ତାରେ ବିମାନ ଯାତ୍ରା ଯୋଗାଣକାରୀ ଏୟାରଲାଇନ୍ସ କମ୍ପାନୀ ସ୍ପାଇସ୍ଜେଟ୍ ଆସନ୍ତା ୧୧ରୁ ବିଜନେସ କ୍ଲାସ୍ରେ ଯାତ୍ରା ସୁବିଧା ଯୋଗାଇବ ବୋଲି ଗୁରୁବାର ଘୋଷଣା କରିଛି। କମ୍ପାନୀ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, କେତେକ ବଛା ବଛା ରୁଟ୍ ଯଥା- ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ, ହାଇଦ୍ରାବାଦ, ବେଙ୍ଗାଲୁରୁ, ବାରାଣସୀ, ବାଗଡୋଗ୍ରା ଏବଂ ଶ୍ରୀନଗରରୁ ଉଡୁଥିବା ବୋଇଂ ୭୩୭ ବିମାନରେ ବିଜ୍ନେସ କ୍ଲାସରେ ବିମାନ ଯାତ୍ରା ସୁବିଧା ଦିଆଯିବ। ନିକଟରେ ବନ୍ଦ ହୋଇଥିବା ଜେଟ୍ ଏୟାରୱେଜ୍ର କେତେକ ବୋଇଂ ୭୩୭ ବିମାନକୁ ସ୍ପାଇସ୍ଜେଟ୍ ଲିଜ୍ରେ ନେବା ପରେ ଉକ୍ତ ପଦକ୍ଷେପ ନେବାକୁ ଯାଉଛି।

### ସ୍ୱାଧୀନ ନିର୍ଦ୍ଦେଶକଙ୍କ ଇ-ପଞ୍ଜୀକରଣ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୯-୫: ଦେଶର ସମସ୍ତ ସ୍ୱାଧୀନ ନିର୍ଦ୍ଦେଶକଙ୍କ ପାଇଁ ଇ-ପଞ୍ଜୀକରଣ ବାଧ୍ୟତାମୂଳକ କରାଯିବ। ଏଥିପାଇଁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଏହାଛଡ଼ା ସେମାନଙ୍କୁ ଇଲେକ୍ଟ୍ରୋନିକ ମୋଡ୍ୟୁଲରେ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯିବ ଯାହା କି, ଇଚ୍ଛାଧୀନ ହେବ। ଡାଇରେକ୍ଟର୍ସ ଆଇଡେଣ୍ଟିଫିକେଶନ ନମ୍ବର ପାଇଁ ହେଉଥିବା ପଞ୍ଜୀକରଣ ବ୍ୟତୀତ ଉକ୍ତ ପଞ୍ଜୀକରଣ ସ୍ୱତନ୍ତ୍ର ହେବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଗୋଟିଏ କମ୍ପାନୀର ପ୍ରମୋଟର ଅଥବା ମାଲିକ ଅନ୍ୟ କମ୍ପାନୀ ବୋର୍ଡରେ ସ୍ୱାଧୀନ ନିର୍ଦ୍ଦେଶକ ଭାବେ ସାମିଲ ହେଲେ, ତାଙ୍କୁ ମଧ୍ୟ ଉକ୍ତ ଇ-ପଞ୍ଜୀକରଣ କରିବାକୁ ହେବ।

### ଶିଖା ଶର୍ମା ଟାଟା ଗ୍ଲୋବାଲ ବେଭରେଜ୍ ଅତିରିକ୍ତ ନିର୍ଦ୍ଦେଶକ

ନୂଆଦିଲ୍ଲୀ,୯-୫:ଆକ୍ସିସ ବ୍ୟାଙ୍କର ପୂର୍ବତନ ଏମ୍ଡି ତଥା ସିଇଓ ଶିଖା ଶର୍ମା ଟାଟା ଗ୍ଲୋବାଲ ବେଭରେଜର ଅତିରିକ୍ତ ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ସେହିଭଳି ପିଡିଲାଇଟ ଇଣ୍ଡଷ୍ଟ୍ରିଜର ଏମ୍ଡି ଭାରତ ପୁରୀଙ୍କୁ ସ୍ୱାଧୀନ ନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ କରାଯାଇଛି। ଏମାନେ ୫ ବର୍ଷ ଲାଗି ନିଯୁକ୍ତ ହୋଇଥିବା ବେଳେ ନିଯୁକ୍ତିକୁ କମ୍ପାନୀର ଅଂଶୀଦାରମାନେ ମଞ୍ଜୁରୀ ଦେଇଛନ୍ତି।

■ ମୋଦିଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ ସଦସ୍ୟଙ୍କ ଚେତାବନୀ

# ଅର୍ଥନୀତିରେ ମାଡ଼ିଆସୁଛି ମାନ୍ଦାବସ୍ଥା

ନୂଆଦିଲ୍ଲୀ,୯-୫

ସାଧାରଣ ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ସରକାରଙ୍କ ଆର୍ଥିକ ସଫଳତାର ଗୁଣଗାନ କରିବାରେ ଥକିପଡୁନାହାନ୍ତି। କିନ୍ତୁ ତାଙ୍କର ଆର୍ଥିକ ପରାମର୍ଶଦାତା ପରିଷଦର ଜଣେ ସଦସ୍ୟ ରଥୀନ ରାୟ ଭାରତର ଅର୍ଥନୀତି ଗଭୀର ସଙ୍କଟ ଆଡ଼କୁ ଗତି କରୁଛି ବୋଲି ଚେତାବନୀ ଶୁଣାଇଛନ୍ତି। ତାଙ୍କ ମତରେ ବିକାଶଶୀଳ ଦେଶ ଭାବେ ବ୍ରାଜିଲ ଏବଂ ଦକ୍ଷିଣ ଆଫ୍ରିକାର ଆର୍ଥିକ ବିକାଶ ଧିମା ହୋଇଯାଇଥିବା ବେଳେ ଭାରତ ମଧ୍ୟ ସେହି ରାସ୍ତାରେ ପାଦ୍ ଥାପିଛି। ଅର୍ଥନୀତିରେ ବାନ୍ଦାବସ୍ଥା ମାଡ଼ିଆସୁଛି ବୋଲି ସେ କହିଛନ୍ତି। ଦେଶର ଅର୍ଥବ୍ୟବସ୍ଥା ଧିମାହେବା ନେଇ ପ୍ରଶ୍ନ ଉଠୁଥିବା ବେଳେ ରାୟଙ୍କ ଏହି ବିବୃତି ବିଶେଷ ପ୍ରଣିଧାନଯୋଗ୍ୟ। ଏକ ନ୍ୟୁଜ୍ ଚ୍ୟାନେଲକୁ ସାକ୍ଷାତ୍କାର୍ ଦେଇ ରାୟ କହିଛନ୍ତି ଯେ, ଆମେ ଏକ ଢାଞ୍ଚାଗତ ମାନ୍ଦାବସ୍ଥା ଆଡ଼କୁ ଗତି କରୁଛୁ। ଏହା ଏକ ପ୍ରାରମ୍ଭିକ ଚେତାବନୀ କୁହାଯାଇପାରେ। ୧୯୯୧ ପରେ ଦେଶର ଅର୍ଥନୀତି ରପ୍ତାନି ଆଧାରିତ ଭାବେ ବିକାଶିତ ହେଉ ନାହିଁ। ବରଂ ଏହା ଶୀର୍ଷ ୧୦ କୋଟି ଜନସଂଖ୍ୟାର ଉପଭୋଗ ଯୋଗୁ ହେଉଛି। ସେ କହିଛନ୍ତି ଯେ, ଏହି ଉପଭୋକ୍ତା ଦେଶର ବିକାଶ ଇତିହାସ ରଚନା କରୁଛନ୍ତି। ତାଙ୍କ ମତରେ ଚାଇନାର ଆର୍ଥିକ ବିକାଶ ହ୍ରାସ ପାଉଥିବାରୁ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହୋଇପାରିଛି। ଏବେ ଆମ ଅର୍ଥନୀତି ୬.୧-୬.୬ ପ୍ରତିଶତ ହାରରେ ବଢ଼ୁଛି। ଆସନ୍ତା ୫ରୁ୬ ବର୍ଷ ଭିତରେ ଏହା ୫ରୁ୬ ପ୍ରତିଶତ ହେବ। ସମୟ ଆସିବ ତାହା ମଧ୍ୟ ବନ୍ଦ ହୋଇଯିବ। ସେ ଏ ସମ୍ପର୍କରେ ସରକାରଙ୍କୁ ଜଣାଇଛନ୍ତି କି ବୋଲି ପ୍ରଶ୍ନ ହେବାରୁ ରାୟ କହିଛନ୍ତି ଯେ, ସର୍ବସାଧାରଣରେ ସେ ଲେଖିସାରିଛନ୍ତି। ତାଙ୍କର କହିବାନୁଯାୟୀ, ମାନ୍ଦାବସ୍ଥା ଆମ ଆଡ଼କୁ ମାଡି ଆସୁଛି। ଏହାର ଅର୍ଥ ସଂକ୍ଷେପରେ କହିବାକୁ ଗଲେ ଆମେ ଦକ୍ଷିଣ କୋରିଆ, ଚାଇନା ଭଳି ହେବା ନାହିଁ। ବରଂ ବ୍ରାଜିଲ ଏବଂ ଦକ୍ଷିଣ ଆଫ୍ରିକା ଭଳି ହେବା। ସେ କହିଛନ୍ତି ଯେ, ବିଶ୍ୱର ଇତିହାସରେ ଦେଶଗୁଡ଼ିକ ମଧ୍ୟବିତ୍ତ ଆୟ ଜାଲରୁ ରକ୍ଷା ପାଇବାକୁ ଚାହୁଁଛି। କିନ୍ତୁ ଯିଏ ଥରେ ଏଥିରେ ଫସିଛି, ସେ ଆଉ ବାହାରି ପାରିନାହିଁ। ସୂଚନାଯୋଗ୍ୟ ଯେ, କେଜେଏମ୍ ଫାଇନାନ୍ସିଆଲ ରିପୋର୍ଟ 'ରୁରାଲ୍ ସଫାରୀ ଷ୍ଟିଲ୍ ଅନ୍ ବମ୍ପି ରୋଡ୍'ରେ କୁହାଯାଇଛି ଯେ, ସାଧାରଣ ନିର୍ବାଚନ ପରେ ଦୁଇଚକିଆ ଓ ଚାରିଚକିଆ ଯାନ ଭଳି ବିବେକାଧୀନ ଉପଭୋଗରେ ସାମାନ୍ୟ ବୃଦ୍ଧି ଦେଖାଯିବ। କିନ୍ତୁ ବଜାର ସମର୍ଥିତ ସ୍ଥାୟୀ ଅଭିବୃଦ୍ଧି ଧୀରେ ଧୀରେ ହେବ, ଯାହା କି, ପୂର୍ବାନୁମାନରୁ ଅଧିକ ମାନ୍ଦା ହେବ। ନୂଆ ସରକାରଙ୍କୁ ଦେଶର ଖରାପ ଗ୍ରାମୀଣ ଅର୍ଥନୀତି ଉତ୍ତରାଧିକାର ସୂତ୍ରରେ ମିଳିବାକୁ ଯାଉଛି। କାରଣ ଦେଶର କୃଷି ଆଧାରିତ ଅର୍ଥନୀତିର ଅନେକ ଅଂଶ ଅନୌପଚାରିକ କ୍ଷେତ୍ର ଅନ୍ତର୍ଗତରେ ଆସୁଛି। ଯାହାକୁ ଗତ କିଛି ମାସ ଧରି ଅନେକ ବାଧାର ସମ୍ମୁଖୀନ ହେବାକୁ ପଡୁଛି ଏବଂ ସେମାନଙ୍କୁ ଏଥିରୁ ବାହାରି ଆସିବାକୁ ଏବେ ଆହୁରି ସମୟ ଲାଗିବ। ଜେଏମ ଫାଇନାନ୍ସିଆଲ ପକ୍ଷରୁ କୁହାଯାଇଛି ଯେ, କମ୍ପାନୀ ଅଟୋ ସେକ୍ଟର ଲାଗି ନିଜର ଅନୁମାନ ହ୍ରାସ କରିଛି ଏବଂ ଖାଦ୍ୟପଦାର୍ଥ ଆୟ କମିବାରେ ଲାଗିଛି। କମ୍ପାନୀ ମତରେ ଆର୍ଥିକ ବର୍ଷ ୨୦୨୦ରେ କେବଳ ଗ୍ରାମୀଣ କ୍ଷେତ୍ରର ପ୍ରଦର୍ଶନ ମାନ୍ଦା ରହିବ। ଗ୍ରାମୀଣ କ୍ଷେତ୍ରର ବିକାଶ ହାର ବର୍ତ୍ତମାନ ୧୩ ମଧ୍ୟରୁ ୧୦ ରାଜ୍ୟରେ ଗତବର୍ଷ ସେପ୍ଟେମ୍ବର ମୁକାବିଲାରେ ଧିମା ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ବିକ୍ରି କମିବା ଏବଂ ଅଣକୃଷି ଆୟ ହ୍ରାସ ପାଇବା ଏହାର କାରଣ ବୋଲି ଦର୍ଶାଯାଇଛି। ଫସଲ ମୂଲ୍ୟ କ୍ରମାଗତ ହ୍ରାସ ପାଇବା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଅର୍ଥ ମନ୍ତ୍ରଣାଳୟର ମାର୍ଚ୍ଚ, ୨୦୧୯ର ମାସିକ ଆର୍ଥିକ ରିପୋର୍ଟରେ ମଧ୍ୟ ଏଭଳି ସଙ୍କେତ ଦିଆଯାଇଛି। ଭାରତର ଅର୍ଥନୀତି ୨୦୧୮-୧୯ରେ ସାମାନ୍ୟ ଧିମା ହୋଇଥିବା ଏଥିରେ ସ୍ୱୀକାର କରାଯାଇଛି। ବ୍ୟକ୍ତିଗତ ଖର୍ଚ୍ଚ ହ୍ରାସ ପାଇବା, ନିଶ୍ଚିତ ନିବେଶ ସାମାନ୍ୟ ବୃଦ୍ଧି ଏବଂ ରପ୍ତାନି ମୌନ ହେବା ମାନ୍ଦାବସ୍ଥା ଲାଗି ଦାୟୀ ବୋଲି କୁହାଯାଇଛି। ରଥୀନ ରାୟ ଚେତାବନୀ ଶୁଣାଇ କହିଛନ୍ତି ଯେ, ଦେଶର ଅର୍ଥନୀତି ଲାଗି ବିପଦ ଅଧିକ ଗଭୀର। ଯାହାର ସଙ୍କେତ ମିଳିସାରିଲାଣି।



■ ସଙ୍କଟ ଆଡ଼କୁ ଗତିକରୁଛି ଅର୍ଥନୀତି
■ ବ୍ରାଜିଲ, ଦକ୍ଷିଣ ଆଫ୍ରିକା ରାସ୍ତାରେ ଚାଲିଛି ଭାରତ
■ ୧୯୯୧ ପରେ ରପ୍ତାନି ଆଧାରିତ ନୁହେଁ ଅର୍ଥନୀତି
■ ମାତ୍ର ୧୦ କୋଟି ଉପଭୋକ୍ତା ବଢ଼ାଉଛନ୍ତି ଅର୍ଥନୀତି

## ସୁଧ ହାର ହ୍ରାସ କରିପାରେ ଆର୍ବିଆଇ

ମୁମ୍ବାଇ,୯-୫

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍ବିଆଇ) ଜୁନରେ ପୁଣି ଥରେ ସୁଧ ହାର ହ୍ରାସ କରିପାରେ। ମୁଦ୍ରାସ୍ଫୀତିର ପ୍ରଭାବ ସାମାନ୍ୟ ରହିଥିବା ବେଳେ ବିତ୍ତୀୟ ନିଅଣ୍ଟ ଜନିତ ଚାପ ହ୍ରାସ କମିଥିବାରୁ ଆର୍ବିଆଇ ଏଭଳି ନିଷ୍ପତ୍ତି ନେଇପାରେ ବୋଲି ଆଇଏଚ୍ଏସ୍ ମାର୍କିଟ ବୁଧବାର ସୂଚନା ଦେଇଛି। ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ଆର୍ବିଆଇ ଫେବୃୟାରୀ ଏବଂ ଏପ୍ରିଲରେ ୨୫ ବେସିସ ପଏଣ୍ଟ ସୁଧ ହାର ହ୍ରାସ କରିଥିଲା। ଜୁନ ପରେ ମୁଦ୍ରାସ୍ଫୀତି ଚାପ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ଦେଖିଲେ ଚଳିତ ବର୍ଷ ଆଉ ସୁଧହାର ହ୍ରାସ ହେବାର ସମ୍ଭାବନା ନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ନିର୍ବାଚନ ପରେ ବିତ୍ତୀୟ ଆବଣ୍ଟନ, ମୁଦ୍ରାନୀତିରେ ଋଣ ପ୍ରଦାନକୁ ନିୟମରେ କୋହଳ କରାଯାଉଥିବାରୁ ୨୦୧୯-୨୦ର ପ୍ରଥମାର୍ଦ୍ଧରେ ଏହା ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ୨୦୧୯ର ଦ୍ୱିତୀୟାର୍ଦ୍ଧରେ ମୁଦ୍ରାସ୍ଫୀତି ୫% ହାର ଟପିବା ନେଇ ଅନୁମାନ କରାଯାଉଛି। ଏହା ୨୦୧୯ରେ ହାରାହାରି ୪.୨% ଥିବା ବେଳେ ୨୦୨୦ରେ ୫.୩% ରହିବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

## ଅନୁଗୋଳରେ ସୋନିର ନୂଆ ଶୋ'ରୁମ

ଭୁବନେଶ୍ୱର,୯-୫





ଅନୁଗୋଳ ସ୍ଥିତ ଶେଖର ସିନେମା ରୋଡଠାରେ ସୋନି ପକ୍ଷରୁ ନୂଆ ଶୋ'ରୁମ ଶୁଭାରମ୍ଭ ହୋଇଛି। ଏଠାରେ ଗ୍ରାହକମାନେ ସୋନିର ସମ୍ପୂର୍ଣ୍ଣ ପ୍ରଡକ୍ଟ ରେଞ୍ଜ୍ ପାଇ ପାରିବେ। ଏହା ମଧ୍ୟରେ ଟିଭି, ପାର୍ଟି ସ୍ପିକର, ଅଡିଓ, ଡିଆଇ, ପ୍ଲେଷ୍ଟେଶନ ସହ ଅନ୍ୟ ପ୍ରଡକ୍ଟ ସାମିଲ ରହିଛି। ଗ୍ରାହକମାନେ ଏଠାରେ ପ୍ରଡକ୍ଟଗୁଡିକର ଲାଇଭ୍ ଡେମୋ ସହ ୟୁସେଜ ମଧ୍ୟ ଦେଖିପାରିବେ। ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ ଗ୍ରାହକଙ୍କ ଲାଗି ବିଶେଷ ସ୍କିମ ପ୍ରଦାନ କରାଯାଉଛି। ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ସୁବିଧା ରହିଛି। ଏହି ଅବସରରେ ସୋନି ପକ୍ଷରୁ ସୁଧୀର ପଣ୍ଡା ଏବଂ ମାର୍କେଟିଂ ମୁଖ୍ୟ ବିଶ୍ୱ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

## ୫୦ କୋଟିରେ ପହଞ୍ଚିବ ଅନ୍ଲାଇନ ଭିଡ଼ିଓ ଦେଖଣାହାରି ସଂଖ୍ୟା

ନୂଆଦିଲ୍ଲୀ,୯-୫

ଅନ୍ଲାଇନ ଭିଡ଼ିଓ ଆଜି ଭାରତୀୟ ଉପଭୋକ୍ତାଙ୍କ ଲାଗି ସୂଚନା ଏକତ୍ରିତ କରିବା ତଥା କିଣାକିଣି ସମ୍ପର୍କରେ ନିଷ୍ପତ୍ତି ନେବାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇଛି। ଗୁଗଲର ଏକ ରିପୋର୍ଟରେ କୁହାଯାଇଛି ଯେ, ୨୦୨୦ ସୁଦ୍ଧା ଅନ୍ଲାଇନ ଭିଡ଼ିଓ ଦେଖଣାହାରିଙ୍କ ସଂଖ୍ୟା ୫୦ କୋଟିରେ ପହଞ୍ଚିବ। ଏଥିରେ କୁହାଯାଇଛି ଯେ, ଅନ୍ଲାଇନ ଭିଡ଼ିଓ ଲାଗି ଏକତୃତୀୟାଂଶ ସର୍ଚ୍ଚ ମନୋରଞ୍ଜନ ସହ ଜଡ଼ିତ। ଏହାବ୍ୟତୀତ



ଗତ ୨ ବର୍ଷ ଭିତରେ ଅନ୍ୟ ଶ୍ରେଣୀ ଯଥା- ଜୀବନଶୈଳୀ, ଶିକ୍ଷା ଏବଂ ବ୍ୟବସାୟରେ ମଧ୍ୟ ସର୍ଚ୍ଚ ଦେଢ଼ଗୁଣରୁ ୩ ଗୁଣ ବଢ଼ିଯାଇଛି। ଅନ୍ଲାଇନ ଭିଡ଼ିଓ ଆଜି ଉପଭୋକ୍ତାଙ୍କୁ କାର୍ କିଣିବା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ସହାୟକ ହେଉଛି। ପ୍ରାୟ ୮୦ ପ୍ରତିଶତ କାର୍ କ୍ରେତା ଏହା ବ୍ୟବହାର କରିଥାନ୍ତି। ରିପୋର୍ଟରେ କୁହାଯାଇଛି ଯେ, ଗୁଗଲ ପ୍ଲାଟଫର୍ମରେ ଭଏସ ସର୍ଚ୍ଚ ବାର୍ଷିକ ଆଧାରରେ ୨୭୦ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଛି। ଏହାଛଡ଼ା ଭାରତରେ ୧୦ ନୂଆ ଇଣ୍ଟରନେଟ୍ ଉପଭୋକ୍ତାଙ୍କ ମଧ୍ୟରୁ ୯ ଭାରତୀୟ ଭାଷା ପ୍ରୟୋଗ କରିଥାନ୍ତି ବୋଲି ରିପୋର୍ଟରେ କୁହାଯାଇଛି।

## ହ୍ୟୁଣ୍ଡାଇର ରିଲିଫ୍ ଟାସ୍କଫୋର୍ସ

ଭୁବନେଶ୍ୱର,୯-୫

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ସାମୁଦ୍ରିକ ବାତ୍ୟା ଫନୀ ଯୋଗୁ ପ୍ରଭାବିତ ହୋଇଥିବା ଗ୍ରାହକଙ୍କ ଲାଗି ସହାୟତାର ହାତ ବଢାଇଛି। ଏଥି ଲାଗି କମ୍ପାନୀ ରିଲିଫ୍ ଟାସ୍କଫୋର୍ସ ଗଠନ କରିଛି। ପ୍ରଭାବିତ ଗ୍ରାହକଙ୍କୁ ସର୍ଭିସ ପ୍ରଦାନ ଲାଗି କମ୍ପାନୀ ପକ୍ଷରୁ ଏମର୍ଜେନ୍ସି ରୋଡ ସର୍ଭିସ ଟିମ କାର୍ଯ୍ୟ କରୁଛି। ଏହି କାର୍ଯ୍ୟଲାଗି ୨୬ ଫ୍ଲାଟବ୍ଲେଡ ଟ୍ରକ ୨୧ ସ୍ୱତନ୍ତ୍ର ଟ୍ରକ କାର୍ଯ୍ୟରତ ରହିଛି। ପ୍ରଭାବିତ ଯାନଗୁଡ଼ିକୁ ଠିକ୍ କରିବା ଲାଗି ୪୦ ଟେକ୍ନିସିଆନ ନିୟୋଜିତ ଅଛନ୍ତି। ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ୧୫ ଏମର୍ଜେନ୍ସି ରୋଡ ଆସିଷ୍ଟାନ୍ସ ଟିମ ସଜାଗ ରହିଛି। ଏହି ସମୟରେ ପାର୍ଟସ ଏବଂ ଲୁବ୍ରିକାଣ୍ଟ କ୍ଷେତ୍ରରେ ସ୍ୱତନ୍ତ୍ର ରିହାତି ପ୍ରଦାନ କରାଯାଉଛି। ଏହାବାଦ ବୀମା କ୍ଲେମ କ୍ଷେତ୍ରରେ ସୁବିଧା ଦିଆଯାଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

## ଜେଟ୍ ଅଫିସ ବିକିବ ଏଚ୍ଡିଏଫ୍ସି




ନୂଆଦିଲ୍ଲୀ,୯-୫

ଘର, ଦୋକାନ ଓ ଜମି ପାଇଁ ଋଣ ଦେଉଥିବା ଏଚ୍ଡିଏଫ୍ସି ବକେୟା ଅସୁଲ ଲାଗି ସଙ୍କଟଗ୍ରସ୍ତ ଜେଟ୍ ଏୟାରୱେଜ୍ର ଅଫିସ୍କୁ ବିକ୍ରି କରିଦେବ ବୋଲି ଜଣାପଡିଛି। ଏଥିପାଇଁ ସଂରକ୍ଷିତ ମୂଲ୍ୟ ୨୪୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ଗତ ଏପ୍ରିଲ ୧୭ରୁ ଜେଟ୍ ଏୟାରୱେଜ୍ ସାମୟିକ ଭାବେ ବନ୍ଦ ହୋଇଯାଇଥିବା ବେଳେ ଏହାଠାରୁ ଏଚ୍ଡିଏଫ୍ସି ୪୧୪.୮୦ କୋଟି ଟଙ୍କା ବକେୟା ଋଣ ପାଇବାକୁ ବାକି ରହିଛି। ବକେୟା ଫେରସ୍ତ ଲାଗି ଜେଟ୍ ଏୟାରୱେଜ ବିଫଳ ହେବାରୁ ଏହା ବନ୍ଧା ପଡିଥିବା କମ୍ପାନୀର ସ୍ଥାବର ସମ୍ପତ୍ତି ବିକ୍ରି କରିପାରିବ ବୋଲି ଏଚ୍ଡିଏଫ୍ସି ଏକ ସାର୍ବଜନୀନ ନୋଟିସ ଦେଇଛି। ସୂଚନାଥାଉ କି, ଜେଟ୍ ଏୟାରୱେଜର ମୁମ୍ବାଇସ୍ଥିତ ଅଫିସ୍ କେନ୍ଦ୍ରୀୟ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ୫୨,୭୭୫ ବର୍ଗଫୁଟ୍ରେ ନିର୍ମିତ ହୋଇଛି। ନୋଟିସ ମୁତାବକ ଆସନ୍ତା ୧୫ରେ ଅଫିସ୍ର ଇ-ନିଲାମୀ କରାଯିବ। ଉଲ୍ଲେଖ କରାଯାଇପାରେ ଯେ, ଜେଟ୍ ବର୍ତ୍ତମାନ ପ୍ରବଳ ଆର୍ଥିକ ସଙ୍କଟ ଦେଇ ଗତିକରୁଛି। ଏହାକୁ ବିକ୍ରି କରିବା ଲାଗି ପ୍ରୟାସ ଜାରି ରହିଛି। ଏହା ସମ୍ଭବ ନ ହେଲେ ଏହାକୁ ଏନ୍ସିଏଲ୍ଟି ଅଦାଲତ ମାଧ୍ୟମରେ ସମାଧାନ ଯୋଜନାରେ ସାମିଲ କରାଯିବ।

### ଏଫ୍ଡିଆଇ ନିୟମ ଉଲ୍ଲଂଘନ ମାମଲାରେ ଇଡି ଯାଞ୍ଚ

ଜେଟ୍ ଏୟାରୱେଜର ମୁଣ୍ଡବିନ୍ଧା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଏୟାରଲାଇନ୍ସ କମ୍ପାନୀ ଏତିହାଦ ୨୦୧୪ରେ ଜେଟ୍ ଏୟାରୱେଜ୍ରେ ୯୦୦ କୋଟି ଟଙ୍କାର ନିବେଶକୁ ନେଇ ଏବେ ବିବାଦ ଉଠିଛି। ଦୁଇ ବିମାନ କମ୍ପାନୀ ମଧ୍ୟରେ ପୂର୍ବରୁ ଏ ନେଇ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏଥିରେ ବିଦେଶୀ ବିନିମୟ ସହ ଜଡ଼ିତ ନିୟମ ଉଲ୍ଲଂଘନ ହୋଇଛି କି ନା ଜାଣିବା ଲାଗି ଏବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଯାଞ୍ଚ ଆରମ୍ଭ କରିଛି। ସୂଚନାରୁ ଜଣାପଡିଛି ଯେ, ବେଆଇନ ଭାବେ କେନ୍ଦ୍ର ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ବିଆଇ)ର ବିନାନୁମତିରେ ଏହି ନିବେଶ ହୋଇଥିଲା। ଏହି ମାମଲାରେ ଜେଟ୍ ଏୟାରୱେଜ୍ର ମୁଖ୍ୟ ଆର୍ଥିକ ଅଧିକାରୀଙ୍କ ସମେତ ଅନ୍ୟ କେତେକ ବରିଷ୍ଠ ଅଧିକାରୀଙ୍କୁ ଇଡି ଜେରା କରିସାରିଛି। ଅନ୍ୟପକ୍ଷରେ ଏତିହାଦ ଏୟାରୱେଜ୍ ଏହି ମାମଲାରେ ନିଜର ଦୋଷକୁ ଅସ୍ୱୀକାର କରିଛି। ଜେଟ୍ରେ ନିବେଶ କରିବା ବେଳେ କମ୍ପାନୀ ସମସ୍ତ ନିୟମ ପାଳନ କରିଛି ବୋଲି ଏହାର ମୁଖପାତ୍ର କହିଛନ୍ତି।

## ବାତ୍ୟା ପ୍ରଭାବିତଙ୍କୁ ସିଣ୍ଡିକେଟ ବ୍ୟାଙ୍କର ସହାୟତା

ଭୁବନେଶ୍ୱର,୯-୫

ବାତ୍ୟା ପ୍ରଭାବିତଙ୍କ ଲାଗି ସିଣ୍ଡିକେଟ ବ୍ୟାଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଭାବିତ ଅଞ୍ଚଳଗୁଡିକରେ ଥିବା ବ୍ୟାଙ୍କର ଶାଖା ଗୁଡିକରେ ରନ୍ଧା ଖାଦ୍ୟ ଏବଂ ପାନୀୟ ଜଳ ଯୋଗାଣ ନେଇ ବ୍ୟାଙ୍କ ପକ୍ଷରୁ ଶାଖାଗୁଡିକୁ କୁହାଯାଇଛି। କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ଯୋଗାଇବା ଲାଗି ବ୍ୟାଙ୍କର କର୍ମଚାରୀଙ୍କୁ ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ମୃତ୍ୟୁଞ୍ଜୟ ମହାପାତ୍ର ଅନୁରୋଧ କରିଛନ୍ତି। ଏଭଳି ସ୍ଥିତିରେ ବିଭିନ୍ନ ସହାୟତା ଯୋଗାଣ ନେଇ ବ୍ୟାଙ୍କ ପଦକ୍ଷେପ ନେଉଥିବା ଆଞ୍ଚଳିକ ପ୍ରବନ୍ଧକ ମୁରଲୀଧର ବେହେରା କହିଛନ୍ତି।



ଇଣ୍ଡିଆନ ଅଏଲ ଓଡ଼ିଶା ରାଜ୍ୟ ଅଫିସର ଚିଫ୍ ଜେନେରାଲ ମ୍ୟାନେଜର ଶୁଭଜିତ ଘୋଷ (ବାମ) ପୁରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ଗୁରୁବାର ଭେଟି ୫ କୋଟି ଟଙ୍କାର ଚେକ୍ ହସ୍ତାନ୍ତର କରୁଛନ୍ତି। ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଶ୍ରୀମନ୍ଦିରର ଉନ୍ନତୀକରଣ ଲାଗି ଇଣ୍ଡିଆନ ଅଏଲ ଏହି ଅର୍ଥରାଶି ପ୍ରଦାନ ନେଇ ଘୋଷଣା କରିଥିଲା।

# ଜୁଲାଇରେ ଆସିବ ପୂର୍ଣ୍ଣକାଳୀନ ବଜେଟ୍

ନୂଆଦିଲ୍ଲୀ,୯-୫

### ଅର୍ଥ ମନ୍ତ୍ରଣାଳୟର ପ୍ରସ୍ତୁତି ଆରମ୍ଭ




କେନ୍ଦ୍ରରେ ନୂଆ ସରକାର ଗଠନ ଲାଗି ଦେଶରେ ଏବେ ମଧ୍ୟ ସାଧାରଣ ନିର୍ବାଚନ ଜାରି ରହିଛି। ତେବେ ଆସନ୍ତା ଜୁଲାଇରେ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ସଂସଦରେ ପୂର୍ଣ୍ଣକାଳୀନ ବଜେଟ୍ ଉପସ୍ଥାପନ କରାଯିବ। ଏଥିଲାଗି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ମନ୍ତ୍ରଣାଳୟ ପକ୍ଷରୁ ଉଦ୍ୟୋଗ ଜଗତର ବିଭିନ୍ନ ସଂଗଠନ, କର୍ପୋରେଟ ହାଉସ ନିକଟକୁ ପତ୍ର ଲେଖାଯାଇ ସେମାନଙ୍କଠାରୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ ବାବଦରେ ପରାମର୍ଶ ଲୋଡାଯାଇଛି। ଜିଏସ୍ଟି ଲାଗୁ ହେବା ପରେ ଅଧିକାଂଶ ପରୋକ୍ଷ ଟିକସ ବ୍ୟବସ୍ଥା ବଜେଟ୍ରୁ ବାଦ୍ ପଡିଥିବାରୁ ପୂର୍ଣ୍ଣକାଳୀନ ବଜେଟ୍ରେ ସୀମା ଶୁଳ୍କ ଏବଂ ପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାରେ ସଂଶୋଧନ ହେବ ବୋଲି ଉଦ୍ୟୋଗ ଜଗତ ଆଶାବାନ୍ଧିଛି। ଶିଳ୍ପ ଜଗତର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ମୋଦି ସରକାର ବ୍ୟତିରେକ ଅନ୍ୟ ନୂଆ ସରକାର କେନ୍ଦ୍ରରେ କ୍ଷମତାକୁ ଆସିଲେ ବର୍ତ୍ତମାନର ବଜେଟ୍ରେ ବିଶେଷ ପରିବର୍ତ୍ତନ କରିବେ ନାହିଁ। କାରଣ ତାଙ୍କ ନିକଟରେ ଏଥିଲାଗି ପର୍ଯ୍ୟାପ୍ତ ସମୟ ମିଳିବ ନାହିଁ। ସେମାନେ ଆସନ୍ତା ଆର୍ଥିକ ବର୍ଷ ୨୦୨୦-୨୧ ବଜେଟ୍ରେ ପରିବର୍ତ୍ତନ ଆଣିପାରିବେ। ଆସନ୍ତା ୧୦ ତାରିଖ ସୁଦ୍ଧା ନିଜର ମତାମତ ଦେବାକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଶିଳ୍ପ ଜଗତ ପ୍ରତିନିଧିଙ୍କୁ କୁହାଯାଇଛି। ଇତିମଧ୍ୟରେ ଫିକି, ସିଆଇଆଇ ଏବଂ ଆସୋଚାମ୍ ନିଜ ନିଜର ମତାମତ ଦେବା ନେଇ ଆଲୋଚନା ଆରମ୍ଭ କରିଦେଇଛନ୍ତି।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ : (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବସାଇଟ୍ - www.oshb.org
ପତ୍ର ସଂଖ୍ୟା 4022 ତା 25.04.2019
ବିଜ୍ଞାପନ
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଦ୍ୱିତୀୟ ପର୍ଯ୍ୟାୟ, ରାୟଗଡ଼ା ହାଉସିଂ ପ୍ରକଳ୍ପରେ ଘର ନଂ-ଏମ.ଆଇ.ଜି.-୧-୪୨ (MIG-I-42)କୁ ଶ୍ରୀମତୀ ଦମୟନ୍ତୀ ସାହୁ, ସ୍ୱା-ଅଜିତ କୁମାର ସାହୁ, ଗ୍ରା/ପୋ-ମୁନିଗୁଡା, ଜି-ରାୟଗଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଶ୍ରୀମତୀ ଦମୟନ୍ତୀ ସାହୁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ପରମେଶ୍ୱର ପ୍ରସାଦ ସାହୁ, ପି-ପଦ୍ମଚରଣ ସାହୁ, ଗାୟତ୍ରୀ ନଗର, ତୃତୀୟ ଲେନ୍, ରାୟଗଡ଼ା, ପୋ/ଥା/ଜି-ରାୟଗଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।
ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ଧରିତ୍ରୀ
DHARITRI
ଶୁକ୍ରବାର, ୧୦ ମେ,୨୦୧୯





ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଯୁବ ଖେଳାଳିମାନଙ୍କ ମଧ୍ୟରେ ସାଥୀ ରିଷଭ ପନ୍ତ ଶ୍ରେଷ୍ଠ ଫିନିଶର ।

–ପୃଥ୍ୱୀ ଶ', ଦିଲ୍ଲୀ କ୍ୟାପିଟାଲ୍ସ ଓପନର



କ୍ୟାଚ୍ ଧରିବା ଓ ବୋଲିଂରେ ଦୁର୍ବଳ ଯୋଗୁ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ଏଲିମିନେଟରରେ ଆମ ଦଳ ହାରିଲା ।

–କେନ୍ ୱିଲିୟମସନ, ସନରାଇଜର୍ସ ହାଇଦ୍ରାବାଦ ଅଧିନାୟକ

## ସଂକ୍ଷେପରେ

### ରନ୍ ଆଉଟ୍‌ରୁ ବର୍ତ୍ତିବା ଲାଗି ଷ୍ଟମ୍ପ ଆଗକୁ ଆସିଲେ ମିଶ୍ରା

ବିଶାଖାପାଟଣା, ୯।୫- ଏଠାରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ବୁଧବାର ଖେଳାଯାଇଥିବା ଏଲିମନେଟର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ଅମିତ ମିଶ୍ରା ବିବାଦୀୟ ଶୈଳୀରେ ଆଉଟ୍ ହୋଇଛନ୍ତି। ମ୍ୟାଚ୍‌ର ଅନ୍ତିମ ଓଭରରେ ବୋଲରଙ୍କ ହାତକୁ ବଲ ଦେଇ ସେ ଏକ ରନ୍ ଚୋରାଇବାକୁ ଉଦ୍ୟମ କରିଥିଲେ। ହେଲେ ବୋଲର ଖଲିଲ ଅହମ୍ମଦ ବଲ ଉଠାଇ ଥ୍ରୋ କରୁଥିବାବେଳେ ମିଶ୍ରା ଷ୍ଟମ୍ପ ଆଗକୁ ଚାଲି ଆସିଥିଲେ। ଏଥିଯୋଗୁ ବଲ ଷ୍ଟମ୍ପରେ ବାଜି ନ ଥିଲା। କିନ୍ତୁ ହାଇଦ୍ରାବାଦ ଦଳର ଖେଳାଳିମାନେ ଅପିଲ କରିବା ପରେ ୩ୟ ଅମ୍ପାୟରଙ୍କୁ ମିଶ୍ରାଙ୍କୁ ଫିଲ୍ଡରେ ବାଧା ଦେବା ନେଇ ଆଉଟ୍ ଘୋଷଣା କରିଥିଲେ। ତେବେ ଏଭଳି ଆଉଟ୍ ଆଇପିଏଲରେ ପ୍ରଥମ ଥର ଦେଖିବାକୁ ମିଳିନାହିଁ। ଏଥିପୂର୍ବରୁ ୨୦୧୩ ସଂସ୍କରଣରେ କେକେଆର ପାଇଁ ଖେଳୁଥିବାବେଳେ ୟୁସୁଫ ପଠାନ ପୁଣେ ୱାରିୟର୍ସ ବିପକ୍ଷ ମ୍ୟାଚ୍‌ରେ ସମାନ ଶୈଳୀରେ ଆଉଟ୍ ହୋଇଥିଲେ।

### ସୌରାଷ୍ଟ୍ର ପ୍ରିମିୟର ଲିଗ୍ ଜଲାୱାଦ ରୟାଲ୍ସ ପକ୍ଷରୁ ଖେଳିବେ ପୂଜାରା

ରାଜକୋଟ, ୯।୫(ପି.ଟି.)- ଭାରତର ଆଗଧାଡ଼ିର ଟେଷ୍ଟ ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା ସୌରାଷ୍ଟ୍ର ପ୍ରିମିୟର ଲିଗ୍ (ଏସ୍‌ପିଏଲ୍)ର ପ୍ରଥମ ସଂସ୍କରଣରେ ଜଲାୱାଦ ରୟାଲ୍ସ ପକ୍ଷରୁ ଖେଳିବେ ବୋଲି ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ତରଫରୁ ଗୁରୁବାର କୁହାଯାଇଛି। 'ମେ ୪ରେ ଖେଳାଳି ନିଲାମୀ ଅନୁଷ୍ଠିତ ହୋଇଯାଇଥିବାବେଳେ ପୂଜାରାଙ୍କ ଲାଗି ଏସ୍‌ପିଏଲ୍ ଗଭର୍ନିଂ କାଉନସିଲ ବଡି ଡ୍ର' ସିଷ୍ଟମ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ଡ୍ର' ସିଷ୍ଟମରେ ସମସ୍ତ ୫ ଫ୍ରାଞ୍ଚାଇଜ୍ ଅଧିକାରୀ, ପ୍ରାକ୍ତନ ବିସିସିଆଇ ସମ୍ପାଦକ ତଥା ଏସ୍‌ପିଏଲ୍ ଗଭର୍ନିଂ କାଉନସିଲ ସଦସ୍ୟ ନିରଞ୍ଜନ ଶାହ ଓ ଚେତେଶ୍ୱର ପୂଜାରା ନିଜେ ଉପସ୍ଥିତ ରହିଥିଲେ' ବୋଲି ଏସ୍‌ସିଏ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ତେବେ ଯେହେତୁ ନିଲାମୀ ପ୍ରକ୍ରିୟାରେ ଜୟଦେବ ଉନାଡକଟଙ୍କୁ ନେବାରେ କୁଚ୍‌କ ୱାରିୟର୍ସ ଦଳ ସଫଳ ହୋଇଥିଲା। ତେଣୁ ଖେଳ ମନୋଭାବ ଦେଖାଇ ୱାରିୟର୍ସ ଡ୍ର' ପ୍ରକ୍ରିୟାରୁ ନିଜଆଡୁ ଓହରି ଯାଇଥିଲା। ଏହାପରେ ଡ୍ର ସିଷ୍ଟମରେ ଅନ୍ୟ ୪ଟି ଫ୍ରାଞ୍ଚାଇଜ ଗୋହିଲୱାଡ ଗ୍ଲାଡିଏଟର, ସୋରାଥ ଲାୟନ୍ସ, ହାଲର ହିରୋଜ ଓ ଜଲାୱାଦ ରୟାଲ୍ସର ନାମକୁ ୪ଟି କାଗଜରେ ଲେଖାଯାଇ ପୂଜାରାଙ୍କ ସାମ୍ନାରେ ରଖାଯାଇଥିଲା। ପୂଜାରା ଏଥିରୁ ଗୋଟିଏ କାଗଜ ଉଠାଇଥିବାବେଳେ ଖୋଲାଯିବାରୁ ଏହା ଜଲାୱାଦ ରୟାଲ୍ସ ରହିଥିଲା। ଫଳରେ ପୂଜାରା ରୟାଲ୍ସ ପକ୍ଷରୁ ଖେଳିବା ସ୍ପଷ୍ଟ ହୋଇଥିଲା ବୋଲି ଏସ୍‌ସିଏ ରିଲିଜ୍‌ରୁ ସ୍ପଷ୍ଟ ହୋଇଛି।

# ସନ୍‌ରାଇଜର୍ସ ଏଲିମିନେଟ୍

## ଚେନ୍ନାଇ- ଦିଲ୍ଲୀ କ୍ୱାଲିଫାୟର ୨

ବିଶାଖାପାଟଣା, ୯।୫(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଦ୍ୱାଦଶ ସଂସ୍କରଣର କ୍ୱାଲିଫାୟର-୨ରେ ଚେନ୍ନାଇ ସୁପରକିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିବେ। ବୁଧବାର ଅନୁଷ୍ଠିତ ରୋମାଞ୍ଚକ ଏଲିମିନେଟର ମୁକାବିଲାରେ ଦିଲ୍ଲୀ ଗୋଟିଏ ବଲ ବାକିଥାଇ ୨ ଉଇକେଟରେ ଗତଥରର ରନର୍ସଅପ୍ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇ କ୍ୱାଲିଫାୟରକୁ ଉଠିଛି। କ୍ୱାଲିଫାୟର-୨ର ବିଜୟୀ ଦଳ ରବିବାର ଫାଇନାଲରେ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିବ। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ହାଇଦ୍ରାବାଦ ୮ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲା। ଜବାବରେ ଦିଲ୍ଲୀ ୧୯.୫ ଓଭରରେ ୮ ଉଇକେଟ ହରାଇ ୧୬୫ ରନ କରି ବିଜୟୀ ହୋଇଥିଲା। ଫଳରେ ଦିଲ୍ଲୀ ପ୍ରଥମଥର ପାଇଁ ପ୍ଲେଅଫ୍ ମ୍ୟାଚରେ ବିଜୟୀ ହୋଇଛି। ମଙ୍ଗଳବାର ଅନୁଷ୍ଠିତ କ୍ୱାଲିଫାୟର-୧ରେ ମୁମ୍ବାଇ ଇଣ୍ଡିଆନ୍ସଠାରୁ ଚେନ୍ନାଇ ସୁପରକିଙ୍ଗ୍ସ ପରାସ୍ତ ହୋଇଥିଲା। ମ୍ୟାଚ୍ ବିଜୟୀ ଇନିଂସ ପାଇଁ ରିଷଭ ପନ୍ତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୬୩ ରନ ଟାର୍ଗେଟର ପିଛା କରି ଦିଲ୍ଲୀର ଦୁଇ ଯୁବ ଓ ଅଭିଜ୍ଞ ଓପନର ପୃଥ୍ୱୀ ଶ ଓ ଶିଖର ଧାୱନ ଧୂଆଁଧାର ଆରମ୍ଭ କରିଥିଲେ। ଧାୱନ ମାତ୍ର ୧୭ ରନ (୧୬ ବଲ, ୩ ଚୌକା) କରି ଅଫ୍ ସ୍ପିନର ଦୀପକ ହୁଡାଙ୍କ ଏକ ୱାଇଡ ବଲ୍‌କୁ ଖେଳିବାକୁ ଯାଇ ଉଇକେଟ କିପର ରିଦ୍ଧିମାନ ଶାହାଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ। ଓପନିଂ ଯୋଡିରେ ଦୁଇ ବ୍ୟାଟ୍ସମ୍ୟାନ ୪୫ ବଲରୁ ୬୬ ରନ ସଂଗ୍ରହ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ଅଧିନାୟକ ଶ୍ରେୟସ ଆୟାର ୮ ରନ କରିଥିବାବେଳେ ଖଲିଲ ଅହମ୍ମଦଙ୍କ ବଲ୍‌ରେ ରିଦ୍ଧିମାନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୩୮ଟି ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ଓ ୨ ଛକା ସହ ଦ୍ରୁତ ୫୬ ରନ କରି ଦଳର ସ୍କୋରକୁ ଆଗେଇ ନେଉଥିବା ବେଳେ ପୃଥ୍ୱୀ ପଏଣ୍ଟରେ ବିଜୟ ଶଙ୍କରଙ୍କୁ କ୍ୟାଚ୍ ଦେଇ ଖଲିଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ କଲିନ୍ ମୁନରୋ ୧୪ ଓ ଅକ୍ଷର ପଟେଲ ଖାତା ଖୋଲିବା ପୂର୍ବରୁ ରସିଦ୍ ଖାଁଙ୍କ ଶିକାର ହୋଇଥିଲେ। ତେବେ ଷଷ୍ଠ ଉଇକେଟରେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଶେର୍ଫାନ ରଦରଫୋର୍ଡ ୨୧ଟି ବଲରୁ ଦ୍ରୁତ ୪୦ ରନ କରି ଦିଲ୍ଲୀ ବିଜୟକୁ ସହଜ କରିଥିଲେ। ୧୮ତମ ଓଭରରେ ବାସିଲ ଥାମ୍ପି ୨୨ ରନ ବ୍ୟୟ କରିଥିଲେ। ପନ୍ତ ଏହି ଓଭରରେ ୨୧ ରନ ସଂଗ୍ରହ କରିଥିଲେ। ରଦରଫୋର୍ଡ ୯ ରନ କରି ଆଉଟ ହୋଇଥିଲେ। ପନ୍ତ ୨୧ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୫ ଛକା ସହ ଦ୍ରୁତ ୪୯ ରନ କରି ଆଉଟ ହେବା ପୂର୍ବରୁ ବିଜୟପଥ ପରିଷ୍କାର କରିଥିଲେ। ଅନ୍ତିମ ଓଭରରେ ନାଟକୀୟ ହୋଇଥିଲା। ଚତୁର୍ଥ ବଲ୍‌ରେ ଅମିତ ମିଶ୍ରା ଫିଲ୍ଡିଂରେ ବାଧା ଉପୁଜାଇ ଅମ୍ପାୟରଙ୍କ ଦ୍ୱାରା ଆଉଟ ଘୋଷିତ ହୋଇଥିଲେ। ତେବେ ଖଲିଲଙ୍କ ପଞ୍ଚମ ବଲ୍‌କୁ ଚୌକା ମାରି କିମୋ ପଲ ଉତ୍କଣ୍ଠାର ଅବସାନ ଘଟାଇଥିଲେ। ମିଶ୍ରା ୧ ରନ କରି ଆଉଟ ହୋଇଥିବା ବେଳେ ପଲ ୪ ବଲରୁ ୫ ରନ କରି ଅପରାଜିତ ରହିଥିଲେ। ହାଇଦ୍ରାବାଦ ତରଫରୁ ଭୁବନେଶ୍ୱର, ଖଲିଲ ଓ ନବି ୨ଟି ଲେଖାଏ, ହୁଡା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ୧୨ ପଏଣ୍ଟ ହାସଲ କରି ଆଇପିଏଲ୍ ଇତିହାସର ପ୍ରଥମ ଦଳ ଭାବେ ପ୍ଲେଅଫ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିବା ହାଇଦ୍ରାବାଦ ବଡ଼ ସ୍କୋର ହାସଲ କରିବାର ସୁଯୋଗ ହାତଛଡ଼ା କରିଥିଲା। ଓପନର ତଥା ଉଇକେଟ କିପର ରିଦ୍ଧିମାନ ଶାହ ୮ ରନ କରି ଅଭିଜ୍ଞ ଦ୍ରୁତ ବୋଲର ଇଶାନ୍ତ ଶର୍ମାଙ୍କ ଦ୍ୱାରା ପ୍ରଥମେ ଆଉଟ ହୋଇଥିଲେ। ଓପନିଂ ଯୋଡିରେ ରିଦ୍ଧିମାନ ଓ ଅଭିଜ୍ଞ ମାର୍ଟିନ ଗୁପ୍ଟିଲ ୧୯ବଲରୁ ୩୧ ରନ ସଂଗ୍ରହ କରିଥିଲେ। ୧୯ ବଲରୁ ୧ ଚୌକା ଓ ୪ ଛକା ସହ ଦ୍ରୁତ ୩୬ ରନ କରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ଗୁପ୍ଟିଲ ଅମିତ ମିଶ୍ରାଙ୍କ ବଲ୍‌ରେ କିମୋ ପଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ସ୍ଥିତି ସମ୍ଭାଳିବାକୁ ଯାଇ ମନୀଷ ପାଣ୍ଡେ ଓ ଅଧିନାୟକ କେନ୍ ୱିଲିୟମସନ ଦ୍ରୁତଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରି ନ ଥିଲେ। ମନୀଷ ୩୬ ବଲରୁ ୩ ଚୌକା ସହ ୩୦ ରନ କରି ପଲ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ୨ ଚୌକା ସହ ୨୭ ବଲରୁ ୱିଲିୟମସନ ୨୮ ରନ କରି ଇଶାନ୍ତଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ତୃତୀୟ ଉଇକେଟରେ ମନୀଷ ଓ ୱିଲିୟମସନ ୪୨ ବଲରୁ ୩୪ ରନ ସଂଗ୍ରହ କରି ରନ୍ ସ୍କୋର ହାରକୁ କମାଇଥିଲେ। ଅଲରାଉଣ୍ଡର ବିଜୟ ଶଙ୍କର ୧୧ଟି ବଲର ସମ୍ମୁଖୀନ ହୋଇ ୨ଟି ଲେଖାଏ ଚୌକା ଓ ଛକା ସହ ଦ୍ରୁତ ୨୫ ରନ କରି ଟ୍ରେଣ୍ଟ ବୋଲ୍ଟଙ୍କ ବଲ୍‌ରେ ଅକ୍ଷର ପଟେଲଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଆଫଗାନିସ୍ତାନ କ୍ରିକେଟର ମହମ୍ମଦ ନବି ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ଯାଇ ପଲ୍‌ଙ୍କ ବଲ୍‌ରେ ଅକ୍ଷରଙ୍କୁ କ୍ୟାଚ ଦେଇଥିଲେ। ସେ ୨୦ ରନ ସଂଗ୍ରହ କରିଥିଲେ। ଏହାପରେ ବାକି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଅନ୍ତିମ ଓଭରର ତୃତୀୟ, ଚତୁର୍ଥ ଓ ପଞ୍ଚମ ବଲ୍‌ରେ ନବି, ହୁଡା ଓ ରସିଦ୍ ଆଉଟ ହୋଇଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ପଲ ୩, ଇଶାନ୍ତ ୨, ବୋଲ୍ଟ ଓ ମିଶ୍ରା ଗୋଟିଏ କରି ଉଇକେଟ ହାସଲ କରିଥିଲେ।

### ସଂକ୍ଷିପ୍ତ ସ୍କୋର

- ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୬୨/୮ (ଗୁପ୍ଟିଲ- ୩୬, ମନୀଷ- ୩୦, ୱିଲିୟମସନ- ୨୮, ଶଙ୍କର- ୨୫, ନବି- ୨୦, ପଲ- ୩/୩୨, ଇଶାନ୍ତ- ୨/୩୪, ବୋଲ୍ଟ- ୧/୩୭, ମିଶ୍ରା- ୧/୧୬)।
- ଦିଲ୍ଲୀ କ୍ୟାପିଟାଲ୍ସ ୧୯.୫ ଓଭରରେ ୧୬୫/୮ (ପୃଥ୍ୱୀ- ୫୬, ପନ୍ତ- ୪୯, ଧାୱନ- ୧୭, ମୁନରୋ- ୧୪, ଭୁବନେଶ୍ୱର- ୨/୪୨, ଖଲିଲ- ୨/୨୪, ରସିଦ- ୨/୧୫)।



ବିଜୟ ପରେ ଉଲ୍ଲସିତ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ଖେଳାଳିମାନେ।

### ସନ୍‌ରାଇଜର୍ସର ଏଲିମିନେଟର ଫଳାଫଳ

- ୨୦୧୩: ରାଜସ୍ଥାନ ରୟାଲ୍ସଠାରୁ ୪ ଉଇକେଟରେ ପରାସ୍ତ
- ୨୦୧୬: କୋଲକାତା ନାଇଟ ରାଇଡର୍ସକୁ ୨୨ ରନରେ ହରାଇଲା
- ୨୦୧୭: କୋଲକାତା ନାଇଟ ରାଇଡର୍ସଠାରୁ ୭ ଉଇକେଟରେ ହାରିଲା
- ୨୦୧୯: ଦିଲ୍ଲୀ କ୍ୟାପିଟାଲ୍ସଠାରୁ ୨ ଉଇକେଟରେ ପରାସ୍ତ



ଜାତୀୟ ସବ୍‌ଜୁନିୟର ହକି ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳିମାନେ।

### ଜାତୀୟ ସବ୍‌ଜୁନିୟର ହକି

## ଲାବନ ଓଡ଼ିଶା ଅଧିନାୟକ

କଟକ ଅଫିସ,୯।୫

ହକି ଇଣ୍ଡିଆ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁର ଠାରେ ମେ ୧୧ରୁ ୨୨ ତାରିଖ ପର୍ଯ୍ୟନ୍ତ ୯ମ ଜାତୀୟ ସବ୍‌ଜୁନିୟର ବାଳକ ଚାମ୍ପିୟନଶିପ୍-୨୦୧୯ (ଡିଭିଜନ-ଏ) ଅନୁଷ୍ଠିତ ହେବ। ଏଥିଲାଗି ହକି ଓଡ଼ିଶା ପକ୍ଷରୁ ଗୁରୁବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଲାବନ ଲୁଗୁନ ଦଳର ଅଧିନାୟକ ରହିଛନ୍ତି। ଗତ ଏପ୍ରିଲ ୨୫ ତାରିଖରୁ ରାଉରକେଲାର ସ୍ପୋର୍ଟ୍ସ ହଷ୍ଟେଲଠାରେ ଦଳ ଚୟନ ଓ ପ୍ରସ୍ତୁତି ଶିବିର ଚାଲିଥିଲା ।

### ଘୋଷିତ ଦଳ

ପ୍ରୟାସ ସୋନୀ(ଗୋଲକିପର), ଲାବନ ଲୁଗୁନ(ଅଧିନାୟକ), ଅମନ ତିର୍କୀ, ଜର୍ଜ ତିର୍କୀ, ବିନୋଦ କିସ୍‌ପୋଟା, ପଲୁସ ଲାକ୍ରା, ମିଲନ ଭୂୟାଁ(ଗୋଲକିପର), ନିଲେଶ ବାର୍ଲା, ଦୀପକ ଏକ୍କା, ବିକାଶ ଏକ୍କା, ଆଡ୍ରୋଇଡ ଏକ୍କା, ସଞ୍ଜୟ ଏକ୍କା, ରୋଶନ କୁଜୁର, ରାଜମୋନ ତେଲି, ପ୍ରତାପ ଟପ୍ପୋ, ପ୍ରବୀଣ ଇନ୍ଦୱାର, ଆଶିଷ ଖେସ୍, ମୁକେଶ ଟପ୍ପୋ।

### ଫାଇନାଲ ଟିକେଟ୍ ୨ ମିନିଟରେ ଶେଷ

ହାଇଦ୍ରାବାଦ,୯।୫

ଚଳିତ ଆଇପିଏଲର ଫାଇନାଲ ମ୍ୟାଚ୍‌ର ସମସ୍ତ ଟିକେଟ୍ ମାତ୍ର ୨ ମିନିଟ୍ ମଧ୍ୟରେ ବିକ୍ରି ହୋଇଯାଇଛି। ମାତ୍ର ୧୨୦ ସେକେଣ୍ଡରେ ଟିକେଟ୍ ଶେଷ ହୋଇଯିବା ଘଟଣା ପ୍ରଶଂସକଙ୍କୁ ଚକିତ କରିବା ସହ ବିସିସିଆଇ କାର୍ଯ୍ୟର ପାରଦର୍ଶିତା ଉପରେ ପ୍ରଶ୍ନ ଉଠାଇଛି। ବିନା କୌଣସି ପୂର୍ବ ସୂଚନା ନ ଦେଇ ବିସିସିଆଇ ପକ୍ଷରୁ ଗତ ମଙ୍ଗଳବାର ଆଇପିଏଲ ଫାଇନାଲ ଟିକେଟ୍ ବିକ୍ରି ପାଇଁ ଉପଲବ୍ଧ କରାଯାଇଥିଲା। ଏ ସମ୍ପର୍କରେ ସେହିଦିନ ସକାଳେ ଘୋଷଣା ହୋଇଥିଲା। ହେଲେ ପ୍ରଶଂସକମାନେ ଟିକେଟ୍ କିଣିବା ପାଇଁ 'ଇଭେଣ୍ଟସନାଓ' ୱେବସାଇଟ୍‌ରେ ଲଗ୍ ଇନ କରିବା ପରେ କୌଣସି ଟିକେଟ୍ ଉପଲବ୍ଧ ନ ଥିବା ଜାଣିପାରିଥିଲେ। କିଛି ମିନିଟ୍‌ରେ ସମସ୍ତ ଟିକେଟ୍ ବିକ୍ରି ହୋଇଯିବା ଘଟଣା ପ୍ରଶଂସକଙ୍କ ହଜମ ହେଉନାହିଁ। ଏଥିନେଇ ବିସିସିଆଇକୁ ଉତ୍ତର ରଖିବାକୁ ପଡ଼ିବ ବୋଲି ହାଇଦ୍ରାବାଦ କ୍ରିକେଟ ବୋର୍ଡ କାର୍ଯ୍ୟକାରୀ କମିଟିର ପୂର୍ବତନ ସଦସ୍ୟ କହିଛନ୍ତି। ଏଠାକାର ଷ୍ଟାଡିୟମର ଦକ୍ଷତା ୩୯ ହଜାର। ସାଧାରଣତଃ ୨୫ରୁ ୩୦ ହଜାର ଦର୍ଶକଙ୍କ ଲାଗି ଟିକେଟ୍ ଉପଲବ୍ଧ କରାଯାଏ। କିନ୍ତୁ ଏଥର କେତେ ସଂଖ୍ୟାରେ ଟିକେଟ୍ ବିକ୍ରି କରାଯିବ ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିଲା। ମିଳିଥିବା ତଥ୍ୟ ଅନୁଯାୟୀ ଏକ ହଜାରରୁ ଆରମ୍ଭ କରି ୨୨ ହଜାର ୫୦୦ ଟଙ୍କା ପର୍ଯ୍ୟନ୍ତ ଟିକେଟ୍ ବିକ୍ରି କରାଯିବାର ଥିଲା। ହେଲେ ଇଭେଣ୍ଟସନାଓରେ ଦର୍ଶାଯାଇଛି ଯେ, କେବଳ ୧୫ଶହରୁ ୫ ହଜାର ଟଙ୍କା ମୂଲ୍ୟର ଟିକେଟ୍ ବିକ୍ରି ହୋଇଛି। ଅନ୍ୟ ଟିକେଟ୍‌ଗୁଡ଼ିକ କ'ଣ ହେଲା ବୋଲି ପ୍ରଶଂସକମାନେ ପ୍ରଶ୍ନ କରିଛନ୍ତି।

### ଗ୍ରୁପ୍-ବି'ରେ ଭାରତ

ନୂଆଦିଲ୍ଲୀ, ୯।୫(ପି.ଟି.)

୧୬ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର ପର୍ଯ୍ୟାୟ ସେପ୍ଟେମ୍ବର ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଉଜ୍‌ବେକିସ୍ତାନରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଭାରତ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଭାରତ ସହ ଆୟୋଜକ ଉଜ୍‌ବେକିସ୍ତାନ, ବାହାରିନ ଓ ତୁର୍କମେନିସ୍ତାନ ଏହି ଗ୍ରୁପ୍‌ରେ ରହିଛନ୍ତି। ଚାରୋଟି ଗ୍ରୁପ୍‌ର ପ୍ରଥମ ସ୍ଥାନରେ ରହିଥିବା ଦଳ ସିଧାସଳଖ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବେ। କିନ୍ତୁ ଦ୍ୱିତୀୟ ସ୍ଥାନରେ ରହିଥିବା ୪ ଦଳ ୨୦୨୦ରେ ହେବାକୁ ଥିବା ଫାଇନାଲ୍ସ କ୍ୱାଲିଫାୟରକୁ ଯୋଗ୍ୟତା ହାସଲ କରିବେ। ଫାଇନାଲ୍ସ କ୍ୱାଲିଫାୟରରୁ ୫ଟି ଦଳ ମୁଖ୍ୟ ପର୍ଯ୍ୟାୟକୁ ପ୍ରବେଶ କରିବାର ସୁଯୋଗ ରହିଛି।

# ପ୍ରଥମ ଫାଇନାଲ ଲକ୍ଷ୍ୟରେ ଦିଲ୍ଲୀ

ବିଶାଖାପାଟଣା,୯।୫(ପି.ଟି.)

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଚଳିତ ଦ୍ୱାଦଶ ସଂସ୍କରଣ ଏବେ ଅନ୍ତିମ ପର୍ଯ୍ୟାୟରେ। ପ୍ରଥମ କ୍ୱାଲିଫାୟରରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରି ମୁମ୍ବାଇ ଇଣ୍ଡିଆନ୍ସ ଫାଇନାଲରେ ପ୍ରବେଶ କରିଛି। ରବିବାର ଟାଇଟଲ ପାଇଁ କେଉଁ ଦଳ ଫାଇନାଲରେ ମୁମ୍ବାଇକୁ ଭେଟିବ ତାହା ଏବେ ଦେଖିବାକୁ ବାକି ରହିଛି। ସ୍ଥାନୀୟ ୱାଇଏସ୍‌ଆର ରାଜଶେଖର ରେଡ୍ଡୀ ଷ୍ଟାଡିୟମରେ ଶୁକ୍ରବାର ଦ୍ୱିତୀୟ କ୍ୱାଲିଫାୟରରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ମୁହାଁମୁହିଁ ହେବେ। ପ୍ରଥମ କ୍ୱାଲିଫାୟରରେ ମୁମ୍ବାଇଠାରୁ ଚେନ୍ନାଇ ପରାସ୍ତ ହୋଇଥିଲା। ଫାଇନାଲକୁ ଉଠିବା ପାଇଁ ଚେନ୍ନାଇ ଓ ଦିଲ୍ଲୀ ନିକଟରେ ଅନ୍ତିମ ସୁଯୋଗ ଉପନୀତ ହୋଇଛି। ଚେନ୍ନାଇକୁ ହରାଇ ଦିଲ୍ଲୀ ପ୍ରଥମଥର ପାଇଁ ଆଇପିଏଲ୍ ଫାଇନାଲ ଟିକେଟ ହାସଲ କରିବା ଲକ୍ଷ୍ୟରେ ରହିଛି।

ଚେପକ୍ ଷ୍ଟାଡିୟମରେ ଦିଲ୍ଲୀକୁ ୮୦ ରନ୍‌ରେ ଚେନ୍ନାଇ ପରାସ୍ତ କରିଥିଲା। ଫଳରେ ପଏଣ୍ଟ ତାଲିକାର ଶ୍ରେଷ୍ଠ ଦୁଇଟି ସ୍ଥାନରେ ଦିଲ୍ଲୀ ରହିପାରି ନ ଥିଲା।



ଟ୍ରେନିଂ ସେସନରେ ଚେନ୍ନାଇ ସୁପର କିଙ୍ଗ୍ସର ସୁରେଶ ରାଇନା, ଇମ୍ରାନ ତାହିର ଓ ମୁରଲୀ ବିଜୟ।

ବୁଧବାର ତାରକା ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ସାହସିକ ପ୍ରଦର୍ଶନ ବଳରେ ଦିଲ୍ଲୀ ରୋମାଞ୍ଚକ ଏଲିମିନେଟର ମୁକାବିଲାରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇ କ୍ୱାଲିଫାୟର-୨ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ୨୧ ବଲରୁ ପନ୍ତ ୪୯ ରନ୍‌ର ଦ୍ରୁତ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏଥିସହ ଭାରତୀୟ ବିଶ୍ୱକପ୍ ଦଳରେ ପନ୍ତଙ୍କୁ ସାମିଲ ନ କରାଯିବା ନେଇ ପୁଣି ଚର୍ଚ୍ଚା ଜୋର୍ ଧରିଛି। କ୍ୱାଲିଫାୟର-୨ରେ ପନ୍ତ ପୁଣି ଏହି ପରି ଇନିଂସ୍ କରି ଦଳକୁ ବିଜୟୀ କରାଇବେ ବୋଲି ଆଶା କରାଯାଉଛି। ପନ୍ତଙ୍କୁ ବାଦ୍ ଦେଲେ ଅନ୍ୟତମ ଯୁବ ଖେଳାଳି ପୃଥ୍ୱୀ ଶ ମଧ୍ୟ ଚମତ୍କାର ଇନିଂସ ଖେଳିଥିଲେ। ସେ ଗତ କେତୋଟି ଇନିଂସ୍‌ରେ ଭଲ ଖେଳି ନ ଥିଲେ ମଧ୍ୟ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ୫୬ ରନ୍‌ର ଦ୍ରୁତ ପାଳି ଖେଳିଥିଲେ। ଏଠାରେ ଦିଲ୍ଲୀ ଏକ ମ୍ୟାଚ୍ ଖେଳିସାରିଥିବାରୁ ପାରିପାର୍ଶ୍ୱିକ ପରିସ୍ଥିତିରୁ ଫାଇଦା ଉଠାଇବାରେ ସଫଳ ହେବ। କାଗିସୋ ରାବାଡ଼ାଙ୍କ ଅନୁପସ୍ଥିତିରେ ଟ୍ରେଣ୍ଟ ବୋଲ୍ଟ ଓ ଇଶାନ୍ତ ଶର୍ମା ଭଲ ପ୍ରଦର୍ଶନ କରିଛନ୍ତି। କିମୋ ପଲ ମଧ୍ୟ ଆଶାନୁରୂପ ସହାୟତା ପ୍ରଦାନ କରିଛନ୍ତି। ମୂଲ୍ୟବାନ ୩ ଉଇକେଟ୍ ଅକ୍ତିଆର କରି ପଲ ଦିଲ୍ଲୀକୁ ବିଜୟୀ କରାଇଥିଲେ। ଅଭିଜ୍ଞ ସ୍ପିନର ଅମିତ ମିଶ୍ରା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଉଇକେଟ ହାସଲ କରି ଦଳକୁ ସୁବିଧାଜନକ ସ୍ଥିତିରେ ପହଞ୍ଚାଇଥିଲେ। ଚେନ୍ନାଇର ଦୁଇ ଅଭିଜ୍ଞ ସ୍ପିନର ଇମ୍ରାନ ତାହିର ଓ ହରଭଜନ ସିଂ ଦିଲ୍ଲୀ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ। ତେଣୁ ଦିଲ୍ଲୀ ଟିମ୍ ମ୍ୟାନେଜ୍‌ମେଣ୍ଟ ଏଥିପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଥିବ।

ଅନ୍ୟପଟେ ଚେନ୍ନାଇ ସୁପର କିଙ୍ଗ୍ସ ପୂର୍ବରୁ ଏଭଳି ବଡ଼ ତଥା ନିର୍ଣ୍ଣାୟକ ମ୍ୟାଚ୍ ଖେଳିବାର ଅଭିଜ୍ଞତା ହାସଲ କରସାରିଛି। ଚେନ୍ନାଇ ୩ଥର ଆଇପିଏଲ୍ ଟାଇଟଲ ଜିତିଛି। ଏହା ବ୍ୟତୀତ ୪ଥର ରନର୍ସଅପ୍ ମଧ୍ୟ ହୋଇଛି। କ୍ୱାଲିଫାୟର-୧ରେ ଚେନ୍ନାଇ ପରାସ୍ତ ହୋଇଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବାର କ୍ଷମତା ରଖୁଛି। ମୁମ୍ବାଇ ବିପକ୍ଷରେ ଚେନ୍ନାଇର ବ୍ୟାଟିଂ ବିଫଳ ହୋଇଥିଲା। ତେଣୁ ବ୍ୟାଟ୍ସମ୍ୟାନ୍‌ମାନେ ପ୍ରଦର୍ଶନରେ ସୁଧାର ଆଣିବେ ବୋଲି ଧୋନୀ ଆଶା ରଖିଥିବେ। ଗୋଟିଏ ମ୍ୟାଚ୍‌କୁ ବାଦ୍ ଦେଲେ ଓପ୍‌ନର ଶେନ୍ ୱାଟସନ ଭଲ ଖେଳିନାହାନ୍ତି। ଏପ୍ରିଲ ୨୩ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ସେ ୫୩ ବଲରୁ ୯୬ ରନ୍ ସଂଗ୍ରହ କରିବା ପରେ ଆଉ ଚମକ ଦେଖାଇପାରି ନାହାନ୍ତି। ବ୍ୟାଟ୍ସମ୍ୟାନ୍‌ମାନେ ଶଟ୍ ଚୟନ ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ଚେନ୍ନାଇ ଟିମ୍ ମ୍ୟାନେଜ୍‌ମେଣ୍ଟ ହୃଦୟଙ୍ଗମ କରିଥିବ। ବ୍ୟାଟିଂ ଲାଇନ୍ ଭଲ ଥିଲେ ମଧ୍ୟ ଆମକୁ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ କାମରେ କରି ଦେଖାଇବାକୁ ହେବ ବୋଲି ଧୋନୀ କହିଛନ୍ତି। ଫାଇନାଲ ଟିକେଟ ପାଇଁ ଚେନ୍ନାଇ ଓ ଦିଲ୍ଲୀ ପ୍ରାଣପଣେ ଚେଷ୍ଟା କରିବେ। ଫଳରେ ଏହି ନିର୍ଣ୍ଣାୟକ ମ୍ୟାଚ୍ ରୋମାଞ୍ଚକ ହେବା ଆଶା କରାଯାଉଛି।

### କ୍ୱାଲିଫାୟର-୨ ମୁକାବିଲା ଆଜି

> କୌଣସି ମ୍ୟାଚ୍‌ରେ ଯେତେବେଳେ ଛକା ମାରିବା ଲାଗି ନିଷ୍ପତ୍ତି ନିଏ ବୋଲର ଯିଏ ବା ହୋଇଥାନ୍ତୁ ନା କାହିଁକି ମୋର ପରବାୟ ନ ଥାଏ ।
>
> –ରିଷଭ ପନ୍ତ, ଦିଲ୍ଲୀ କ୍ୟାପିଟାଲ୍ସ ଖେଳାଳି




> ଜୋଫ୍ରା ଆର୍ଚରର ଏବେ ଭଲ ଫର୍ମରେ ଥିବାରୁ ତାଙ୍କୁ ସାମିଲ କଲେ ଇଂଲଣ୍ଡର ବିଶ୍ୱକପ୍ କ୍ରିକେଟ ଦଳ ଅଧିକ ଶକ୍ତିଶାଳୀ ହେବ ।
>
> –ଲିଆମ ପ୍ଲଙ୍କେଟ୍, ଇଂଲଣ୍ଡ କ୍ରିକେଟର



## ସଂକ୍ଷେପରେ

### ଚାମ୍ପିୟନ୍ସ ଲିଗ୍ ଫାଇନାଲରେ ଲିଭରପୁଲ-ଟୋଟେନହାମ

ମାଡ୍ରିଡ୍,୯।୫- ପ୍ରଥମ ଲେଗ୍‌ରେ ୩-୦ ବ୍ୟବଧାନରେ ପଛୁଆ ରହିବା ସତ୍ତ୍ୱେ ଲିଭରପୁଲ ସ୍ପାନିଶ କ୍ଲବ ବାର୍ସିଲୋନାକୁ ହରାଇ ଚାମ୍ପିୟନ୍ସ ଲିଗ୍ ଫାଇନାଲରେ ପ୍ରବେଶ କରିଛି। ଏଠାରେ ଖେଳାଯାଇଥିବା ବାର୍ସିଲୋନା ବିପକ୍ଷ ଦ୍ୱିତୀୟ ଲେଗ୍ ମ୍ୟାଚ୍‌କୁ ଲିଭରପୁଲ ଦଳ ୪-୦ ଗୋଲରେ ଜିତି ଚାମ୍ପିୟନ୍ସ ଲିଗ୍ ଟାଇଟଲ ପାଇଁ ଦାବିଦାର ହୋଇପାରିଛି। ବିଜୟୀ ଦଳ ପକ୍ଷରୁ ଡିଭୋକ ଓରିଗି (୭ ଓ ୭୯ତମ ମିନିଟ୍) ଓ ଜର୍ଜିନା ୱିଜିନାଡମ (୫୪ ଓ ୫୬ତମ) ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ୭୯ତମ ମିନିଟ୍‌ରେ ଲିଭରପୁଲକୁ ଏକ କର୍ନର ମିଳିଥିଲା। ବାର୍ସିଲୋନା ଦଳର ଡିଫେଣ୍ଡରମାନେ ଏକତ୍ର ହେବା ପୂର୍ବରୁ ଟ୍ରେଣ୍ଟ ଆଲେକ୍ସଜାଣ୍ଡର ଆର୍ନୋଲ୍ଡ ତୁରନ୍ତ ଶଟ୍ ଖେଳିଥିଲେ। ଏହାକୁ ଓରିଗି ଗୋଲରେ ପରିଣତ କରି ଦଳ ପାଇଁ ଫାଇନାଲ ପଥ ପରିଷ୍କାର କରିଥିଲେ। ଲିଗ୍‌ର ଅନ୍ୟ ଏକ ସେମିଫାଇନାଲରେ ଆଜାକ୍ସକୁ ୩-୨ ଗୋଲରେ ପରାସ୍ତ କରି ଟୋଟେନହାମ ଫାଇନାଲରେ ସ୍ଥାନ ପକ୍କା କରିଛି। ଆସନ୍ତା ଜୁନ ୧ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ।

### ପରାଜୟ ସହ ଫେଡରରଙ୍କ କ୍ୟାରିୟର ଶେଷ

ମାଡ୍ରିଡ୍,୯।୫(ଏଏଫ୍‌ପି)- ଏଠାରେ ଚାଲିଥିବା ମାଡ୍ରିଡ୍ ଓପନ ଟେନିସ ଟୁର୍ନାମେଣ୍ଟରେ ପରାଜୟ ସହ ସ୍ପାନିଶ୍ ଖେଳାଳି ଡେଭିଡ ଫେରର କ୍ୟାରିୟର ଶେଷ କରିଛନ୍ତି। କ୍ୟାରିୟରର ଅନ୍ତିମ ମ୍ୟାଚ୍‌ରେ ସେ ୪-୬, ୧-୬ ସେଟ୍‌ରେ ଆଲେକ୍ସଜାଣ୍ଡର ଜାଭରେଭଙ୍କଠାରୁ ହାରିଛନ୍ତି। ଅବସର ପୂର୍ବରୁ ଏହା ଥିଲା ତାଙ୍କ କ୍ୟାରିୟରର ଅନ୍ତିମ ଟୁର୍ନାମେଣ୍ଟ। ୩୭ ବର୍ଷୀୟ ଖେଳାଳି କ୍ୟାରିୟରରେ ୨୭ ଏଟିପି ଟାଇଟଲ ଜିତିଛନ୍ତି। ୨୦୧୪ରେ ସେ ଫ୍ରେଞ୍ଚ ଓପନ ଫାଇନାଲ ଖେଳିଥିଲେ। ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ। ଅନ୍ୟପକ୍ଷରେ ତାଙ୍କ ଦେଶର ରାଫାଲ ନାଡାଲ କାନାଡାର ଫେଲିକ୍ସ ଅଗର ଆଲିଆସିମେଙ୍କୁ ୬-୩, ୬-୩ ବ୍ୟବଧାନରେ ହରାଇ ଦେଇଛନ୍ତି। ୩୨ ବର୍ଷୀୟ ନାଡାଲ ଆଗାମୀ ମ୍ୟାଚ୍‌ରେ ଆମେରିକାର ଫ୍ରାନ୍ସେ ଟାଏଫୋଙ୍କୁ ଭେଟିବେ। ପରବର୍ତ୍ତୀ ମ୍ୟାଚ୍‌ରେ କିମ୍ବଦନ୍ତୀ ସ୍ପାନିଶ ଖେଳାଳିଙ୍କୁ ଷ୍ଟାନ ୱାରିଙ୍କା କିମ୍ବା କେଇ ନିଶିକୋରୀଙ୍କ ସହ ମୁକାବିଲା କରିବାକୁ ପଡ଼ିପାରେ।

### ଆଫ୍ରିଦୀଙ୍କ ସପକ୍ଷରେ ଅଖ୍ତର



କରାଚୀ,୯।୫- ପୂର୍ବତନ ପାକିସ୍ତାନ ସ୍ପିଡ୍‌ଷ୍ଟର ଶୋଏବ ଅଖତର ସାଥୀ ଖେଳାଳି ଶାହିଦ ଆଫ୍ରିଦୀ ନିଜ ଆତ୍ମଜୀବନୀ 'ଗେମ୍ ଚେଞ୍ଜର'ରେ କରିଥିବା ଦାବିରେ ସତ୍ୟତା ରହିଥିବା କହିଛନ୍ତି। ନିକଟରେ ଉନ୍ମୋଚିତ ହୋଇଥିବା ଆତ୍ମଜୀବନୀରେ ଆଫ୍ରିଦୀ ଉଲ୍ଲେଖ କରିଛନ୍ତି ଯେ, ଖେଳିବାବେଳେ ଦଳର ସିନିୟର ଖେଳାଳିମାନେ ଅପମାନିତ କରୁଥିଲେ। ଏହାର ଉଦାହରଣ ମଧ ଦେଇଛନ୍ତି। ପୂର୍ବତନ ଅଧିନାୟକ ଜାଭେଦ ମିଆଁଦାଦ ୧୯୯୯ ଚେନ୍ନାଇ ଟେଷ୍ଟ ପୂର୍ବରୁ ବ୍ୟାଟିଂ ଅଭ୍ୟାସ କରିବାକୁ ଆଫ୍ରିଦୀଙ୍କୁ ଦେଇ ନ ଥିଲେ। ଆଫ୍ରିଦୀଙ୍କୁ ସମର୍ଥନ ଜଣାଇ ଅଖତର କହିଛନ୍ତି, ଆଫ୍ରିଦୀ ସିନିୟର ଖେଳାଳିଙ୍କ ନିଷ୍ଠୁରତାର ସମ୍ମୁଖୀନ ହୋଇଥିଲେ। ସିନିୟର ଖେଳାଳିମାନେ ଜୁନିୟରଙ୍କ ପ୍ରତି ନିଷ୍ଠୁରତା ସମ୍ପର୍କରେ ଖୁବ କମ୍ ଲେଖିଛନ୍ତି। କିଛି ଘଟଣା ମୋ ଉପସ୍ଥିତିରେ ମଧ ଘଟିଛି। କିନ୍ତୁ ପରେ ଖରାପ ବ୍ୟବହାର ଲାଗି ସିନିୟର ଖେଳାଳିମାନେ କ୍ଷମାପ୍ରାର୍ଥନା କରିଥିବା ଅଖତର ସ୍ଥାନୀୟ ବୈଦ୍ୟୁତିକ ଗଣମାଧମର ଏକ ସାକ୍ଷାତ୍‌କାରରେ କହିଛନ୍ତି।

# ଶ୍ରୀୟଙ୍କାଙ୍କୁ ୧ ସ୍ୱର୍ଣ୍ଣ, ୧ ରୌପ୍ୟ

ଭୁବନେଶ୍ୱର, ୯।୫(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ଶୁଟିଂ ଆଇକନ୍ ଶ୍ରୀୟଙ୍କା ଷଡ଼ଙ୍ଗୀ ୪ ଦିନ ବ୍ୟବଧାନରେ ଆଉ ୨ଟି ଅନ୍ତର୍ଜାତୀୟ ପଦକ ହାସଲ କରିଛନ୍ତି। ନିଜ ମେଣ୍ଟର ତଥା ଅଲିମ୍ପିଆନ ଗଗନ ନାରଙ୍ଗଙ୍କ ପାର୍ଟନରଭାବେ ସେ ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ୧ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଲାଭ କରିଛନ୍ତି। ଏହି ୨ଟି ପଦକକୁ ମିଶାଇ ଶ୍ରୀୟଙ୍କାଙ୍କ ଅନ୍ତର୍ଜାତୀୟ ପଦକ ସଂଖ୍ୟା ୨୫ରେ ପହଞ୍ଚିଛି। ୨୪ ବର୍ଷୀୟା ଶ୍ରୀୟଙ୍କା ଇତିମଧ୍ୟରେ ୬ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ପାଇ ସାରିଛନ୍ତି। ସମ୍ବଲପୁରର ଶ୍ରୀୟଙ୍କା ଓ ଗଗନ ଗତ ୫ ତାରିଖରେ ଚେକ୍ ରିପବ୍ଲିକର



ପୁରସ୍କାର ସହ ଗଗନ ନାରଙ୍ଗ ଓ ଶ୍ରୀୟଙ୍କା ଷଡ଼ଙ୍ଗୀ।

**ଅନ୍ତର୍ଜାତୀୟ ଶୁଟିଂ**

ପ୍ଲଜେନଠାରେ ଅନୁଷ୍ଠିତ ଲିବରେଶନ ଇଣ୍ଟରନ୍ୟାଶନାଲ ଶୁଟିଂ ପ୍ରତିଯୋଗିତାର ୫୦ତମ ଗ୍ରାଁ ପ୍ରିରେ ରୌପ୍ୟପଦକ ପାଇଥିଲେ। ପୁରେ ଦୁହେଁ ୯ ତାରିଖରେ ଜର୍ମାନୀର ହାନୋଭରଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଶୁଟିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏହି ଭାରତୀୟ ଯୋଡ଼ି ପ୍ଲଜେନରେ ୪୯୮.୪ ଓ ହାନୋଭରରେ ୪୯୯.୩ ପଏଣ୍ଟ ହାସଲ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟରେ ଏମବିଏ ପଢୁଥିବା ଶ୍ରୀୟଙ୍କା ହାନୋଭରରେ ମହିଳା ବ୍ୟକ୍ତିଗତ ଇଭେଣ୍ଟରେ ମଧ ପ୍ରତିଦ୍ୱନ୍ଦ୍ୱିତା କରିବେ।

■ ସବ୍‌ଜୁନିୟର ଜାତୀୟ ହକି ଚାମ୍ପିୟନଶିପ୍

# ନିଶାନ ଟେକ୍ନିକାଲ ଅଫିସିଆଲ

ଭୁବନେଶ୍ୱର,୯।୫(ସ୍ପୋର୍ଟ୍ସ ବ୍ୟୁରୋ)

ଅଭିଜ୍ଞ ହକି ଅମ୍ପାୟର ତଥା ଟେକ୍‌ନିକାଲ ଅଫିସିଆଲ ଓଡ଼ିଶାର ନିଶାନ ଜ୍ୟୋତି ମହାନ୍ତିଙ୍କୁ ଆଉ ଏକ ଗୁରୁଦାୟିତ୍ୱ ମିଳିଛି। ହକି ଇଣ୍ଡିଆ ଆନୁକୂଲ୍ୟରେ ଆସନ୍ତା ୧୧ରୁ ୨୨ ତାରିଖରେ ଛତିଶଗଡ଼ର ରାୟପୁରରେ ଆୟୋଜନ ହେବାକୁଥିବା ନବମ ହକି ଇଣ୍ଡିଆ ସବ୍‌ଜୁନିୟର ନ୍ୟାଶନାଲ ଚାମ୍ପିୟନଶିପ୍ (ଏ- ଡିଭିଜନ)ରେ ସେ ଟେକ୍‌ନିକାଲ ଅଫିସିଆଲ ଭାବେ ମ୍ୟାଚ୍ ପରିଚାଳନା କରିବେ। ପ୍ରଥମଥର ପାଇଁ ଏଭଳି ସମ୍ମାନଜନକ ଟୁର୍ନାମେଣ୍ଟରେ ନିଶାନଙ୍କୁ ମ୍ୟାଚ୍ ପରିଚାଳନା କରିବାର ସୁଯୋଗ ମିଳିଛି। ପୂର୍ବରୁ ନିଶାନ ଏକାଧିକ ଜାତୀୟ ତଥା ଆନ୍ତର୍ଜାତିକ ଟୁର୍ନାମେଣ୍ଟରେ ଅମ୍ପାୟର ଓ ଟେକ୍‌ନିକାଲ ଅଫିସିଆଲ ଭାବେ ସଫଳତା ହାସଲ କରିଛନ୍ତି। ତାଙ୍କ କାର୍ଯ୍ୟରେ ଖୁସି ହୋଇ ତାଙ୍କୁ ଏହି ଦାୟିତ୍ୱ ଅର୍ପଣ କରିଛି। କିଛିଦିନ ତଳେ ନିଶାନ ମାଲେସିଆର ଇପୋଠାରେ ଅନୁଷ୍ଠିତ ସୁଲତାନ ଆଜଲାନ ଶାହା ଆନ୍ତର୍ଜାତିକ ହକି ଟୁର୍ନାମେଣ୍ଟରେ ଟେକ୍‌ନିକାଲ ଅଫିସିଆଲ ଭାବେ ସଫଳତାର ସହ ଦାୟିତ୍ୱ ବହନ କରିଥିଲେ। ଏହା ପୂର୍ବରୁ ସେ ପୁଣେ ଓ ମୁମ୍ବାଇରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ଖେଲୋ ଇଣ୍ଡିଆ (ପୁରୁଷ/ ମହିଳା) ଚାମ୍ପିୟନଶିପ୍ ଓ ଗ୍ୱାଲିୟରରେ ଅନୁଷ୍ଠିତ ନବମ ସିନିୟର ଜାତୀୟ ପୁରୁଷ (ଏ- ଡିଭିଜନ) ଚାମ୍ପିୟନଶିପ୍‌ରେ ଟେକ୍‌ନିକାଲ ଅଫିସିଆଲ ଦାୟିତ୍ୱ



ବହନ କରିଥିଲେ। ନିଶାନ ଏବେ ଭୁବନେଶ୍ୱରସ୍ଥିତ ଇଷ୍ଟକୋଷ୍ଟ ରେଲୱେର ମୁଖ୍ୟ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ହକି ଓଡ଼ିଶା ସମ୍ପାଦକ ପ୍ରତାପ୍ ଶତପଥୀ ଏଥିପାଇଁ ନିଶାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବରୁ ମଧ ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତିକ ଟୁର୍ନାମେଣ୍ଟରେ ମ୍ୟାଚ୍ ପରିଚାଳନା ପାଇଁ ହକି ଇଣ୍ଡିଆ ତାଙ୍କୁ ଦାୟିତ୍ୱ ଦେଇଛି। ନିଶାନ ମଧ ସଫଳତାର ସହ ଦାୟିତ୍ୱ ବହନ କରିଛନ୍ତି।

# ଷ୍ଟିମାକ୍ ହେବେ ନୂଆ ଫୁଟ୍‌ବଲ କୋଚ୍

ନୂଆଦିଲ୍ଲୀ, ୯।୫ (ପି.ଟି.)

କ୍ରୋଏସିଆର ବିଶ୍ୱକପ୍ ଖେଳାଳି ତଥା ପୂର୍ବତନ ମ୍ୟାନେଜର ଇଗୋର ଷ୍ଟିମାକ୍ ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ହେବା ପ୍ରାୟ ନିଶ୍ଚିତ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଟେକ୍‌ନିକାଲ କମିଟି ଗୁରୁବାର ତାଙ୍କ ନାମ ସୁପାରିସ କରିଛି। ୫୧ ବର୍ଷୀୟ ଷ୍ଟିମାକ୍ ୧୯୯୮ ବିଶ୍ୱକପ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିବା କ୍ରୋଏସିଆ ଫୁଟ୍‌ବଲ ଦଳର ଅନ୍ୟତମ ସଦସ୍ୟ ଥିଲେ। ଟେକ୍‌ନିକାଲ କମିଟି ଭାରତୀୟ ଫୁଟବଲ ଦଳର ମୁଖ୍ୟ କୋଚ୍ ପଦବୀ ପାଇଁ ପ୍ରାର୍ଥୀଙ୍କ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ୪ଜଣଙ୍କର ଗୁରୁବାର ସାକ୍ଷାତ୍‌କାର ନେଇଥିଲା। ସେମାନଙ୍କ ମଧ୍ୟରେ ଷ୍ଟିମାକ୍ ଶ୍ରେଷ୍ଠ ବିବେଚିତ ହୋଇଥିବା କମିଟିର ଚେୟାରମ୍ୟାନ୍ ଶ୍ୟାମ ଥାପ୍ପା ପ୍ରକାଶ କରିଛନ୍ତି। ଏଆଇଏଫ୍‌ଏଫ୍ ଶନିବାର ତାଙ୍କ ନିଯୁକ୍ତିକୁ ବିଧିବଦ୍ଧ ଘୋଷଣା


ଇଗୋର ଷ୍ଟିମାକ୍

କରିବ। ଷ୍ଟିମାକ୍ କେବଳ ଏକମାତ୍ର ପ୍ରାର୍ଥୀ ବ୍ୟକ୍ତିଗତ ଭାବେ ସାକ୍ଷାତ୍‌କାରର ସାମ୍ନା କରିଥିଲେ। ଅନ୍ୟପକ୍ଷରେ ଦକ୍ଷିଣ କୋରିଆର ଲି ମିନ୍-ସଙ୍ଗ୍, ସ୍ପେନର ଆବର୍ଟୋ ରୋକା ଏବଂ ସ୍ୱିଡେନର ହାକାନ ଏରିକ୍‌ସନ ସ୍କାଇପ୍ ଜରିଆରେ ସାକ୍ଷାତ୍‌କାର ଦେଇଥିଲେ। ପ୍ରାର୍ଥୀଙ୍କ ଇଣ୍ଟରଭ୍ୟୁ ବେଳେ ନବନିଯୁକ୍ତ ଟେକ୍‌ନିକାଲ ଡାଇରେକ୍ଟର ଡୋରୁ ଇସାକ୍ ମଧ ଉପସ୍ଥିତ ଥିଲେ। ପ୍ରଥମାବସ୍ଥାରେ ଷ୍ଟିମାକ୍‌ଙ୍କ ସହିତ ୩ ବର୍ଷିଆ ଚୁକ୍ତି କରାଯିବ। ତାଙ୍କ ତତ୍ତ୍ୱାବଧାନରେ ଭାରତ ପ୍ରଥମେ ଥାଇଲାଣ୍ଡରେ ହେବାକୁ ଥିବା କିଙ୍ଗ୍ସ କପ୍ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ। ଏଥିରେ ଭାରତ ଏହାର ପ୍ରଥମ ମ୍ୟାଚ ଜୁନ୍ ୫ରେ ବୁରିରାମ୍‌ଠାରେ କ୍ୟାରିବିୟନ ଦେଶ କୁରାକାଓ ବିପକ୍ଷରେ ଖେଳିବ। ଏଠାରେ ଭାରତୀୟ ଦଳର ଏକ ଜାତୀୟ କ୍ୟାମ୍ପ ମେ ୨୦ ତାରିଖରୁ ଆରମ୍ଭ ହେବ। ସୂଚନାଯୋଗ୍ୟ, ଚଳିତ ବର୍ଷ ପ୍ରାରମ୍ଭରେ ଭାରତର ଏଏଫ୍‌ସି କପ୍ ଅଭିଯାନ ଶେଷ ପରେ ଷ୍ଟିଫେନ କନଷ୍ଟାଣ୍ଟିନ ତାଙ୍କ ପଦ ତ୍ୟାଗ କରିବା ପରେ ମୁଖ୍ୟ କୋଚ୍ ପଦବୀ ଖାଲି ପଡ଼ିଥିଲା। ଷ୍ଟିମାକଙ୍କର ଭାରତରେ ମଧ ଅଭିଜ୍ଞତା ରହିଛି। ୨୦୧୬-୧୮ରେ ବାଙ୍ଗାଲୋର ଏଫ୍‌ସିର କୋଚ୍ ଭାବେ ସଫଳତାର ସହିତ ଦାୟିତ୍ୱ ତୁଲାଇଛନ୍ତି।

## ବିଶ୍ୱକପ୍, ଆସେଶ ଲାଗି ଉତ୍ସାହିତ ବେୟାରଷ୍ଟୋ

କୋଲକାତା,୯।୫(ପିଟି)

ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋ ନିଜ କ୍ୟାରିୟରର ସବୁଠୁ ବଡ଼ ସମର ପାଇଁ ବେଶ୍ ଉତ୍ସାହିତ ଅଛନ୍ତି। ଚଳିତ ମାସ ୩୦ ତାରିଖରୁ ବିଶ୍ୱକପ୍ ଆରମ୍ଭ ହେବ। ଜୁଲାଇ ୧୪ ତାରିଖରେ କ୍ରିକେଟ ମହାକୁମ୍ଭ ଶେଷ ହେବାର ୪ ସପ୍ତାହ ପରେ ଚିରପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ସହ ଇଂଲଣ୍ଡ ଆଶେସ ସିରିଜ୍ ଖେଳିବ। କ୍ରିକେଟ୍ ଖେଳିବା ଦିନଠାରୁ ଏହା ମୋ କ୍ୟାରିୟରର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସିଜନ। ବିଶ୍ୱକପ୍ ପରେ ଆଶେସ ସିରିଜ୍ ଖେଳାଯିବ। ଉଭୟକୁ ଜିତିବା ପାଇଁ ସ୍ୱପ୍ନ ଦେଖୁଛୁ। ବିଶ୍ୱକପ୍ ପରେ ୫ ଟେଷ୍ଟ ଖେଳିବା ମାନସିକ ଓ ଶାରୀରିକ ସ୍ତରରେ ବହୁତ କଠିନ ହେବ ବୋଲି ସେ କହିଛନ୍ତି। ଆଇପିଏଲ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦ୍ରାବାଦ ପାଇଁ ୧୦ ମ୍ୟାଚ୍‌ରୁ ୪୪୫ ରନ୍ କରିଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ ଇଂଲଣ୍ଡ ବିଶ୍ୱକପ୍ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ।

## କ୍ୱାର୍ଟରରେ ଅଙ୍କିତା ରାଇନା

ନୂଆଦିଲ୍ଲୀ, ୯।୫(ପି.ଟି.)

ଭାରତର ଶ୍ରେଷ୍ଠ ମହିଳା ସିଙ୍ଗଲ୍ସ ଟେନିସ୍ ଖେଳାଳି ଅଙ୍କିତା ରାଇନା ଚାଇନାର ଲୁଆନଠାରେ ଚାଲିଥିବା ୬୦ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଆଇଟିଏଫ୍ ଓମେନ୍ସ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡର ଏକ ମ୍ୟାଚ୍‌ରେ ୨୬ ବର୍ଷୀୟା ରାଇନା ୬-୨, ୬-୩ ସିଧାସଳଖ ସେଟ୍‌ରେ ଚାଇନାର ୟୁ ୟୁଆନ୍‌ଙ୍କୁ ପରାସ୍ତ କରିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ଅଙ୍କିତାଙ୍କ ମୁକାବିଲା ହଂକଂର ଏଡିସେ ଚୋଙ୍ଗ୍‌ଙ୍କ ସହ ହେବ। ବିଶ୍ୱ ମାନ୍ୟତାର ୧୬୫ତମ ସ୍ଥାନରେ ରହିଥିବା ଅଙ୍କିତା ନିକଟରେ ଆନିଙ୍ଗ୍‌ରେ ଅନୁଷ୍ଠିତ ଏକ ଟୁର୍ନାମେଣ୍ଟରେ ୩ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସାମନ୍ଥା ଷ୍ଟୋସରଙ୍କୁ ପରାସ୍ତ କରି ବେଶ୍ ଚର୍ଚ୍ଚାକୁ ଆସିଥିଲେ। ସେହିଭଳି ଇସ୍ତାନ୍‌ବୁଲରେ ଅନୁଷ୍ଠିତ ଅନ୍ୟ ଏକ ପ୍ରତିଯୋଗିତାର ସେ ଫାଇନାଲରେ ପହଞ୍ଚିଥିଲେ।

# 'ଯୁବ, ଅଭିଜ୍ଞ ଖେଳାଳିଙ୍କୁ ନେଇ ଭାରତ ବେଶ୍ ସନ୍ତୁଳିତ'

ନୂଆଦିଲ୍ଲୀ,୯।୫ (ପି.ଟି.)

ଆଗାମୀ ବିଶ୍ୱକପ୍‌ରେ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିବ ବୋଲି ପୂର୍ବତନ ଅଧିନାୟକ କପିଳ ଦେବ କହିଛନ୍ତି। ପୁଣି ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଓ ବିରାଟ କୋହଲିଙ୍କ ଯୋଡି ଦଳ ପାଇଁ ବରଦାନ ସାବ୍ୟସ୍ତ ହେବ। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ବେଶ୍ ସନ୍ତୁଳିତ ମନେହେଉଛି। ମେ ୩୦ ତାରିଖରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱକପ୍‌ରେ ମୋଟ ୧୦ଟି ଦେଶ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ରାଉଣ୍ଡ ରବିନ୍ ଫର୍ମାଟରେ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍‌ରେ ପ୍ରତ୍ୟେକ ଦଳ ପରସ୍ପରକୁ ଗୋଟିଏ ଲେଖାଏ ମ୍ୟାଚ୍‌ରେ ଭେଟିବେ।

ବିଶ୍ୱକପ୍ ପାଇଁ ଘୋଷିତ ୧୫ ଜଣିଆ ଭାରତୀୟ ଦଳରେ ଧୋନୀ, କୋହଲି, ରୋହିତ ଶର୍ମା, ମହମ୍ମଦ ସାମି ଓ ଶିଖର ଧାୱନଙ୍କ ଭଳି ଅଭିଜ୍ଞ ଖେଳାଳି ସ୍ଥାନ ପାଇଥିବା ବେଳେ ଯଶପ୍ରୀତ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା ଓ କୁଲଦୀପ ଯାଦବଙ୍କ ଭଳି ଯୁବ ଖେଳାଳି ମଧ ସୁଯୋଗ ପାଇଛନ୍ତି। ଅନ୍ୟ ଦଳଗୁଡ଼ିକ ତୁଳନାରେ ଭାରତୀୟ ଦଳ ଅଧିକ ଅଭିଜ୍ଞ ସମ୍ପନ୍ନ। ଭାରତୀୟ ଦଳରେ ଠିକ୍ ସନ୍ତୁଳନ ରହିଛି। ଦଳରେ ୪ଜଣ ଦ୍ରୁତ ବୋଲର ଓ ୩ଜଣ ସ୍ପିନର ସାମିଲ ରହିଛନ୍ତି। ଭାରତ ପାଇଁ ଧୋନୀ ଓ କୋହଲି ଦମ୍‌ଦାର ପ୍ରଦର୍ଶନ କରିଆସିଛନ୍ତି। ଏହି ଦୁଇ ଖେଳାଳିଙ୍କ ସହ ଅନ୍ୟ କୌଣସି ଯୋଡି ତୁଳନୀୟ ନୁହଁ। ଇଂଲଣ୍ଡର ପରିବେଶରେ ଭାରତୀୟ ଦ୍ରୁତ ବୋଲିଂ ସଫଳ ହୋଇପାରିବ ବୋଲି ୧୯୮୩ ବିଶ୍ୱକପ୍ ବିଜୟୀ ଅଧିନାୟକ କପିଳ ଦେବ କହିଛନ୍ତି। ସାମି ଓ ବୁମ୍‌ରା ଘଣ୍ଟା ପ୍ରତି ୧୪୫ କି.ମି. ବୋଲିଂ କରିବାର କ୍ଷମତା ରଖୁଛନ୍ତି। ଏଥି ସହିତ ଇଂଲଣ୍ଡ ପରିବେଶ୍‌ରେ ବଲ୍ ସୁଇଂ କରାଇବାରେ ଭାରତୀୟ ବୋଲରମାନେ ସଫଳ ହୋଇପାରିବେ। କପିଳ ମଧ ୧୯୯୯ରୁ ୨୦୦୦ ମଧ୍ୟରେ ଭାରତୀୟ ଦଳର କୋଚ୍ ରୂପେ କାର୍ଯ୍ୟ କରିଛନ୍ତି।



ବିଜୟ ଶଙ୍କର ଓ ଲୋକେଶ ରାହୁଲ।

ଆୟୋଜକ ଇଂଲଣ୍ଡ ଓ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ସହ ଭାରତ ସେମିଫାଇନାଲରେ ପ୍ରବେଶ କରିବ ବୋଲି ସେ ପୂର୍ବାନୁମାନ କରିଛନ୍ତି।

ବିଶ୍ୱକପ୍‌ରେ ଭାରତ ନିଶ୍ଚିତ ଭାବେ ଶ୍ରେଷ୍ଠ-୪ରେ ସ୍ଥାନ ପାଇଁ ଅଭିଯାନ ଶେଷ କରିବ। ତେବେ ସେମିରେ ପ୍ରବେଶ କରିବା ପରେ ଭାରତ ପାଇଁ ଆଗକୁ ଯିବା କଷ୍ଟକର ହେବ। ଦଳଗତ, ବ୍ୟକ୍ତିଗତ ପ୍ରଦର୍ଶନ ସହ ଭାଗ୍ୟର ଭୂମିକା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ଭାରତ ବିଶ୍ୱକପ୍‌ରେ ଶ୍ରେଷ୍ଠ ୩ଟି ଦଳ ବିବେଚିତ ହେଉଛନ୍ତି। ଅନ୍ୟଦଳଗୁଡିକ ଅପେକ୍ଷା ଏହି ୩ଟି ଦଳ ଶକ୍ତିଶାଳୀ ମନେ ହେଉଛନ୍ତି। ତେବେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଭଳି ଦଳ ମଧ ବିପର୍ଯ୍ୟୟ ଘଟାଇ ସମସ୍ତଙ୍କୁ ଚକିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି କପିଳ କହିଛନ୍ତି। ବ୍ୟାଟିଂ କ୍ରମର ୪ ନମ୍ବର ସ୍ଥାନରେ କିଏ ଖେଳିବ ସେ ନେଇ ଚର୍ଚ୍ଚା ଚାଲୁ ରହିଛି। ଏହା କେବଳ ଦୁଇଜଣ ଓପନରଙ୍କୁ ବାଦ୍ ଦେଲେ ଯେକୌଣସି ଖେଳାଳି ଯେକୌଣସି ସ୍ଥାନରେ ବ୍ୟାଟିଂ କରିପାରିବାର ମାନସିକତାକୁ ପ୍ରତିହତ କରୁଛି ବୋଲି ସେ କହିଛନ୍ତି। ଟି୨୦ ଖେଳି ଦେଖିବା ପରେ କିଏ ଓପନର ଓ ୪ ନମ୍ବର ବ୍ୟାଟ୍ସମ୍ୟାନ ତାହା କହିବା ମୁସ୍କିଲ ହୋଇ ପଡିଛି। କିଏ କେଉଁ ସ୍ଥାନରେ ବ୍ୟାଟିଂ କରିବ ତାହା ସମ୍ପୃକ୍ତ ଖେଳାଳିଙ୍କ ମନୋଭାବ ଉପରେ ନିର୍ଭର କରିବ। ୨୦୧୧ ବିଶ୍ୱକପ୍ ଫାଇନାଲରେ ଧୋନୀ ଯୁବରାଜ ସିଂଙ୍କୁ ପୂର୍ବରୁ ବ୍ୟାଟିଂ କରିବାକୁ ଯାଇ ସଫଳ ହେବା ସହ ଭାରତକୁ ଚାମ୍ପିୟନ କରାଇଥିଲେ। ଏବେ କିନ୍ତୁ କଥା ଅଲଗା ହେଲାଣି। ଓପନରଙ୍କୁ ବାଦ୍ ଦେଲେ ଯେକୌଣସି ଖେଳାଳି ଯେକୌଣସି ସ୍ଥାନରେ ବ୍ୟାଟିଂ କରିପାରିବେ। ତେଣୁ ୪ ନମ୍ବରରେ ଯେକୌଣସି ଖେଳାଳି ବ୍ୟାଟିଂ କରିପାରିବେ ବୋଲି କପିଳ ସ୍ପଷ୍ଟ କରିଛନ୍ତି।

ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ତାଙ୍କ ପ୍ରକୃତ ଖେଳ ଦେଖାଇବାର ସୁଯୋଗ ଦିଆଯିବା ଆବଶ୍ୟକ। ତାଙ୍କ ପାଖରେ ବହୁତ ପ୍ରତିଭା ଓ ଦକ୍ଷତା ରହିଛି ବୋଲି କପିଳ କହିଛନ୍ତି। ପାଣ୍ଡ୍ୟାଙ୍କୁ କପିଳଙ୍କ ସହ ତୁଳାନ କରାଯାଉଛି। ତେବେ କପିଳ ଏହାକୁ ନାପସନ୍ଦ କରିଛନ୍ତି। ଦୁଇ ଖେଳାଳିଙ୍କ ମଧ୍ୟରେ ତୁଳନା କରାଯିବା ଅନୁଚିତ୍। ଏହା କରାଗଲେ ସମ୍ପୃକ୍ତ ଖେଳାଳିଙ୍କ ଉପରେ ଚାପ ସୃଷ୍ଟି ହେବ। ତେଣୁ ହାର୍ଦ୍ଦିକଙ୍କ ଉପରେ ଚାପ ସୃଷ୍ଟି କରିବା ଅନୁଚିତ ବୋଲି କପିଳ ସ୍ପଷ୍ଟ କରିଛନ୍ତି।




## ଇଂଲଣ୍ଡ ଦଳରେ ଆର୍ଚର ସାମିଲ ହେବା ଜରୁରୀ: ଫ୍ଲିଣ୍ଟଫ୍

ଲଣ୍ଡନ,୯।୫(ଏ.ଏଫ.ପି.)

ମେ ୩୦ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱକପ୍‌ରେ ଆୟୋଜକ ଇଂଲଣ୍ଡ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ଦଳରେ ସାମିଲ କରିବା ନିହାତି ଜରୁରୀ ବୋଲି ପୂର୍ବତନ ଅଲରାଉଣ୍ଡର ଆଣ୍ଡ୍ରୁ ଫ୍ଲିଣ୍ଟଫ୍ କହିଛନ୍ତି। ଏଥିପାଇଁ ଆବଶ୍ୟକ ପଡିଲେ ଯେକୌଣସି ଖେଳାଳିଙ୍କୁ ବାଦ୍ ଦିଆଗଲେ କିଛି ଅସୁବିଧା ନାହିଁ ବୋଲି ସେ କହିଛନ୍ତି। ଗତ ସପ୍ତାହରେ ବାର୍ବାଡୋସ ଜନ୍ମିତ ଆର୍ଚର ଦିନିକିଆ ଓ ଟି୨୦ ଫର୍ମାଟରେ ପଦାର୍ପଣ କରିଥିଲେ। ଇଂଲଣ୍ଡରେ ୩ବର୍ଷ ରହିବା ପରେ ସେ ଏହି ଦେଶ ପାଇଁ ପଦାର୍ପଣ କରିବାର ସୁଯୋଗ ହାସଲ କରିଥିଲେ। ଆର୍ଚର ୯୦ ମାଇଲ ଅର୍ଥାତ୍ ଘଣ୍ଟା ପ୍ରତି ୧୪୫ କି.ମି. ବେଗରେ ବୋଲିଂ କରିବା ସହ ୟର୍କର ପକାଇବାର କ୍ଷମତା ରଖୁଛନ୍ତି। ପୁଣି ଆବଶ୍ୟକ ପଡିଲେ ସେ ମନ୍ଥର ଗତିରେ ମଧ ବୋଲିଂ କରୁଛନ୍ତି। ବୁଧବାରଠାରୁ ଓଭାଲରେ ପାକିସ୍ତାନ ବିପକ୍ଷ ଦିନିକିଆ ସିରିଜ ଆରମ୍ଭ ହେବାକୁ ଯାଉଛି। ଏହି ସିରିଜରେ ଭଲ ପ୍ରଦର୍ଶନ କଲେ ଆର୍ଚର ବିଶ୍ୱକପ୍ ଦଳରେ ସ୍ଥାନ ପାଇପାରିବେ ବୋଲି ଆଶା କରାଯାଉଛି। ଆର୍ଚରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ଫ୍ଲିଣ୍ଟଫ୍। ଆର୍ଚର ଜଣେ ଅସାଧାରଣ ବୋଲର ବୋଲି ଫ୍ଲିଣ୍ଟଫ୍ କହିଛନ୍ତି। ୨୦୧୫ ବିଶ୍ୱକପ୍‌ରେ ଇଂଲଣ୍ଡ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ତେବେ ଏହା ପରଠାରୁ ଦମ୍‌ଦାର ପ୍ରଦର୍ଶନ କରି ଇଂଲଣ୍ଡ ଏବେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ର୍‍ୟାଙ୍କିଙ୍ଗ୍‌ର ୧ ନମ୍ବର ସ୍ଥାନ ହାସଲ କରିଛି। ଇଂଲଣ୍ଡର ଅନ୍ତିମ ୧୫ ଜଣିଆ ଦଳରେ ୨୪ ବର୍ଷୀୟ ଆର୍ଚରଙ୍କୁ ସାମିଲ କରାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଆର୍ଚରଙ୍କର ମୁଁ ଜଣେ ବଡ଼ ପ୍ରଶଂସକ ଓ ତାଙ୍କ ବୋଲିଂ ଅତି ନିକଟରୁ ଲକ୍ଷ୍ୟ କରିଛି। ଅତି ସହଜରେ ସେ ଦ୍ରୁତଗତିରେ ବୋଲିଂ କରିପାରୁଛନ୍ତି। ନିଃସନ୍ଦେହରେ ସେ ଜଣେ ପ୍ରତିଭାସମ୍ପନ୍ନ ଦ୍ରୁତ ବୋଲର। ଆର୍ଚରଙ୍କୁ ଦଳରେ ସାମିଲ କରାଗଲେ କାହାକୁ ଦଳରୁ ବିଦା କରାଯିବ ବୋଲି ପ୍ରଶ୍ନ ହେବାରୁ ସେ ଉତ୍ତର ଦେଇଥିଲେ। ଆର୍ଚରଙ୍କ ପାଇଁ ଯେକୌଣସି ଖେଳାଳିଙ୍କୁ ବିଦା କରାଯିବାରେ କୌଣସି ଅସୁବିଧା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ଇଂଲଣ୍ଡ ପୂର୍ବରୁ ୩ଥର ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ କେବେବି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିନାହିଁ। ସବୁ ୩ଥର ଯାକ ଇଂଲଣ୍ଡ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଫ୍ଲିଣ୍ଟଫ୍ ୩ଥର ବିଶ୍ୱକପ୍ ଖେଳିଥିଲେ ମଧ ସବୁଥର ଇଂଲଣ୍ଡ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଇଅନ ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ଦିନିକିଆ ଫର୍ମାଟରେ ଏବେ ବେଶ୍ ଭଲ ପ୍ରଦର୍ଶନ କରୁଛି ବୋଲି କହିଛନ୍ତି। ଇଂଲଣ୍ଡ ଦିନିକିଆ ଦଳ ବେଶ୍ ସନ୍ତୁଳିତ ମନେହେଉଛି। ଆଗାମୀ ବିଶ୍ୱକପ୍‌ରେ ଘରୋଇ ପରିବେଶରୁ ଫାଇଦା ଉଠାଇ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରିବ ବୋଲି ଫ୍ଲିଣ୍ଟଫ୍ ଆଶା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର
#### ହତ୍ୟା ଅଭିଯୋଗ

**ଭଦ୍ରକ ଅଫିସ, ୯।୫:** ଭଦ୍ରକ ଟାଉନ ଥାନା ପୋଲିସ ସହରର ଗୋପବନ୍ଧୁନଗରର ପ୍ରଫୁଲ୍ଲ ରାଏଙ୍କ ଘରୁ ତାଙ୍କ ବୋହୂ ମମତା ରାଏଙ୍କ ଝୁଲନ୍ତା ମୃତଦେହ ଗୁରୁବାର ଉଦ୍ଧାର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୫୧/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ପରେ ମୃତଦେହ ମମତାଙ୍କ ବାପଘର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ମମତାଙ୍କୁ ଅଧିକ ଯୌତୁକ ପାଇଁ ମାରି ଦିଆଯାଇଥିବା ତାଙ୍କ ବାପଘର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପ୍ରକାଶ ଯେ, ମମତାଙ୍କ ବାପଘର ଧୂଷୁରୀ ଥାନା ଅନ୍ତର୍ଗତ ଅଜମତ୍‌ପୁର ଗାଁରେ। ତାଙ୍କ ସ୍ୱାମୀ ବାହାରେ ରହୁଥିବା ବେଳେ ଘରେ କେବଳ ତାଙ୍କର ବୃଦ୍ଧ ଶ୍ୱଶୁର ପ୍ରଫୁଲ୍ଲ ରହୁଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

### ପୋଖରୀରେ ପଡ଼ି ବାଳିକା ମୃତ

**ହାଟଡିହୀ, ୯।୫(ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ମରେଇଗାଁ ପଞ୍ଚାୟତର ଡଙ୍କୁରୀ ଗ୍ରାମରେ ମାୟାଧର ସା (ଶରତ)ଙ୍କ ଝିଅ ରୀତାରାଣୀ(୧୭)ଙ୍କର ପୋଖରୀରେ ପଡି ପ୍ରାଣ ହରାଇଛନ୍ତି। ଘର ଲୋକଙ୍କ କହିବାନୁଯାୟୀ ସେ ଗଛରେ ପାଣିଦେବାକୁ ଯାଇଥିଲେ। ପାଣି ଆଣୁ ଆଣୁ ପୋଖରୀରେ ପଡିଯାଇଥିବା ଅନୁମାନ କାରାଯାଉଛି। ଗାଁ ଲୋକେ ବହୁସମୟ ପୋଖରୀରେ ଖୋଜାଖୋଜି କଲାପରେ ରୀତାଙ୍କ ମୃତଦେହ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ରାସ୍ତାରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ

**ହାଟଡ଼ିହୀ,୯।୫(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ନିକଟସ୍ଥ ଆନନ୍ଦପୁର-ଭଦ୍ରକ ୫୩ନଂ ରାଜ୍ୟ ରାଜପଥରେ ଜଣେ ଯୁବକ ଦୀର୍ଘ ସମୟଧରି ଦୌରାତ୍ମ୍ୟ ସୃଷ୍ଟି କରିଥିଲେ। ସେ ହେଉଛନ୍ତି ଭଦ୍ରକ ମୋଟେଲ ଛକର ବାସିନ୍ଦା। ସେ ହାଟଡ଼ିହୀ ଅଞ୍ଚଳର ତାଙ୍କ ବନ୍ଧୁଙ୍କ ଘରକୁ ଆସିଥିଲେ। ବୁଧବାର ପ୍ରାୟ ଦଶଟା ସମୟ ଠାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ହାତରେ ଏକ ଲୁହା ପାଇପ ଧରି ଗାଡ଼ି ଚାଳକ ଓ ପଥଚାରୀଙ୍କୁ ପିଟୁଥିଲେ। ସ୍ଥାନୀୟ ଲୋକ ପୋଲିସକୁ ଖବର ଦେବା ପରେ ବହୁ କଷ୍ଟରେ ଯୁବକଙ୍କୁ କାବୁ କରାଯାଇ ଥାନାରେ ଅଟକ ରଖାଯାଇଛି ।

■ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ୨୯ରୁ ରବି ଧାନ ସଂଗ୍ରହ ଆରମ୍ଭ

**ବାଲେଶ୍ୱର ଅଫିସ, ୯।୫**

ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ପକ୍ଷରୁ ରବି ଧାନ କ୍ରୟ ସମ୍ପର୍କିତ ଏକ ବୈଠକ ଗୁରୁବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଖରିଫ ଧାନ ସଂଗ୍ରହ କ୍ଷେତ୍ରରେ ହୋଇଥିବା ଲକ୍ଷ୍ୟ ପୂରଣ ଏବଂ ରବି ଧାନ ସଂଗ୍ରହ ଲାଗି ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା।

ଜିଲା ଯୋଗାଣ ଅଧିକାରୀ ରବିନାରାୟଣ ପୃଷ୍ଟିଙ୍କ ସମେତ ବିଭାଗୀୟ ଅଧିକାରୀ ଓ ମିଲର୍ସମାନେ ଏଥିରେ ଯୋଗଦେଇ ରବି ଧାନ କ୍ରୟ ଲାଗି ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ଏବଂ ଏହାର ବିଭିନ୍ନ ପ୍ରକ୍ରିୟା ଉପରେ ସମୀକ୍ଷା କରିଥିଲେ। ଧାନ ସଂଗ୍ରହ କ୍ଷେତ୍ରରେ ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ପ୍ରତି ଦୃଷ୍ଟି ଦେବା ଏବଂ ସମସ୍ତ ପର୍ଯ୍ୟାୟରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାରେ ମୋଟ ୨ଲକ୍ଷ ୨୦ହଜାର


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

୫୮୮ କୁଇଣ୍ଟାଲ ରବି ଧାନ ସଂଗ୍ରହ ଲାଗି ଲକ୍ଷ୍ୟ ରଖାଯାଇଥିବା ବେଳେ ସର୍ବନିମ୍ନ ସହାୟକ ମୂଲ୍ୟ ଏ ଗ୍ରେଡ୍ ଧାନ କୁଇଣ୍ଟାଲ ପ୍ରତି ୧୭୭୦ ଟଙ୍କା ଏବଂ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୭୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏଥିଲାଗି କୃଷକମାନଙ୍କ ପଞ୍ଜୀକରଣ ସହ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ଜମିଜମା ରେକର୍ଡ଼ର ଯାଞ୍ଚ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ମେ ୨୯ ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ସହିତ ଅଧିକ ସଂଖ୍ୟାରେ ଚାଷୀଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବା, ସଂଗ୍ରହ ହୋଇଥିବା ଧାନର ମିଲିଂକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସାରି ଏହାକୁ ହସ୍ତାନ୍ତର କରିବା, ଷ୍ଟୋରେଜ୍ କ୍ଷମତାର ପୂର୍ଣ୍ଣ ଉପଯୋଗ କରିବା ଉପରେ ବୈଠକରେ ମତପ୍ରକାଶ ପାଇଥିଲା। ସେହିପରି ଧାନ କ୍ରୟ ଲାଗି ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଗାଇଡଲାଇନର ପାଳନ କରାଯିବା ସହିତ ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବାକୁ ଯୋଗାଣ ବିଭାଗକୁ କୁହାଯାଇଥିଲା। ବୈଠକରେ ଯୋଗାଣ ବିଭାଗ ସହିତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିବା ବେଳେ ଚାଷୀମାନଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦିଆଯାଇଥିଲା।

## ‘ସହାୟକ’ ତରଫରୁ ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା

**ବାଲେଶ୍ୱର ଅଫିସ,୯।୫:** ସ୍ୱେଚ୍ଛାସେବୀ ସଙ୍ଗଠନ ‘ସହାୟକ’ ତରଫରୁ ଗତ ସାମୁଦ୍ରିକ ଝଡ଼ ‘ଫନୀ’ ପ୍ରଭାବରେ କ୍ଷତିଗ୍ରସ୍ତ ବିପନ୍ନମାନଙ୍କ ସହାୟତା ପାଇଁ ୧୦ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି। ଗୁରୁବାର ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କୁ ସଙ୍ଗଠନର କର୍ମକର୍ତ୍ତାମାନେ ୧୦ହଜାର ଟଙ୍କା ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରଦାନ କରିଥିଲେ। ଅନୁଷ୍ଠାନ ତରଫରୁ ଉପଦେଷ୍ଟା ଧିରେନ୍ଦ୍ର ନାରାୟଣ ଦାସ, ସଭାପତି ଇଂ. ସୁରେନ୍ଦ୍ର ନାଥ ଦାସ, ସମ୍ପାଦକ ଇଂ. ବନମାଳୀ ନାୟକଙ୍କ ସମେତ ଲୋକନାଥ ଆଚାର୍ଯ୍ୟ, ରାଜେନ୍ଦ୍ର ରାଉତ, ସଚିନ୍ଦ୍ର ଦାସ, ଗୌରାଙ୍ଗ ପାଣିଗ୍ରାହୀ, ସାବିତ୍ରୀ ଦାସ, ଯଶୋଦାନନ୍ଦନ ଆସ, ବଂଶୀଧର ମହାପାତ୍ର, ଦିବାକର ମହାପାତ୍ର, ଇଂ ଶିବପ୍ରସାଦ ବେହେରା, ପ୍ରଫୁଲ୍ଲ କୁମାର ସେଠୀ, ଭବେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ ଅବସରରେ ଉପସ୍ଥିତ ଥିଲେ। ବିପନ୍ନମାନଙ୍କୁ ଜନସାଧାରଣ ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବାକୁ ସଙ୍ଗଠନ ତରଫରୁ ନିବେଦନ କରାଯାଇଛି।


‘ସହାୟକ’ କର୍ମକର୍ତ୍ତା ସହାୟତା ରାଶି ପ୍ରଦାନ କରୁଛନ୍ତି।

## ଡ୍ରେନରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ବଡ଼ବିଲ, ୯।୫(ସ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ-ନାଲଦା ରାଜ୍ୟ ରାଜପଥରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ନିକଟସ୍ଥ ଡ୍ରେନରୁ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣଙ୍କ ହେଲେ ପାଲ ହଟିଂ ଅଞ୍ଚଳର ସଞ୍ଚାରି ପାତ୍ର (୪୩)। ପୋଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମହିଳାଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ କୌଣସି ଅଜଣା ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି।

■ ଯୁବତୀଙ୍କୁ ବଳାତ୍କାର ମାମଲା

## ଦୋଷୀଙ୍କୁ ୧୦ବର୍ଷ ଜେଲ

**ବାରିପଦା ଅଫିସ,୯।୫**

ଏକ ବଳାତ୍କାର ମାମଲାର ବିଚାର କରି ମୟୂରଭଞ୍ଜ ଜିଲା ଅତିରିକ୍ତ ଜିଲା ଦୌରଜଜ୍ ଶାନ୍ତନୁ କୁମାର ଦାସ ଗୁରୁବାର ଦୋଷୀଙ୍କୁ ୧୦ ବର୍ଷ ଜେଲ ଓ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ୬ ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

୨୦୧୬ ମାର୍ଚ୍ଚ ୧୩ ତାରିଖରେ କୁଳିଅଣା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଘରକୁ ତାଙ୍କ ସମ୍ପର୍କୀୟ ଭାଇ ଯୋଗେନ୍ଦ୍ର ନାଏକ ଆସିଥିଲେ। ଯୁବତୀ ଜଣକ ତାଙ୍କ ପାଇଁ ମାଂସ ଏବଂ ରୁଟି ରୋଷେଇ କରୁଥିବା ସମୟରେ ଯୋଗେନ୍ଦ୍ର ଯୁବତୀଙ୍କ ଭାଇଙ୍କୁ ମଦ ଆଣିବା ପାଇଁ ବାହାରକୁ ପଠାଇଥିଲେ। ଯୁବତୀ ଜଣକ ରୋଷେଇ ସାରି ଖାଇବାକୁ ଡାକିବା ବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ଯୋଗେନ୍ଦ୍ର ଯୁବତୀଙ୍କୁ ବଳାତ୍କାର କରିଥିଲେ। ଏକଥା କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ପରଦିନ ସକାଳେ ଯୋଗେନ୍ଦ୍ର ତାଙ୍କ ଘରରୁ ଫେରିଯାଇଥିଲେ। ପରେ ପୀଡ଼ିତା ଘଟଣା ସମ୍ପର୍କରେ ତାଙ୍କ ଭାଇଙ୍କୁ ଜଣାଇଥିଲେ। ଏହି ଘଟଣାର ଆପୋସ ସମାଧାନ ପାଇଁ ପୀଡିତା ଓ ଯୋଗେନ୍ଦ୍ରଙ୍କ ପରିବାର ମଧ୍ୟରେ ଆଲୋଚନା ହୋଇଥିଲା। ଯୋଗେନ୍ଦ୍ର ପୀଡିତାଙ୍କୁ ବିବାହ କରିବେ ବୋଲି ରାଜି ହୋଇଥିଲେ ମଧ୍ୟ ଅନ୍ୟତ୍ର ବିବାହ କରିଥିଲେ। ଏନେଇ ପୀଡ଼ିତା କୁଳିଅଣା ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ (ନଂ. ୩୮/୧୬)ରେ ଏକ ମାମଲା ରୁଜୁକରି ଯୋଗେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

## ଗେଷ୍ଟହାଉସରୁ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର ଘଟଣା: ୩ ଗିରଫ

**ଭଦ୍ରକ ଅଫିସ, ୯।୫**

ଭଦ୍ରକ ଟାଉନ ଥାନା ଅଧୀନ କୁଆଁସ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ସାଳନ୍ଦୀ ଗେଷ୍ଟହାଉସର ଏକ ରୁମ୍‌ରୁ ସୋମବାର ପ୍ରେମୀଯୁଗଳଙ୍କ କ୍ଷତାକ୍ତ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ଏହି ଘଟଣାରେ ୨ ମୃତକଙ୍କ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ କ୍ରମେ ପୋଲିସ ୨ଟି ମାମଲା(ନଂ. ୨୨୭/୧୯ ଓ ୨୨୮/୧୯) ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ୩ ଜଣଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗେଷ୍ଟହାଉସର ମାଲିକ ବୁଲୁ ବେହେରା, ତାଙ୍କ ସ୍ତ୍ରୀ ସଞ୍ଜୁଲତା ବେହେରା ଓ ଗେଷ୍ଟହାଉସ ମ୍ୟାନେଜର ଅର୍ଜୁନ ମହାନ୍ତି। ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ଟାଉନ ଥାନାଧିକାରୀ ସରୋଜିନୀ ସିଂ ସୂଚନା ଦେଇଛନ୍ତି।

ଉଲ୍ଲେଖନୀୟ ଯେ, ଘଟଣା ଦିନ ଏହାକୁ ନେଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଯାଇଥିଲା। ଘଟଣାସ୍ଥଳରେ ପୋଲିସ ମୁତୟନ ରହି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ବାଲେଶ୍ୱରରୁ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରିଥିଲା। ମୃତ ଯୁବତୀଙ୍କ ଶରୀରରେ ପ୍ରାୟ ୨୪ଟି ସ୍ଥାନ ଓ ଯୁବକଙ୍କ ଦେହରେ ୧୦ରୁ ଉର୍ଦ୍ଧ୍ୱ ସ୍ଥାନରେ କ୍ଷତାକ୍ତ ଚିହ୍ନ ରହିଥିଲା। ମୃତଦେହ ବ୍ୟବଚ୍ଛେଦ ଓ ସାଇଣ୍ଟିଫିକ୍ ରିପୋର୍ଟ ଆସିବା ପରେ ଏହା ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି।

■ ଅଫିସ ବାହାରେ ରାତି କାଟିଲେ ୪ ମହିଳା କର୍ମଚାରୀ

# ୭ ଦିନ ବିତିଲା, କାର୍ଯ୍ୟାନୁଷ୍ଠାନ ଶୂନ

**ଭଦ୍ରକ ଅଫିସ, ୯।୫**

**ତାଲା ପକାଇ ଛାଡ଼ି ପଳାଇଲେ ଅଧିକାରୀ**

୪ ଜଣ ମହିଳା କର୍ମଚାରୀଙ୍କୁ ରାତିରେ ଅଫିସ ବାହାରେ ରଖି ଅଧିକାରୀ ତାଲା ପକାଇ ପଳାଇଗଲେ। ସାରାରାତି ପଦାରେ ରହିଲେ ୪ ମହିଳା କର୍ମଚାରୀ। ଏନେଇ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଏହାର ତଦନ୍ତ କରାଯାଇ ନାହିଁ। ଘଟଣାକୁ ୭ ଦିନ ବିତିବା ପରେ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ଘଟଣାର ତଦନ୍ତ ନ ହେବାରୁ ଉକ୍ତ ୪ ମହିଳା କର୍ମଚାରୀ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି।

ଫନୀର ପୂର୍ବଦିନ ଅର୍ଥାତ୍ ୨ ତାରିଖ ରାତିରେ ଏହି ଘଟଣା ଘଟିଥିଲା। ଭଣ୍ଡାରିପୋଖରୀ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ବାହାରେ ଏହି ୪ ମହିଳା ପରିଦର୍ଶିକାଙ୍କୁ ରାତିଅଧରେ ଅଫିସ୍ ବାହାରେ ରଖି ସେଠାକାର ଜଣେ ଅଧିକାରୀ ତାଲା ପକାଇ ନିଜ ଘରକୁ ଚାଲିଯାଇଥିଲେ। କାର୍ଯ୍ୟାଳୟ ବାହାରେ ସମୟ ବିତାଇବା ପରେ ପରଦିନ ସକାଳୁ ଏ ନେଇ ସେମାନେ ବିଡିଓଙ୍କ ଘରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଧିକାରୀ ଜଣଙ୍କ ୨ ତାରିଖ ସନ୍ଧ୍ୟା ୬ଟାରେ ସେମାନଙ୍କୁ ଭଣ୍ଡାରିପୋଖରୀ କାର୍ଯ୍ୟାଳୟକୁ ଡାକିଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ କାର୍ଯ୍ୟ ସାରି ଆମକୁ ଯିବା ପାଇଁ କହି ନିଜେ ଅଫିସରେ ତାଲା ପକାଇ ପଳାଇ ଯାଇଥିଲେ। ସେମାନେ କିଛି ନ ଖାଇ ନ ପିଇ ରାତି ଅନିଦ୍ରା ହୋଇ ଅଫିସ୍ ବାହାରେ ରହିଥିବା ଅଭିଯୋଗରେ ଦର୍ଶାଇଥିଲେ। ଏ ସମ୍ପର୍କରେ ବିଡିଓ ବନମାଳୀ ତରାଇଙ୍କୁ ପଚାରିବାରୁ କହିଛନ୍ତି, ଅଭିଯୋଗର ସତ୍ୟତା ରହିଛି। ନିର୍ବାଚନ କାର୍ଯ୍ୟ ବ୍ୟସ୍ତତାରେ ଏହି କର୍ମଚାରୀଙ୍କ ଲିଖିତ ଅଭିଯୋଗପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇ ନାହିଁ। ଶୁକ୍ରବାର ଅଭିଯୋଗପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ସୁପାରିଶ କରାଯିବ ବୋଲି ସେ କହିଛନ୍ତି।

## ନଦୀରେ ବୁଡ଼ି ଜଣେ ନିଖୋଜ

**ହାଟଡ଼ିହୀ, ୯।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ପଞ୍ଚୁଗୋଛିଆ ପଞ୍ଚାୟତ ବରେଶର ଗ୍ରାମର ବୃନ୍ଦାବନ ବିଶାଳ(୪୮) ନିକଟସ୍ଥ ବୈତରଣୀ ନଦୀରେ ଗାଧୋଇବା ସମୟରେ ବୁଡ଼ି ଯାଇଥିଲେ। ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ବି ବୃନ୍ଦାବନଙ୍କ କୌଣସି ପତ୍ତା ମିଳିପାରିନି ।

## ଦୁର୍ଘଟଣାରେ ଟ୍ରେଲର ଚାଳକଙ୍କ ମୃତ୍ୟୁ

**ବେତନଟୀ,୯।୫(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥର ତୁଳସୀଚୌରା ନିକଟରେ ବୁଧବାର ରାତି ୩ ଟାରେ ଏକ ଟ୍ରେଲର ଧକ୍କାରେ ଅନ୍ୟ ଏକ ଟ୍ରେଲର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଟ୍ରେଲର ଚାଳକ ରାଜେନ୍ଦ୍ର ସିଂ (୪୨) ଓ ତାଙ୍କ ଘର ପଞ୍ଜାବର ଫତେଗଡ ଜିଲାରେ ବୋଲି ଜଣାପଡ଼ିଛି । ତୁଳସୀଚୌରାଠାରେ ରାଜେନ୍ଦ୍ର ଗାଡ଼ିରୁ ଓହ୍ଲାଇ ଠିଆ ହୋଇଥିବା ବେଳେ ପଛପଟୁ ଅନ୍ୟ ଏକ ଟ୍ରେଲର ଆସି ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ବେତନଟୀ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ମାମଲା (ନଂ. ୬୬/୨୦୧୯) ରୁଜୁ କରିଛି।

■ ୬ ଦିନ ଧରି ଅନ୍ଧାରରେ ଗାଁ

# ନେସ୍କୋ କାର୍ଯ୍ୟାଳୟ ଘେରିଲେ ଉପଭୋକ୍ତା



ଉପଭୋକ୍ତାମାନେ ନେସ୍କୋ କାର୍ଯ୍ୟାଳୟକୁ ଘେରିଛନ୍ତି।

**ତିହିଡ଼ି, ୯।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅନ୍ତର୍ଗତ ବାମନବିନ୍ଧା ପଞ୍ଚାୟତ ମମାନିପୁର ଗାଁ ୬ ଦିନ ହେଲା ଅନ୍ଧାରରେ ରହିଛି। ଏହାର ପ୍ରତିବାଦରେ ବିଦ୍ୟୁତ୍ ଉପଭୋକ୍ତାମାନେ ଗୁରୁବାର ବିଦ୍ୟୁତ୍(ନେସ୍କୋ) କାର୍ଯ୍ୟାଳୟ ଘେରିଥିଲେ। ଫନି ପ୍ରଭାବରେ ଗଛ ଭାଙ୍ଗି ବିଦ୍ୟୁତ୍ ଖୁଣ୍ଟ ଉପରେ ପଡ଼ିଥିଲା। ଏହାଦ୍ୱାରା ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯିବା ସହ ଟ୍ରାନ୍ସଫର୍ମର ନଷ୍ଟ ହୋଇଯାଇଛି। ଗ୍ରାମର ଉପଭୋକ୍ତାମାନେ ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଥିଲେ। ଏହା ମଧ୍ୟରେ ୬ଦିନ ବିତିଯାଇଥିଲେ ମଧ ନୂତନ ବିଦ୍ୟୁତ୍ ଖୁଣ୍ଟ ବସାଯାଇ ଟ୍ରାନ୍ସଫର୍ମର ସଚଳ କରାଯିବା ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଉପଭୋକ୍ତାମାନେ ଅନ୍ଧାରରେ ରହିବା ସହ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମର ମହେଶ୍ୱର ବାରିକ, ଈଶ୍ୱର ଚନ୍ଦ୍ର ବେହେରା, ବାବାଜୀ ବାରିକ, ପ୍ରଫୁଲ୍ଲ ମୁଦୁଲି, କୃଷ୍ଣଚନ୍ଦ୍ର ବେହେରା, ସୁବାସ ଚନ୍ଦ୍ର ମୁଦୁଲି, ଲକ୍ଷ୍ମୀଧର ବେହେରା ଓ ରାମଚନ୍ଦ୍ର ବେହେରା ପ୍ରମୁଖ ନେସ୍କୋ କାର୍ଯ୍ୟାଳୟକୁ ଘେରିବା ସହ ଏସ୍‌ଡିଓଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଛନ୍ତି।

■ ଗ୍ରାମ ରାସ୍ତା ହାଣିବା ଘଟଣା

# କାର୍ଯ୍ୟାନୁଷ୍ଠାନ ନ ହେଲେ ୧୭ରୁ ଗଣଧାରଣା

**ଖଇରା, ୯।୫(ଡି.ଏନ.ଏ.)**

ଖଇରା ଥାନା ସାରୁଗାଁ ପଞ୍ଚାୟତ ମିଟୁଆଣି ଗ୍ରାମ ପାମ୍ପୁଡ଼ିଆସାହି ରାସ୍ତାକୁ ଜଣେ ବ୍ୟକ୍ତି ହାଣି ନଷ୍ଟ କରିବା ଅଭିଯୋଗରେ ସମଗ୍ର ମିଟୁଆଣି ଗ୍ରାମବାସୀ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଏସ୍‌ପି ବି. ଯୁଗଳ କିଶୋର କୁମାର, ଖଇରା ଥାନାଧିକାରିଣୀ ଲୋପାମୁଦ୍ରା ନାୟକଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଯଦି ୧୬ତାରିଖ ସୁଦ୍ଧା ରାସ୍ତା ପୁନଃ ନିର୍ମାଣ ଲାଗି ବ୍ୟବସ୍ଥା କରା ନ ଗଲେ ସମୂହ ଗ୍ରାମବାସୀ ଖଇରା ଥାନା ସମ୍ମୁଖରେ ଗଣଧାରଣାରେ ବସିବାକୁ ଗ୍ରାମର ସୁକାନ୍ତ ବେହେରା, ଭୋଳାନାଥ ବେହେରା, ବିଶେଶ୍ୱର ସାହୁ, ସତ୍ୟଭାମା ସାହୁ, ରବୀନ୍ଦ୍ର ସାହୁ ଓ ନିରଞ୍ଜନ ଲେଙ୍କା ପ୍ରମୁଖ ଚେତାବନୀ ଦେଇଛନ୍ତି ।

ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର ଭାସ୍କର ଖିଲାରଙ୍କ ପୂର୍ବଜ ଉକ୍ତ ପାମ୍ପୁଡ଼ିଆ ସାହି ଲୋକଙ୍କ ଯାତାୟାତ ପାଇଁ ରାସ୍ତା ମଝିରେ ଆସୁଥିବା କିଛି ଅଂଶ ଜମିଦାନ କରିଥିଲେ। ଗତ ୫୦ବର୍ଷ ଧରି ଗ୍ରାମବାସୀ ଯାତାୟତ କରୁଥିବା ବେଳେ ସେମାନଙ୍କର ଉତ୍ତରାଧିକାରୀ ଭାବେ ଭାସ୍କର ଖିଲାର ୨୦୧୮ମସିହା ରାସ୍ତାର ଏହି ଅଂଶକୁ ନିଜର ବୋଲି ଦାବି କରି ସାହି ବାସିନ୍ଦାଙ୍କ ଯାତାୟାତକୁ ବନ୍ଦ କରିଥିଲେ। ସମସ୍ୟାର ସମାଧାନ ଲାଗି ୨୦୧୮ମସିହା ଅଗଷ୍ଟ ୨୦ତାରିଖରେ ଭଦ୍ରବ୍ୟକ୍ତି ଅନଦି ଚନ୍ଦ୍ର ଧର, ପ୍ରଭାକର ଦତ୍ତ, ରମାକାନ୍ତ ଦାସ, ଶିବ ବେହେରା, ଭରତ ଚରଣ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାସ୍କର ଖିଲାର ଜମିରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରିବେ ନାହିଁ ବୋଲି ସମ୍ମତି ପ୍ରଦାନ କରିଥିଲେ। ହେଲେ ଏବେ ନିକଟରେ ବ୍ୟକ୍ତିଗତ ଶତ୍ରୁତାକୁ ନେଇ ପୁନର୍ବାର ଭାସ୍କର ରାସ୍ତାକୁ ହାଣି ସମାନ କରିଦେଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏବେ ବର୍ଷା ପରେ ରାସ୍ତାରେ ପାଣି ଜମି ରହିବା କାରଣରୁ ସାହିବାସିନ୍ଦାଙ୍କ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଖଇରା ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକଙ୍କୁ ଯୋଗାଯୋଗ କରିବାରେ ସମସ୍ୟାର ସମାଧାନ ପାଇଁ ଉଭୟ ପକ୍ଷଙ୍କୁ ଶୁକ୍ରବାର ଥାନାକୁ ଡକାଯାଇଛି ବୋଲି କହିଛନ୍ତି ।


ପାମ୍ପଡିଆ ସାହି ରାସ୍ତାକୁ ହାଣି ସମାନ କରାଯାଇଛି।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

**ସଂକ୍ଷେପରେ**

## ପୋଖରୀକୁ ଗାଧୋଇବାକୁ ଯାଇ ବ୍ୟକ୍ତିଙ୍କ ମୃତ୍ୟୁ

**ଯୋଡ଼ା, ୯।୫(ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ବେଲଦା ମୁଣ୍ଡାସାହିରେ ପୋଖରୀକୁ ଗାଧୋଇବାକୁ ଯାଇ ଜଣେ ବ୍ୟକ୍ତିଙ୍କର ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ବେଲଦା ମୁଣ୍ଡା ସାହିର ଗମା ମୁଣ୍ଡା(୫୦)। ବୁଧବାର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ତେବେ ସନ୍ଧ୍ୟା ସମୟରେ ସ୍ଥାନୀୟ ଲୋକେ ଉକ୍ତ ପୋଖରୀରେ କେହି ଜଣେ ଭାସୁଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ଅସହ୍ୟ ତାତିରେ ଜନଜୀବନ ଅସ୍ତବ୍ୟସ୍ତ



**ଆନନ୍ଦପୁର,୯। ୫(ସ୍ୱ.ପ୍ର.):** ଆନନ୍ଦପୁରରେ ଗ୍ରୀଷ୍ମ ପ୍ରବାହ ଫଳରେ ଅସହ୍ୟ ତାତି ଅନୁଭୂତ ହେଉଛି। ତାପମାତ୍ର ୪୦ ଡିଗ୍ରୀରୁ ଅଧିକ ରହୁଥିବାରୁ ଦିନ ୧୧ ଟା ଠାରୁ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଦିନରେ ତାତି ଓ ରାତିରେ ଗୁଳୁଗୁଳି ଲୋକଙ୍କୁ ବ୍ୟତିବ୍ୟସ୍ତ କରିପକାଇଛି। ତତଲା ପବନ ସାଙ୍ଗକୁ ମୁଣ୍ଡଫଟା ଖରାରେ ଜନ ଜୀବନଙ୍କୁ ଅସ୍ତବ୍ୟସ୍ତ କରିପକାଇଛି। ଲୋକମାନେ ଯାତାୟାତ କ୍ଷେତ୍ରରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆନନ୍ଦପୁରରେ ବାଟୋଇମାନଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ଜଳଛତ୍ରର ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବା ପରିଲକ୍ଷିତ ହୋଇଛି। ଜନଗହଳିପୂର୍ଣ୍ଣ ବ୍ରିଜଛକରେ ଯାତ୍ରୀମାନେ ବିଶ୍ରାମ ନେବା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହୋଇଛି।

## ଅକ୍ଷୟ ତୃତୀୟା ଉତ୍ସବ ପାଳିତ

**ଆନନ୍ଦପୁର,୯। ୫(ସ୍ୱ.ପ୍ର.):** ଘସିପୁରା କୃଷି ପରାମର୍ଶ କେନ୍ଦ୍ର ପକ୍ଷରୁ ଗୋହିରାସ୍ଥିତ କୃଷି ଫାର୍ମଠାରେ ଅକ୍ଷୟ ତୃତୀୟା ଉତ୍ସବ ପାଳିତ ହୋଇଯାଇଛି। ଘସିପୁରା ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଡ. ମଧୁସ୍ମିତା ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଂରକ୍ଷଣ ଅଧିକାରୀ ଅଶୋକ ମହାପାତ୍ର, ବ୍ଲକ ପ୍ରାଣୀଧନ ଅଧିକାରୀ ଅଭୟ କୁମାର ସାହୁ, ଉଦ୍ୟାନ ବିଭାଗ ସହକାରୀ ଅଧିକାରୀ ଉଦୟନାଥ ଧୀର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋହିରା ଫାର୍ମ ଅଧୀକ୍ଷକ ଆନନ୍ଦ ଚନ୍ଦ୍ର ଜେନା, ଘସିପୁରା କୃଷି ଅଧିଦର୍ଶକ ଶତ୍ରୁଘ୍ନ ପତି, ଆତ୍ମାର ସୁବ୍ରତ ଜେନା, ଭିଏଡବ୍ଲ୍ୟୁ ରୀତାଞ୍ଜଳି ରାଉଳଙ୍କ ସମେତ କୃଷି ପରାମର୍ଶ କେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ଥିଲେ।

■ 'ଫନୀ' କ୍ଷୟକ୍ଷତିର ସମୀକ୍ଷା କଲେ ଜିଲାପାଳ

# ଚୂଡ଼ାନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**କେନ୍ଦୁଝର, ୯।୫(ସ୍ୱ.ପ୍ର./ଡି.ଏନ.ଏ.)**

'ଫନୀ' ପ୍ରଭାବରେ କେନ୍ଦୁଝର ଜିଲାରେ ହୋଇଥିବା ବାତ୍ୟାଜନିତ କ୍ଷୟକ୍ଷତି ଏବଂ ପୁନରୁଦ୍ଧାର ଓ ପୁନର୍ଗଠନ କାର୍ଯ୍ୟ ସମ୍ପର୍କରେ ଜିଲାପାଳ ଆଶିଷ ଠାକରେ ଗୁରୁବାର ପୂର୍ବାହ୍ନରେ ସମୀକ୍ଷା କରି ଗୁରୁବାର ସନ୍ଧ୍ୟା ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବାହ୍ନରେ ଦରବାର ହଲ୍‌ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାପାଳ ବିଭାଗୱାରୀ କ୍ଷୟକ୍ଷତିର ବିବରଣୀ ଉପରେ ବିଶଦ ଭାବେ ସମୀକ୍ଷା କରିଥିଲେ। ଖରାଦିନିଆ କୃଷି, ପନିପରିବା ଚାଷର କ୍ଷୟକ୍ଷତି, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାସ୍ତାର କ୍ଷୟକ୍ଷତି ଓ ପୁନଃ ନିର୍ମାଣ ସମ୍ପର୍କରେ



ବୈଠକରେ ଉପସ୍ଥିତ ଜିଲାପାଳଙ୍କ ସହ କର୍ମୀମାନେ।

ସମୀକ୍ଷା କରିଥିଲେ । ଏତଦ୍‌ବ୍ୟତୀତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତଥା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନ, ଛାତ୍ରାବାସ ଓ ଛାତ୍ରୀ ନିବାସର କ୍ଷୟକ୍ଷତି, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଜନସ୍ୱାସ୍ଥ୍ୟ ବିଭାଗ ଏବଂ ଅନ୍ୟ ଲାଇନ୍ ଡିପାର୍ଟମେଣ୍ଟର କ୍ଷୟକ୍ଷତି, ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିବା ଅଞ୍ଚଳରେ ବିଦ୍ୟୁତ ଯୋଗାଣ ଏବଂ ଅନ୍ୟାନ୍ୟ ବିଭାଗ ଅନ୍ତର୍ଗତ କ୍ଷୟକ୍ଷତି ଉପରେ ସମୀକ୍ଷା କରି ଚୂଡ଼ାନ୍ତ କ୍ଷୟକ୍ଷତିର ବିବରଣୀ ଦେବାକୁ ଜିଲାପାଳ ଠାକରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ, ପିଏ ଆଇଟିଡିଏ କେନ୍ଦୁଝର ନାରାୟଣ ମୁର୍ମୁ, କେନ୍ଦୁଝର ଉପଜିଲାପାଳ ସୋମନାଥ ପ୍ରଧାନ, ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ଏମରଜେନ୍‌ସି ସୁରିକା ବେହେରାଙ୍କ ସମେତ ଜିଲାର ବିଡିଓ, ତହସିଲଦାର, ପୌରପାଳିକାର ନିର୍ବାହୀ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ସମ୍ବର୍ଦ୍ଧନା

**ଆନନ୍ଦପୁର,୯। ୫(ସ୍ୱ.ପ୍ର.)**

ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ଓ କନିଷ୍ଠ ଶିକ୍ଷକ ସଂଘର ମିଳିତ ଆନୁକୂଲ୍ୟରେ ଘସିପୁରା ବ୍ଲକ ସାଇଁକୁଳ ନେହେରୁ ହାଇସ୍କୁଲ ପରିସରରେ ଅବସର ଗ୍ରହଣ କରିଥିବା ଘସିପୁରା ବ୍ଲକ ଶିକ୍ଷାଧିକାରୀ ଗୋପାଳ ଚନ୍ଦ୍ର ପତିଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଉମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଶିକାନ୍ତ ବେହେରା, ବିବେକାନନ୍ଦ ଭୂୟାଁ, ରବୀନ୍ଦ୍ର କୁମାର ଆଚାର୍ଯ୍ୟ, ମୀରାମ୍ବିକା ନାୟକ, ଦେବେନ୍ଦ୍ର ଦାସ ପ୍ରମୁଖ ବିଦାୟୀ ଶିକ୍ଷାଧିକାରୀ ପତିଙ୍କ ପ୍ରଶାସନିକ ଦକ୍ଷତା, କର୍ତ୍ତବ୍ୟପରାୟଣତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଇଓ ଶରତ କୁମାର ରାଉତ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ବିଆରସିସି ମନମୋହନ ସାମଲ, ଶିକ୍ଷକ ସଂଘ ନେତା ଦିଲ୍ଲୀପ କୁମାର ରାଉତ, ପ୍ରାଣନାଥ ଜେନା ପ୍ରମୁଖ ଉପସ୍ଥିତ ରହି ବିଇଓ ପତିଙ୍କ ଶୃଙ୍ଖଳିତ କାର୍ଯ୍ୟ ପରିଚାଳନା ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ଶିକ୍ଷକ ସଂଘ ପକ୍ଷରୁ ବିଦାୟୀ ବ୍ଲକ ଶିକ୍ଷାଧିକାରୀଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ହାଡିବନ୍ଧୁ ଓଝା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ପ୍ରତିନିଧି କଳ୍ପତରୁ ନାଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଶିକ୍ଷକ ସ୍ୱାଧୀନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରତିନିଧି ଜ୍ଞାନେନ୍ଦ୍ର କୁମାର ରାଉତ, ମହେନ୍ଦ୍ର କୁମାର କର, ପ୍ରଫୁଲ୍ଲ କୁମାର ସାହୁ, ଯଦୁମଣି ଜେନାଙ୍କ ସମେତ ବହୁ ସଂଖ୍ୟାରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଂଶ ଗ୍ରହଣ କରିଥିଲେ।

# ଶିବ ବିବାହ, ଶୀତଳଷଷ୍ଠୀ

**କେନ୍ଦୁଝର, ୯।୫ (ସ୍ୱ.ପ୍ର.)**

ପ୍ରତିବର୍ଷ ପରି ଚଳିତ ବର୍ଷ କେନ୍ଦୁଝର ଜିଲାର ଏକମାତ୍ର ଶିବ ବିବାହ ଓ ଶୀତଳ ଷଷ୍ଠୀ ଅନୁଷ୍ଠାନର ଆନୁକୂଲ୍ୟରେ ମଙ୍ଗଳବାର ଶ୍ରୀ ଶ୍ରୀ କପିଳେଶ୍ୱର ମହାଦେବଙ୍କ ମନ୍ଦିରରେ ଅକ୍ଷୟ ତୃତୀୟା ଅବସରରେ ଠାକୁରଙ୍କର ମାଜଣା ନୀତି ସହିତ ମହାସ୍ନାନ କାର୍ଯ୍ୟ ସମ୍ପନ୍ନ ହୋଇଅଛି। ଗୁରୁବାର ମା' ପାର୍ବତୀଙ୍କର ନିର୍ବନ୍ଧ କାର୍ଯ୍ୟ କନ୍ୟା କର୍ତ୍ତାଙ୍କ ବାସ ଭବନରେ ସମ୍ପାଦିତ ହୋଇଅଛି। ଆସନ୍ତା ସୋମବାର ବରବରଣି କାର୍ଯ୍ୟ ବରକର୍ତ୍ତାଙ୍କ ବାସଭବନରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ବର କର୍ତ୍ତା ଭାବେ ବଂଶୀଧର ମହାନ୍ତ, ସହରପଶି, ନରଣପୁର, କେନ୍ଦୁଝର ଓ କନ୍ୟା କର୍ତ୍ତା



ଶୀତଳଷଷ୍ଠୀ ପାଇଁ ପ୍ରସ୍ତୁତି।

ଭାବେ ପୂର୍ଣ୍ଣଚନ୍ଦ୍ର ପରିଡ଼ା ଜଳଙ୍ଗଡିହା, ନରଣପୁର, କେନ୍ଦୁଝରଙ୍କୁ ଚୟନ କରାଯାଇଛି। ଏଣୁ ସମସ୍ତ ଶ୍ରଦ୍ଧାଳୁ ଭକ୍ତଙ୍କୁ ଉକ୍ତ ଉତ୍ସବରେ ଯୋଗଦାନ କରି ପ୍ରସାଦ ସେବନ ସହିତ ଆଶୀର୍ବାଦ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

# ହାତୀ ଖେଳାଇଛି ଆତଙ୍କ

**ହାଟଡ଼ିହୀ, ୯।୫(ଡି.ଏନ.ଏ.)**

ହାଟଡ଼ିହୀ ବ୍ଲକ ହଦଗ ହସ୍ତୀ ଅଭୟାରଣ୍ୟର ନିକଟସ୍ଥ ଗାଁ ମାନଙ୍କରେ ହାତୀ ଆତଙ୍କ ବଢ଼ିବାରେ ଲାଗିଛି। ଲୋକମାନେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ବେଳ ବୁଡ଼ିଲେ ହାତୀ ବିଭିନ୍ନ ସ୍ଥାନରେ ଚଳପ୍ରଚଳ କରୁଥିବାବେଳେ ବାଡ଼ିରେ ପଶି ବିଭିନ୍ନ ପନିପରିବା ଗଛ ନଷ୍ଟ କରିବା ସହ ବିଭିନ୍ନ ଫଳ ଗଛ ମଧ୍ୟ ଭାଙ୍ଗୁଛି । ସ୍ଥାନୀୟ ଲୋକଙ୍କ କହିବାନୁସାରେ ଗୋଟେ ମାଈ ଓ ଗୋଟେ ଦନ୍ତା ହାତୀ ସହ ଗୋଟିଏ ହାତୀ ଛୁଆ ଦୀର୍ଘ ଏକ ମାସ ହେବ ଉତ୍ପାତ ଚଳାଇଛନ୍ତି। ଏହି ତିନି ହାତୀ ହଦଗ, କୁଶଟିକିରି, ଘୁଆସାହିରେ ଚଳପ୍ରଚଳ କରୁଛନ୍ତି । ବନବିଭାଗ ତରଫରୁ ମାଇକ ଯୋଗେ ପ୍ରଚାର କରି ସତର୍କ ରହିବାକୁ ସୂଚନା ଦିଆଯାଇଥିବା ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି । କିନ୍ତୁ ହାତୀ ଦାଉରୁ ଲୋକମାନେ କିପରି ରକ୍ଷାପାଇ ପ୍ରତ୍ୟେକଦିନ ସୁରୁଖୁରୁରେ ଜୀବନଯାପନ କରିବେ ସେ ନେଇ କୌଣସି ପଦକ୍ଷେପ ବନବିଭାଗ ଅଦ୍ୟାବଧି ନେଇ ନ ଥିବା ଲୋକମାନେ କହିଛନ୍ତି । ଗତବର୍ଷ ଏହି ଅଞ୍ଚଳରେ ଜଣେ ବୃଦ୍ଧା ହାତୀ ଆକ୍ରମଣରେ ପ୍ରାଣ ହରାଇଥିଲେ , ପୁନଶ୍ଚ ବର୍ଷେ ନ ପୂରୁଣୁ ହାତୀ ଆକ୍ରମଣରେ ଆଉ ଜଣେ ପ୍ରାଣ ହରାଇବା ପରିତାପର ବିଷୟ ସାଜିଛି । ଏ ନେଇ ରେଞ୍ଜର ସୁରେନ୍ଦ୍ର ହେମ୍ବ୍ରମ କହିଛନ୍ତି ଯେ, ଅଭୟାରଣ୍ୟ ଓ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ।

# ଚମ୍ପୁଆ ବଜାରରେ ନୋ ଏଣ୍ଟ୍ରି ଲାଗି ସ୍ଥାନୀୟ ଲୋକଙ୍କ ଦାବି

**ଚମ୍ପୁଆ, ୯।୫(ଡି.ଏନ.ଏ.)**

ଦିନକୁ ଦିନ ଚମ୍ପୁଆ ବଜାର ମଧ୍ୟ ଦେଇ ଯାଇଥିବା ୨୦ନଂ ଜାତୀୟ ରାଜପଥରେ ଭାରିଯାନ ଚଳାଚଳ ଯୋଗୁଁ ସ୍ଥାନୀୟ ଲୋକ, ବଜାର ଘାଟ ଓ ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ରମାନେ ଦୀର୍ଘ ଦିନରୁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ପାଇଁ ନୋ ଏଣ୍ଟ୍ରି ଲଗାଇବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣମାନେ ଉପଜିଲାପାଳଙ୍କ ମାଧ୍ୟମରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ କି ଚମ୍ପୁଆ ବଜାର ଦେଇ ଯାଉଥିବା ଜାତୀୟ ରାଜପଥ ଦେଇ ଦୈନିକ ହଜାର ହଜାର ଗାଡି ଚଳାଚଳ କରୁଛି। ଏହି ଭାରିଯାନ ଗୁଡିକର ନିୟନ୍ତ୍ରିତ ବେଗ ନଥିବା ବେଳେ ବଜାର ଅନେକ ସମୟ ଭିଡ ରହୁଥିବା ଏବଂ ବଜାର ସନ୍ନିକଟ ଡାକ୍ତରଖାନା, ପୋଲିସ ଷ୍ଟେଶନ, ସବ୍‌ଜେଲ, ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଆଦି ରହିଛି। ଦୈନିକ ଝାଡଖଣ୍ଡ, ମୟୁରଭଞ୍ଜ, ଚମ୍ପୁଆ ଆଦି ଅଞ୍ଚଳର ହଜାର ହଜାର ଲୋକ ବ୍ୟବସାୟ, କୋର୍ଟ କଚେରୀ, ସ୍ୱାସ୍ଥ୍ୟସେବା ପାଇଁ ଏହି ବଜାରକୁ ଆସୁଛନ୍ତି। ନୋ ଏଣ୍ଟ୍ରି ନଥିବାରୁ ବିଗତ ଦିନରେ ରିମୁଳି ଠାରୁ ଚମ୍ପୁଆ ମଧ୍ୟରେ ବହୁ ଦୁର୍ଘଟଣା ଘଟି ଜୀବନ ନଷ୍ଟ ହେବାର ଉଦାହରଣ ରହି ଆସିଛି। ଏହାକୁ ପ୍ରତିହତ କରିବା ପାଇଁ ବାଇପାସ ରାସ୍ତା ନିର୍ମାଣ ଓ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ବଜାର ମଧ୍ୟରେ ନୋ ଏଣ୍ଟ୍ରି ଲଗାଇବାକୁ ସ୍ଥାନୀୟ ଜନସାଧାରଣ ଲିଖିତ ଦାବି କରିଛନ୍ତି।

## ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ଚିନ୍ତାରେ ଅଭିଭାବକ

**ପାଟଣା,୯।୫(ସ୍ୱ.ପ୍ର.)**

ରାଜ୍ୟର ୩୧୬ଟି ବ୍ଲକରେ ସିବିଏସଇ ପାଠ୍ୟଖସଡାକୁ ନେଇ ୨୦୧୪ ମସିହାରୁ ଆଦର୍ଶ ବିଦ୍ୟାଳୟ ଆରମ୍ଭ ହୋଇଛି। ୨୦୧୯ରେ ଏହି ବିଦ୍ୟାଳୟର ପ୍ରଥମ ବ୍ୟାଚର ଛାତ୍ରୀଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ। ମେ ୭ତାରିଖରେ ଏହାର ପରୀକ୍ଷା ଫଳ ପ୍ରକାଶ ପାଇଥିଲେ ହେଁ ସମ୍ପୃକ୍ତ ବିଦ୍ୟାଳୟରେ ଏଯାବତ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଖୋଲି ନାହିଁ। କିମ୍ବା ଏଥିନେଇ ଓଡିଶା ସରକାରଙ୍କ ତରଫରୁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ଅଭିଭାବକଙ୍କ ମହଲରେ ନାନା ଶଙ୍କା ପ୍ରକାଶ ପାଇଛି। ଓଡିଶା ସରକାର ତୁରନ୍ତ ବିଜ୍ଞପ୍ତି ଜାରି କରିବାକୁ ଅଭିଭାବକ ମାନେ ଦାବି କରିଛନ୍ତି।

# ବାତ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ



ଯୋଡ଼ା ରୋଟାରୀ କ୍ଲବ ପକ୍ଷରୁ ପୁରୀରେ ରିଲିଫ ବଣ୍ଟନ।

**ଯୋଡ଼ା, ୯।୫(ଡି.ଏନ.ଏ.)**

ଫନୀ ବାତ୍ୟା ବିପନ୍ନ ପୁରୀ ପୌରପାଳିକାର ନୋଳିଆ ସାହି ଠାରେ ପହଞ୍ଚିଛି ଯୋଡ଼ା ରୋଟାରୀ କ୍ଲବ। ୱାର୍ଡ଼ ନଂ ୬, ଓ ୭ ୱାର୍ଡ଼ର ପ୍ରାୟ ୧୫ଶହରୁ ଊର୍ଦ୍ଧ୍ୱ ବାତ୍ୟା ବିପନ୍ନ ଲୋକଙ୍କୁ ଯୋଡ଼ା ରୋଟାରୀକ୍ଲବ ପକ୍ଷରୁ ଚୁଡ଼ା , ଗୁଡ଼, ପାଣି ବୋତଲ, ବିସ୍କୁଟ ସମେତ ଓଆରଏସ ପାଉଡ଼ର ଯୋଗାଇ ଦିଆଯାଇଛି। ଏହି ଅଞ୍ଚଳରେ ରିଲିଫ ମିଳି ନ ଥିବାରୁ ଅଞ୍ଚଳବାସୀ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଉପଜିଲାପାଳଙ୍କ ପରାମର୍ଶକ୍ରମେ ଏଠାକୁ ରିଲିଫ ସାମଗ୍ରୀ ନେଇ ଯୋଡ଼ା ରୋଟାରୀ କ୍ଲବ ପହଞ୍ଚିଥିଲା। ରିଲିଫ ବଣ୍ଟନ ବେଳେ ଏକ କଲେଜ ଛାତ୍ରୀ ବହିଖାତା ବର୍ଷାପାଣିରେ ଓଦା ହୋଇ ନଷ୍ଟ ହୋଇଯାଇଥିବା କହି କାନ୍ଦି ପକାଇଥିଲେ । ଏହାକୁ ଦେଖି କ୍ଲବର ସଦସ୍ୟ ପ୍ରକାଶ କୁମାର ମହାନ୍ତି ଓ ସାରଦାପ୍ରସାଦ ଆଚାର୍ଯ୍ୟ ଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। କ୍ଲବ ପକ୍ଷରୁ ରୋଟାରିଆନ ବିକାଶ ମହାନ୍ତି, ସିଦ୍ଧାର୍ଥ କର, ସ୍ୱରୂପ ପଣ୍ଡା,ପ୍ରକାଶ କୁମାର ମହାନ୍ତି, ସାରଦାପ୍ରସାଦ ଆଚାର୍ଯ୍ୟ, ଜିତୁ ବୈଦ୍ୟ ଓ ରାକେଶ ସିଙ୍ଘାଣିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ଫନୀ କ୍ଷତିଗ୍ରସ୍ତଙ୍କୁ ପେନସନର ଅଧା ଦେଲେ ମାଧବ ସର୍ଦ୍ଦାର

**କେନ୍ଦୁଝର, ୯।୫ (ସ୍ୱ.ପ୍ର.)**

ପୂର୍ବତନ ଏମ୍‌ପି ମାଧବ ସର୍ଦ୍ଦାର ଫନୀ ପ୍ରପୀଡିତଙ୍କ ପାଇଁ ନିଜର ଗୋଟିଏ ମାସର ପେନସନର ଅଧା ଅର୍ଥ ପ୍ରଦାନ କରିଛନ୍ତି। ଗୁରୁବାର ଜିଲାପାଳ ଆଶୀଷ ଠାକରେଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ ହଜାର ଟଙ୍କାର ଚେକ ପ୍ରଦାନ କରିଛନ୍ତି। ମାଧବ ସର୍ଦ୍ଦାର ଚଳିତ ନିର୍ବାଚନରେ କେନ୍ଦୁଝର ବିଧାନସଭାରୁ ବିଜେଡି ଦଳରୁ ନିର୍ବାଚନ ଲଢ଼ିଛନ୍ତି।



ଜିଲାପାଳଙ୍କୁ ମାଧବ ସର୍ଦ୍ଦାର ଚେକ ପ୍ରଦାନ କରୁଛନ୍ତି।

**ହାତୀ ଆକ୍ରମଣରେ ମୃତ୍ୟୁ ଘଟଣା**

# ଏନଏଚଆରସିରେ ଅଭିଯୋଗ ଦାଖଲ

**ହାଟଡ଼ିହୀ, ୯।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର ବନଖଣ୍ଡ ଅଧୀନ ହାଟଡ଼ିହୀ ବ୍ଲକ ହଦଗ ରେଞ୍ଜ ଅନ୍ତର୍ଗତ କୁଶଟିକିର ଗ୍ରାମର ଖୋକା ଖଣ୍ଡେଇ(୫୨)ଙ୍କର ହାତୀ ଆକ୍ରମଣରେ ଗତ ୭ ତାରିଖରେ ପ୍ରାଣ ହରାଇଥିଲେ। ଖୋକା ସକାଳୁ ଶୌଚ ହେବା ପାଇଁ ନିକଟସ୍ଥ ନଦୀକୂଳକୁ ଯାଉଥିବାବେଳେ ଏପରି ଘଟଣା ଘଟିଥିଲା। ବନବିଭାଗ ତରଫରୁ ମୃତକଙ୍କ ପରିବାରବର୍ଗଙ୍କୁ ୪୦ହଜାର ଟଙ୍କାର ସହାୟତା ଦିଆଯାଇଥିଲା। ଏହି ଘଟଣାକୁ ନେଇ ଏନଏଚଆରସିଙ୍କ ନିକଟରେ ଗୁରୁବାର ଶାଳଣିଆଁ ପଞ୍ଚାୟତ ସୋଲପଟା ଗ୍ରାମର ହିମାଂଶୁ ଶେଖର ନାୟକ ନାମକ ଜଣେ ବ୍ୟକ୍ତି ଅଭିଯୋଗ (ନଂ ୫୩୩୬/ଆଇଏନ/୨୦୧୯)ଦାଏର କରିଛନ୍ତି। କମିଶନ ଉକ୍ତ ଅଭିଯୋଗକୁ ଗ୍ରହଣ କରିଛନ୍ତି। ମୃତକଙ୍କ ପରିବାର ବର୍ଗଙ୍କୁ ୧୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେବା ସହ ରେଞ୍ଜରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ମଧ୍ୟ ସେ ଅଭିଯୋଗରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ମଧ୍ୟ ଜଣେ ବୃଦ୍ଧା ହାତୀ ଆକ୍ରମଣରେ ପ୍ରାଣ ହରାଇଥିଲେ।

# ମାଛ ବେପାର ଦେଇଛି ବଞ୍ଚିବାର ରାହା

**ତେଲକୋଇ, ୯।୫(ଡି.ଏନ.ଏ.)**

ଜୀବନ ଜୀବିକା ପାଇଁ ମାଛ ଧରି ପରିବାର ପୋଷଣ କରନ୍ତି ସିନ୍ଧୁ ମୁଣ୍ଡା। ୩ଝିଅ ଏବଂ ସ୍ତ୍ରୀଙ୍କୁ ନେଇ ସିନ୍ଧୁଙ୍କର ଛୋଟିଆ ସଂସାର। ବଡ ଝିଅଙ୍କୁ କଲେଜରେ ପଢାଇବା ସହିତ ଅନ୍ୟ ୨ଝିଅଙ୍କୁ ହାଇସ୍କୁଲରେ ପଢାଇବାକୁ ସେ ସକ୍ଷମ ହୋଇଥିବା କହିଛନ୍ତି। ତେଲକୋଇ ବ୍ଲକ ଅନ୍ତର୍ଗତ ଖୁଣ୍ଟାପଡା ମୁଣ୍ଡା ସାହିରେ ସିନ୍ଧୁଙ୍କ ପରିବାର। ଦୈନିକ ଜାଲ ସାହାଯ୍ୟରେ ମାଛ ଧରି ପରିବାର ପାଇଁ ରୋଜଗାର କରିବା ତାଙ୍କର ପେଶା ଏବଂ ନିଶା। ସ୍ତ୍ରୀଙ୍କ ସହାୟତାରେ ନିକଟରେ ଥିବା ଖୁଣ୍ଟାପଡା ଡ୍ୟାମରୁ ଉଭୟ ମିଶି ମାଛ ମାରିଥାନ୍ତି। ଗରିବ ପରିବାର ହୋଇଥିବା ବେଳେ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ନାହିଁ। ସେପରି ଜମିଜମା ମଧ୍ୟ ତାଙ୍କର ନାହିଁ। ମାଛ ଧରି ତାଙ୍କର ତେଲ ଲୁଣର ସଂସାର ଚଳିଯାଏ। ଯେତେ କଷ୍ଟ ପଡ଼ିଲେ ମଧ୍ୟ ସେ ତାଙ୍କ କାର୍ଯ୍ୟରୁ କେବେ ଓହରିଯାଇନାହାନ୍ତି। ଏହି ବେପାର ତାଙ୍କୁ ଜୀବନ ଜୀବିକା ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

ବର୍ଷା ଦିନରେ ଡ୍ୟାମରେ ପାଣି ରହୁଥିବା ଯୋଗୁଁ ନିକଟସ୍ଥ ଝରଣା ଉପରେ ଭରସା କରିଥାନ୍ତି । ପ୍ରତିଦିନ ସକାଳୁ ମାଛ କିଣିବା ପାଇଁ ଗ୍ରାହକଙ୍କ ଭିଡ ଜମିଥାଏ। ଯେଉଁ ଦିନ ଅଧିକ ମାଛ ମାରିଥାନ୍ତି ନିକଟସ୍ଥ ଖୁଣ୍ଟାପଡା ଗ୍ରାମକୁ ସେ ବିକ୍ରି କରିବାକୁ ନେଇଥାନ୍ତି। ବିପିଏଲ କାର୍ଡ ଥିବା ସତ୍ତ୍ୱେ ଅଦ୍ୟାବଧି ଇନ୍ଦିରା ଆବାସ ଗୃହ ପାଇବାରୁ ବଞ୍ଚିତ ହୋଇଛନ୍ତି। ତେବେ ରାଶନ କାର୍ଡ ମାଧ୍ୟମରେ ମାସିକ ଯାହା ଚାଉଳ ମିଳେ ସେଥିରେ ପରିବାର ଚଳୁଛି। ରାତିରେ ଜାଲକୁ ଡ୍ୟାମରେ ପକାଇ ସକାଳେ ଜାଲକୁ ଆଣି ପରିବାର ଲୋକେ ମିଶି ଜାଲରୁ ମାଛ ଛଡାଇ ବିକ୍ରି କରିଥାନ୍ତି। ଏହିପରି ପ୍ରତିଦିନ ଚାଲିଛି। ଦୈନିକ ୧୦କେଜିରୁ ଊର୍ଦ୍ଧ୍ୱ ମାଛ ବିକ୍ରି କରିଥାନ୍ତି। ସେ ଏହି ବେପାରକୁ ନେଇ ନିଜ ପରିବାର ସହ ବେଶ ହସ ଖୁସିରେ ଅଛନ୍ତି।



ସିନ୍ଧୁ ମୁଣ୍ଡା ଏବଂ ତାଙ୍କ ସ୍ତ୍ରୀ ଜାଲରୁ ମାଛ କାଢୁଛନ୍ତି।

**ରେଳ ଷ୍ଟେଶନ ସ୍ଥାନାନ୍ତରଣ ଦାବି**

# ସ୍ଥିତି ଅନୁଧ୍ୟାନ ପାଇଁ ଯୋଡ଼ାରେ ପହଞ୍ଚିଲେ ରେଳ ବିଭାଗ ପ୍ରତିନିଧି

**ଯୋଡ଼ା, ୯।୫(ଡି.ଏନ.ଏ.)**

ପୂର୍ବ ରେଳପଥର ଏକ ପ୍ରମୁଖ ମାଲବାହୀ ଷ୍ଟେଶନ । ଯେଉଁଠାରେ ପ୍ରତିଦିନ ଲକ୍ଷ ଲକ୍ଷ ମେଟ୍ରିକ ଟନ ଖଣିଜ ସମ୍ପଦ ଦେଶର ବିଭିନ୍ନ ଅଞ୍ଚଳକୁ ପରିବହନ କରାଯାଇଥାଏ। ସେଠାରୁ ଯାତ୍ରୀବାହୀ ରେଳ ମଧ୍ୟ ବିଭିନ୍ନ ଅଞ୍ଚଳକୁ ଚଳାଚଳ କରିଥାଏ। ଦୀର୍ଘ ବର୍ଷେ ହେବ ଯୋଡ଼ା ଏବଂ ଆଖପାଖ ଅଞ୍ଚଳର ଜନସାଧାରଣ ବାଂଶପାଣି ପରିବର୍ତ୍ତେ ଯୋଡ଼ା ସହରରେ ଥିବା ବାରୁ ହଟିଂରେ ରେଳ ଷ୍ଟେଶନ ପ୍ରତିଷ୍ଠା ପାଇଁ ଦାବି କରି ଆସୁଥିଲେ। ଏହି ଦାବି ଉପସ୍ଥାପନ କରିବା ପାଇଁ ଯୋଡ଼ାର କେତେଜଣ ବୁଦ୍ଧିଜୀବୀ, ଖବରଦାତା କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀଙ୍କ ନେତୃତ୍ୱରେ ଗତବର୍ଷ ଦିଲ୍ଲୀ ଯାଇ ରେଳ ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ସାକ୍ଷାତ କରିଥିଲେ। ପରେ ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ ଦକ୍ଷିଣ-ପୂର୍ବ



ଯୋଡ଼ାରେ ରେଳ ବିଭାଗ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

ରେଳପଥର କଲିକତାସ୍ଥିତ ଗାର୍ଡ଼େନରିଚ କାର୍ଯ୍ୟାଳୟକୁ ଯାଇ ଉଚ୍ଚ ପଦାଧିକାରୀଙ୍କୁ ଏହି ଦାବି ସମ୍ପର୍କରେ ଅବଗତ କରାଇଥିଲେ। ଫଳତଃ ଗୁରୁବାର ଦକ୍ଷିଣ-ପୂର୍ବ ରେଳପଥର ପ୍ରତିନିଧି ଏସ୍.କେ ସିଂ, ଜି.କେ .ସାହୁ ରେଳଷ୍ଟେଶନ ବାଂଶପାଣି ଠାରୁ ବାରୁ ହଟିଂକୁ ସ୍ଥାନାନ୍ତରଣ କରିବା ପାଇଁ ସ୍ଥିତି ଅନୁଧ୍ୟାନ ଆରମ୍ଭ କରିଥିଲେ। ଯୋଡ଼ା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର ଓ ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ ପ୍ରତିନିଧିମାନଙ୍କୁ ଏ ସଂକ୍ରାନ୍ତରେ ଅବଗତ କରିଥିଲେ । ବିଶେଷ କରି ବାଂଶପାଣି ଯୋଡ଼ା ସହରଠାରୁ ଦୂରରେ ଅବସ୍ଥିତ। ବହୁ ମାତ୍ରାରେ ଖଣିଜ ଟ୍ରକ ଚଳାଚଳ କରିବା ହେତୁ ଯୋଡ଼ାରୁ ବାଂଶପାଣି ମଧ୍ୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଧୂଳିଧୂଆଁ ହେତୁ ଯାତ୍ରୀମାନେ ଷ୍ଟେଶନ ଯିବା ଆସିବାରେ ହନ୍ତସନ୍ତ ହେଉଛନ୍ତି । ତେଣୁ ରେଳଷ୍ଟେଶନଟି ସହର ଭିତରେ ରହିଲେ ଶହ ଶହ ଯାତ୍ରୀ ଉପକୃତ ହୋଇପାରିବେ ବୋଲି କୁହାଯାଇଥିଲା। ଏ ନେଇ ରେଳବିଭାଗର ପ୍ରତିନିଧି ଏସ୍.କେ ସିଂ କହିଛନ୍ତି, ଟେକ୍ନିକାଲ ସ୍ଥିତିର ଅନୁଧ୍ୟାନ ଚାଲିଛି। ଖୁବ ଶୀଘ୍ର ଏହାର ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ଦିଆଯିବ । ଏହାପରେ ବିଭାଗୀୟ ଅଧିକାରୀ ପଦକ୍ଷେପ ଗ୍ରହଣ କରିବେ ।